ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ମେ ୧/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, May 1/2025 | Page 14 | ₹ 7.00
୫୧ଶ ଭାଗ ୧୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 156 | ମୂଲ୍ୟ ₹୭/-





**ଅଭିନେତ୍ରୀ ନେହା ମଲିକଙ୍କ ଘରୁ ଚୋରି**
ଅଭିନେତ୍ରୀ ନେହା ମଲିକଙ୍କ ମୁମ୍ବାଇ ସ୍ଥିତ ବାସଭବନରୁ ୩୪.୪୯ ଲକ୍ଷ ଟଙ୍କାର ଗହଣା ଚୋରି ହୋଇଥିବା ତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ୦୭

୧୪ **ଚହଲଙ୍କ ହ୍ୟାଟ୍ରିକ୍**
ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ବୁଧବାର ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ହ୍ୟାଟ୍ରିକ ଉଇକେଟ ନେଇଛନ୍ତି ପଞ୍ଜାବ କିଙ୍ଗ୍ସର ଯୁଜବେନ୍ଦ୍ର ଚହଲ।



### ଧରିତ୍ରୀର ଛୁଟି

ଶ୍ରମିକ ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମେ' ୧ ତାରିଖ ଗୁରୁବାର ବନ୍ଦ ରହିବ। ପରବର୍ତ୍ତୀ ସଂଖ୍ୟା ମେ' ୩ ତାରିଖ ଶନିବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

ଭାରତୀୟ ପରମ୍ପରାରେ ଖାଦ୍ୟାଭ୍ୟାସ

## କୋଲକାତା ହୋଟେଲରେ ଅଗ୍ନିକାଣ୍ଡ: ୪ ଓଡ଼ିଆଙ୍କ ସମେତ ୧୫ ମୃତ

**କୋଲକାତା, ୩୦।୪**

ସେଣ୍ଟ୍ରାଲ କୋଲକାତାର ମେଚୁଆପଟ୍ଟୀ ଅଞ୍ଚଳରେ ଥିବା ଋତୁରାଜ ହୋଟେଲରେ ମଙ୍ଗଳବାର ରାତିରେ ନିଆଁ ଲାଗିଯିବାରୁ ୪ ଓଡ଼ିଆଙ୍କ ସମେତ ୧୫ ଜଣଙ୍କର ମୃତ୍ୟୁ ଘଟିଛି।୧୩ ଜଣ ଆହତ ହୋଇଛନ୍ତି। ମୃତକ ୪ ଓଡ଼ିଆ ହେଲେ ଜଗତ୍‌ସିଂହପୁର ଜିଲାର ମନୋଜ ପାତ୍ର, ଦୁଷ୍ମନ୍ତ କୁମାର ନାୟକ, ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ କଟକ ସିଡିଏ ଅଞ୍ଚଳର ବ୍ୟବସାୟୀ ରାଜେଶ ସାହୁକା। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ଅଗ୍ନିକାଣ୍ଡ ଘଟିବା ସମୟରେ ହୋଟେଲର ୪୨ଟି ରୁମ୍‌ରେ ୮୮ ଜଣ ଥିଲେ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଦମକଳ ବାହିନୀର ୧୦ଟି ଗାଡ଼ି ପକ୍ଷରୁ ୧୦ ଘଣ୍ଟାର ଅପରେଶନ ପରେ ବୁଧବାର ସକାଳେ ନିଆଁକୁ ଆୟତ୍ତ କରାଯାଇଥିଲା। କୋଲକାତା ପୋଲିସ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରି ତଦନ୍ତ ଚଳାଇଥିବା ପଶ୍ଚିମବଙ୍ଗର ମନ୍ତ୍ରୀ ସୁଜିତ ବୋଷ କହିଛନ୍ତି। ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକପ୍ରକଟ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କାର କ୍ଷତିପୂରଣ ସହାୟତା ରାଶି ଘୋଷଣା କରିଛନ୍ତି।



ବୁଧବାର ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପରେ କଟକ ମିଶନ ରୋଡ୍‌ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ପରିସରରେ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

## ଓଡ଼ିଶାରେ ଦଶମ ପାସ୍ ହାର ୯୭.୮%, ଦ୍ୱାଦଶ ୯୮.୮୯%

### ଆଇସିଏସ୍‌ଇ, ଆଇଏସ୍‌ସି ପରୀକ୍ଷାଫଳ ପ୍ରକାଶ

### ସର୍ବଭାରତୀୟ ପାସ୍ ହାର: ଦଶମ ୯୯.୦୯%, ଦ୍ୱାଦଶ ୯୯.୦୨%

**ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ)**

ଭାରତୀୟ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ପରିଷଦ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍‌ଇ-ଦଶମ ଏବଂ ଆଇଏସ୍‌ସି-ଦ୍ୱାଦଶ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ସର୍ବଭାରତୀୟ ସ୍ତରରେ ଦଶମ ପାସ୍ ହାର ୯୯.୦୯% ରହିଥିବା ବେଳେ ଦ୍ୱାଦଶ ହାର ୯୯.୦୨ ପ୍ରତିଶତ ରହିଛି। ତେବେ ଓଡିଶାରେ ପାସ୍ ହାର ଦଶମରେ ୯୭.୮୦% ଏବଂ ଦ୍ୱାଦଶରେ ୯୮.୮୯% ରହିଛି। ଉଭୟ ଶ୍ରେଣୀରେ ପୁଅଙ୍କଠାରୁ ଝିଅ ଭଲ ପ୍ରଦର୍ଶନ କରିଛନ୍ତି। ଦଶମରେ ଝିଅଙ୍କ ପାସ୍ ହାର ୯୮.୨୨% ଓ ପୁଅଙ୍କ ପାସ୍ ହାର ୯୭.୪୨% ରହିଛି। ସେହିପରି ଦ୍ୱାଦଶରେ ଝିଅଙ୍କ ପାସ୍ ହାର ୯୯.୧୦% ରହିଥିବା ବେଳେ ୯୮.୭୧% ପାସ୍ କରିଛନ୍ତି।

ଚଳିତବର୍ଷ ଭାରତ ସମେତ ବିଦେଶରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଆଇସିଏସ୍‌ଇ ଦଶମରେ ମୋଟ ୬୭ଟି ବିଷୟରେ ପରୀକ୍ଷା ହୋଇଥିବାବେଳେ ୨୦ଟି ଭାରତୀୟ ଭାଷା, ୧୪ଟି ବିଦେଶୀ ଭାଷା ଏବଂ ଗୋଟିଏ ଶାସ୍ତ୍ରୀୟ ଭାଷାରେ ଛାତ୍ରୀଛାତ୍ର ଲିଖିତ ପରୀକ୍ଷା ଦେଇଥିଲେ। ସେହିପରି ଦ୍ୱାଦଶରେ ୪୭ଟି ବିଷୟରେ ଲିଖିତ ପରୀକ୍ଷା ହୋଇଥିବାବେଳେ ୧୨ଟି ଭାରତୀୟ ଭାଷା, ୪ଟି ବିଦେଶୀ ଭାଷା ଏବଂ ଦୁଇଟି ଶାସ୍ତ୍ରୀୟ ଭାଷା ରହିଥିଲା। ଆଇସିଏସ୍‌ଇ ଦଶମରେ ମୋଟ ୨,୫୨,୫୫୭ ଜଣ ଓ ଦ୍ୱାଦଶରେ ୯୯,୫୫୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସର୍ବଭାରତୀୟ ସ୍ତରରେ ମଧ୍ୟ ଦଶମ ଓ ଦ୍ୱାଦଶରେ ଝିଅମାନେ ଅଧିକ ସଫଳ ହୋଇଛନ୍ତି। ଝିଅଙ୍କ ପାସ୍ ହାର ୯୯.୩୭% ରହିଥିବା ବେଳେ ପୁଅଙ୍କ ପାସ୍ ହାର ୯୮.୮୪% ରହିଛି। ସେହିପରି ଦ୍ୱାଦଶରେ ୯୯.୪୫ % ଝିଅ ପାସ୍ କରିଥିବା ବେଳେ ୯୮.୬୪% ପୁଅ ପାସ୍ କରିଛନ୍ତି।

(ଅଧିକ ଖବର ପୃଷ୍ଠା-୭)

# ଜନଗଣନା ସହ ହେବ ଜାତିଗଣନା

**ପହଲଗାମ୍ ଆକ୍ରମଣ ପରେ ସାରା ଦେଶରେ ଆକ୍ରୋଶ ଦେଖିବାକୁ ମିଳୁଥିବା ସମୟରେ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ୨୦୨୬ରେ ଆରମ୍ଭ ହେବାକୁ ଥିବା ଜନଗଣନା ସହ ଜାତିଗଣନାକୁ ସାମିଲ କରାଯିବାକୁ କେନ୍ଦ୍ର କ୍ୟାବିନେଟ ବୁଧବାର ନିଷ୍ପତ୍ତି ନେଇଛି। ଦେଶରେ ସାମାଜିକ ନ୍ୟାୟ ପାଇଁ ଲଢ଼େଇ କରୁଥିବା ଦଳଗୁଡ଼ିକ ଏହି ଦାବି ପୂର୍ବରୁ କରିଆସୁଥିଲେ। ପରବର୍ତ୍ତୀ ସମୟରେ କଂଗ୍ରେସ ଏଥିରେ ସାମିଲ ହୋଇ ସଂସଦ ଭିତରେ ଓ ବାହାରେ ଦାବି କରିଆସିବା ସହ କେନ୍ଦ୍ରକୁ ଘେରିଆସିଥିଲା। ଭାଜପା ଏହି ପ୍ରସଙ୍ଗରେ ଆଭିମୁଖ୍ୟ ସ୍ପଷ୍ଟ କରୁ ନ ଥିଲା। ତେବେ ଗତ ଲୋକ ସଭା ନିର୍ବାଚନରେ ଭାଜପାକୁ ଆଶାନୁରୂପ ସଫଳତା ନ ମିଳିବା ଏବଂ କିଛିମାସ ପରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ହଠାତ୍ ଜାତିଭିତ୍ତିକ ଜନଗଣନା କରାଇବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ବିରୋଧୀ ଏହି ପ୍ରସଙ୍ଗକୁ ରାଜନୈତିକ ଅସ୍ତ୍ର ରୂପେ ବ୍ୟବହାର କରିଥିବା ଦର୍ଶାଇ କେନ୍ଦ୍ର ସମାଲୋଚନା କରିଛି। ଅନ୍ୟପକ୍ଷେ ଏହି ନିଷ୍ପତ୍ତି ଘୋଷଣାର ସମୟକୁ ବିରୋଧୀ ପ୍ରଶ୍ନ ଉଠାଇବା ସହ ବିଳମ୍ବରେ ହେଲେ ମଧ ସେମାନଙ୍କ ଦାବି ପୂରଣ ହୋଇଥିବାରୁ ଏହାକୁ ସେମାନଙ୍କ ବଡ଼ ବିଜୟ ବୋଲି ଆଖ୍ୟା ଦେଇଛନ୍ତି।**

**ନୂଆଦିଲ୍ଲୀ,୩୦।୪**

ଦେଶରେ କେତେ ପ୍ରକାର ଜାତି, ଉପଜାତି ରହିଛନ୍ତି ଏବଂ ସେହି ବର୍ଗଗୁଡ଼ିକର ଜନସଂଖ୍ୟାକୁ ରାଷ୍ଟ୍ରୀୟ ଜନସଂଖ୍ୟାରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ରାଜନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ (ସିସିପିଏ) ବୈଠକରେ ଏହା ସ୍ଥିର କରାଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଜାତିଗତ ଜନଗଣନାକୁ ଏକ ରାଜନୈତିକ ଅସ୍ତ୍ର ରୂପେ ବ୍ୟବହାର କରୁଥିବାବେଳେ ଆଗାମୀ ଜନଗଣନା ବେଳେ ଜାତିଗଣନା ପ୍ରକ୍ରିୟାକୁ ସ୍ୱଚ୍ଛତାର ସହ କରାଯିବ ବୋଲି କେନ୍ଦ୍ର କହିଛି।

ବିହାର, ତେଲଙ୍ଗାନା ଓ କର୍ଣ୍ଣାଟକ ସମେତ କେତେକ ରାଜ୍ୟରେ ଜାତିଭିତ୍ତିକ ଜନଗଣନା ସର୍ଭେ କରାଯାଇଛି। ବିରୋଧୀ ଶାସିତ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଅନୁରୂପ ଦାବି ଉଠିବାରେ ଲାଗିଥିଲା। ଏଭଳି ସମୟରେ ବୁଧବାର ସିସିପିଏ ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଜନଗଣନା କରାଇବା ବିଷୟ କେନ୍ଦ୍ର କ୍ଷମତାର ପରିସର ମଧ୍ୟରେ ଆସୁଛି। କିନ୍ତୁ କେତେକ ରାଜ୍ୟ ସର୍ଭେ ନାମରେ ନିଜ ଆଡୁ ଜାତି ଗଣନା କରାଇଛନ୍ତି। ସେସବୁରେ ସ୍ୱଚ୍ଛତା ଅବଲମ୍ବନ କରାଯାଇ ନ ଥିବାରୁ ସମାଜରେ ସନ୍ଦେହ ଉପୁଜିଛି। ଦେଶ ସ୍ୱାଧୀନ ହେବା ପରଠାରୁ କରାଯାଇଥିବା ସବୁ ଜନଗଣନାରେ ଜାତିକୁ ସାମିଲ କରାଯାଇ ନ ଥିଲା। କଂଗ୍ରେସ ସରକାର ସବୁବେଳେ ଜାତିଗଣନାକୁ ବିରୋଧ କରିଆସୁଥିଲେ। କଂଗ୍ରେସ ଏହି ପ୍ରସଙ୍ଗକୁ ଏକ ରାଜନୈତିକ ପ୍ରସଙ୍ଗ କରିଦେଇଥିଲା। ଏହି ସମସ୍ତ ତଥ୍ୟକୁ ବିଚାରକରି ଏବଂ ସାମାଜିକ ସମରସତା ଯେପରି ରାଜନୀତି ଦ୍ୱାରା ପ୍ରଭାବିତ ନ ହେବ ତାହା ସୁନିଶ୍ଚିତ କରିବା ଲାଗି ଜନଗଣନାରେ ଜାତିଗଣନାକୁ ସ୍ୱଚ୍ଛତାର ସହ ଅନ୍ତର୍ଭୁକ୍ତ କରାଯିବ। ଏହାଦ୍ୱାରା ସମାଜର ସାମାଜିକ ଓ ଅର୍ଥନୈତିକ ଢାଞ୍ଚା ମଜଭୁତ ହେବା ସହିତ ଦେଶର ବିକାଶ ସାଧିତ ହେବ।

ଇତିମଧ୍ୟରେ କଂଗ୍ରେସ ଏବଂ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) କେନ୍ଦ୍ରର ଏହି ପଦକ୍ଷେପକୁ ନେଇ ଶ୍ରେୟ ନେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ବିହାରରେ ବର୍ଷ ଶେଷ ଆଡ଼କୁ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ମହାମେଣ୍ଟ କେନ୍ଦ୍ରର ଶେଷ ମୁହୂର୍ତ୍ତ ନିଷ୍ପତ୍ତିକୁ ରାଜନୈତିକ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ବୋଲି କହିବାକୁ ପଛାଇନାହିଁ। ବୈଷ୍ଣବଙ୍କ ଘୋଷଣାର କିଛି ସମୟ ପରେ ଲାଲୁ କହିଛନ୍ତି, ଆମେ ସମାଜବାଦୀମାନେ ୩୦ ବର୍ଷ ପୂର୍ବେ ସଂରକ୍ଷଣ, ଜାତିଭିତ୍ତିକ ଜନଗଣନା, ସମାନତା, ଧର୍ମନିରପେକ୍ଷତା ଆଦିକୁ ନେଇ ଚିନ୍ତା କରୁଥିଲୁ। ଏହାର ୩ ଦଶନ୍ଧି ପରେ ଅନ୍ୟମାନେ ଆମକୁ ଅନୁସରଣ କରୁଛନ୍ତି। ଆମକୁ ଜାତିବାଦୀ କହି ସମାଲୋଚନା କରୁଥିବା ଲୋକେ ମୁହଁତୋଡ଼ ଜବାବ ପାଇଛନ୍ତି। ତଥାପି ଅନେକ କିଛି ବାକି ଅଛି। ଆମେ ନିଜ କାର୍ଯ୍ୟସୂଚୀ ଅନୁସାରେ ସଂଘୀମାନଙ୍କୁ ନଚାଇବା ଜାରି ରଖିବୁ। ସେହିପରି କଂଗ୍ରେସ କହିଛି, ଆଦୌ ଜାତିଗଣନା ନ ହେବା ଅପେକ୍ଷା ବିଳମ୍ବରେ ହେଲେ ଏନେଇ ନିଷ୍ପତ୍ତି ନିଆଯାଇଛି। ୨୦୨୫ ଏପ୍ରିଲ ୯ରେ ଅହମଦାବାଦରେ ଏ ସମ୍ପର୍କିତ ସଂକଳ୍ପନାମା ପାରିତ ହୋଇଥିଲା ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ସରକାର ଆମ ଦାବିକୁ ଗ୍ରହଣ କରିଛନ୍ତି। ତେବେ ଜନଗଣନା ପାଇଁ ବଜେଟରେ ଆବଣ୍ଟନ ହେବା ଆବଶ୍ୟକ ଏବଂ ଏହା କେବେ କରାଯିବ ତାହା ସରକାର ନିର୍ଦ୍ଦିଷ୍ଟ ଭାବେ ଜଣାଇବା ଉଚିତ। କାରଣ ଆମେ ଅମଲାତନ୍ତ୍ରୀ ଗଣନା ନୁହେଁ, ବାସ୍ତବ ଜନଗଣନା ଚାହୁଁ ବୋଲି ରାହୁଲ କହିଛନ୍ତି।

DADLS-19



ମଇ ଦିବସ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।
ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ ବିକଶିତ ଓଡ଼ିଶା-ବିକଶିତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମ୍ପାଟି)

ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି। ଶ୍ରମ ହିଁ ସମୃଦ୍ଧିର ମୂଳଭିତ୍ତି। ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଆସନ୍ତୁ, ସମସ୍ତ ବର୍ଗର ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଆମର ଉଦ୍ୟମ ଜାରି ରଖିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0622/2526

ରୁଷିଆ ଭିକ୍ଟ୍ରି ଡେ’ ପରେଡ୍‌ରେ ଯୋଗଦେବେ ରାଜନାଥ ସିଂ

ମେ’ ୯ରେ ଅନୁଷ୍ଠିତ ହେବାକୁ ଥିବା ରୁଷିଆ ଭିକ୍ଟ୍ରି ଡେ’ ପରେଡ୍‌ରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମସ୍କୋ ନିମନ୍ତ୍ରଣ କରିଥିଲା। କିନ୍ତୁ ଦେଶର ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏଥିରେ ସାମିଲ ହେବେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।



## ସଂକ୍ଷେପରେ

### ଚିନ୍ମୟ ଦାସଙ୍କୁ ଜାମିନ



ଢାକା, ୩୦।୪

ଇସ୍କନର ପୂଜାରୀ ଚିନ୍ମୟ ଦାସଙ୍କୁ ଗିରଫ ହେବାର ୬ ମାସ ପରେ ବୁଧବାର ଜାମିନ ମିଳିଛି। ଢାକା ସ୍ଥିତ ବାଂଲାଦେଶ ହାଇକୋର୍ଟ ଚିନ୍ମୟଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତାଙ୍କୁ ଢାକାର ଏକ ଜେଲରେ ବନ୍ଦୀ କରି ରଖାଯାଇଥିଲା। ଗତ ବର୍ଷ ନଭେମ୍ବରରେ ଏକ ଆନ୍ଦୋଳନରେ ବାଂଲାଦେଶ ଜାତୀୟ ପତାକାକୁ ଅସମ୍ମାନ କରିବା ଅଭିଯୋଗରେ ପୋଲିସ ତାଙ୍କୁ ଦେଶଦ୍ରୋହର ଧାରାରେ ଗିରଫ କରିଥିଲା। ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବାଂଲାଦେଶରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଆସିବା ପରେ ଚିନ୍ମୟ ସ୍ଥାନୀୟ ହିନ୍ଦୁ ତଥା ସଂଖ୍ୟାଲଘୁ ସମୁଦାୟର ପ୍ରମୁଖ ସ୍ୱର ଭାବେ ଉଭା ହୋଇଥିଲେ। ଦେଶରେ ହିନ୍ଦୁ ଅତ୍ୟାଚାରକୁ ନେଇ ସେ ଅନେକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ଶ୍ରେଣୀଗୃହ ନିର୍ମାଣ ଦୁର୍ନୀତି: ସିସୋଡିଆ, ସତ୍ୟେନ୍ଦ୍ରଙ୍କ ନାଁରେ ମାମଲା

ନୂଆଦିଲ୍ଲୀ, ୩୦।୪

ଦିଲ୍ଲୀ ସରକାରଙ୍କ ଦୁର୍ନୀତି ନିବାରଣ ଶାଖା (ଏସିବି) ବୁଧବାର ଦିଲ୍ଲୀର ୨ ପୂର୍ବତନ ମନ୍ତ୍ରୀ ମନୀଷ ସିସୋଡିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ମାମଲା ରୁଜୁ କରିଛି। ୧୨,୭୪୮ ସ୍କୁଲର ଶ୍ରେଣୀଗୃହ ନିର୍ମାଣରେ ୨ ହଜାର କୋଟିର ଦୁର୍ନୀତି ହୋଇଥିବା ଅଭିଯୋଗ ଅନୁଯାୟୀ ଉଭୟଙ୍କ ନାମରେ ମାମଲା ରୁଜୁ ହୋଇଛି। ଏସିବିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଦିଲ୍ଲୀରେ ଗତ ଆପ୍ ସରକାର ସମୟରେ ଅତ୍ୟନ୍ତ ଚଡ଼ା ଦରରେ ଶ୍ରେଣୀଗୃହ ନିର୍ମାଣର ଠିକା ଦିଆଯାଇଥିଲା। ପ୍ରତ୍ୟେକ କ୍ଲାସ୍‌ରୁମର ନିର୍ମାଣ ପାଇଁ ୨୪.୮୬ ଲକ୍ଷ ଟଙ୍କାର ଖର୍ଚ୍ଚ ହୋଇଥିଲା, ଯାହା ସାଧାରଣ ଖର୍ଚ୍ଚଠାରୁ ପ୍ରାୟ ୫ ଗୁଣା ଅଧିକ ଥିବା ସେ କହିଛନ୍ତି।

### ମନ୍ଦିର କାନ୍ଥ ଭୁଶୁଡ଼ି ୮ ମୃତ

ବିଶାଖାପାଟଣା, ୩୦।୪

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ ସୀମାଞ୍ଚଳମ ମନ୍ଦିରରେ ବୁଧବାର ଏକ ସିମେଣ୍ଟ କାନ୍ଥ ଭୁଶୁଡ଼ିଯିବାରୁ ୮ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନେକେ ଗୁରୁତର ଆହତ ହୋଇଥିବା ନେଇ ସ୍ଥାନୀୟ ପୋଲିସ ସୂଚନା ଦେଇଛି। ଘଟଣାସ୍ଥଳରେ ପୋଲିସ ଏବଂ ଉଦ୍ଧାରକାରୀ ଦଳ ପକ୍ଷରୁ ରେସ୍କ୍ୟୁ ଅପରେଶନ ଜାରି ରହିଛି। ବାର୍ଷିକ ଚନ୍ଦନ ମହୋତ୍ସବ ସମାରୋହ ଅବସରରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଠିଆ ହୋଇଥିବାବେଳେ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପରିବାରକୁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

# ବଡ଼ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

**ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍‌ରେ ଏପ୍ରିଲ ୨୨ରେ ଆତଙ୍କବାଦୀମାନେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିଥିଲେ। କେନ୍ଦ୍ର ସରକାର ଏଥିପାଇଁ ପାକିସ୍ତାନକୁ ଦାୟୀକରି ପଡ଼ୋଶୀ ଦେଶ ବିରୋଧରେ କୂଟନୈତିକ ସ୍ତରରେ କେତେକ ପଦକ୍ଷେପ ନେଇଛନ୍ତି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ପୃଥକ୍ ଭାବେ ଅନେକ ବୈଠକ ବସିସାରିଲାଣି। ପ୍ରତି ବୈଠକ ପରେ ଭାରତୀୟମାନେ କିଛି ଗୋଟିଏ ବଡ଼ ଘୋଷଣା ହୋଇପାରେ ବୋଲି ଅପେକ୍ଷା କରି ରହୁଛନ୍ତି। ସରକାର ଅଦ୍ୟାବଧି ନେଇଥିବା ପଦକ୍ଷେପକୁ ଦେଶବାସୀ ପର୍ଯ୍ୟାପ୍ତ ନୁହେଁ ବୋଲି ଦର୍ଶାଇବା ସହ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେବା ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛନ୍ତି। ଜାତୀୟ ସ୍ତରର ଟିଭି ଚ୍ୟାନେଲଗୁଡ଼ିକ ମଧ୍ୟ ଏପରି ଖବର ପରିବେଷଣ କରୁଛନ୍ତି, ସତେ ଯେମିତି ସକାଳ ହେବା ବେଳକୁ ଯୁଦ୍ଧ କିମ୍ବା ପାକିସ୍ତାନ ଉପରେ ବଡ଼ଧରଣର ସର୍ଜିକାଲ ଷ୍ଟ୍ରାଇକ୍ ହୋଇସାରିଥିବ। ମୋଟାମୋଟି ଭାବେ ଦେଖିଲେ ଉଭୟ ସରକାର ଓ ସେନା ବର୍ତ୍ତମାନ ଚାପରେ ରହିଛନ୍ତି।**

## ବଢୁଛି ଉତ୍କଣ୍ଠା: ଚାପରେ ସେନା, ସରକାର

ନୂଆଦିଲ୍ଲୀ/ଇସ୍‌ଲାମାବାଦ, ୩୦।୪

ପହଲଗାମ୍ ଆକ୍ରମଣ ପରିପ୍ରେକ୍ଷୀରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକ କଲ୍ୟାଣ ମାର୍ଗସ୍ଥିତ ବାସଭବନରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତା କରିଥିବାବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଉପସ୍ଥିତ ଥିଲେ। ବୈଠକ ଶେଷରେ ପାକିସ୍ତାନ ଉପରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ କୌଣସି ବିବୃତି ସରକାର ଜାରି କରିନାହାନ୍ତି। ପହଲଗାମ୍ ଆକ୍ରମଣ ପରେ ଏହା ହେଉଛି ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଏସ୍)ର ଦ୍ୱିତୀୟ ବୈଠକ। ୨୩ ତାରିଖରେ ଅନୁଷ୍ଠିତ ପ୍ରଥମ ସିସିଏସ୍ ବୈଠକରେ ସିନ୍ଧୁ ଜଳ ଚୁକ୍ତି ବାତିଲ, ପାକିସ୍ତାନୀ ନାଗରିକଙ୍କ ଭିଜା ରଦ୍ଦ ଏବଂ ଅଟ୍ଟାରୀ-ୱାଘା ସୀମା ବନ୍ଦ ଭଳି କେତୋଟି ନିଷ୍ପତ୍ତି ନିଆଯାଇଥିଲା। ଇସ୍‌ଲାମାବାଦ ଏସବୁକୁ ‘ଯୁଦ୍ଧଭଳି କାର୍ଯ୍ୟ’ ଭାବେ ଅଭିହିତ କରି ଭାରତ ବିରୋଧରେ ପାଲଟା କାର୍ଯ୍ୟାନୁଷ୍ଠାନ ନେଇଥିଲା। ପାକିସ୍ତାନ ନିଜ ବାୟୁସୀମାକୁ ଭାରତ ପାଇଁ ବନ୍ଦ କରିଦେଇଥିଲା। ବୁଧବାର ଭାରତ ମଧ୍ୟ ପାକିସ୍ତାନୀ ଏୟାରଲାଇନ୍ସଗୁଡ଼ିକ ପାଇଁ ନିଜ ବାୟୁସୀମାକୁ ବନ୍ଦ କରିଦେଇଛି। ସେପଟେ ପାକିସ୍ତାନୀ ମନ୍ତ୍ରୀମାନେ ଭାରତ ଯେକୌଣସି ସମୟରେ ଆକ୍ରମଣ କରିପାରେ ବୋଲି ବାରମ୍ବାର ଆଶଙ୍କା ବ୍ୟକ୍ତ କରୁଛନ୍ତି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ କହିଛନ୍ତି, ସମୟ ଅତିକ୍ରାନ୍ତ ହେବା ସହ ଭାରତ ସହିତ ସଂଘର୍ଷର ଆଶଙ୍କା ବଢ଼ି ବଢ଼ି ଚାଲିଛି। ଏପରି କି କେତେଜଣ ମନ୍ତ୍ରୀ ଭାରତକୁ ପରମାଣୁ ଅସ୍ତ୍ରର ଭୟ ମଧ୍ୟ ଦେଖାଇସାରିଲେଣି। ପାକିସ୍ତାନୀ ସେନା ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଶୁକ୍ରବାର ରାତିରୁ ଘନ ଘନ ଅସ୍ତ୍ରବିରତି ଉଲ୍ଲଂଘନ ଜାରି ରଖିଥିବାବେଳେ ଭାରତୀୟ ସେନା ଏହାର ଜବାବ ଦେଉଥିବା କହିଛି। ପାକିସ୍ତାନ ସୀମାପାର ଗୁଳି ଚଳାଇବା ବନ୍ଦ କରୁ ବୋଲି ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍‌ଓ)ଙ୍କ ପକ୍ଷରୁ ତାଗିଦ୍ କରାଯାଇଛି।

ଏସବୁ ସତ୍ତ୍ୱେ ଭାରତ କାହିଁକି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉନାହିଁ ବୋଲି ସୋସିଆଲ ମିଡିଆରେ ଅନେକ ୟୁଜର୍ସ ପ୍ରଶ୍ନ ଉଠାଉଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ଏଆଇସିସି ମୁଖ୍ୟାଳୟରେ କହିଛନ୍ତି, ଆଉ ଟାଳଟୁଳ ନୀତି ଚାଲିବ ନାହିଁ। ପ୍ରଧାନମନ୍ତ୍ରୀଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପଡ଼ିବ। ପହଲଗାମ୍ ଆକ୍ରମଣ ପଛରେ ଥିବା ଲୋକଙ୍କୁ ସ୍ପଷ୍ଟ ସନ୍ଦେଶ ଦେଇ ବୁଝାଇ ଦିଆଯିବା ଦରକାର ଯେ, ସେମାନେ ଭାରତର କିଛି କ୍ଷତି କରିପାରିବେ ନାହିଁ। ସରକାରଙ୍କ ପ୍ରତି ବିରୋଧୀ ଦଳଗୁଡ଼ିକର ୧୦୦% ସମର୍ଥନ ରହିଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ସ୍ପଷ୍ଟ କରିଛନ୍ତି।

ଏଭଳି ସମୟରେ ସରକାର ନେଉଥିବା ପଦକ୍ଷେପଗୁଡ଼ିକୁ ନେଇ ଭାରତୀୟମାନେ ଗମ୍ଭୀରତାର ସହ ନେଉ ନଥିବା ମଧ୍ୟ ଆଲୋଚନା ହେଉଛି। ଭାରତ ସରକାରଙ୍କ ପକ୍ଷରୁ ୧୬ ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲର ପ୍ରସାରଣକୁ ଦେଶରେ ବନ୍ଦ କରାଯାଇଥିବାବେଳେ ବୁଧବାର ସେହି ଦେଶର ଅନେକ ଲୋକପ୍ରିୟ କଳାକାରଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ବ୍ଲକ୍ କରାଯାଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି, ଅଭିନେତ୍ରୀ ମାହିରା ଖାନ୍, ହାନିଆ ଆମିର ଓ ଅଭିନେତା ଅଲୀ ଜାଫର।

**ମାହିରା ଖାନ୍‌ଙ୍କ ସମେତ ଅନେକ ପାକିସ୍ତାନୀ କଳାକାରଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ବନ୍ଦ କଲା ଭାରତ**



# ଭାରତୀୟ ଏୟାରଲାଇନ୍ସ ଉପରେ ସପ୍ତାହକୁ ୭୭ କୋଟି ବୋଝ



ମୁମ୍ବାଇ/ନୂଆଦିଲ୍ଲୀ, ୩୦।୪

**ପାକିସ୍ତାନୀ ଏୟାରଲାଇନ୍ସ ପାଇଁ ଭାରତୀୟ ବାୟୁସୀମା ବନ୍ଦ**

ପହଲଗାମ୍ ଆକ୍ରମଣ ପରେ ତିକ୍ତତା ବୃଦ୍ଧି ଯୋଗୁ ପାକିସ୍ତାନ ଭାରତୀୟ ଏୟାରଲାଇନ୍ସ ପାଇଁ ନିଜ ବାୟୁସୀମା ବନ୍ଦ କରିଦେଇଛି। ଏଥିଯୋଗୁ ଭାରତୀୟ ବିମାନ ଚଳାଚଳ କମ୍ପାନୀଗୁଡ଼ିକୁ ଅତିରିକ୍ତ ୭୭ କୋଟି ଟଙ୍କାର ବୋଝ ସହିବାକୁ ପଡ଼ିବ ବୋଲି ଏକ ବିଶ୍ଳେଷଣରୁ ଜଣାପଡ଼ିଛି। ପାକିସ୍ତାନ ଗୁରୁବାରଠାରୁ ନିଜ ବାୟୁସୀମାକୁ ଭାରତ ପାଇଁ ବନ୍ଦ କରିଦେଇଥିବାରୁ ଏଣିକି ଭାରତୀୟ ଏୟାରଲାଇନ୍‌ଗୁଡ଼ିକୁ ରୁଟ୍ ପରିବର୍ତ୍ତନ କରି ନିଜ ବିମାନ ଚଳାଇବାକୁ ପଡ଼ିବ। ଅଧିକ ବାୟୁପଥ ଦେଇ ଯାତ୍ରା କଲେ ଇନ୍ଧନ ମଧ୍ୟ ଅଧିକ ଖର୍ଚ୍ଚ ହେବ। ଫଳରେ ମାସକୁ ପୂର୍ବାପେକ୍ଷା ୩୦୬ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିବ। ଦିଲ୍ଲୀ ଓ ଉତ୍ତର ଭାରତୀୟ ସହରଗୁଡ଼ିକରୁ ବିକଳ୍ପ ଆକାଶମାର୍ଗ ଦେଇ ଅନ୍ତର୍ଜାତୀୟ ବିମାନଗୁଡ଼ିକ ଯାତ୍ରା କଲେ ଦେଢ଼ ଘଣ୍ଟା ବିଳମ୍ବିତ ହେବ। ବିମାନ ଚଳାଚଳ ଶିଳ୍ପର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଉତ୍ତର ଆମେରିକାକୁ ଯାଉଥିବା ବିମାନକୁ ପୂର୍ବରୁ ୧୬ ଘଣ୍ଟା ଲାଗୁଥିଲା। ଏବେ ଆହୁରି ୧.୫ ଘଣ୍ଟା ଅଧିକ ସମୟ ଲାଗିବ। ଏଥିପାଇଁ ଅତିରିକ୍ତ ୨୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେହିପରି ୟୁରୋପକୁ ଯାଉଥିବା ବିମାନଗୁଡ଼ିକୁ ୯ ଘଣ୍ଟା ଲାଗୁଥିବାବେଳେ ଆହୁରି ଦେଢ଼ଘଣ୍ଟା ବିଳମ୍ବିତ ହେଲେ ଅତିରିକ୍ତ ୨୨.୫ ଲକ୍ଷ ଟଙ୍କା ଖର୍ଚ୍ଚ ବଢ଼ିବ। ଅନ୍ୟପକ୍ଷରେ ଭାରତ ସରକାର ମଧ୍ୟ ବୁଧବାର ଦେଶର ବାୟୁସୀମା ଦେଇ ପାକିସ୍ତାନୀ ଏୟାରଲାଇନ୍ସଗୁଡ଼ିକର ବିମାନ ଚଳାଚଳ ଉପରେ ରୋକ୍ ଲଗାଇଛି।

# ଭାରତ ଛାଡ଼ିଲେଣି ୭୮୬ ପାକିସ୍ତାନୀ



ସ୍ୱାମୀ ଔରଙ୍ଗଜେବ ଭାରତୀୟ ନାଗରିକ। ତାଙ୍କୁ ଅମୃତସରରେ ଛାଡ଼ି ନିଜ ୧୪ ଦିନର ଶିଶୁକୁ ଧରି ପାକିସ୍ତାନୀ ମହିଳା ସାରା ଖାନ୍ ପାକିସ୍ତାନକୁ ଚାଲିଯାଉଛନ୍ତି। ଅଟ୍ଟାରୀ-ୱାଘା ବର୍ଡରରେ ମହିଳା ପୋଲିସ କର୍ମୀମାନେ ତାଙ୍କୁ ସୀମା ପାର କରାଉଛନ୍ତି।

ନୂଆଦିଲ୍ଲୀ, ୩୦।୪

ପହଲଗାମ୍ ଆକ୍ରମଣ ପରେ ଭାରତ ସରକାର ପାକିସ୍ତାନୀ ନାଗରିକମାନଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମେ ଗତ ୨୪ରୁ ଅଦ୍ୟାବଧି ୫୫ କୂଟନୀତିଜ୍ଞଙ୍କ ସମେତ ୭୮୬ ପାକିସ୍ତାନୀ ନାଗରିକ ଭାରତ ଛାଡ଼ି ନିଜ ଦେଶକୁ ଫେରିଥିବା ଜଣାପଡ଼ିଛି। ସେହିପରି ଗତ ୬ ଦିନ ଭିତରେ ୨୫ କୂଟନୀତିଜ୍ଞଙ୍କ ସମେତ ମୋଟ ୧,୪୬୫ ଭାରତୀୟ ଭାରତକୁ ଫେରିଆସିଛନ୍ତି। ଉଲ୍ଲେଖଯୋଗ୍ୟ, ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାରଙ୍କ ପକ୍ଷରୁ ପାକିସ୍ତାନୀ ନାଗରିକଙ୍କୁ ‘ଲିଭ୍ ଇଣ୍ଡିଆ’ ନୋଟିସ ଦିଆଯାଇଛି। ପାକିସ୍ତାନ ମଧ୍ୟ ଭାରତୀୟଙ୍କ ବିରୋଧରେ ଅନୁରୂପ କାର୍ଯ୍ୟାନୁଷ୍ଠାନ ନେଇଛି।

# ମୁସଲମାନ ଛାତ୍ରଙ୍କୁ ମାଡ଼ ମାରି ପାକ୍ ପତାକାରେ ପରିସ୍ରା କରାଇଲେ

ଅଲିଗଡ଼, ୩୦।୪

ଉତ୍ତରପ୍ରଦେଶର ଅଲିଗଡ଼ରେ ଜଣେ ୧୫ ବର୍ଷୀୟ ମୁସଲମାନ ଛାତ୍ରଙ୍କୁ ମାଡ଼ ମାରି ପାକିସ୍ତାନ ପତାକା ଉପରେ ପରିସ୍ରା କରିବାକୁ ବାଧ କରାଯାଇଥିବା ନେଇ ବୁଧବାର ଏକ ମାମଲା ସାମ୍‌ନାକୁ ଆସିଛି। ଅଲିଗଡ଼ସ୍ଥିତ ଗଭର୍ନମେଣ୍ଟ ଇଣ୍ଟର କଲେଜର ଜଣେ ମୁସଲମାନ ଛାତ୍ର ସ୍କୁଲରୁ ଫେରୁଥିବା ବେଳେ ରାସ୍ତାରେ କେତେଜଣ ବ୍ୟକ୍ତି ପାକିସ୍ତାନୀ ପତାକାରେ ପାକିସ୍ତାନ ମୁର୍ଦ୍ଦାବାଦ ଲେଖିବା ସହ ଛିଡ଼ା ହୋଇଥିଲେ। ସେମାନେ ପୀଡ଼ିତ ଛାତ୍ରଙ୍କ ସମ୍ମୁଖରେ ଉକ୍ତ ପାକିସ୍ତାନୀ ପତାକା ପକାଇଦେଇଥିଲେ। ଏହାପରେ ସେମାନେ ପୀଡ଼ିତଙ୍କୁ ପାକିସ୍ତାନୀ ପତାକା ଉପରେ ପରିସ୍ରା କରିବାକୁ ଧମକାଇଥିଲେ। ପୀଡ଼ିତ ଛାତ୍ର ଏଥିରେ ମନା କରିବାରୁ ଅଭିଯୁକ୍ତମାନେ ସେଠାରେ ତାଙ୍କୁ ମାଡ଼ ମାରିଥିଲେ। ସେମାନେ ମୁସଲମାନ ସମୁଦାୟ ସମ୍ପର୍କରେ ଅଭଦ୍ର ଭାଷା କହି ପୀଡ଼ିତଙ୍କୁ ଗାଳିଗୁଲଜ କରିବା ସହ ପାକିସ୍ତାନ ପତାକା ଉପରେ ପରିସ୍ରା କରିବାକୁ ତାଙ୍କୁ ବାଧ କରିଥିଲେ। ଘଟଣାକୁ ନେଇ ପୀଡ଼ିତଙ୍କ ପରିବାରର ଅଭିଯୋଗ କ୍ରମେ ବୁଧବାର ସ୍ଥାନୀୟ ବନ୍ନା ଦେବୀ ଥାନା ପୋଲିସ ୩ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଛି।

# ମଣିପୁରରେ ଗଢ଼ାଯାଉ ଲୋକପ୍ରିୟ ସରକାର

**ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ୨୧ ବିଧାୟକ**

**ଇମ୍ଫାଲ, ୩୦।୪:** ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହେବାର ପ୍ରାୟ ୩ ମାସ ପରେ ବୁଧବାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ୨୧ ବିଧାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ରାଜ୍ୟରେ ଯଥାଶୀଘ୍ର ଲୋକପ୍ରିୟ ସରକାର ଗଠନ କରାଯାଉ ବୋଲି ଦାବି କରିଛନ୍ତି। ଏହି ଚିଠିରେ ୧୩ ଭାଜପା ବିଧାୟକ, ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)ର ୩ ବିଧାୟକ, ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିଏଫ୍)ର ୩ ବିଧାୟକ ଏବଂ ୨ ସ୍ୱାଧୀନ ବିଧାୟକ ଦସ୍ତଖତ କରିଛନ୍ତି। ତେବେ ଉକ୍ତ ଚିଠିରେ ମଣିପୁରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ କିମ୍ବା ତାଙ୍କ ସମର୍ଥିତ କୌଣସି ବିଧାୟକଙ୍କର ଦସ୍ତଖତ ନ ଥିଲା। ଆସନ୍ତା ମେ’ ୧୫ ସୁଦ୍ଧା ରାଜ୍ୟରେ ଏନ୍‌ଡିଏର ନୂତନ ସରକାର ଗଠନ କରା ନ ଗଲେ ସେମାନେ ବିକଳ୍ପ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

# ୬ ମାସ ପରେ ଫେରିଲେ ଚାଇନାର ୩ ମହାକାଶଚାରୀ



ବେଜିଂ, ୩୦।୪ (ପି.ଟି.)

ମହାକାଶରେ ୬ ମାସ ରହିବା ପରେ ବୁଧବାର ଚାଇନାର ୩ ମହାକାଶଚାରୀ ପୃଥିବୀକୁ ଫେରି ଆସିଛନ୍ତି। ଶେନ୍‌ଝୋଉ ମିଶନ ଅନ୍ତର୍ଗତ ୩ ଆଷ୍ଟ୍ରୋନଟ୍ କାଇ ଜୁଝେ, ସଙ୍ଗ୍ ଲିଙ୍ଗଡଙ୍ଗ୍ ଏବଂ ମହିଳା ମହାକାଶଚାରୀ ୱାଙ୍ଗ୍ ହାଓଜେ ଗତ ଅକ୍ଟୋବରରୁ ପୃଥିବୀଠାରୁ ୩୮୦ କି.ମି. ଉଚ୍ଚରେ ଥିବା ଚାଇନାର ତିଆନ୍‌ଗଙ୍ଗ ମହାକାଶ କେନ୍ଦ୍ରରେ ଥିଲେ। ସେମାନେ ଶେନ୍‌ଝୋଉ-୧୨ ସ୍ପେସ୍‌କ୍ରାଫ୍ଟରେ ଉତ୍ତର ଚାଇନାର ଇନର ମଙ୍ଗୋଲିଆ ସ୍ୱୟଂଶାସିତ ଅଞ୍ଚଳସ୍ଥିତ ଡୋଙ୍ଗ୍‌ଫେଙ୍ଗ୍ ଲାଣ୍ଡି ସ୍ଥଳରେ ଅବତରଣ କରିଥିଲେ। ୩ ମହାକାଶଚାରୀ ତିଆନ୍‌ଗଙ୍ଗ ମହାକାଶ କେନ୍ଦ୍ରରେ ମୋଟ ୧୮୩ ଦିନ ରହିଥିଲେ ଏବଂ ଏହି ଅବଧିରେ ସେମାନେ ୩ଟି ସ୍ପେସ୍‌ୱାକ୍ କରିଥିଲେ। ସେମାନେ ମହାକାଶ କେନ୍ଦ୍ରରେ ମାଇକ୍ରୋଗ୍ରାଭିଟି, ଏରୋସ୍ପେସ୍ ମେଡିସିନ, ସ୍ପେସ୍ ଟେକ୍ନୋଲୋଜି, ସ୍ପେସ୍ ଲାଇଫ ସାଇନ୍ସ, ସ୍ପେସ୍ ମ୍ୟାଟେରିଆଲ ସାଇନ୍ସ କ୍ଷେତ୍ରରେ ପରୀକ୍ଷଣ କରିଛନ୍ତି।

# ଏନ୍‌ଏସ୍‌ଏବିର ପୁନର୍ଗଠନ କଲା କେନ୍ଦ୍ର

ନୂଆଦିଲ୍ଲୀ, ୩୦।୪

କେନ୍ଦ୍ର ସରକାର ଗୁରୁବାର ଜାତୀୟ ସୁରକ୍ଷା ପରାମର୍ଶଦାତା ବୋର୍ଡ (ଏନ୍‌ଏସ୍‌ଏବି)ର ପୁନର୍ଗଠନ କରିଛନ୍ତି। ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ୍ (ର)ର ପୂର୍ବତନ ମୁଖ୍ୟ ଆଲୋକ ଜୋଷୀଙ୍କୁ ବୋର୍ଡ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସେହିପରି ପୂର୍ବତନ ୱେଷ୍ଟର୍ନ ଏୟାର କମାଣ୍ଡର ଏୟାର ମାର୍ଶାଲ ପି.ଏମ୍. ସିହ୍ନା, ପୂର୍ବତନ ସଦର୍ନ ଆର୍ମି କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏ.କେ. ସିଂ ଏବଂ ରିୟର ଆଡମିରାଲ (ଅବସରପ୍ରାପ୍ତ) ମୋଣ୍ଟି ଖାନ୍ନାଙ୍କୁ ଏଥିରେ ସଦସ୍ୟ ରୂପେ ନିଯୁକ୍ତି ଦିଆଯାଇଛି। ପୂର୍ବତନ କୂଟନୀତିଜ୍ଞ ବି. ଭେଙ୍କଟେଶ ବର୍ମା ଏବଂ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ରାଜୀବ ରଞ୍ଜନ ବର୍ମାଙ୍କୁ ମଧ୍ୟ ଏନ୍‌ଏସ୍‌ଏବି ସଦସ୍ୟ ରଖାଯାଇଥିବା ଜଣାପଡ଼ିଛି। ଜାତୀୟ ସୁରକ୍ଷା ପରିଷଦ ସେକ୍ରେଟାରିଏଟ୍‌କୁ ତଥ୍ୟ ପ୍ରଦାନକାରୀ ପରାମର୍ଶଦାତା ସଂସ୍ଥା ଏନ୍‌ଏସ୍‌ଏବିର ପୁନର୍ଗଠନ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପର ସ୍ଥିତିକୁ ଦୃଷ୍ଟିରେ ରଖି କରାଯାଇଥିବା କୁହାଯାଉଛି।

# ଡିଜିଟାଲ ସେବା ମୌଳିକ ଅଧିକାର

ନୂଆଦିଲ୍ଲୀ, ୩୦।୪

**ଇ-କେୱାଇସି ଗାଇଡ୍‌ଲାଇନ୍‌ରେ ସଂଶୋଧନ ଆଣି ଡିଜିଟାଲ ଉପଲବ୍ଧତା ବଢ଼ାଇବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**




ଡିଜିଟାଲ ସେବା ପାଇବା ଏକ ମୌଳିକ ଅଧିକାର। ଏହାକୁ ସାର୍ବଜନୀନ ରୂପେ ଉପଲବ୍ଧ କରାଯିବା ଜରୁରୀ ବୋଲି ବୁଧବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଏବଂ ଦୃଷ୍ଟିଦୋଷ କାରଣରୁ ମୁହଁ ବିକୃତ ହୋଇଥିବା ବ୍ୟକ୍ତି ଯେପରି ବ୍ୟାଙ୍କିଙ୍ଗ୍ ତଥା ଇ-ଗଭର୍ନାନ୍ସ ସେବା ପାଇପାରିବେ, ସେଥିପାଇଁ ଇ-କେୱାଇସି (ଇଲେକ୍ଟ୍ରୋନିକ୍ ନୋ ୟୋର କଷ୍ଟମର) ପ୍ରକ୍ରିୟାର ମାନଦଣ୍ଡକୁ ସଂଶୋଧନ କରିବାକୁ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଜଣେ ଏସିଡ୍ ଆକ୍ରମଣ ପୀଡ଼ିତା ଏବଂ ଅନ୍ୟ ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ଡିଜିଟାଲ କେୱାଇସି ପ୍ରକ୍ରିୟାର ଅନୁପଲବ୍ଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପୃଥକ୍ ଭାବେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ଉଭୟଙ୍କ ଆବେଦନର ଶୁଣାଣି କରି କହିଛନ୍ତି, ଡିଜିଟାଲ ସେବା ପହଞ୍ଚ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ଜୀବନ ଧାରଣ ଅଧିକାରର ଏକ ମୌଳିକ ଅଂଶ। ଜୀବନ ଧାରଣ ଏବଂ ସ୍ୱାଧୀନତା ଅଧିକାର ଦୃଷ୍ଟିରୁ ରାଷ୍ଟ୍ର ତତ୍ପରତା ସହ ଏକ ସମାବେଶୀ ଡିଜିଟାଲ ବ୍ୟବସ୍ଥା ପ୍ରସ୍ତୁତ ଓ କାର୍ଯ୍ୟକାରୀ କରିବା ଜରୁରୀ। ଏହାଦ୍ୱାରା ବ୍ୟବସ୍ଥାରୁ ବାଦ୍ ପଡ଼ିଥିବା ଦିବ୍ୟାଙ୍ଗ ଓ ବଞ୍ଚିତ ବର୍ଗର ଲୋକେ ମଧ୍ୟ ସାମିଲ ହୋଇପାରିବେ।

ଆଲୋଚ୍ୟ ମାମଲାରେ ଏସିଡ୍ ଆକ୍ରମଣ ପୀଡ଼ିତା ନିଜ ଆବେଦନରେ ଉଲ୍ଲେଖ କରିଥିଲେ, ତାଙ୍କ ଦୃଷ୍ଟିଶକ୍ତି ହ୍ରାସ ପାଇବା ସହ ଚେହେରା ବିକୃତ ହୋଇଯାଇଛି। ୨୦୨୩ ଜୁଲାଇରେ ସେ ଆକାଉଣ୍ଟ ଖୋଲିବା ପାଇଁ ଏକ ବ୍ୟାଙ୍କକୁ ଯାଇଥିଲେ। କିନ୍ତୁ ଇ-କେୱାଇସି ପ୍ରକ୍ରିୟା ବେଳେ ସେ ଆଖିମିଟିକା ମାରିବାରୁ ଆବଶ୍ୟକ ଫଟୋ ଉଠାଯାଇପାରି ନ ଥିଲା। ଏଥିଯୋଗୁ ଇ-କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରି ନ ଥିଲା।

# ୧୭ ମହିଳା ଏମ୍‌ପି, ବିଧାୟକ ବିଲିୟନେୟାର

ନୂଆଦିଲ୍ଲୀ, ୩୦।୪

ଭାରତରେ ୧୭ ଜଣ ମହିଳା ଏମ୍‌ପି ଏବଂ ବିଧାୟକ ହେଉଛନ୍ତି ବିଲିୟନେୟାର। ସେହିପରି ଦେଶର ୨୮% ମହିଳା ଜନପ୍ରତିନିଧିଙ୍କ ନାଁରେ ଆପରାଧିକ ମାମଲା ରହିଥିବା ନେଇ ନିର୍ବାଚନ ସଂସ୍କାର ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନ ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର୍) ପକ୍ଷରୁ ବୁଧବାର ଜାରି ଏକ ରିପୋର୍ଟରେ ପ୍ରକାଶ ପାଇଛି। ପ୍ରାର୍ଥୀପତ୍ର ଦାଖଲ ସମୟରେ ଦେଶର ୫୧୨ ଜଣ ମହିଳା ଏମ୍‌ପି ଏବଂ ବିଧାୟକଙ୍କ ମଧ୍ୟରୁ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠକୁ ବିଶ୍ଳେଷଣ କରି ଏଡିଆର୍ ପକ୍ଷରୁ ଏହି ରିପୋର୍ଟକୁ ଜାରି କରାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ, ଲୋକ ସଭାର ୭୫ ମହିଳା ଏମ୍‌ପିଙ୍କ ମଧ୍ୟରୁ ୬ ଜଣ ହେଉଛନ୍ତି ବିଲିୟନେୟାର। ସେହିପରି ରାଜ୍ୟ ସଭାର ୩୭ ଜଣ ମହିଳା ସଦସ୍ୟଙ୍କ ମଧ୍ୟରୁ ୩ ଜଣ ବିଲିୟନେୟାର ହୋଇଥିବାବେଳେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୦୦ ମହିଳା ବିଧାୟକଙ୍କ ମଧ୍ୟରୁ ୮ ଜଣ ବିଲିୟନେୟାର ରହିଛନ୍ତି। ଓଡ଼ିଶାର ୧୭ ମହିଳା ବିଧାୟକ ଓ ଏମ୍‌ପିଙ୍କ ମଧ୍ୟରୁ ଜଣେ ବିଲିୟନେୟାର ହୋଇଥିବା ଏହି ରିପୋର୍ଟ କହିଛି।

ଅନ୍ୟପକ୍ଷରେ, ଲୋକ ସଭାର ୨୪ (୩୨%) ମହିଳା ଏମ୍‌ପିଙ୍କ ନାଁରେ ଆପରାଧିକ ମାମଲା ଥିବାବେଳେ ରାଜ୍ୟ ସଭାର ୧୦ (୨୭%) ମହିଳା ସଦସ୍ୟ ଏବଂ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ୧୦୯ (୨୭%) ମହିଳା ବିଧାୟକଙ୍କ ନାଁରେ ଆପରାଧିକ ମାମଲା ରହିଛି। ସେଥିମଧ୍ୟରୁ ୭୮ ଜଣ ମହିଳା ଜନପ୍ରତିନିଧିଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ଲୋକ ସଭାର ୧୪ (୧୯%) ମହିଳା ଏମ୍‌ପିଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ଥିବାବେଳେ ରାଜ୍ୟ ସଭାର ୭ (୧୯%) ମହିଳା ସଦସ୍ୟ ଏବଂ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୫୭ (୧୪%) ଜଣ ମହିଳା ବିଧାୟକଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି।

**୨୮%ଙ୍କ ନାଁରେ ଆପରାଧିକ ମାମଲା**

ADR

ଓଡ଼ିଶାର ୪ ଜଣ ଜନପ୍ରତିନିଧିଙ୍କ ନାଁରେ ଆପରାଧିକ ମାମଲା ରହିଥିବା ବେଳେ ସେଥିମଧ୍ୟରୁ ୨ ଜଣଙ୍କ ବିରୋଧରେ ଗମ୍ଭୀର ଆପରାଧିକ ମାମଲା ରହିଛି।

ଏହି ରିପୋର୍ଟ ଅନୁଯାୟୀ, ଭାଜପାର ସର୍ବାଧିକ ୨୧୭ (୨୩%) ଜଣ ମହିଳା ଜନପ୍ରତିନିଧିଙ୍କ ନାଁରେ ଆପରାଧିକ ମାମଲା ରହିଥିବା ବେଳେ ଦଳର ୧୧% ମହିଳା ଏମ୍‌ପି ଓ ବିଧାୟକଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ସେହିପରି କଂଗ୍ରେସର ୮୩ ଜଣ (୩୪%) ମହିଳା ଜନପ୍ରତିନିଧିଙ୍କ ନାଁରେ ଆପରାଧିକ ମାମଲା ରହିଥିବା ବେଳେ ଦଳର ୨୦% ମହିଳା ଏମ୍‌ପି ଏବଂ ବିଧାୟକଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ସେହିପରି ରିପୋର୍ଟ ଅନୁଯାୟୀ, ଦେଶର ସମସ୍ତ ୫୧୨ ଜଣ ମହିଳା ଏମ୍‌ପି ଏବଂ ବିଧାୟକଙ୍କ ମୋଟ ସମ୍ପତ୍ତି ୧୦,୪୧୭ କୋଟି ହୋଇଥିବା ବେଳେ ପ୍ରତି ମହିଳା ଜନ ପ୍ରତିନିଧିଙ୍କର ହାରାହାରି ସମ୍ପତ୍ତି ହେଉଛି ୨୦.୩୪ କୋଟି। ଆନ୍ଧ୍ରପ୍ରଦେଶର ମହିଳା ବିଧାୟକଙ୍କର ହାରାହାରି ସମ୍ପତ୍ତି ୭୪.୨୨ କୋଟି ରହିଛି, ଯାହା ସାରା ଦେଶରେ ସର୍ବାଧିକ। ସେହିପରି ଭାରତର ସମୁଦାୟ ମହିଳା ଜନପ୍ରତିନିଧିଙ୍କ ମଧ୍ୟରୁ ୭୧% ସ୍ନାତକ କିମ୍ବା ଉଚ୍ଚ ଡିଗ୍ରୀଧାରୀ ହୋଇଥିବାବେଳେ ୨୪% ମହିଳା ଏମ୍‌ପି ଏବଂ ବିଧାୟକଙ୍କର ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଅନ୍ୟପକ୍ଷରେ ଦେଶରେ ମହିଳା ଜନପ୍ରତିନିଧିଙ୍କ ହାରାହାରି ବୟସ ୪୯ ବର୍ଷ ଥିବା ଏହି ରିପୋର୍ଟ କହିଛି। ଲୋକ ସଭାରେ ମହିଳା ଏମ୍‌ପିଙ୍କ ହାରାହାରି ବୟସ ୫୫.୬ ହୋଇଥିବାବେଳେ ରାଜ୍ୟ ସଭାରେ ଏହା ୬୩ ବର୍ଷ ରହିଛି।

# ବିବାଦରେ ଏନ୍‌ସିଇଆର୍‌ଟି ବହିରୁ ମୋଗଲ ସାମ୍ରାଜ୍ୟ ବାଦ୍ ନିଷ୍ପତ୍ତି

ଇତିହାସ ହେଉଛି ଅତୀତର ଲିପିବଦ୍ଧ ଘଟଣାବଳୀ। ଏହି ବିଷୟର ପାଠ୍ୟକ୍ରମ ଏପରି ଏକ ଶୃଙ୍ଖଳା, ଯେଉଁଥିରେ ଘଟଣା, ଦୁର୍ଘଟଣା, ଭଲ, ମନ୍ଦ, ଏକଛତ୍ରବାଦ, ପ୍ରଜାରଞ୍ଜକ ଶାସନ ସ୍ଥାନ ପାଇବା ଉଚିତ। ଏଥିରେ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ପ୍ରବାହକୁ ବାଦ୍‌ଦେବା କିମ୍ବା ଏକ ନିର୍ଦ୍ଦିଷ୍ଟ ସମୟକୁ ଗୁରୁତ୍ୱ ଦେବା ଉଚିତ୍ ନୁହେଁ। ଏପରି କରାଗଲେ ଗଣତନ୍ତ୍ରକୁ ଠିକଣା ପଥରେ ନେବାରେ ଆଗାମୀ ପିଢ଼ି ପାଇଁ ଅନ୍ତରାୟ ସୃଷ୍ଟି ହେବ। ଇତିହାସରୁ ଅନେକ କିଛି ଶିଖିବାର ରହିଛି, ଯାହାକୁ ଋଦ୍ଧିମନ୍ତ କରିବା ଲାଗି ସମସ୍ତ ବିଷୟବସ୍ତୁ ସ୍ଥାନିତ ହେବା ଜରୁରି। ନ୍ୟାଶନାଲ କାଉନ୍‌ସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ଏନ୍‌ସିଇଆର୍‌ଟି) ଚଳିତ ଶିକ୍ଷାବର୍ଷରୁ ସପ୍ତମ ଶ୍ରେଣୀ ପାଠ୍ୟପୁସ୍ତକରୁ ମୋଗଲ ଓ ଦିଲ୍ଲୀ ସୁଲ୍‌ତାନୀ ଶାସନକାଳକୁ ବାଦ୍‌ଦେବା ଏବଂ ପ୍ରୟାଗରାଜରେ ହୋଇଥିବା ମହାକୁମ୍ଭ ସହିତ ମଗଧ, ମୌର୍ଯ୍ୟ ଓ ସାତବାହନ ଭଳି ପୁରାତନ ଭାରତୀୟ ରାଜବଂଶକୁ ନୂତନ ଅଧ୍ୟାୟରେ ଯୋଡ଼ିବାକୁ ନିଷ୍ପତ୍ତି ନେଇଛି। ତେବେ ଇତିହାସରେ କୌଣସି ଘଟଣାକ୍ରମକୁ ହଟାଯିବା ନିଷ୍ପତ୍ତି ଉପରେ ଐତିହାସିକମାନେ ଭିନ୍ନ ମତ ପୋଷଣ କରୁଛନ୍ତି।

ଉପସ୍ଥାପନା: ରବିନାରାୟଣ ଜେନା

## ଇତିହାସ ଉତ୍ତର ପିଢ଼ିକୁ ବାଟ ଦେଖାଏ



ଭାରତ ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଓ ଶିଖ୍ ଭଳି ବହୁ ସଂପ୍ରଦାୟର ଲୋକ ବସବାସ କରୁଛନ୍ତି। ଯଦି ମୁସଲମାନ ବସ୍ତି ନିକଟରେ ଗୋଟିଏ ହିନ୍ଦୁ ପରିବାର ଅବା ହିନ୍ଦୁବସ୍ତି ନିକଟରେ ମୁସଲମାନ ପରିବାର ନିର୍ଯାତିତ ତଥା ଭୟରେ ରହିବ ତାହା ଗଣତନ୍ତ୍ର ନୁହେଁ। ପ୍ରତ୍ୟେକ ଛାତ୍ରୀଛାତ୍ର ଅତୀତ ସମ୍ପର୍କରେ ଜାଣିବା ଉଚିତ୍। ଯେଉଁ ସମୟରେ ଶାସକମାନେ ତାଙ୍କ ଫିଲୋଶଫି ଅନୁସାରେ ଶାସନ କରିଛନ୍ତି ତାହା ଭଲ ହେଉ ଅବା ମନ୍ଦ ହେଉ ତାହାର ବିବରଣୀ ସ୍ପଷ୍ଟ ଭାବେ ଇତିହାସରେ ଲିପିବଦ୍ଧ ହେବା ଉଚିତ୍। ଯଦି କୌଣସି ରାଜତ୍ୱ ସମୟରେ ଏକଛତ୍ରବାଦ୍ ଶାସନ ହୋଇଥିବ ବା ପ୍ରଜାରଞ୍ଜକ ଶାସନ ହୋଇଥିବ ତାହା ମଧ ଉତ୍ତରପିଢ଼ି ଜାଣିବା ଉଚିତ୍। ନ ହେଲେ ଭାରତର ଗଣତାନ୍ତ୍ରିକ ଶାସନରେ ସେମାନେ କିଭଳି ନିଜକୁ ଠିକ୍ ବାଟରେ ନେବେ। ଔରଙ୍ଗଜେବ୍‌ଙ୍କ ଶାସନକାଳକୁ ଉଦାହରଣ ଭାବେ ନେଲେ ବର୍ତ୍ତମାନର ଛାତ୍ରୀଛାତ୍ର ସବୁ ଜାଣିପାରିବେ ଏବଂ ନିର୍ଦ୍ଦିଷ୍ଟ ବାଟରେ ଗଣତନ୍ତ୍ରକୁ ବିରୋଧ କରିପାରିବେ।

- ଡ. ପ୍ରମୋଦ ଚନ୍ଦ୍ର ଦାଶ, ପ୍ରାକ୍ତନ ପ୍ରାଧ୍ୟାପକ

## ଘଟଣାବଳୀକୁ ବାଦ୍ ଦେବା ଅକ୍ଷମଣୀୟ ଅପରାଧ



ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ମୋଗଲ ଏବଂ ଦିଲ୍ଲୀ ସୁଲତାନୀ ଶାସନ ବିଷୟକୁ ବାଦ୍ ଦେଇ ମଗଧ ମୌର୍ଯ୍ୟ ସାତବାହନ ଓ ମହାକୁମ୍ଭ ଯୋଡ଼ିବା ସମୀଚୀନ ନୁହେଁ। ଏହାଦ୍ୱାରା ଇତିହାସର ଶୃଙ୍ଖଳା ଭାଙ୍ଗିଯିବ। ଉତ୍ତରପିଢ଼ି ଅନ୍ଧାର ଭିତରକୁ ଠେଲି ହୋଇଯିବେ। ଇତିହାସ ହେଉଛି ଶିକ୍ଷା। ମାତ୍ର 'କଲେକ୍ଟିଭ୍ ଆମ୍‌ନେସିଆ' ପାଇଁ ଅନେକ ସମୟରେ ପ୍ରାୟ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ଇତିହାସରୁ ହଟାଇ ଦିଆଯାଉଛି। ଏହା ଏକପ୍ରକାର ଅକ୍ଷମଣୀୟ ଅପରାଧ। ମରାଠାମାନେ ବର୍ଗୀ ଥିଲେ, ହେଲେ ସେମାନଙ୍କ ସମୟରେ ବିଭିନ୍ନ ମଠ ଓ ମନ୍ଦିରର ଉନ୍ନତୀକରଣ ହୋଇଥିବାବେଳେ ଓଡ଼ିଆର ଅନୁବାଦ ଆରମ୍ଭ ହୋଇଥିଲା। ଭଲ ଆଉ ମନ୍ଦର କଡ଼ିକୁ ନେଇ ଶୃଙ୍ଖଳା। ଇତିହାସ ମାନେ ନୁହେଁ ଯେ, ଆମକୁ ଯାହା ଠିକ୍ ଲାଗିବ ତାହା ରଖିବା, ଆଉସବୁକୁ ବାଦ୍ ଦେବା।

- ଅନିଲ ଧୀର, ଇତିହାସ ଗବେଷକ

## କ୍ରମାନ୍ୱୟ ବିବରଣୀ ନ ଥିଲେ ଇତିହାସ ଅସମ୍ପୂର୍ଣ୍ଣ



ଇତିହାସ ହେଉଛି ଏକ କ୍ରମାନ୍ୱୟ ବିବରଣୀ। ମୋଗଲ ସାମ୍ରାଜ୍ୟ ଦୀର୍ଘସମୟ ଧରି ଭାରତରେ ଶାସନରେ ରହି ଆସିଥିଲା। ୭୧୨ରୁ ୧୭୫୧ ମସିହା ପର୍ଯ୍ୟନ୍ତ ତାଙ୍କର ରାଜୁତି ଚାଲିଥିଲା। ଏହି ହଜାରେ ବର୍ଷରେ ତାଙ୍କର ରାଜନୈତିକ, ସାଂସ୍କୃତିକ, କଳା ଓ ଭାସ୍କର୍ଯ୍ୟର ବହୁତ କିଛି ଗୁରୁତ୍ୱ ରହିଛି। ଭାରତରେ କ'ଣସବୁ ବିବର୍ତ୍ତନ ହୋଇଛି ତାହା ଉତ୍ତରପିଢ଼ି ଜାଣିବା ନିହାତି ଜରୁରୀ। ଏହାକୁ କଦର୍ଥ କରାଯାଇପାରିବ ନାହିଁ। ପ୍ରୟାଗରାଜ ମହାକୁମ୍ଭ କିମ୍ବା କିମ୍ବା ଅନ୍ୟ ବିଷୟବସ୍ତୁକୁ ପାଠ୍ୟପୁସ୍ତକରେ ସାମିଲ କରାଯାଉ। ସେଥିରେ କୌଣସି ଅସୁବିଧା ନାହିଁ, ସବୁ ଘଟଣାବଳୀକୁ ନେଇ ଇତିହାସ। କ୍ରମାନ୍ୱୟ ବିବରଣୀ ନ ହେଲେ ଇତିହାସ ଅସମ୍ପୂର୍ଣ୍ଣ ରହିଯିବ। ବାହାଦୁର ଶାହା ଜାଫରଙ୍କ ପରେ ମୋଗଲ ସାମ୍ରାଜ୍ୟର ପତନ ଘଟିଥିଲା। ସେତେବେଳକୁ ମୋଗଲ ସାମ୍ରାଜ୍ୟ ଖଣ୍ଡବିଖଣ୍ଡିତ ହୋଇଥିବାରୁ ପର୍ତ୍ତୁଗିଜ୍, ଡଚ୍ ଓ ପରେ ବ୍ରିଟିଶ୍‌ମାନେ ପର୍ଯ୍ୟାୟକ୍ରମେ ଆକ୍ରମଣ କରିଥିଲେ। ଶେଷରେ ୧୭୫୮ ବେଳକୁ ଇଂରେଜମାନେ ଭାରତକୁ କବଳିତ କରିବାରେ ସମର୍ଥ ହୋଇପାରିଲେ। ଏହି ସମୟରେ ଯାହାସବୁ ଘଟଣାବଳୀ ରହିଛି ତାକୁ ଇତିହାସରେ ସ୍ଥାନ ଦେଲେ ଇତିହାସ ଋଦ୍ଧିମନ୍ତ ହୋଇପାରିବ। ଉତ୍ତରପିଢ଼ି ଇତିହାସରୁ ଶିଖିବାର ଅନେକ କିଛି ରହିଛି। କିନ୍ତୁ ଇତିହାସକୁ ମନଇଚ୍ଛା ଲେଖାଯାଇପାରିବ ନାହିଁ।

- ଅମିୟ ମହାନ୍ତି, ଜାତୀୟ ଆବାହକ, ରାଷ୍ଟ୍ରୀୟ ଶିକ୍ଷା ଆନ୍ଦୋଳନ ମିଳିତ ମଞ୍ଚ


## ଇତିହାସ ବିଜ୍ଞାନସମ୍ମତ



ଇତିହାସ ଏକ ବିଜ୍ଞାନସମ୍ମତ ବିଷୟ। ଇତିହାସ କାହାଣୀ କି ପୁରାଣ ନୁହେଁ। ଇତିହାସ ବିଜ୍ଞାନ ସମ୍ମତିରେ ହେଲେ ତାହା ହିଁ ଇନ୍‌କ୍ଲୁସିଭ(ସାର୍ମିକ) ହୋଇପାରିବ। କେବଳ ଭାରତ ନୁହେଁ, ବିଭିନ୍ନ ରାଷ୍ଟ୍ରରେ ଇତିହାସକୁ ବିକୃତ କରିବାର ଅନେକ ପ୍ରୟାସ କରାଯାଇଛି। ଏହାଦ୍ୱାରା ଗୋଟିଏ ପିଢ଼ିକୁ ଇତିହାସରୁ ବଞ୍ଚିତ କରାଯାଇଥାଏ। ବ୍ୟକ୍ତିଗତ ଈର୍ଷା, ଭଲ ପାଇବା ପ୍ରଭୃତି ଇତିହାସରେ ପ୍ରତିଫଳିତ ହେବା ଉଚିତ୍। ଭାରତବର୍ଷ ଇତିହାସରେ ମୋଗଲ ରାଜୁତି ଏକ ଲମ୍ବା ଅବଧି। ଏହା ଅନେକ ସମୟରେ ସଂସ୍କୃତି ଓ ଇତିହାସକୁ ନିର୍ଣ୍ଣାୟକ ଭାବେ ପ୍ରଭାବିତ କରିଛି। କିନ୍ତୁ ଦୁର୍ଭାଗ୍ୟର କଥା, ଏବେ ଇତିହାସକୁ ବଦଳାଇବା ପାଇଁ ଯେଉଁ ଉଦ୍ୟମ କରାଯାଉଛି ସେଥିପାଇଁ ଭବିଷ୍ୟତ ପିଢ଼ି ପାଖରେ ଆମେ ଉତ୍ତରଦାୟୀ। ଏହାଦ୍ୱାରା ଆଗାମୀ ପିଢ଼ି ଉକ୍ତ ଅବଧି ବିଷୟରେ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଯିବେ। ଏଥିଯୋଗୁ ଭାରତ ଇତିହାସକୁ ଲାଭ ହେବନାହିଁ କି ପରବର୍ତ୍ତୀ ପିଢ଼ି ଓ ବିଦ୍ୟାର୍ଥୀଙ୍କୁ ଏହା ସହାୟକ ହେବନାହିଁ।

- ମାନସ ବେହେରା, ଶିକ୍ଷାବିତ

## ପାଠ୍ୟପୁସ୍ତକରେ ଇତିହାସର ସବୁ ତଥ୍ୟ ଦେବା ସମ୍ଭବ ନୁହେଁ



ମୋଗଲ ଶାସନ ଦୁର୍ବଳ ହେବା ପରେ ଇଂରେଜମାନେ ଭାରତରେ ରାଜ୍ୟ ବିସ୍ତାର କରିବା ଲାଗି ପ୍ରୟାସ କରିଥିଲେ। ଛୋଟ ଛୋଟ ରାଜ୍ୟଗୁଡ଼ିକୁ ଇଂରେଜମାନେ ପରାଜିତ କରିବାରେ ସଫଳ ହୋଇଥିଲେ। ଏହି ସମୟରେ ବଙ୍ଗର ନବାବ ସିରାଜ୍‌ଦ୍ଦୁଲ୍ଲା ଓ କର୍ଣ୍ଣାଟକର ରାଜା ଟିପୁ ସୁଲ୍‌ତାନ ଇଂରେଜ ସହ ଯୁଦ୍ଧ କଲାବେଳେ ତାଙ୍କୁ ଅନ୍ୟ ଦେଶର ରାଜାମାନେ ସହଯୋଗ କରି ନ ଥିଲେ। ଫଳରେ ଇଂରେଜମାନେ ସେମାନଙ୍କୁ ପରାଜିତ କରିବା ସହଜସାଧ୍ୟ ହେଉଥିଲା। ଏହିସବୁ ତଥ୍ୟ ପଢ଼ିବା ପାଇଁ ଇତିହାସକୁ ପାଠ୍ୟପୁସ୍ତକ ବାହାରେ ଅନ୍ୟ ପୁସ୍ତକର ଆବଶ୍ୟକତା ରହିଛି। ଶିକ୍ଷକମାନେ ଏଥିପ୍ରତି ଛାତ୍ରୀଛାତ୍ରଙ୍କୁ ଉଚିତ୍ ମାର୍ଗଦର୍ଶନ କରିବାର ଆବଶ୍ୟକତା ରହିଛି। ତେବେ ଯାଇ ଇତିହାସ ପ୍ରତି ପିଲାଙ୍କ ଆକର୍ଷଣ ବଢ଼ିବ।

- ପ୍ରୀତୀଶ୍ ଆଚାର୍ଯ୍ୟ, ଐତିହାସିକ

## ପ୍ରୟାଗରାଜ ଇତିହାସକୁ ଅଧିକ ଋଦ୍ଧିମନ୍ତ କରିବ



ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରେ ପ୍ରୟାଗରାଜ ମହାକୁମ୍ଭ ସମ୍ପର୍କରେ ଲିପିବଦ୍ଧ ହେବା ନୂତନ ପିଢ଼ିକୁ ମାର୍ଗଦର୍ଶନ କରିବା ସହିତ ଇତିହାସକୁ ଋଦ୍ଧିମନ୍ତ କରିବ। ଇତିହାସରୁ ମୋଗଲ ସାମ୍ରାଜ୍ୟ ସମ୍ପର୍କରେ ଜାଣିବା ପାଇଁ ହେଲେ ଛାତ୍ରୀଛାତ୍ରମାନେ ୱେବ୍‌ସାଇଟ କିମ୍ବା ମୋବାଇଲର ଗୁଗ୍‌ଲ ସାଇଟ୍‌କୁ ଯାଇ ଜ୍ଞାନ ଆହରଣ କରିପାରିବେ। ଇତିହାସ ଉତ୍ତରପିଢ଼ିକୁ ବାଟ ଦେଖାଏ। ଅଧିକାଂଶ ସମୟରେ ଇତିହାସରେ ପୁରୁଣା କଥାକୁ ଅତିରଞ୍ଜିତ କରାଯାଇଛି, ତାହା ହେବାକଥା ନୁହେଁ। ସମୟକ୍ରମେ ଇତିହାସ ମଧ୍ୟ ବଦଳିବାର ଆବଶ୍ୟକ ରହିଛି, ଯାହାଦ୍ୱାରା ଉତ୍ତରପିଢ଼ିକୁ ଅଧିକ ପ୍ରେରଣା ଦେଇପାରିବ।

- ରଘୁନାଥ ପଣ୍ଡା, ଶିକ୍ଷାବିତ୍

# ୫୧ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୧୦୨୫ କୋଟିର ସିଏମ୍ କିଷାନ ଟଙ୍କା

ଭୁବନେଶ୍ୱର, ୩୦।୪ (ସୁନିତ୍ ମିଶ୍ର)

### ପାରମ୍ପରିକ ହଳଲଙ୍ଗଳ ଧରି ଅଖିମୁଠି ଅନୁକୂଳ କଲେ ମୁଖ୍ୟମନ୍ତ୍ରୀ



ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧୀକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ଚାଷୀଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ସିଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର, ୪୯,୪୮୨ ଜଣ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏହିପରି ମୋଟ୍ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଛନ୍ତି। ଏଥିରେ ସହରାଞ୍ଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁ ଏହି ରାଶି ରାଜ୍ୟର ଚାଷୀମାନଙ୍କ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ। ବର୍ତ୍ତମାନ କିନ୍ତୁ ଆମ ଦେଶ ଖାଦ୍ୟଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହ କୃଷିଜାତ ସାମଗ୍ରୀ ରପ୍ତାନି ମଧ୍ୟ କରୁଛି। ବର୍ତ୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗିକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର। ଓଡ଼ିଶାର ୬୦%ରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ରାଜ୍ୟର ମୋଟ ଅଭିବୃଦ୍ଧିର ୨୨% କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରୁ ଆସିଥାଏ। ଚାଷ କଠିନ ପରିଶ୍ରମର କାର୍ଯ୍ୟ। ଓଡ଼ିଶାକୁ ଶସ୍ୟ ବଳକା ରାଜ୍ୟରେ ପରିଣତ କରିଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର ଚାଷୀମାନଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିଛନ୍ତି। ରାଜ୍ୟରେ ଭାଜପା ସରକାରକୁ ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଉଦ୍ୟମ ଜାରି ରହିଛି। ପୂର୍ବ ସରକାର ଏମ୍‌ଏସ୍‌ପି ପାଇଁ କେବଳ ବିଧାନସଭାରେ ଏକ ରିଜୋଲ୍ୟୁଶନ ଆଣି ଚୁପ୍ ରହିଗଲେ। ଭାଜପା ସରକାର ୩,୧୦୦ ଟଙ୍କା ଏମ୍‌ଏସ୍‌ପି ଦେଇଛି। ଆସନ୍ତା ୫ ବର୍ଷରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବିନିଯୋଗରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରତି ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓୟୁଏଟିର ବରମୁଣ୍ଡା କୃଷି ଶୈକ୍ଷିକ ଫାର୍ମଠାରେ ଓଡ଼ିଆ ପରମ୍ପରା ଅନୁଯାୟୀ ପାରମ୍ପରିକ ହଳ ଲଙ୍ଗଳରେ ଅଖିମୁଠି ଅନୁକୂଳ କରିଛନ୍ତି। ଏହାସହ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ୧୯୨୧ରେ ରଚିତ 'କୃଷକ ସଙ୍ଗୀତ ପୁସ୍ତକ' ମଧ ଉନ୍ମୋଚନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ପବିତ୍ର ଅକ୍ଷୟ ତୃତୀୟରେ ଚାଷୀ ତା'ର ଚାଷ କାର୍ଯ୍ୟ ଆଗକୁ ନେଇଥାଏ। ଆମେ ଯାହା ଖାଉଛେ ତାକୁ ଜଣେ ଚାଷୀ ଉତ୍ପାଦନ କରିଥାଏ, ସେହି ଚାଷୀମାନଙ୍କ ସହିତ ଆମ ସରକାର ସବୁବେଳେ ଛିଡ଼ାହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଓୟୁଏଟିର କୁଳପତି ପ୍ରଭାତ କୁମାର ରାଉଳ ପ୍ରମୁଖ ନିଜର ବକ୍ତବ୍ୟ ରଖିଛନ୍ତି। କୃଷି ସଚିବ ଅରବିନ୍ଦ ପାଢ଼ୀ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଏବଂ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଦାମୀ ଔଷଧ ଲେଖିବା ଆପରାଧିକ କାର୍ଯ୍ୟ ନୁହେଁ: ହାଇକୋର୍ଟ

କଟକ,୩୦।୪(କାର୍ତ୍ତିକ ସାହୁ)

ନିର୍ଦ୍ଦିଷ୍ଟ ଫାର୍ମା କମ୍ପାନୀର ଔଷଧ ଅଥବା ଦାମୀ ଔଷଧ ରୋଗୀଙ୍କ ପାଇଁ ଲେଖିବା ଆପରାଧିକ କାର୍ଯ୍ୟ ନୁହେଁ। ଯେ ପର୍ଯ୍ୟନ୍ତ କୌଣସି ଔଷଧ ବିପଜ୍ଜନକ, ନିମ୍ନମାନର ଅଥବା ସରକାର ତାହାକୁ ନିଷେଧ କରିଛନ୍ତି ବୋଲି ପ୍ରମାଣ ନାହିଁ ତାହା ରୋଗୀଙ୍କ ପାଇଁ ଗ୍ରହଣୀୟ। ଏଭଳି କ୍ଷେତ୍ରରେ ଡାକ୍ତରଙ୍କ ବିରୋଧରେ ଅପରାଧିକ ମାମଲା କରି ଦାୟୀ କରାଯାଇପାରିବ ନାହିଁ। ଏସ୍‌ସିବି ମେଡିକାଲ ହେମାଟୋଲୋଜି ବିଭାଗର ପୂର୍ବତନ ପ୍ରଫେସର ତଥା ବିଭାଗ ମୁଖ୍ୟ ଡାକ୍ତର ରବୀନ୍ଦ୍ର କୁମାର ଜେନାଙ୍କୁ ଏଭଳି ଆପରାଧିକ ମାମଲାରୁ ମୁକ୍ତ କରିଛନ୍ତି ଓଡ଼ିଶା ହାଇକୋର୍ଟ। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ଏଭଳି ମାମଲାର ବିଚାରକରି ଏଭଳି ରାୟ ପ୍ରଦାନ କରିବା ସହ ଡା. ଜେନାଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନକୁ ବାତିଲ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ୨୦୧୭ ଡିସେମ୍ବର ୧୨ରେ ଡା. ଜେନାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଥିଲା। ଡା. ଜେନା ରୋଗୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଫାର୍ମା କମ୍ପାନୀର ଔଷଧ ଲେଖୁଛନ୍ତି। ସେ କର୍କଟ ପୀଡ଼ିତ ଗରିବ ରୋଗୀଙ୍କ ପାଇଁ ଦାମୀ ଔଷଧ ଲେଖୁଛନ୍ତି। ଏହାଦ୍ୱାରା ସମ୍ପୃକ୍ତ ଫାର୍ମା କମ୍ପାନୀ ଲାଭବାନ ହେଉଛି। ଏହାଦ୍ୱାରା ଓଡ଼ିଶା ଷ୍ଟେଟ ଟ୍ରିଟ୍‌ମେଣ୍ଟ ଫଣ୍ଡର ଗାଇଡ୍ ଲାଇନକୁ ଉଲ୍ଲଂଘନ ହେଉଛି। ତେଣୁ ଡା. ଜେନାଙ୍କ ବିରୋଧରେ ଆପରାଧିକ ମାମଲାରେ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଭିଜିଲାନ୍ସ ଏପରି କାର୍ଯ୍ୟ ବିରୋଧରେ ଡା. ଜେନା ହାଇକୋର୍ଟରେ ମାମଲା ଦାଏର କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି ବେଳେ କୌଣସି ରୋଗୀ ପାଇଁ ଦାମୀ ଔଷଧର ଆବଶ୍ୟକତା ଥିଲେ ତାହାଦ୍ୱାରା ସରକାରୀ ଗାଇଡ୍ ଲାଇନ୍‌ର କୌଣସି ଉଲ୍ଲଂଘନ ହେଉ ନାହିଁ ବୋଲି କହିଛନ୍ତି।

भारतीय समुद्री विश्वविद्यालय
INDIAN MARITIME UNIVERSITY
(A Central University under the Ministry of Ports, Shipping and Waterways, Govt. of India)
Established by an Act of the Parliament in 2008



Extension of IMU-CET 2025 Registration Date

The last date for registration of IMU-CET 2025 is extended till **6PM, 06.05.2025.** There is no change in IMU-CET date.

**To register Please Scan the below QR Code**

Please visit: **www.imu.edu.in** for further details.

# ପ୍ରଭାସିନୀ, ଦେବୀଙ୍କୁ ହୋମ୍‌ଗାର୍ଡ ଚାକିରି ସହ ୧୦ଲକ୍ଷ ଲେଖାଏ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୪ (ସୁନିତ୍ ମିଶ୍ର)

### କଟକରେ କାର୍ଯ୍ୟରତ ଥିବାବେଳେ ୨ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟଣା





କଟକରେ କାର୍ଯ୍ୟରତ ୨ ପୋଲିସ କର୍ମଚାରୀ ଜଗବନ୍ଧୁ ମାହାଲି ଏବଂ ଲୋକନାଥ ଶବର ଗତ ୨୨ ତାରିଖରେ ପିସିଆର୍ ଭ୍ୟାନ୍‌ରେ ଯିବା ସମୟରେ ଦୁର୍ଘଟଣା ଘଟି ପ୍ରାଣ ହରାଇଥିଲେ। ଡ୍ୟୁଟିରେ ଥିବା ସମୟରେ ଉଭୟଙ୍କ ମୃତ୍ୟୁ ଘଟିଥିବାରୁ ସେମାନଙ୍କ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମବେଦନା ଜଣାଇଛନ୍ତି। ଜଗବନ୍ଧୁଙ୍କ ସ୍ତ୍ରୀ ପ୍ରଭାସିନୀ ବେହେରା ଓ ଲୋକନାଥଙ୍କ ସ୍ତ୍ରୀ ଦେବୀ ଶବରଙ୍କୁ ମୁଖ୍ୟମନ୍ତ୍ରୀ ବୁଧବାର ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦୁଃଖ ସମୟରେ ସେମାନଙ୍କୁ ସହାୟତାର ହାତ ବଢ଼ାଇ ମୁଖ୍ୟମନ୍ତ୍ରୀ ନିଜର ସହୃଦୟତାର ପରିଚୟ ଦେଇଛନ୍ତି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଉଭୟେ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ଉଭୟଙ୍କୁ ହୋମ୍‌ଗାର୍ଡ ପଦବୀ ପାଇଁ ନିଯୁକ୍ତିପତ୍ର ସହ ପ୍ରତ୍ୟେକଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ଭଲମନ୍ଦ ପଚାରିବା ସହ ଅଧୈର୍ଯ୍ୟ ନ ହେବାକୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ସେମାନଙ୍କ ସହ ଅଛନ୍ତି। ସେମାନଙ୍କର ଆଗାମୀ ଜୀବନ ଓ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ସର୍ବକୁଶଳ କାମନା କରିଥିଲେ। ସରକାରଙ୍କ ସହୃଦୟତା ପାଇଁ ସେମାନେ ଅଶ୍ରୁଳ ନୟନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ପ୍ରଭାସିନୀଙ୍କ ସ୍ୱାମୀ ଜଗବନ୍ଧୁ ମାହାଲି ହୋମ୍‌ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଦେବୀଙ୍କ ସ୍ୱାମୀ ଲୋକନାଥ ଶବର ଓଏପିଏଫ୍ ଯବାନ ଭାବେ କାର୍ଯ୍ୟ କରୁଥିଲେ। ଉଭୟେ କଟକରେ କର୍ତ୍ତବ୍ୟରତ ଥିବା ସମୟରେ ପିସିଆର୍ ଭ୍ୟାନ୍‌ରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହରାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ହୋମ୍‌ଗାର୍ଡ ଓ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଭାରତୀୟ ରେଳ



ଡିଜିଟାଲ ଘଣ୍ଟା ଡିଜାଇନି ପାଇଁ ଜାତୀୟ ପ୍ରତିଯୋଗିତା

ଆରମ୍ଭ ତାରିଖ: ୦୧।୦୫।୨୦୨୫ ଅନ୍ତିମ ତାରିଖ: ୩୧।୦୫।୨୦୨୫

**ଦାଖଲ ପଦ୍ଧତି:** ଉଚ୍ଚ-ରେଜୋଲ୍ୟୁସନ ଇମେଜ୍ (ସର୍ବନିମ୍ନ ୩୦୦ ଡିପିଆଇ, ୨ ଏମ୍‌ବିରୁ ଅଧିକ) ୱାଟରମାର୍କ ଏବଂ ଲୋଗୋ ବିନା contest.pr@rb.railnet.gov.in କୁ ଇମେଲ୍ ଜରିଆରେ ପଠାଯିବା ଆବଶ୍ୟକ ।

**ମୌଳିକତା:** ଦାଖଲଗୁଡ଼ିକ ମୂଳ, ବୌଦ୍ଧିକ ସମ୍ପତ୍ତି ଉଲ୍ଲଂଘନରୁ ମୁକ୍ତ ହେବା ତଥା ମୌଳିକତାର ପ୍ରମାଣପତ୍ର ସହିତ ଦାଖଲ କରାଯିବା ଆବଶ୍ୟକ ।

**ମାଲିକାନା:** ଚୟନ କରାଯାଇଥିବା ଡିଜାଇନଗୁଡ଼ିକର କପିରାଇଟ୍ ଭାରତୀୟ ରେଳପଥ ନିକଟରେ ରହିବ ।
**ଏକାଧିକ ଏଣ୍ଟ୍ରି:** ପୃଥକ୍ ମୌଳିକତା ପ୍ରମାଣପତ୍ର ସହିତ ଅନୁମତିଯୋଗ୍ୟ ।

| ବର୍ଗ | ୧ମ ପୁରସ୍କାର | ସାନ୍ତ୍ୱନାମୂଳକ ପୁରସ୍କାର |
| --- | --- | --- |
| ବୃତ୍ତିଗତ | ₹୫,୦୦,୦୦୦/- | ପ୍ରତ୍ୟେକ ୫୦,୦୦୦ ଟଙ୍କାର ୫ଟି ସାନ୍ତ୍ୱନାମୂଳକ ପୁରସ୍କାର |
| ମହାବିଦ୍ୟାଳୟର ଛାତ୍ରଛାତ୍ରୀ (ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରୁଥିବା) | | ପ୍ରତ୍ୟେକ ୫୦,୦୦୦ ଟଙ୍କାର ୫ଟି ସାନ୍ତ୍ୱନାମୂଳକ ପୁରସ୍କାର |
| ବିଦ୍ୟାଳୟର ଛାତ୍ରଛାତ୍ରୀ (୧୨ଶ ଶ୍ରେଣୀ ପର୍ଯ୍ୟନ୍ତ) | | ପ୍ରତ୍ୟେକ ୫୦,୦୦୦ ଟଙ୍କାର ୫ଟି ସାନ୍ତ୍ୱନାମୂଳକ ପୁରସ୍କାର |

**ଅତିରିକ୍ତ ଲାଭ:** ● ସମସ୍ତ ବିଜେତାଙ୍କ ପାଇଁ ସ୍ୱୀକୃତି ପ୍ରମାଣପତ୍ର ● ପ୍ରତ୍ୟେକ ବିଜେତା ଓ ତାଙ୍କର ଜଣେ ସହଯାତ୍ରୀଙ୍କୁ ସେମାନଙ୍କ ଘରୁ ପୁରସ୍କାର ଉତ୍ସବ ସ୍ଥାନକୁ ଯିବାଆସିବା ପାଇଁ ନିଃଶୁଳ୍କ ୩ଏ-କ୍ଲାସ୍ ରେଳ ପାସ୍

**ଗୁରୁତ୍ୱପୂର୍ଣ୍ଣ ଦିଗ୍‌ନିର୍ଦ୍ଦେଶାବଳୀ:** ● ଡିଜାଇନଗୁଡ଼ିକ ଅଭିନବ, କାର୍ଯ୍ୟାନ୍ୱୟନ ପାଇଁ ବ୍ୟାବହାରିକ ତଥା ଭାରତୀୟ ରେଳପଥର ଭାବନାକୁ ପ୍ରତିଫଳିତ କରୁଥିବା ଆବଶ୍ୟକ ● ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଡିଜାଇନ୍ ପଛରେ ରହିଥିବା ଧାରଣାକୁ ବ୍ୟାଖ୍ୟା କରୁଥିବା ଏକ ସଂକ୍ଷିପ୍ତ କନ୍‌ସେପ୍ଟ ନୋଟ୍ (୩୦୦ ଶବ୍ଦ ମଧ୍ୟରେ) ଦାଖଲ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି ● ଧାରଣା ଆଦିର ଚୋରି କିମ୍ବା କପିରାଇଟ୍ ଉଲ୍ଲଂଘନ କରୁଥିବା ଦାଖଲଗୁଡ଼ିକ ଅଯୋଗ୍ୟ ହେବ ।

ଅଧିକ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ପରିଦର୍ଶନ କରନ୍ତୁ
ଭାରତୀୟ ରେଳପଥର ଆନୁଷ୍ଠାନିକ ୱେବ୍‌ସାଇଟ୍ www.indianrailways.gov.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ ଅବସରରେ ଲାଲ ପତାକା ଉତ୍ତୋଳନ, ସ୍ଥାନ: ବିଭିନ୍ନ ୟୁନିୟନ ଆସୋସିଏଶନ ଫକ୍ଟୋରୀ ଅଫିସ ଦପ୍ତରରେ, ସମୟ: ସକାଳ ୮ଟା। ଏବଂ ପଦଯାତ୍ରା ଓ ସାଧାରଣ ସଭା, ସ୍ଥାନ: ରାଜମହଲ ଛକ, ସମୟ: ଅପରାହ୍ନ ୫ଟା।
- ନ୍ୟାଶନାଲ ଓମେନ୍ସ ବିଜିନେସ ମେଳା ୨.୦, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- 'ପ୍ରଗତିବାଦୀ'ର ଜନ୍ମଦିନ ସାରସ୍ୱତ ସମାରୋହ, ସ୍ଥାନ: ପ୍ରଗତିବାଦୀ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।

## କଟକ
- ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଦୈନିକ ହିନ୍ଦୀ ଖବରକାଗଜ ମହାନଦୀ ସୁପରଫାଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ: ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଶ୍ୱ ଶ୍ରମିକ ଦିବସ ଅବସରରେ ହିନ୍ଦ ମଜଦୁର ସଭା ପକ୍ଷରୁ ମଟର ସାଇକେଲ ରାଲି ଓ ସଭା, ସ୍ଥାନ: ପାଞ୍ଚଗାଁ ଶିବ ମନ୍ଦିରଠାରୁ ନୂଆପାଟଣା ପର୍ଯ୍ୟନ୍ତ, ସମୟ: ଅପରାହ୍ନ ୪ଟା।
- ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ଅପରାହ୍ନ ୪ଟା ୪୫।

## ବାଲେଶ୍ୱର
- ହାତିମଶାହା ପୀରବାବାଙ୍କ ୭୬ତମ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ରାଉତପଡ଼ା ପୀରବାବାଙ୍କ ପୀଠସ୍ଥଳୀ, ରୂପସା, ସମୟ: ଦିବସବ୍ୟାପୀ।
- ଝୋଟକଳ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ଦିବସ, ସ୍ଥାନ: ଶ୍ରମିକ ସଂଘ କାର୍ଯ୍ୟାଳୟ, ରୂପସା, ସମୟ: ସକାଳ ୬ଟା ୧୫।
- ଅନ୍ତର୍ଜାତୀୟ ଶ୍ରମିକ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଓୟୁଜେ ବାଲେଶ୍ୱର ଶାଖା ତରଫରୁ ଶ୍ରମିକ ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ ଉତ୍ତରେଶ୍ୱର, ସୋର, ସମୟ: ସକାଳ: ପୂର୍ବାହ୍ନ ୧୦ଟା।
- ୫୮ତମ ଚାଟାର୍ଡ଼ ଡ଼େ ସମାରୋହ, ସ୍ଥାନ: ରୋଟାରୀ ଭବନ, ବାଲେଶ୍ୱର, ସମୟ: ରାତି ୭ଟା ୩୦।

## ଭଦ୍ରକ
- ଶ୍ରମିକ ଦିବସ ପାଳନ, ସ୍ଥାନ: ଟାଉନହଲ, ଭଦ୍ରକ, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ତିହିଡ଼ି ଥାନା ପରିସର, ସମୟ: ସକାଳ ୯ଟା।
- ପ୍ରତାପ ପଣ୍ଡାଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ମୂଳଗାଁ, ନଳାଙ୍ଗ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା୩୦।
- ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ, ସ୍ଥାନ: ବାରିକପୁର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ପୂଜା ଓ ପୂର୍ଣ୍ଣାହୁତୀ, ସ୍ଥାନ:ସାନକେରକୋ, ବଡ଼ସାହି,ସମୟ: ସକାଳ ୮ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ବିଶ୍ୱ ଶ୍ରମିକ ଦିବସ ପାଳନ, ସ୍ଥାନ: କଳିଆପଦା ଶିବ ମନ୍ଦିର ପ୍ରାଙ୍ଗଣ,ସାଇଁକୁଲା ଗ୍ରାମପଞ୍ଚାୟତ, ଗୋପବନ୍ଧୁ ନଗର, ସମୟ:ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ୟୁନିକ ପ୍ରେସକ୍ଲବ ପକ୍ଷରୁ ଶ୍ରମିକ ଦିବସ ପାଳନ, ସ୍ଥାନ: ଆଶୀର୍ବାଦ ଧର୍ମଶାଳା, ଉଦଳା-କପ୍ତିପଦା ରୋଡ୍, ସମୟ:ସକାଳ ୯ଟା।
- ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିଅନ ପକ୍ଷରୁ ଶ୍ରମିକ ଦିବସ ପାଳନ, ସ୍ଥାନ:ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ପ୍ଲମ୍ବର ଆସୋସିଏଶନ ପକ୍ଷରୁ ଶ୍ରମିକ ଦିବସ ପାଳନ,ସ୍ଥାନ: ସଂସ୍କୃତି ଭବନ,ସମୟ: ପୂର୍ବାହ୍ନ ୧୦ଟା ।
- କେନ୍ଦ୍ରୀୟ ସଂଗଠନ ପକ୍ଷରୁ ସାଧାରଣ ସଭା,ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ
- ଆନ୍ତର୍ଜାତିକ ଶ୍ରମିକ ଦିବସ, ସ୍ଥାନ: ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା
- ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ପୁଲକ, ସ୍ଥାନ: ଡିଆଇଇଟି ପରିସର, ଢେଙ୍କାନାଳ, ସମୟ: ଅପରାହ୍ନ ସାଢେ ୫ଟା।

## ଜଗତ୍‌ସିଂହପୁର
- ତାରକା ହୋଟେଲ ଲା ଫ୍ରାଙ୍କଲିନ୍ ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବେଳାଭୂମି ରାସ୍ତା ପାଖ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର ୟୁନିୟନ ପରିସର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ପାରାଦୀପ ବିତରକ ସଂଘର ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ପୋର୍ଟ ଶ୍ରମିକ ସଂଘ ପରିସର, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ପୋର୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ୟୁନିୟନ ପରିସର, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ ଟା।

## ଯାଜପୁର
- ବିଶ୍ୱ ଶ୍ରମିକ ଦିବସ ପାଳନ, ସ୍ଥାନ: ଧର୍ମଶାଳା ପ୍ରେସ୍ କ୍ଲବ, ସମୟ-ସକାଳ ୮ଟା।

## ନୟାଗଡ଼
- ଜାତୀୟ ଶ୍ରମିକ ଦିବସ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ: ପୂର୍ବାହ୍ନ ୧୦ଟା।
- ଗଣିଆ ଲଙ୍କାପୋଡି ମହୋତ୍ସବରେ ସାଂସ୍କୃତିକ ଆସର, ସ୍ଥାନ: ଗଣିଆ ଯାତ୍ରା ପଡିଆ, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ର ଉଦ୍‌ଯାପନୀ ଉତ୍ସବରେ ବାଦି ଦୁଆରୀ, ସ୍ଥାନ:ନୟାଗଡ ବ୍ଲକ ମୁକ୍ତାପୁରର ମା ଆରାଧ୍ୟ ଦେବୀ ଶାଳଭଞ୍ଜ ଠାକୁରାଣୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ରୁ ରାତ୍ର ୧୦ଟା।
- ବୈଷ୍ଣବ ଦେବୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ମୁଣ୍ଡିଆ ହନୁମାନ ପୀଠ, ସମୟ: ସକାଳ ୭ଟା।
- ଅକ୍ଷୟ ତୃତୀୟାରେ ବିଶ୍ୱଶାନ୍ତି ମହାଯଜ୍ଞର ୨ୟ ଦିବସ, ସ୍ଥାନ:ଭାପୁର ବ୍ଲକ ମାଧପୁର ଯଜ୍ଞପଦା, ସମୟ: ସକାଳ ୮ଟା।
- ଅକ୍ଷୟ ତୃତୀୟାରେ ଚନ୍ଦନଯାତ୍ରା ଆରମ୍ଭ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୨ୟ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୨ୟ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୨ୟ ଦିବସ, ସ୍ଥାନ:ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା
- ରଘୁନାଥଙ୍କ ଚନ୍ଦନଯାତ୍ରାର ୨ୟ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ହନୁମାନ ଜୀଉଙ୍କ ବିଗ୍ରହ ପ୍ରତଷ୍ଠା ଉତ୍ସବର ଉଦ୍‌ଯାପନ ଉତ୍ସବରେ ନାଟକ ହନୁମାନ ଯଜ୍ଞ, ସ୍ଥାନ: ଓଡଗାଁ ବ୍ଲକ କୁରାଳ ବେଙ୍ଗେଇସାହି, ସମୟ:ରାତି ୮ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ମହୋତ୍ସବର ୨ୟ ଦିବସ, ସ୍ଥାନ: ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ସାଢ଼େ ୭ଟା ।
- ମୁଖ୍ୟମନ୍ତ୍ରୀଙ୍କର ଗଣିଆ ଗସ୍ତ, ସ୍ଥାନ: ପତଣ୍ଡା, ସମୟ ଅପରାହ୍ନ ୧ଟା।
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋପିନାଥପୁର ଶୁଳିଆ ଛକ, ସମୟ: ସକାଳ ୭ଟା ।

## ରାୟଗଡ଼ା
- ବିଶ୍ୱ ଶ୍ରମିକ ଦିବସ ପାଳନ, ସ୍ଥାନ: ରାୟଗଡା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ଝରିଗାଁ, ସମୟ: ସନ୍ଧ୍ୟା ୬ଟା ।

## କୋରାପୁଟ
- ଶନି ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଦାମନଯୋଡ଼ି ମାଥାଲପୁଟ, ସମୟ: ସକାଳ ୭ଟା।
- ବିଦ୍ୟୁତ ମହାସଂଘ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ, ସ୍ଥାନ : କୋଟସ୍ ସଭାଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- କୋରାପୁଟର ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି, ସ୍ଥାନ : ପୂଜାରୀପୁଟ, କୋରାପୁଟ, ସମୟ : ମଧ୍ୟାହ୍ନ ୧୨ ଟା।
- ଛିଣ୍ଡାନଈ ସାହିତ୍ୟ ସଂସଦ ବାର୍ଷିକୋତ୍ସବ, ସ୍ଥାନ: ଲୋକେଶ୍ୱରୀ କମ୍ୟୁନିଟି ହଲ ବ୍ୟାଙ୍କ କଲୋନୀ, ଜୟପୁର, ସମୟ: ଅପରାହ୍ନ ୪ଟା ୩୦।

## ମାଲକାନଗିରି
- ଜିଲାସ୍ତରୀୟ ବିଶ୍ୱ ଶ୍ରମିକ ଦିବସ ପାଳନ, ସ୍ଥାନ:ସଂସ୍କୃତି ଭବନ, ମାଲକାନଗିରି, ପୂର୍ବାହ୍ନ: ୧୦ ଟା।
- ପଞ୍ଚାୟତସ୍ତରୀୟ ଶ୍ରମିକ ଦିବସ ପାଳନ, ସ୍ଥାନ: ଗୋରାଖଣ୍ଟା ପଞ୍ଚାୟତ,ସମୟ:ପୂର୍ବାହ୍ନ ୧୧ ଟା।
- ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ରର କର୍ମଚାରୀ ସଂଘର ଶ୍ରମିକ ଦିବସ, ସ୍ଥାନ: ବାଲିମେଳା, ସମୟ: ସନ୍ଧ୍ୟା ୬ଟା ।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଶ୍ରୀଶ୍ରୀ ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ ବିଶାଳଖିଣ୍ଡା ଗ୍ରାମ, ସମୟ : ସକାଳ : ୮ଟା।
- ସମ୍ବଲପୁର ଶ୍ରମିକ ସମନ୍ୱୟ ସମିତି ପକ୍ଷରୁ ଶମିକ ଦିବସ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ : ହୀରଖଣ୍ଡ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ପରିସର, ସମୟ : ସକାଳ ୮ଟା।
- ବିଭିନ୍ନ ଶ୍ରମିକ ଅନୁଷ୍ଠାନ ପକ୍ଷରୁ ଶ୍ରମିକ ଦିବସ ଶୋଭାଯାତ୍ରା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ମାର୍ଗ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର
- ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ, ସ୍ଥାନ: ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସଭା ସାଂସଦ ପାଣ୍ଠିରୁ ନିର୍ମିତ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ,ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ, ସ୍ଥାନ: ବଲାଙ୍ଗୀର ସିଭିଲ କୋର୍ଟ ପରିସର ଏଡିଆର କୋଠା, ବଲାଙ୍ଗୀର, ସମୟ: ୧୨ଟା ୪୦ ମିନିଟ।

## ରାଉରକେଲା
- ଶ୍ରୀ ଶ୍ରୀ ଦକ୍ଷିଣକାଳୀ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୧, ସମୟ: ସକାଳ ୬ଟା।
- ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ଦିବସ, ସ୍ଥାନ: ସେକ୍ଟର-୧୮, ସମୟ: ପୂର୍ବାହ୍ନ ୧୧ଟା।
- ଇଏସ୍‌ଆଇସି ହସ୍ପିଟାଲ ପାଇଁ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ଅପରାହ୍ନ ୫ଟା।
- ବିଏମ୍‌ଏସ୍ ପକ୍ଷରୁ ଶ୍ରମିକ ଦିବସ, ସ୍ଥାନ: ସେକ୍ଟର-୪, ସମୟ: ଅପରାହ୍ନ ୫ଟା।

## ବରଗଡ଼
- ଆନ୍ତର୍ଜାତୀୟ ଶ୍ରମିକ ଦିବସ,ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ୩୦।

## କଳାହାଣ୍ଡି
- ଔଷଧୀୟ ମଶାରି ବଣ୍ଟନ କାର୍ଯ୍ୟକ୍ରମ ଓ ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି, ସ୍ଥାନ: ମା' ଭୈରବୀଙ୍କ ମନ୍ଦିର ପ୍ରାଙ୍ଗଣ, ପୁରୁଣାକଟକ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଆର୍ନ୍ତଜାତିକ ଶ୍ରମିକ ଦିବସ ପାଳନ, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗରକୀର୍ତ୍ତନ,ସ୍ଥାନ:ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ,ସ୍ଥାନ: ଦେବଗଡ଼ ସିଭିଲ କୋର୍ଟ ସମ୍ମିଳନୀ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆରତୀ,ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଅନ୍ତର୍ଡା ଗ୍ରାମରେ କୀର୍ତ୍ତନ୍ୟ ମଣ୍ଡପ ପ୍ରତିଷ୍ଠା ପାଇଁ ହରିନାମ ଆରମ୍ଭ ଓ ରାମାୟଣ ପୁରାଣ ପଠନ, ସ୍ଥାନ: ଅନ୍ତର୍ଡା କୀର୍ତ୍ତନ୍ୟ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ବଙ୍ଗାମୁଣ୍ଡା ଗାଁ, ସମୟ: ମଧ୍ୟାହ୍ନ ୧୨ଟା।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ବଙ୍ଗାମୁଣ୍ଡା ଗାଁ, ସମୟ: ସକାଳ ୯ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଚବିଶ ପ୍ରହର ନାମଯଜ୍ଞ ନାମ ଧାରଣ ଓ ଠାକୁରଙ୍କ ମନ୍ଦିର ପ୍ରବେଶ, ସ୍ଥାନ: ଖଡିଆଳ ବ୍ଲକ ଭୂଲିଆସିକୁଆଁ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ବନ୍ଦାପାଟ ଗ୍ରାମର ଧନିଆପଡା, ସମୟ: ସକାଳ ୭ଟା ୩୦।
- ଜିଲା ଶ୍ରମିକ ମହାସଂଘ ପକ୍ଷରୁ ଶ୍ରମିକ ଦିବସ ପାଳନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଦର୍ଲିମୁଣ୍ଡା ପଞ୍ଚାୟତ ଖଲିଆପାଣି ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହସ୍ଥିତିର ଅଦ୍ଭୁତ ଯୋଗ ପ୍ରଭାବରେ ସମ୍ମାନଜନକ ପଦମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିପାରିବେ। ଶୁକ୍ର ନକ୍ଷତ୍ରସ୍ଥ ରବି ପ୍ରତ୍ୟେକ ସମସ୍ୟାକୁ ହାଲୁକା ଭାବେ ନେବାରେ ଅନୁପ୍ରେରିତ କରିବ। ରାହୁ ଓ ଶନିଙ୍କ କୁପ୍ରଭାବଜନିତ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିବେ ନାହିଁ। ନିଜର ଅଧିକାରକୁ ଅନ୍ୟ ଉପରେ ଲଦିଲେ ସମାଲୋଚିତ ହେବେ।

**ବୃଷ** ଚନ୍ଦ୍ରଙ୍କ ପ୍ରଭାବରୁ କିଛି ଫାଇଦା ହାସଲ କରିବାର ଅଭିଳାଷ ରଖି କୌଣସି ବ୍ୟକ୍ତି ଅଯଥାରେ ଆପଣଙ୍କୁ ପ୍ରଶଂସା କରିପାରେ। ଲାଗିରହିଥିବା ବିବାଦୀୟ ଘଟଣା କିମ୍ବା କଚେରି ମାମଲା କ୍ଷେତ୍ରରେ ଚିନ୍ତା ବଢ଼ିଯାଇ ପାରେ । ପାରିବାରିକ ସ୍ଥିତି, ବାଣିଜ୍ୟ, ପରିବହନ ଓ ଚେଷ୍ଟା କରୁଥିବା କାମ ଉଠାପକା ମଧ୍ୟଦେଇ ଚାଲିବ।

**ମିଥୁନ** ତୃତୀୟାଧିପ ଉଚ୍ଚସ୍ଥ ହେତୁ ଭାଇ, ବନ୍ଧୁ, ପରିଜନ, ସହକର୍ମୀଙ୍କ ସୌଜନ୍ୟତାରେ ମନ ପ୍ରଫୁଲ୍ଲିତ ରହିବ। ସହଜରେ ଅଭିଳାଷ ପୂରଣ କରିବା ସାଙ୍ଗକୁ ମନ ଭଲ ରହିଥିବାରୁ ଅନ୍ୟମାନଙ୍କ ପାଇଁ ପ୍ରେରଣା ପ୍ରଦାୟକ ରହିବେ। ନିଜ କାମକୁ ପଛକୁ ରଖି ଅନ୍ୟମାନଙ୍କ ପାଇଁ କିଛି କରିବା ପାଇଁ ମାନସିକ ସ୍ତରରେ ନିଷ୍ପତ୍ତି ନେଇପାରନ୍ତି।

**କର୍କଟ** ରାଶି ପାଇଁ ରାଜଯୋଗ କାରକ ଗ୍ରହ ମଙ୍ଗଳଙ୍କ ବଳହୀନତା ଆପଣଙ୍କ ସୁସ୍ଥ ଚିନ୍ତାଧାରାକୁ ବିଗାଡିଦେବ। ସବୁ କାମ ଗୋଳମାଳିଆ ରହିବ ଓ ଏବଂ ବ୍ୟସ୍ତତା ବୃଦ୍ଧି ପାଇବ। ମନରେ ପୂର୍ବଭଳି ଆଗ୍ରହ ନଥାଇ ମଧ୍ୟ ହାତକୁ ନେଇଥିବା କାମରେ ପଛେଇ ଯାଇପାରନ୍ତି। ନିର୍ମାଣାଧୀନ କାମ ଆଗେଇ ଚାଲିବ ଏବଂ ଅଦାଲତରୁ ସୁଫଳ ପାଇବେ।

**ସିଂହ** ବଳହୀନ ଧନାଧିପ ହେତୁ ଆଶାନୁଯାୟୀ ଅର୍ଥ ଓ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ପାଇବା କଷ୍ଟକର ହୋଇପାରେ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ଅଧିକାଂଶ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ପାରିବାରିକ କ୍ଷେତ୍ରରେ ଟେନ୍‌ସନ କିଛି ମାତ୍ରାରେ କମିଯିବାର ଅନୁଭବ ଆସିପାରେ।

**କନ୍ୟା** ଭାଗ୍ୟଭାବସ୍ଥ ବୃହସ୍ପତି ଯୋଗୁ ଆଜି ପରିବାରର କୌଣସି ଗୁରୁତ୍ୱପୂର୍ଣ୍ଣ କଥା ନେଇ ଆଲୋଚନା କରିପାରନ୍ତି। ବିଶ୍ୱାସର ସହ ମିତ୍ରଙ୍କ ଉପରେ ସବୁ ଦାୟିତ୍ୱ ଲଦି ଦେଇ ନିଜେ ଚୁପ୍‌ଚାପ୍ ବସିବା ଠିକ୍ ହେବନି। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହେବେ। ବ୍ୟବସାୟ ଓ ପରିବହନରେ ବିବାଦୀୟ ସ୍ଥିତି ଦେଖାଦେଇପାରେ।

**ତୁଳା** ଯୋଜନାକାରକ ଗ୍ରହ ବୃହସ୍ପତି ଦୁଃସ୍ଥାନସ୍ଥ ଯୋଗୁ ପରିକଳ୍ପିତ ଯୋଜନା ଫସର ଫାଟିଯିବ। ଅନ୍ୟମାନଙ୍କୁ କାମରେ ଲଗାଇ ନିଜର ଫାଇଦା ହାସଲ କରିବେ। ବ୍ୟୟ ଭାର କମିବା ବଦଳରେ ବଢ଼ି ଚାଲିବ। ପରିବାରରେ ଭୁଲ୍ ବୁଝାମଣା ହେତୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**ବିଛା** ମଙ୍ଗଳ ମନ୍ଦଗ୍ରହଙ୍କ ନକ୍ଷତ୍ରରେ ରହିଥିବାରୁ କାର୍ଯ୍ୟ କରିବାର ସ୍ପୃହା ଥିଲେ ମଧ୍ୟ ପାରିବେଶିକ ଅସ୍ଥିରତା ତାହା କରାଇ ଦେଇ ନ ପାରେ। ତର୍କବିତର୍କ ଓ ବାଦାନୁବାଦ ମଧ୍ୟରେ ପରିବାରରେ ସମସ୍ୟାଗୁଡ଼ିକର ସମାଧାନ କରିପାରନ୍ତି। ଅର୍ଥନୈତିକ ପ୍ରଗତି ସହ ସାମାଜିକ, ଆନୁଷ୍ଠାନିକ ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**ଧନୁ** ଭାଗ୍ୟାଧିପ କୋଣଭାବସ୍ଥ ଯୋଗୁ ନିଜେ କିଛି ନ କରି ପିଲାଙ୍କ ଦ୍ୱାରା କାମ ହାସଲ କରିବେ। ପ୍ରତିକୂଳ ବାତାବରଣ ଲାଗି ରହିଥିଲେ ମଧ୍ୟ ଆନ୍ତରିକ ପ୍ରଚେଷ୍ଟାରୁ ଲକ୍ଷ୍ୟ ହାସଲ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଆଜିର ଯାତ୍ରା, ବାଣିଜ୍ୟ ପାଇଁ ଦିନଟି ବହୁତ ଭଲ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବା ସକାଶେ ସଂଘର୍ଷ କରିବାକୁ ପଡ଼ିବ।

**ମକର** ରାଶ୍ୟାଧିପ ଉପଚୟସ୍ଥାନରେ ଥିବାରୁ ସଦାସର୍ବଦା ଅନ୍ୟମନସ୍କ ରହିବା ସାଙ୍ଗକୁ କାମଗୁଡ଼ିକ ମଧ୍ୟ ଶୃଙ୍ଖଳିତ ହେବନାହିଁ। ଆର୍ଥିକସ୍ଥିତି ମନ୍ଦ ନ ଥିଲେ ମଧ୍ୟ ଆଜି ଏକ ଭିନ୍ନ ପରିସ୍ଥିତିରେ ପଡି ଋଣ କରିବାକୁ ବାଧ୍ୟ ହେବେ। ଅନ୍ୟମାନଙ୍କ କଥାକୁ ଉପେକ୍ଷା ନ କରିପାରି ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି।

**କୁମ୍ଭ** ଆଂଶିକ କାଳସର୍ପଯୋଗ ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ମାନସିକ ସ୍ଥିତି ସେତେଟା ଭଲ ରହିନପାରେ। ବିଭିନ୍ନ ଅସଜଡ଼ା ପରିସ୍ଥିତି ସୁଧୁରି ଆସୁଥିଲେ ମଧ୍ୟ ବୃଥାଶଙ୍କାରୁ ବିଚଳିତ ରହିପାରନ୍ତି। ଶିଳ୍ପ, ବ୍ୟବସାୟ, ଦୂରଯାତ୍ରା କ୍ଷେତ୍ରରେ ଅନୁକୂଳ ପରିବେଶ ପାଇବେ ନାହିଁ। କର୍ମକ୍ଷେତ୍ରରେ କାର୍ଯ୍ୟସିଦ୍ଧି ଘଟିପାରେ।

**ମୀନ** ରାଶିରେ ଏକାଧିକଗ୍ରହ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ । ଭୁଲ୍ ବୁଝାମଣାରୁ ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଦୂରଭ୍ରମଣ, ସାହିତ୍ୟ, ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ। ସ୍ୱାସ୍ଥ୍ୟହାନି, ଯୋଜନା ଭଗ୍ନ ସାଙ୍ଗକୁ ଉନ୍ନୟନ ମୂଳକ କାର୍ଯ୍ୟ ମଧ୍ୟ ସାମୟିକ ବ୍ୟାହତ ହୋଇପାରେ।

ଆଜି ମେ ୧ ତାରିଖ, ଶ୍ରମିକ ଦିବସ, ବୈଶାଖ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ, ଗୁରୁବାର। ରାଶି ନକ୍ଷତ୍ର-ଦିବା ଘ.୦୨।୧୧ମି. ପର୍ଯ୍ୟନ୍ତ ମୃଗଶିରା/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ଏବଂ ପାର୍ବଣଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହପ୍ରବେଶ, ଦେବତା ପ୍ରତିଷ୍ଠା ଓ ବିଦ୍ୟାରମ୍ଭ ପାଇଁ ଶୁଭଦିନ। ଦିବା ଘ.୦୫।୨୧ ଗତେ ଘ. ୦୭।୦୩ ମଧ୍ୟେ ଘ.୧୦।୨୭ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ୦୧।୧୯ ଗତେ ଘ.୦୨।୫୫ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦୁବ ଦୁଆରୀ, ପନସ ତାଟି**
**ଚନ୍ଦ୍ର ସୂର୍ଯ୍ୟଙ୍କର ଘର**
**ଖୁଦ ଦେବତା ଡାକୁ ଅଛନ୍ତି**
**ମଣିମା ବିଜେ କର।**

ଅଭାବ ଅନଟନରେ ରହିଥିବା ବ୍ୟକ୍ତି ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରିଥାନ୍ତି। ରହିବାକୁ ସେମାନଙ୍କ ପାଖରେ ଭଲ ଘର ଖଣ୍ଡିଏ ନ ଥାଏ କି ଖାଇବାକୁ ମୁଠେ ଦାନା ନ ଥାଏ। ଭଙ୍ଗା ଦଦରା ଘରେ ଭୋକ ଉପାସରେ ପଡ଼ି ରହିଥିବା ଦରିଦ୍ର ବ୍ୟକ୍ତିର ଦୁରବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦିଆ ଘରର ପେଯ ପିଇ**
**ଉଘା ଘରର ଭାତ ନ ଛୁଇଁ।**

ସ୍ୱଚ୍ଛ ମନରେ ଦେବା ଲୋକଠାରୁ ପେଯ ପିଇବା ବରଂ ଶ୍ରେୟସ୍କର, ମାତ୍ର ଉଘେଇବା ଲୋକଠାରୁ ଖିରି ପୁରି ଖାଇବା ଉଚିତ ନୁହେଁ। କାରଣ ଏପରି ଲୋକଙ୍କ ଆଚରଣ ମନ୍ଦ ହୋଇଥିବାସ୍ଥଳେ ବେଳେବେଳେ ଅକାରଣରେ ନିନ୍ଦିତ ହେବାର ମଧ୍ୟ ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଘୋଷଯାତ୍ରା ପାଇଁ ରଥକାର୍ଯ୍ୟ ଅନୁକୂଳ



ରଥ ନିର୍ମାଣ ପାଇଁ ପବିତ୍ର ଅକ୍ଷୟତୃତୀୟାରେ ବୁଧବାର ଶ୍ରୀମନ୍ଦିରରୁ ପୂଜାପଣ୍ଡା ସାମନ୍ତ ଆଣିଥିବା ୩ ଆଜ୍ଞାମାଳକୁ ରଥଖଳାରେ ୩ଟି ଧଉରା କାଠରେ ଲାଗି କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)



ଶ୍ରୀମନ୍ଦିର ପୁରୋହିତ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରୁଛନ୍ତି।

**ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି)**

ଚଳିତବର୍ଷ ଜୁନ୍ ୨୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ବୁଧବାର ପବିତ୍ର ଅକ୍ଷୟତୃତୀୟାରେ ରଥ ନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ ହୋଇଛି। ଗୁରୁବାରଠାରୁ ରଥଖଳାରେ ରଥ ନିର୍ମାଣ ଆରମ୍ଭ ହେବ। ସେହିପରି ଅକ୍ଷୟତୃତୀୟା ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଛି।

ବୁଧବାର ଭୋର ୪ଟାରେ ମନ୍ଦିର ଦ୍ୱାର ଫିଟାଯାଇ ୪ଟା ୩୫ରେ ଭିତରଶୋଧ ହୋଇଥିଲା। ୪ଟା ୪୦ରେ ମଙ୍ଗଳ ଆଳତି ବଢ଼ି ପରବର୍ତ୍ତୀ ନୀତି ସମ୍ପନ୍ନ କରାଯାଇଥିଲା। ପୂର୍ବାହ୍ନ ୯ଟା ୨୫ରେ ମହାପ୍ରଭୁଙ୍କ ସକାଳ ଧୂପ ସରି ୧୦ଟା ୧୫ରେ ମଇଲମ ହୋଇ ୧୧ଟାରେ ଯାତ୍ରାଙ୍ଗୀ ମହାସ୍ନାନ ବଢ଼ିଥିଲା। ପରେ ପୂର୍ବଦିନରୁ ଅଧିବାସ ହୋଇ ରହିଥିବା ପ୍ରାୟ ୭କିଲୋ ଚନ୍ଦନକୁ ପୂଜାପଣ୍ଡା ସାମନ୍ତ, ପତିମହାପାତ୍ର, ମୁଦିରସ୍ତ ଏବଂ ୩ଜଣ ପାଳିଆ ପୁଷ୍ପାଳକ ଭୋଗମଣ୍ଡପ ଘରଠାରୁ ବେଢ଼ାକୁ ନେଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ତିନିଘେରା ପରିକ୍ରମା କରିଥିଲେ। ପାଣି ପଡ଼ି ଖଇକୋରା ଭୋଗ ସମାପନ ପରେ ପୂଜାପଣ୍ଡା ସାମନ୍ତ, ପତିମହାପାତ୍ର, ମୁଦିରସ୍ତ ଏବଂ ୩ଜଣ ପାଳିଆ ପୁଷ୍ପାଳକଙ୍କ ଦ୍ୱାରା ଛାମୁ ଖୁଣ୍ଟିଆଙ୍କ ମଣିମା ଡାକ ପୂର୍ବକ ସର୍ବାଙ୍ଗ ଚନ୍ଦନଲାଗି କରାଯାଇଥିଲା। ୬ ମୂର୍ତ୍ତି ଅଳଙ୍କାର, ଅଳକା, ଚଉସରା, ଗୁଣା, ଝୁମ୍ପା ସହ ବେଶ ଅନୁଷ୍ଠିତ ହୋଇଥିଲା। ତଲୁଛ, ପଧାନୀ ହାତମୁଦ ପଟୁଆର ସହ ଭୋଗ ଆଣିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ମଧ୍ୟାହ୍ନ ଧୂପ ଷୋଡ଼ଶ ଉପଚାରରେ ଭୋଗ ପରେ ଯାତଭୋଗ ସମ୍ପନ୍ନ ହୋଇଥିଲା। ନକ୍ଷତ୍ର ଓ ଭୋଗ ବନ୍ଦାପନା ପରେ ଶ୍ରୀରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ପାଲିଙ୍କି ଓ ବିମାନକୁ ବିଜେ କରିଥିଲେ। ସେହିପରି ୩ ବାଡ଼ରୁ ୩ ଜଣ ପୂଜାପଣ୍ଡା ଆଣିଥିବା ଆଜ୍ଞାମାଳ ଧରି ଆଗରେ ଏବଂ ବିଜେ ପ୍ରତିମା ପଟୁଆରରେ ଶ୍ରୀନଅର ନିକଟ ରଥଖଳାକୁ ବିଜେ କରିଥିଲେ। ଅପରପକ୍ଷରେ ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ବିଧିବିଧାନ ଅନୁଯାୟୀ ଧୁଆଯାଇ ରଖାଯାଇଥିଲା। ଶୋତ୍ରୀୟ ବ୍ରାହ୍ମଣମାନେ ରଥଖଳାରେ ବନଯାଗ ପଦ୍ଧତିରେ ହୋମ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନି ଆଣି ହୋମରେ ଅଗ୍ନି ସ୍ଥାପନ କରାଯାଇଥିଲା। ନୃସିଂହ ମନ୍ତ୍ରରେ ଆହୁତି ଦିଆଯାଇଥିଲା। ମା' ଦକ୍ଷିଣକାଳୀଙ୍କ ମନ୍ତ୍ରରେ ତିନୋଟି କୁରାଢ଼ିକୁ ଅଭିମନ୍ତ୍ରିତ କରି ପୂଜା କରାଯାଇଥିଲା। ଶ୍ରୀମନ୍ଦିରରୁ ୩ଜଣ ପୂଜାପଣ୍ଡା ଆଜ୍ଞାମାଳ ଧରି ଆସିବା ପରେ ପାଟଯୋଶୀ ମହାପାତ୍ରଙ୍କ ଉପସ୍ଥିତିରେ ରଥ ନିର୍ମାଣକାରୀ ବିଶ୍ୱକର୍ମା ମହାରଣା, ରୂପକାର, ଓଝା ଏବଂ ଭୋଇ ସେବକମାନଙ୍କ ଶାଢ଼ିବନ୍ଧା ନୀତି ଦେଉଳକରଣ ସମାପନ କରିଥିଲେ। ପରେ ରଥତ୍ରୟ ନିର୍ମାଣର ଶୁଭାନୁକୂଳ ନିମନ୍ତେ ପୂଜା ପାଇଁ ରଖାଯାଇଥିବା ୩ଟି ଧଉରା କାଠରେ ଆଜ୍ଞାମାଳ ଲାଗି କରାଯାଇଥିଲା। ତିନିରଥର ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ଅନୁକୂଳ ନୀତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ, ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ଅନୁକୂଳ କାର୍ଯ୍ୟ ସମ୍ପନ୍ନ ପରେ ଠାକୁରମାନେ ଚାପ ଖେଳିବାକୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିଥିଲେ।

## ଆଜିଠୁ ରଥ ନିର୍ମାଣ

# ଜୟଦେବ ଓଡ଼ିଆ ଅସ୍ମିତାର ଅନ୍ୟତମ ମହାନାୟକ: ମୁଖ୍ୟମନ୍ତ୍ରୀ

## କେନ୍ଦୁବିଲ୍ୱରେ ଶ୍ରୀ ଜୟଦେବ ଜୟନ୍ତୀ

ଭୁବନେଶ୍ୱର/ବାଲିଅନ୍ତା, ୩୦।୪ (ସୌମ୍ୟରଞ୍ଜନ ରାଉତ/ ନୀଳମାଧବ ସାହୁ)

ଶ୍ରୀଗୀତଗୋବିନ୍ଦର ରଚୟିତା ଶ୍ରୀଜୟଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଏବଂ ଅକ୍ଷୟ ତୃତୀୟା ଉତ୍ସବ ବୁଧବାର ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକର ଜୟଦେବ ପଞ୍ଚାୟତ ଅଧୀନ କେନ୍ଦୁବିଲ୍ୱସ୍ଥିତ ଜନ୍ମପୀଠରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ, କବି ଜୟଦେବ ଓ 'ଗୀତଗୋବିନ୍ଦ' ଆମ ସାଂସ୍କୃତିକ ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଜୟଦେବ ଓଡ଼ିଆ ଅସ୍ମିତାର ଅନ୍ୟତମ ମହାନାୟକ। ଜୟଦେବଙ୍କ ପୀଠକୁ ସାହିତ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକତାର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନେକ ପ୍ରକଳ୍ପ ଘୋଷଣା କରିବା ସହିତ କେତେକ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୭ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତି ରଖିଥିଲେ। ଏଥିରେ ଅନେକ ପ୍ରକାରର ଫୁଲ ବଗିଚା ଓ ୧୦ଟି କଇଁ ପୋଖରୀ ଏବଂ ବିଭିନ୍ନ ପ୍ରକାର ଲତାଜାତୀୟ ଗଛର ବଗିଚା ସୃଷ୍ଟି କରାଯିବ। ଯେତେଦୂର ସମ୍ଭବ କବିଙ୍କ ସମୟର ପ୍ରାକୃତିକ ସୌନ୍ଦର୍ଯ୍ୟର ପୁନରୁଦ୍ଧାର କରିବା ପାଇଁ ଉଦ୍ୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ସହିତ ଏଣ୍ଟ୍ରାନ୍ସ ଗେଟ୍, ଦଶବତାର ପ୍ଲାଜା, ପଦ୍ମ ପୋଖରୀର ସୌନ୍ଦର୍ଯ୍ୟକରଣ, ବିଭିନ୍ନ କୁଞ୍ଜର ବିକାଶ, କ୍ରାଫ୍ଟ ସପ୍, ଫୁଡ୍ କୋର୍ଟ ଆଦିର ବିକାଶ କରାଯିବ। 'ଗୀତଗୋବିନ୍ଦ' ବ୍ୟତୀତ ଜୟଦେବ ଦଶାବତାର ସ୍ତୋତ୍ର ରଚନା କରି ପ୍ରସିଦ୍ଧ ହୋଇଛନ୍ତି। ଏହି ଦଶାବତାର ସ୍ତୋତ୍ର ମଧ୍ୟ ସମଗ୍ର ବିଶ୍ୱରେ ଆଦୃତ। ବେଦ ଜ୍ୟୋତିଷ ବିଦ୍ୟାରେ ମଧ୍ୟ ଜୟଦେବ ପ୍ରବୀଣ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପୀଠର ବିକାଶ ସହ ଏହାକୁ ଆଦର୍ଶ ଗ୍ରାମରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂହ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲବନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।



ଜୟଦେବଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।



 କେନ୍ଦୁବିଲ୍ୱସ୍ଥିତ ଜୟଦେବଙ୍କ ଜନ୍ମପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ ଓ ବିଧାୟକ।

# ପତଞ୍ଜଳି ବିଏସ୍‌ପିଏଲ୍ ପକ୍ଷରୁ ଏଆଇ ପରିଚାଳିତ ଇଆର୍‌ପି ସିଷ୍ଟମ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୩୦।୪ (ଅନୁରାଧା ମହାରଣା)

ପତଞ୍ଜଳି ସମୂହର ଉଦ୍ୟୌଗିକ ଶାଖା ଭରୁଓ୍ୱା ସଲ୍ୟୁଶନ୍ ପ୍ରାଇଭେଟ୍ ଲିମିଟେଡ୍(ବିଏସ୍‌ପିଏଲ୍) ପକ୍ଷରୁ ଏଆଇ ପରିଚାଳିତ ବହୁଭାଷୀ ୩୬୦ ଡିଗ୍ରୀର ବ୍ୟାଙ୍କିଂ ଇଆର୍‌ପି ସିଷ୍ଟମ୍‌ର ଶୁଭାରମ୍ଭ ହୋଇଛି। ଏହା ଡିଜିଟାଲ ବ୍ୟାଙ୍କିଂ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଭରୁଓ୍ୱାର ଅତ୍ୟାଧୁନିକ ସିବିଏସ୍ ପ୍ଲାଟ୍‌ଫର୍ମ ବିଶେଷକରି ୪ଟି ଦିଗରେ ସହାୟକ ହେବ। ଭାରତରେ ଭାଷାଗତ ବିବିଧତା ରହିଥିବାବେଳେ କେବଳ ବ୍ୟାଙ୍କିଂ ସେବା ଇଂଲିଶ ଭାଷାରେ ସୀମିତ ରହୁଛି। ତେବେ ବିଏସ୍‌ପିଏଲ୍ ଇଂଲିଶ ଭାଷା ସହ ଆଞ୍ଚଳିକ ଭାଷାରେ ସେବା ପ୍ରଦାନ କରିବ। ତେବେ ଏହି ସିଷ୍ଟମ ସାଇବର ସୁରକ୍ଷାକୁ ସୁନିଶ୍ଚିତ କରିଥାଏ ବୋଲି ଭରୁଓ୍ୱା ପକ୍ଷରୁ ସୂଚନା ଦିଆଯାଇଛି। ଏହି ସିଷ୍ଟମରେ ଏପିଆଇ ବ୍ୟାଙ୍କିଂ, ଏମ୍‌ଆଇଏସ୍, ଏଚ୍‌ଆର୍‌ଏମଏସ୍, ଇଆର୍‌ପି ମଡ୍ୟୁଲ୍, ଏଏମ୍‌ଏଲ୍ ଟୁଲ୍ ଆଦିସେବା ଉପଲବ୍ଧ ହେବ। ପତଞ୍ଜଳି ସମୂହର ପ୍ରବନ୍ଧ ନିର୍ଦ୍ଦେଶକ ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି, ଭାଷା ଅଧିନିୟମ ୧୯୬୩ର ଅନୁପାଳନ ପୂର୍ବକ ଏହି ସିଷ୍ଟମର ଲଞ୍ଚ କରାଯାଇଛି। ଏହା ଅତ୍ୟାଧୁନିକ ଟେକ୍ନୋଲୋଜି ସହ ଉଲ୍ଲେଖନୀୟ ସେବା ପ୍ରଦାନ କରିବାରେ ସକ୍ଷମ ହେବ।

DSPL-49

ଶ୍ରମିକ ଦିବସ ଉପଲକ୍ଷେ
ଶ୍ରମ ଓ କର୍ମଚାରୀ
ରାଜ୍ୟବୀମା ମନ୍ତ୍ରୀଙ୍କ ବାର୍ତ୍ତା



ଶ୍ରମିକ ଦିବସର ଶୁଭ ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇ ଓ ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ଦେଶ ତଥା ରାଜ୍ୟର ଉନ୍ନତି ନିମନ୍ତେ ଉଭୟ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଭାଇ ଓ ଭଉଣୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରି ବିଭିନ୍ନ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି। ଏହି ସବୁ ଯୋଜନା ସେମାନଙ୍କ ଜୀବନର ମାନ ବୃଦ୍ଧିରେ ନିଶ୍ଚିତ ରୂପେ ସହାୟକ ହୋଇପାରିବ।

ମୁଁ ଆଜିର ଏହି ପବିତ୍ର ଦିବସରେ ସମସ୍ତ ଶ୍ରମିକ ଭାଇ ଓ ଭଉଣୀଙ୍କୁ ବିଶେଷ ଭାବରେ କୃତଜ୍ଞତା ଜ୍ଞାପନ କରିବା ସହିତ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟ ରୂପେ ଗଢ଼ିତୋଳିବା ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ କରୁଛି।

(ଗଣେଶ ରାମ ସିଂ ଖୁଣ୍ଟିଆ)

OIPR-17002/13/0015/2526

DSPL-48



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରମିକଙ୍କ ପ୍ରତି ସମର୍ପିତ ଓଡ଼ିଶା ସରକାର
୧ ମଇ ୨୦୨୫
ଆନ୍ତର୍ଜାତିକ ଶ୍ରମିକ ଦିବସ
ରାଜ୍ୟସ୍ତରୀୟ ସମାରୋହ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ

"ଓଡ଼ିଶା ଶ୍ରମିକ ସାଥୀ" ମୋବାଇଲ୍ ଆପ୍‌ର ଲୋକାର୍ପଣ

୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ରାଶି ବିଭିନ୍ନ କଲ୍ୟାଣ ବୋର୍ଡ ଜରିଆରେ ରାଜ୍ୟବ୍ୟାପୀ ବଣ୍ଟନ

ଭୁବନେଶ୍ୱରର ଡୁମୁଡୁମା ଏବଂ କଳ୍ପନା ଛକରେ "ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର"ର ଲୋକାର୍ପଣ

ଗରିମାମୟ ଉପସ୍ଥିତି

ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ

ଡା. କୃଷ୍ଣଚନ୍ଦ୍ର ମହାପାତ୍ର
ଗୃହ ଓ ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ

ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ
ସାଂସଦ, ଭୁବନେଶ୍ୱର

ଶ୍ରୀ ବାବୁ ସିଂହ
ବିଧାୟକ, ଏକାମ୍ର-ଭୁବନେଶ୍ୱର,

ଶ୍ରୀମତୀ ସୁଲୋଚନା ଦାସ
ମେୟର, ଭୁବନେଶ୍ୱର ମହାନଗର ନିଗମ

ଦିବା ୧୦:୩୦ ଘଟିକା | କୃଷି ଶିକ୍ଷା ସଦନ, ଓ.ୟୁ.ଏ.ଟି, ଭୁବନେଶ୍ୱର

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର

OIPR-17002/13/0014/2526

# ଭାରତୀୟ ପରମ୍ପରାରେ ଖାଦ୍ୟାଭ୍ୟାସ



ଦେବଦତ୍ତ ପଟ୍ଟନାୟକ

ଅନେକ ତୀର୍ଥସ୍ଥଳକୁ ଶାକାହାର କ୍ଷେତ୍ରରେ ପରିଣତ କରାଯାଉଛି। ପ୍ରଥମେ ଜୈନ ତୀର୍ଥସ୍ଥଳୀକୁ ଏଭଳି କରାଯିବା ପରେ ଏବେ ଏହା ହିନ୍ଦୁ ତୀର୍ଥସ୍ଥଳୀରେ କରାଯାଉଛି। ଆମର ଧାରଣା ରହିଛି ଯେ, ଶାକାହାର ଖାଦ୍ୟ ଅହିଂସକ (ଏହା ପ୍ରକୃତରେ ନୁହେଁ) ଏବଂ ଅଣ୍ଡା, ମାଛ ଓ ମାଂସ ଅଶୁଦ୍ଧ ଓ ଦୂଷିତ (ବାସ୍ତବରେ ତାହା ନୁହେଁ)। ଆମର ଆଉ ମଧ୍ୟ ଧାରଣା ଅଛି ଯେ, ଶାକାହାର ଖାଦ୍ୟକୁ ଈଶ୍ୱର ପସନ୍ଦ କରନ୍ତି (କେବେଠାରୁ କାହାକୁ ଜଣାନାହିଁ) । ଦେଖିବାକୁ ଗଲେ ବିଶ୍ୱାସ ଯୁକ୍ତିଯୁକ୍ତ କିମ୍ବା ବିଜ୍ଞାନସମ୍ମତ ନୁହେଁ। ବିଶ୍ୱାସ ହେଉଛି ସେହି ସିଦ୍ଧାନ୍ତ ଯାହା ସମାଜରେ ଲୋକଙ୍କୁ ବାନ୍ଧି ରଖେ। ସମାଜରେ ଏବେ ସୁଦ୍ଧା ବିଶ୍ୱାସ ରହିଛି , ବ୍ରାହ୍ମଣ ଖାଦ୍ୟାଭ୍ୟାସ ହେଉଛି 'ଠିକ୍' ହିନ୍ଦୁଙ୍କ ଖାଦ୍ୟାଭ୍ୟାସ। ଏହା ହେଉଛି ପୂରା ମିଛ, ଯାହାକୁ ଏକ ହିନ୍ଦୁ ଭୋଟ ବ୍ୟାଙ୍କ ସୃଷ୍ଟି କରିବା ଲାଗି ରାଜନୈତିକ ଗୋଷ୍ଠୀଙ୍କ ଦ୍ୱାରା ପ୍ରଚାର କରାଯାଉଛି । ଭାରତକୁ ଏକାଠି କରିବାକୁ ଚାହୁଁଥିବା ଅନେକ ରାଜନୈତିକ ଗୋଷ୍ଠୀ ପାର୍ଟି ମୁଖ୍ୟାଳୟ, ସରକାରୀ ସ୍କୁଲ, କଲେଜ, କାର୍ଯ୍ୟାଳୟ ଏବଂ ଜେଲଗୁଡ଼ିକରେ ଶାକାହାର କ୍ୟାଣ୍ଟିନ ପାଇଁ ଜୋର୍ ଦେଉଛନ୍ତି। କିନ୍ତୁ ଭାରତରେ ୮୦ ପ୍ରତିଶତ ଲୋକ ମାଂସ ଖାଆନ୍ତି ବୋଲି ସେମାନେ କେବେ ବି ଚିନ୍ତା କରୁନାହାନ୍ତି । କଶ୍ମୀର, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ବ୍ରାହ୍ମଣ ସମ୍ପ୍ରଦାୟର ଲୋକେ ମାଂସ ଖାଇଥାନ୍ତି। ହେଲେ ମାଂସ ଖାଉଥିବା ଦେବତାଙ୍କ ବାସ୍ତବତାକୁ ଅସ୍ୱୀକାର କରାଯାଉଛି। ଆମ ପାର୍ଲାମେଣ୍ଟ କ୍ୟାଣ୍ଟିନରେ କେବେବି ଆଦିବାସୀ ଖାଦ୍ୟ ଦିବସ ପାଳନ ହୁଏ ନାହିଁ। ଏପରିକି ମ୍ୟୁଜିୟମରେ ଥିବା ହରପ୍ପା ସଭ୍ୟତାର ଖାଦ୍ୟ ସଂସ୍କୃତିର ଛବିରେ ମାଂସ ଭକ୍ଷଣ ପରମ୍ପରା ଦେଖିବାକୁ ମିଳେ ନାହିଁ।

ଭାରତରେ ଅନେକ ସମ୍ପ୍ରଦାୟର ଲୋକ ଦୀର୍ଘ ଶତାବ୍ଦୀ ଧରି ଗାଁରେ ହେଉଥିବା ଉତ୍ସବରେ ବଳୁଥିବା ଖାଦ୍ୟ ଖାଇ ଆସିଛନ୍ତି ଏବଂ ମଳାପଶୁଙ୍କ ମାଂସ ମଧ୍ୟ ଖାଇ ଆସିଛନ୍ତି। ଏହା କେବେ ବି ସେମାନଙ୍କ ପସନ୍ଦ ନ ଥିଲା। ଏହାକୁ ବ୍ରାହ୍ମଣମାନେ ଜନ୍ମ ନିର୍ଦ୍ଧାରିତ ସ୍ୱଧର୍ମ ବୋଲି କହନ୍ତି। କିନ୍ତୁ ଏବେ ଏକ ଜାତି ବିହୀନ ସମାଜ ଗଠନ କରିବା ପାଇଁ ଏହିସବୁ ସମ୍ପ୍ରଦାୟଗୁଡ଼ିକୁ କୁହାଯାଉଛି ଯେ, ଭାରତର ଧନୀ ବ୍ୟବସାୟୀ ଗୋଷ୍ଠୀଙ୍କ ଶାକାହାର ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କ ଉତ୍‌ଥାନ ସହଜରେ ହୋଇପାରିବ। ଏହି ଧନିକ ବଣିକ ଗୋଷ୍ଠୀ ଭାରତରେ ଅଧିକାଂଶ ସଂସାଧନ ନିୟନ୍ତ୍ରଣ କରିବା ସହ ରାଜନୈତିକ ଦଳଗୁଡ଼ିକ ପାଇଁ ପ୍ରମୁଖ ପାଣ୍ଠି ଯୋଗାଡ଼ିଆ ପାଲଟିଛନ୍ତି। ତେବେ ପବିତ୍ରତାର



ମଡେଲ ଶିଖ ସମ୍ପ୍ରଦାୟର ସମ୍ପୂର୍ଣ୍ଣ ଶାକାହାର ରୋଷଘରେ ଦେଖିବାକୁ ମିଳେ। ଶିଖ ସମ୍ପ୍ରଦାୟର ନେତାମାନଙ୍କ ଅନୁଯାୟୀ, ଏଥିରେ ଜାତିର କୌଣସି ସମ୍ପର୍କ ନାହିଁ। ଏବେ ମାଝାବି ଶିଖ( ଯେଉଁମାନେ ପରିମଳ କାର୍ଯ୍ୟରେ ଜଡ଼ିତ)ଙ୍କ ସଂଖ୍ୟା ବୃଦ୍ଧି ପାଇବା ଯୋଗୁ ଶିଖ ନେତାମାନେ ବିପଦରେ ପଡ଼ିଛନ୍ତି। କାରଣ ମାଝାବି ଶିଖମାନେ କୌଣସି କଟକଣା ନ ଥିବା ପ୍ରୋଟେଷ୍ଟାଣ୍ଟ ଖ୍ରୀଷ୍ଟଧର୍ମ ପ୍ରତି ଆକର୍ଷିତ ହେଉଛନ୍ତି।

ରଣଭୂମିରେ ଏକ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଖାଦ୍ୟ ସମ୍ପର୍କିତ ଉପଦେଶ ଦିଆଯାଇଥିବା ଦେଖାଯାଏ। ମହାଭାରତ ଯୁଦ୍ଧରେ ଅଧିକାର ଛଡ଼ାଇନେଇଥିବା ସମ୍ପର୍କୀୟ ଭାଇମାନଙ୍କ ବିରୋଧରେ ଅସ୍ତ୍ର ଧରିବାକୁ ଅର୍ଜୁନଙ୍କୁ କୃଷ୍ଣ ବୁଝାଇଥିଲେ। ଏହି ସମୟରେ କୃଷ୍ଣ ବିଭିନ୍ନ ଭାଗରେ ବିଭକ୍ତ ଖାଦ୍ୟ ଯଥା ସାତ୍ତ୍ୱିକ, ରାଜସିକ ଓ ତାମସିକ ଖାଦ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରିଥିଲେ। ଖାଦ୍ୟ ଜାତି ଗଢ଼ିଛି। ତିନି ପ୍ରକାର ଖାଦ୍ୟ ଚାରି ପ୍ରକାରର ଜାତିକୁ ଜନ୍ମ ଦେଇଛି ଏବଂ ପ୍ରତ୍ୟେକ ଜାତିର କର୍ତ୍ତବ୍ୟ ରହିଛି। ତେବେ ମହାଭାରତର ଖାଦ୍ୟ ବର୍ଗୀକରଣ ପରଠାରୁ ବଡ଼ ପରିବର୍ତ୍ତନ ହୋଇଥିବା ଜଣାପଡ଼େ। ଗୃହପାଳିତ ଏବଂ ବନ୍ୟପ୍ରାଣୀ ମାଂସ ରାଜା ଓ ସେମାନଙ୍କ ପୂଜକମାନେ ଅତ୍ୟଧିକ ଖାଇବା ଦେଖାଯାଏ। ରନ୍ତିଦେବଙ୍କ ରୋଷଘରେ ଅତ୍ୟଧିକ ମାଂସ ପରଷାଯାଉଥିବା ବେଶ୍ ଜଣାଶୁଣା। ପ୍ରସିଦ୍ଧ ରାଜ ରୋଷେୟା ଭାବେ ନଳ ରୋଷେଇ ସମ୍ପର୍କରେ 'ପାକଦର୍ଶନ' ନାମକ ଏକ ବହି ଲେଖିଥିବା କୁହାଯାଏ। ଅନ୍ନ ଓ ମାଂସରେ ପ୍ରସ୍ତୁତ ବିରିଆନୀ ଭଳି ଖାଦ୍ୟ 'ମନସୋଦନ' ସମ୍ପର୍କରେ ସେଥିରେ ବର୍ଣ୍ଣନା ରହିଛି। କିନ୍ତୁ ମହାଭାରତ ମହାକାବ୍ୟକୁ ହିନ୍ଦୀରେ ଅନୁବାଦ କରିବା ପରେ ସେଥିରେ ମାଂସ ପରିବର୍ତ୍ତେ କଖାରୁ ଓ ଲାଉ ଉଲ୍ଲେଖ କରାଯାଇଛି। ଅନେକ ସଂସ୍କୃତ ବିଦ୍ୱାନ ଯୁକ୍ତି ଦର୍ଶାନ୍ତି ଯେ, ସଂସ୍କୃତରେ ମାଂସ ଶବ୍ଦକୁ ଫଳର ରସାଳ ଅଂଶ ତଥା ପଶୁର ମାଂସ ଭାବେ ଲେଖାଯାଇପାରିବ। ଏଭଳି ଯୁକ୍ତିକୁ ଦେଖିଲେ ବୈଦିକ ବୀରମାନଙ୍କୁ ଶାକାହାରୀ କିମ୍ବା ମାଂସାହାରୀ ଭାବେ ବିଚାର କରାଯାଇପାରେ।

କୃଷ୍ଣଙ୍କ ତଥାକଥିତ ଖାଦ୍ୟ ସମ୍ପର୍କିତ ଉପଦେଶକୁ ଆଧାରକରି ତାଙ୍କର ଅନେକ ଅନୁଗାମୀ ସ୍କୁଲ ପିଲାଙ୍କ ମଧ୍ୟାହ୍ନଭୋଜନରେ ଅଣ୍ଡା ଦେବାକୁ ମନା କରନ୍ତି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଭଳି କରିବାକୁ କହିଥାନ୍ତି। ବୈଷ୍ଣବ ବ୍ରାହ୍ମଣମାନଙ୍କ ମତରେ ସାତ୍ତ୍ୱିକ ଖାଦ୍ୟ ହେଉଛି ଏକ ବିଜ୍ଞାନସମ୍ମତ ସନ୍ତୁଳିତ ଖାଦ୍ୟଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବୈଷ୍ଣବ ବ୍ରାହ୍ମଣଙ୍କ ଖାଦ୍ୟାଭ୍ୟାସ ସହ ଜୈନ ପ୍ରତିଷ୍ଠାତା ଏକମତ ଥିବା ଦେଖାଯାଏ। ଜୈନ କାହାଣୀଗୁଡ଼ିକରେ ବର୍ଣ୍ଣନା ଅଛି ଯେ, ବାହାଘର ଭୋଜି ପାଇଁ ହତ୍ୟା କରାଯିବା ଲାଗି ଏକାଠି କରାଯାଇଥିବା ପଶୁମାନଙ୍କ ବିକଳ ରଡ଼ି ଶୁଣି ନେମିନାଥ ଶାକାହାରୀ ହୋଇଯାଇଥିଲେ। ଭାରତର ଅଧିକାଂଶ ବ୍ୟବସାୟୀ ଗୋଷ୍ଠୀ ଖାଦ୍ୟ ବିଷୟରେ ଅହିଂସାକୁ ଗ୍ରହଣ କରନ୍ତି ନାହିଁ। ବିଶେଷକରି ବଡ଼ ବଡ଼ ଉତ୍ସବ କିମ୍ବା ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମରେ ଅହଂସା ବା ପଶୁହତ୍ୟାକୁ ଗ୍ରହଣ କରାଯାଉଛି।

କଶ୍ମୀର ପଣ୍ଡିତମାନେ ହେରଥ (ହର-ରାତି, ଶିବ-ରାତି) ପର୍ବରେ ଶିବ ଓ ଶକ୍ତିଙ୍କ ଉପାସନାରେ ମାଂସ ଅର୍ପଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ମହାରାଷ୍ଟ୍ରରେ କୈବର୍ତ୍ତମାନେ ଗୌରୀଙ୍କୁ ମାଛ ଅର୍ପଣ କରିଥାନ୍ତି। ଏହି ସମୟରେ ତାଙ୍କୁ ଭୋଗ ଆକାରରେ ଦିଆଯାଇଥିବା ମାଛ ଯେଭଳି ତାଙ୍କ ପୁତ୍ର ଗଣେଶଙ୍କୁ ଅସନ୍ତୁଷ୍ଟ ନ କରେ ସେଥିପାଇଁ ଏକ ପରଦା ଢାଙ୍କି ଦିଆଯାଏ। ଅବଶ୍ୟ ଗଣେଶ ହେଉଛନ୍ତି ସମ୍ପୂର୍ଣ୍ଣ ଶାକାହାରୀ। ଓଡ଼ିଶାର ପୁରୀ ଜଗନ୍ନାଥ ମନ୍ଦିରରେ, ବିରାଟକାୟ ରୋଷଘରେ ଶାକାହାର ପ୍ରସ୍ତୁତ କରାଯାଏ। କିନ୍ତୁ ମା' ବିମଳାଙ୍କୁ ରାତିରେ ଗୁପ୍ତରେ ଛାଗବଳି ଦିଆଯିବା କଥା ଆଲୋଚନା ହୁଏ। ଗୋଦାବରୀ ଅବବାହିକାର ବିଭିନ୍ନ ଅଞ୍ଚଳରେ ମାଟିର ଉର୍ବରତା ବଢ଼ାଇବା ପାଇଁ ଗ୍ରାମଦେବତୀଙ୍କୁ ମଇଁଷି ବଳି ଦିଆଯାଏ। ତାମିଲର ପେରିୟା ପୁରାଣମ୍‌ରେ ବର୍ଣ୍ଣନା ରହିଛି ଯେ, ଆଦିବାସୀମାନେ ଶ୍ରଦ୍ଧାରେ ଅର୍ପଣ କରୁଥିବା ମାଂସକୁ ଶିବ ଗ୍ରହଣ କରନ୍ତି। ଭାରତରେ ପ୍ରତ୍ୟେକ ସମ୍ପ୍ରଦାୟର ନିଜସ୍ୱ ଦେବଦେବୀ ରହିଛନ୍ତି। ସେମାନଙ୍କର ମଧ୍ୟ ନିଜସ୍ୱ କାହାଣୀ , ପ୍ରତୀକ, ପରମ୍ପରା ଓ ରୀତିନୀତି ଅଛି। ଭାରତକୁ ଏକାଠି କରିବା ପାଇଁ ଅନେକେ ଗୋଟିଏ ଭାଷା, ଗୋଟିଏ ରଙ୍ଗ ଏବଂ ଅଧିକୋତ୍ତର ଭାବେ ଗୋଟିଏ ଖାଦ୍ୟକୁ ଉତ୍ସାହିତ କରୁଥିବା ମନେହେଉଛି। ବିବିଧତାକୁ ବିଭାଜନ ଭାବେ ଉପସ୍ଥାପନ କରାଯାଉଛି। ଏଭଳି ରଣନୀତି ନାସ୍ତିକ ରୋମାନ ସାମ୍ରାଜ୍ୟକୁ ଖ୍ରୀଷ୍ଟିଆନ ରୋମାନ ସାମ୍ରାଜ୍ୟରେ ପରିଣତ କରିଥିଲା। ଏହା କ'ଣ ଭାରତରେ ସଫଳ ହେବ?

-devduttofficial@gmail.com

# ଭାବରେ ଭଗବାନ



ଅଞ୍ଜନ ଚାନ୍ଦ

ବନ୍ଧୁ ପଚାରିଲେ - ଏବେ ପୁରୀ ଗଲେଣି ? କାହିଁକି ? କ'ଣ ହୋଇଛି ? ସେ କହିଲେ - ପୁରୀର ରୂପ ବଦଳିଯାଇଛି। ମୁଁ କହିଲି ନାହିଁ, କିଛିଦିନ ତଳେ ସେଠାକୁ ଯାଇଥିଲି। ସହରର ଚାକଚକ୍ୟ ଦେଖିଲି। କିନ୍ତୁ ବଡ଼ଦେଉଳରେ ଜଗନ୍ନାଥଙ୍କୁ ପାଇଲିନାହିଁ।୧୯୮୪ରେ ପ୍ରଥମେ ଯାଇଥିଲି ପୁରୀ। ଗାଁ କଲେଜରୁ ସାର୍ଟିଫିକେଟ କାଟିନେଇଥିଲି। ଇଚ୍ଛା ଥିଲା ସେଠାରେ ରହି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆଚାର୍ଯ୍ୟ ପଢ଼ିବି। ଯାଇ ଶୁଣିଲି ଆଡମିସନ ଡେଟ୍ ଚାଲିଯାଇଛି। ଏବେ କ'ଣ ହେବ ? ବିଭିନ୍ନ ବିଭାଗରେ ସିଟ୍ ଖାଲି ଅଛି। ଡେଟ୍ ହୁଏତ ବଢ଼ିପାରେ। ସେଦିନ ରାତିରେ ହଷ୍ଟେଲରେ ରହିଲି। ଜଣେ ବଡ଼ଭାଇ ସପଟିଏ ଦେଇ କହିଲେ, ଛାତ ଉପରେ ଶୋଇଯାଅ। ଭଲ ପବନ ଲାଗିବ। ଉପରକୁ ଯାଇ ଦେଖେ ତ କି ଚମତ୍କାର ଦୃଶ୍ୟ। ତାରା ଖଚିତ ଆକାଶ ଭିତରକୁ ନୀଳଚକ୍ର ପୂରାଇ ଶ୍ରୀମନ୍ଦିର ଉଲ୍ଲାସରେ ପତିତପାବନ ଉଡ଼ାଉଛି। ସେଇ ମୁହୂର୍ତ୍ତରେ ମନେହେଲା ମୋ ଜୀବନ ସତରେ ଧନ୍ୟ ହୋଇଛି। ଜଗନ୍ନାଥଙ୍କ କୃପା ହେଲେ ଏଇଠି ରହି ଆଚାର୍ଯ୍ୟ ପଢ଼ିବି। ସବୁଦିନ ଏ ଦୃଶ୍ୟ ଦେଖୁଥିବି।

ସକାଳେ ନିତ୍ୟକର୍ମ ସାରି ମନ୍ଦିରକୁ ଗଲି। ଜଗନ୍ନାଥଙ୍କୁ ଦେଖିଲି। ନୀରବରେ ମନୋବାଞ୍ଛା ଜଣାଇଲି। ବୋଧହୁଏ କହୁଥିଲେ, ମୁଁ ଅଛି। ଯା, ଥରେ ଚେଷ୍ଟା କର। ମୁଁ ଡିପାର୍ଟମେଣ୍ଟକୁ ଯାଇ ବ୍ୟାକରଣ ବିଭାଗର ମୁଖ୍ୟ ବନମାଳୀ ସାର୍‌ଙ୍କୁ ଦେଖାକଲି। ସେ ମୋ ସାର୍ଟିଫିକେଟ ଦେଖିଲେ। ପଚାରିଲେ - ତୁମେ ଗୌରାଙ୍ଗର ଛାତ୍ର ? ମଧ୍ୟମାରୁ ବ୍ୟାକରଣ ପଢ଼ିଛ ? ଆମ ଅଧ୍ୟାପକ ଗୌରାଙ୍ଗ ସାର୍ ତାଙ୍କର ଛାତ୍ର ଥିଲେ। ମୋତେ ସାଥିରେ ନେଇ ସେ ଅଫିସକୁ ଗଲେ। ଭିସିଙ୍କୁ କହିଲେ - ମୋ ବିଭାଗରେ ଏଇ ପିଲାଟି ନିହାତି ଦରକାର ଏବଂ ସେଇ ଦିନ ହିଁ ଡେଟ୍ ଗୋଟିଏ ମାସ ବଢ଼ିଗଲା। ଅପେକ୍ଷାରେ ଥିବା ସବୁ ପିଲା ଆଡମିସନ ନେଇଗଲେ।

ପଶ୍ଚିମଦ୍ୱାର ପାଖରେ ରାସ୍ତା ସେପଟେ ତିନିମହଲା କୋଠାଘରଟି ଆମ ୟୁନିଭର୍ସିଟିର ବଏଜ ହଷ୍ଟେଲ ଥିଲା। ଦ୍ୱିତୀୟ ମହଲାର ରାସ୍ତା ପାଖ କୋଠରିରେ ମୁଁ ରହିଲି। ଝର୍କାଦେଇ ଚାହିଁଲେ ନୀଳଚକ୍ର ଓ ପତିତପାବନ ଦିଶେ। ନିତିଦିନ ସକାଳ ସଞ୍ଜରେ ଆମେ ମନ୍ଦିର ଯାଉ। ଜଗନ୍ନାଥଙ୍କୁ ଦର୍ଶନ କରୁ। ମୁଁ ଆଶ୍ଚର୍ଯ୍ୟରେ ଦେଖେ ଲୋକମାନେ ତାଙ୍କ ସହ କଥା ହେଉଛନ୍ତି। ହସୁଛନ୍ତି, କାନ୍ଦୁଛନ୍ତି। ବାହା ଟେକି ନାଚୁଛନ୍ତି। ମୋତେ କେମିତି ଅଡୁଆ ଲାଗେ। ଅଥଚ କିଛିଦିନ ପରେ ମୋ ଭିତରେ ବି ସେଇ ଭାବନା ଆସିଲା। ଜଗନ୍ନାଥ ନିଜର କେହି ଖୁବ୍ ଅନ୍ତରଙ୍ଗ ମନେହେଲେ।

ପୁରୀ ସହର ଓ ବଡ଼ଦେଉଳ ପରିସର ରୂପାନ୍ତରିତ ହେବା ପରେ ଯେବେ ଏକ କୌତୂହଳରେ ପୁଣି ସେଠାକୁ ଗଲି କାହିଁକି କେଜାଣି ପୂର୍ବ ପରି ଦିବ୍ୟ ଆନନ୍ଦ ପାଇପାରିଲି ନାହିଁ। ମନେହେଲା ଯେମିତି ଜଗନ୍ନାଥ ଏବେ ବଡ଼ଲୋକଙ୍କର ହୋଇଯାଇଛନ୍ତି। ସାଧାରଣ ଲୋକ ସହ ଦୁଃଖ ସୁଖ ହେବା ପାଇଁ ତାଙ୍କ ପାଖରେ ଅବସର ନାହିଁ। ସବୁଆଡ଼େ ଜନଗହଳି। ଗହଳି ନିୟନ୍ତ୍ରଣ ପାଇଁ ଅନେକ କଟକଣା। ଭକ୍ତଙ୍କ ମନରୁ ଅନୁରକ୍ତି ଦୂରହୋଇ ବିରକ୍ତି ଭାବ ସୃଷ୍ଟି ହେଉଛି। ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆହୋଇ ଠେଲାପେଲା ଭିତରେ ବିଚରା ଲୋକଟିଏ ଭକ୍ତିଭାବ ହରାଇ ବସୁଛି। ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସି କେବଳ ଦେଖିଦେଇ ସେଠାରୁ ଫେରିଯାଉଛି।

ଅମୁକ ଦିନଟି ଖୁବ୍ ଶୁଭ। ସେଦିନ ସମୁକ ଦେବତାଙ୍କୁ ଦର୍ଶନକଲେ ପୁଣ୍ୟଫଳ ମିଳେ। ମନସ୍କାମନା ପୂରଣ ହୁଏ। ଏମିତି ଅନେକ ପ୍ରଚଳିତ ବିଶ୍ୱାସ ଆମକୁ ଧର୍ମପୀଠକୁ ଆକର୍ଷଣ କରୁଛି। ଯେକୌଣସି ପ୍ରକାରେ ଦେବତାଙ୍କୁ ଦେଖିବାର ବ୍ୟଗ୍ରତା କାରଣରୁ ସେଠାରେ ଗହଳି ସୃଷ୍ଟି ହେଉଛି। ଗହଳିକୁ ନିୟନ୍ତ୍ରଣ କରିବାପାଇଁ ବ୍ୟବସ୍ଥା ନାମରେ ଯେଉଁ ଅବ୍ୟବସ୍ଥା ହେଉଛି ତାହା ପୀଠସ୍ଥଳର ପାରିବେଶିକ ପ୍ରଭାବକୁ ନଷ୍ଟ କରିଦେଉଛି।

ବାହ୍ୟ ସଂସାରକୁ ଛାଡ଼ ନିଜ ଭିତରକୁ ପ୍ରବେଶ କରିବା ପାଇଁ ଆମେ ଆଖି ବନ୍ଦ କରିଦେଉ। ଦେବତାଙ୍କ ସମ୍ମୁଖରେ ଠିଆହୋଇ ତାଙ୍କୁ କିଛି ଜଣାଇବା ସମୟରେ ଆମ ପଲକ ପଡ଼ିଯାଏ। ଅର୍ଥାତ୍ ସେ ଆମ ନିଜ ଭିତରେ ହିଁ ଅଛନ୍ତି। ଅନ୍ତର୍ମୁଖୀ ହେଲେ ତାଙ୍କୁ ଦେଖିହେବ। ଭାବ ବିନିମୟ କରିହେବ। ଅନ୍ୟ ବିଚାରରେ ସେ ତ ସର୍ବବ୍ୟାପ୍ତ। ବିଶ୍ୱ ବ୍ରହ୍ମାଣ୍ଡରେ ସର୍ବତ୍ର ସେ ବିଦ୍ୟମାନ। ସେ ଭାବର ଠାକୁର। ମନରେ ଭାବନା ଥିଲେ ଯେ କୌଣସି ସ୍ଥାନରେ ତାଙ୍କୁ ପାଇହେବ। ଭାବନା ନ ଥିଲେ ଧର୍ମପୀଠ ମଧ୍ୟ ଦେବତାଶୂନ୍ୟ ହୋଇଯିବ।

**ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର**
**ମୋ: ୬୩୭୦୬୬୧୧୪୭**

## ଏଇ ଭାରତରେ

ଡ. କ୍ରାନ୍ତି ମିଶ୍ରା ନିଜ ସ୍ୱାର୍ଥକୁ ପଛରେ ପକାଇ ଅନ୍ୟମାନଙ୍କ ଆଶାବାଡ଼ି ସାଜିଛନ୍ତି। ସେ ନିଜର ସବୁକିଛି ଦାନ କରିବା ପାଇଁ ବି ପଛାଇନାହାନ୍ତି। ଡ. ମିଶ୍ରା ମଧ୍ୟପ୍ରଦେଶ ସତନା ଜିଲାରେ ଥିବା ଶହୀଦ ପଦମଧର ସିଂହ କଲେଜର ହିନ୍ଦୀ ପ୍ରଫେସର ଭାବେ କାମ କରନ୍ତି। କର୍ତ୍ତବ୍ୟ ଭିତରୁ ସମୟ ବାହାରକରି ସେ ସମାଜସେବାରେ ନିଜ ଜୀବନକୁ ସମର୍ପିତ କରି ଦେଇଛନ୍ତି। ଚାକିରିକାଳର ସମସ୍ତ ରୋଜଗାରକୁ ସେ ସମାଜସେବାର ବିଭିନ୍ନ କାମରେ ଖର୍ଚ୍ଚ କରି ଦେଉଛନ୍ତି। ଗରିବ ଝିଅମାନଙ୍କୁ ମାଗଣାରେ ପାଠ ପଢ଼ାଉଛନ୍ତି ଓ ସେମାନଙ୍କୁ ନିଜ ଖର୍ଚ୍ଚରେ ବିବାହ ମଧ୍ୟ କରାଉଛନ୍ତି। ଏବେ ସୁଦ୍ଧା ୪୦ ଜଣ ଯୁବତୀଙ୍କୁ ସେ ବିବାହ ଦେଇଛନ୍ତି। ଏହାସହ ୬୦ରୁ ଅଧିକ ଛାତ୍ରଙ୍କ ପାଠପଢ଼ା ଖର୍ଚ୍ଚ ବହନ କରି ସେମାନଙ୍କୁ ଆତ୍ମନିର୍ଭର କରି ସାରିଲେଣି। ଏହା ବ୍ୟତୀତ ସ୍ୱଚ୍ଛତା ଅଭିଯାନ, ନିଶାମୁକ୍ତି ଆନ୍ଦୋଳନ, ମହିଳା ସାକ୍ଷରତା ତଥା ଗମନାଗମନ ସୁବିଧା ଆଦି ପାଇଁ ମଧ୍ୟ ଡ. ମିଶ୍ରା ବିଭିନ୍ନ ସଂସ୍ଥା ମାଧ୍ୟମରେ କାମ କରୁଛନ୍ତି। ବିଭିନ୍ନ ରାଲି ଆୟୋଜନ କରି ସେ ଲୋକଙ୍କୁ ସଚେତନ କରୁଛନ୍ତି। ତାଙ୍କ ମତରେ ସମାଜ ଓ ପରିବେଶ ଭଲ ରହିଲେ ହିଁ ସମସ୍ତଙ୍କ ଜୀବନ ସୁଖଶାନ୍ତିରେ କଟିପାରିବ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧ ମେ ୧୯୭୬

- ବେଆଇନ ଭାବେ ବା ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ନ ହୋଇ କୋଇଲା ଖଣି କରିବା ନିଷିଦ୍ଧ କରାଯାଇ ରାଷ୍ଟ୍ରପତିଙ୍କ ଦ୍ୱାରା ଏକ ନୂଆ ଅର୍ଡିନାନ୍ସ ଜାରି କରାଯାଇଛି।
- ଦିମିତ୍ରୀ ଉସ୍ତିନୋଭ୍‌ଙ୍କୁ ସୋଭିଏଟ ରୁଷିଆର ନୂଆ ପ୍ରତିରକ୍ଷା ମନ୍ତ୍ରୀ ରୂପେ ନିଯୁକ୍ତି ପ୍ରଦାନ।
- ବେରୁଟର ବିଭିନ୍ନ ଅଞ୍ଚଳରେ ବାମପନ୍ଥୀ ଓ ଦକ୍ଷିଣପନ୍ଥୀମାନଙ୍କ ମଧ୍ୟରେ ପ୍ରବଳ ଲଢ଼େଇ ଲାଗି ୭୫ ଜଣ ବ୍ୟକ୍ତି ନିହତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 6 | | | | 2 | 5 | |
| 5 | | | | 6 | | | 8 | |
| | | 4 | | | | | | |
| | | | 1 | 9 | | | | |
| | 2 | 8 | | | | | | |
| 4 | | | | | | | | 7 |
| 8 | | 3 | | | 7 | | | 4 |
| | | 2 | | 4 | 5 | 9 | | |
| | | 5 | | | 8 | | | 1 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 2 | 6 | 1 | 3 | 7 | 9 | 5 |
| 9 | 5 | 3 | 2 | 7 | 4 | 1 | 8 | 6 |
| 6 | 7 | 1 | 5 | 8 | 9 | 3 | 2 | 4 |
| 2 | 1 | 6 | 8 | 3 | 5 | 4 | 7 | 9 |
| 4 | 3 | 5 | 9 | 6 | 7 | 2 | 1 | 8 |
| 7 | 9 | 8 | 4 | 2 | 1 | 5 | 6 | 3 |
| 1 | 8 | 7 | 3 | 4 | 6 | 9 | 5 | 2 |
| 3 | 2 | 9 | 7 | 5 | 8 | 6 | 4 | 1 |
| 5 | 6 | 4 | 1 | 9 | 2 | 8 | 3 | 7 |

ଗତକାଲିର ଉତ୍ତର

# ଓଡ଼ିଶା ଓ ଓଡ଼ିଶୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ଗୋଟିଏ ଜାତିର ଭାଷା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାଂସ୍କୃତିକ ପରମ୍ପରା ଆଦି ଉପରେ ନିର୍ଭର କରେ ତା'ର ପରିଚୟ ଓ ପ୍ରତିଷ୍ଠା। ଆଦିମ କାଳରୁ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ କଳାର ନିଦର୍ଶନ ଦେଇ ଆସିଥିବାରୁ ତା'ର ନାମ ଉତ୍କଳ। ଏହା ଏମିତି ଏକ ରାଜ୍ୟ ଯିଏ ବିଶ୍ୱ ସଭ୍ୟତାକୁ ପ୍ରଦାନ କରିଛି ଶାସ୍ତ୍ରୀୟ ଭାଷା, ଶାସ୍ତ୍ରୀୟ ନୃତ୍ୟ ଓ ଶାସ୍ତ୍ରୀୟ ସଙ୍ଗୀତ ଆଦି ତିନୋଟି ଅମୂଲ୍ୟ ରତ୍ନ। ଗଲା ଶତାବ୍ଦୀରେ (୧୯୬୪)ଓଡ଼ିଆ ଅସ୍ମିତାକୁ ପଲ୍ଲବିତ କରିଥିଲା ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ମାନ୍ୟତା। ଚଳିତ ଶତାବ୍ଦୀରେ ତାକୁ ପୁଷ୍ପିତ ଓ ସୁରଭିତ କଲା ଓଡ଼ିଆ ଭାଷାର ଶାସ୍ତ୍ରୀୟ ସ୍ୱୀକୃତି। ଦୁର୍ଭାଗ୍ୟର ବିଷୟ ଭାଷା ଓ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ହାସଲ କରିଥିବା ବେଳେ ଅଦ୍ୟାବଧି ସେହି ସୁଯୋଗରୁ ବଞ୍ଚିତ ରହିଛି ଓଡ଼ିଶୀ ସଙ୍ଗୀତ। ଓଡ଼ିଶୀନୃତ୍ୟ ୬ ଦଶନ୍ଧି ପୂର୍ବରୁ ଶାସ୍ତ୍ରୀୟ ମାନ୍ୟତା ପାଇସାରିଥିବା ସ୍ଥଳେ ଓଡ଼ିଶୀ ସଙ୍ଗୀତ ଅଦ୍ୟାବଧି ସେଥିରୁ ବଞ୍ଚିତ କାହିଁକି?

ସଙ୍ଗୀତ ହେଉଛି ବ୍ରହ୍ମାଣ୍ଡ ଧ୍ୱନିର ବିଶୁଦ୍ଧ ରୂପ। ଏହା ଏକ ସୀମାହୀନ ବିଶାଳ ମହାସାଗର,ଯା'ର ସ୍ରଷ୍ଟା ହେଉଛନ୍ତି ସ୍ୱୟଂ ବିଧାତା। ଦେବତାମାନେ ସଙ୍ଗୀତ କଳାରେ ଖୁବ୍ ପାରଙ୍ଗମ ଥିଲେ ଏବଂ ସେଥିପାଇଁ ଶିବଙ୍କ ହାତରେ ଡମ୍ବରୁ,ନାରଦଙ୍କ କରତାଳ, ସରସ୍ୱତୀଙ୍କ ବୀଣା ଓ ଶ୍ରୀକୃଷ୍ଣଙ୍କ ହାତରେ ରହିଛି ବେଣୁ । ସାତଟି ମୌଳିକ ସ୍ୱର( ସା ରେ ଗା ମା ପା ଧା ନି) ଭିତରେ ରହିଛି ଦୁନିଆ ସାରା ସଙ୍ଗୀତର ଭାଷ୍ୟ। ଏହି ସ୍ୱରକୁ ଆଧାରକରି ବାଙ୍ମୟ ହୁଏ ସଙ୍ଗୀତ। ଆଦିମ କାଳରୁ ମଣିଷ ପ୍ରକୃତିର ସଙ୍ଗୀତରେ ବିଭୋର ହୋଇଛି ଏବଂ ତାକୁ ଅନୁକରଣକରି ସୃଷ୍ଟି କରିଛି ରାଶି ରାଶି ସଙ୍ଗୀତ।

ଇତିହାସ କହେ ଦଶମ ଶତାବ୍ଦୀଠାରୁ ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧ ମଧ୍ୟରେ ଭାରତୀୟ ସଙ୍ଗୀତ ଧାରାରେ ଅନେକ ପରିବର୍ତ୍ତନ ଆସିଛି ଏବଂ ଦେଶ ଦେଶାନ୍ତରୀ ଭେଦରେ ସୃଷ୍ଟି ହୋଇଛି ହିନ୍ଦୁସ୍ଥାନୀ, କର୍ନାଟକୀ ଏବଂ ଓଡ଼ିଶୀ ଆଦି ସଙ୍ଗୀତର ଏକ ଏକ ସ୍ୱତନ୍ତ୍ର ଧାରା। ପରିବର୍ତ୍ତନ କ୍ରମରେ ସଙ୍ଗୀତର ମୂର୍ଚ୍ଛନା ପଦ୍ଧତୀୟ ଗ୍ରହସ୍ୱର ବିଧି ବିବର୍ଜିତ ହୋଇପଡ଼ିଛି ଏବଂ ସେହି ସ୍ଥାନରେ ପ୍ରଚଳିତ ହୋଇଛି ଥାଟମେଳ ପ୍ରଥା। ଏକ ସହଜ ବ୍ୟାବହାରିକ ଏବଂ ସର୍ବସମ୍ମତ ସାଙ୍ଗୀତିକ ସିଦ୍ଧାନ୍ତ ଅନୁସାରେ ଥାଟମେଳକୁ ଭିତ୍ତିକରି ସୃଷ୍ଟି ହୋଇଛି ଶାସ୍ତ୍ରୀୟ ସଙ୍ଗୀତର ରାଗ ନିର୍ମାଣ ପଦ୍ଧତି। ନିର୍ମାଣ ତତ୍ତ୍ୱ ଆଧାରରେ ଓ ପ୍ରାଚୀନ ଓ ନୂତନ ଭାବେ ହିନ୍ଦୁସ୍ଥାନୀ ଓ କର୍ନାଟକୀ ସଙ୍ଗୀତରେ ତିଆରି ହୋଇଛି ଶହ ଶହ ରାଗ। ଶାସ୍ତ୍ରୀୟ ରାଗ ସମୃଦ୍ଧ ଉଭୟ ହିନ୍ଦୁସ୍ଥାନୀ ଓ କର୍ନାଟକୀ ସଙ୍ଗୀତକୁ ମିଳିଛି ଶାସ୍ତ୍ରୀୟ ମାନ୍ୟତା। ଅଥଚ ରାଗରାଗିଣୀ କ୍ଷେତ୍ରରେ ଏକ ସୁଦୀର୍ଘ ଓ ଗୌରବୋଜ୍ଜ୍ୱଳ ପରମ୍ପରା ଥାଇ ବି ଶାସ୍ତ୍ରୀୟ ମାନ୍ୟତାରୁ ବଞ୍ଚିତ ହୋଇଛି ସମକାଳୀନ ଓ ସମସ୍ତରୀୟ ଓଡ଼ିଶୀ ସଙ୍ଗୀତ। କର୍ନାଟକୀ ଓ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଭଳି ଓଡ଼ିଶୀ ସଙ୍ଗୀତରେ ରହିଛି ସ୍ୱତନ୍ତ୍ର ରାଗ,ତାଳ ପଦ୍ଧତି। ପାର୍ଥକ୍ୟ କେବଳ ହିନ୍ଦୁସ୍ତାନୀ ଓ କର୍ନାଟକୀ ସ୍ୱର ଏବଂ ଭାବ ପ୍ରଧାନ ହୋଇଥିବା ସ୍ଥଳେ ଓଡ଼ିଶୀ ସଙ୍ଗୀତ ଭାଷା ପ୍ରଧାନ। ଏବେ ବି ଉତ୍କଳୀୟ ଗୀତ ଭଣ୍ଡାରରେ ସାଇତା ହୋଇ ରହିଛି ଶହ ଶହ ସଂଖ୍ୟାର ରାଗରାଗିଣୀ ଓ ହଜାର ହଜାର ବର୍ଷର ସାଙ୍ଗୀତିକ ପରମ୍ପରା। ପ୍ରାଚୀନ ସାହିତ୍ୟରୁ ମିଳେ ଓଡ଼ିଶୀ ସଙ୍ଗୀତର ଅସ୍ତିତ୍ୱ ଓ ଉନ୍ମେଷ ସମ୍ପର୍କରେ ସୂଚନା। ପରବର୍ତ୍ତୀ ସମୟରେ



(ଦ୍ୱାଦଶ ଶତାବ୍ଦୀ) ତାକୁ ସୁସ୍ପଷ୍ଟକରି ଗଢ଼ିତୋଳିଛି ବିଶ୍ୱ ପ୍ରସିଦ୍ଧ ଉତ୍କଳୀୟ କବି ଶ୍ରୀଜୟଦେବଙ୍କ କାଳଜୟୀ କାବ୍ୟ ଗୀତଗୋବିନ୍ଦ। ଏହି ଗୀତିକାବ୍ୟରେ ନିର୍ଦ୍ଦେଶିତ ମଙ୍ଗଳ ଗୁଜ୍ଜରୀ ଓ ଦେଶ ବରାଡି ଆଦି ଆମ ଗୌରବମୟ ଓଡ଼ିଶୀ (ଉଡ୍ର) ସଙ୍ଗୀତ ପରମ୍ପରାର ଅମୂଲ୍ୟ ବିଭବ। ଏତଦ୍ ଭିନ୍ନ ବିଚିତ୍ର ଦେଶାକ୍ଷ, ନାଗବଲ୍ଲୀ, ଚକ୍ରକେଳି, ଆନନ୍ଦ କେଦାର ଓ ମେଘପର୍ଣ୍ଣ ଆଦି ଅନେକ ରାଗ ଅଛି, ଯାହା ଉତ୍କଳୀୟ ସଙ୍ଗୀତ ପରମ୍ପରାର ଏକାନ୍ତ ନିଜସ୍ୱ।

ଓଡ଼ିଶୀ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସଙ୍ଗୀତ ଶୈଳୀ। ପ୍ରାଚୀନ ପରମ୍ପରା, ନିର୍ଦ୍ଦିଷ୍ଟ ରାଗ ପଦ୍ଧତି ତଥା ମାଧୁର୍ଯ୍ୟପୂର୍ଣ୍ଣ ଗାୟନ ଶୈଳୀ ଓଡ଼ିଶୀ ସଙ୍ଗୀତକୁ ଦେଇଛି ସ୍ୱତନ୍ତ୍ର ପରିଚୟ। ପାଲା, ଦାସକାଠିଆ ଓ ସଖୀନାଟ ଇତ୍ୟାଦିର ଅନୁପମ ଶାସ୍ତ୍ରୀୟ ଛଟାରେ ତାହା ସମୃଦ୍ଧ ଓ ସୁଶୋଭିତ। ଚଉତିଶା,ଚମ୍ପୂ, ଛାନ୍ଦ,ଭଜନ, ଜଣାଣ ଓ କୀର୍ତ୍ତନ ଆଦି ଓଡ଼ିଶୀ ସଙ୍ଗୀତର ଏକ ଏକ ଧାରା, ଯାହାର ସ୍ପଷ୍ଟ ନିଦର୍ଶନ ହେଉଛି କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ। ଚମ୍ପୂ ପରମ୍ପରାରେ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ଗାୟନ ସର୍ବଭାରତୀୟ ସ୍ତରରେ ଅନନ୍ୟ। ଓଡ଼ିଶୀ ଛାନ୍ଦ ଗାୟନରେ ବ୍ୟବହୃତ ରାଗଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଓଡ଼ିଆ ମାଟିର, ଯାହା ରାଧାକୃଷ୍ଣ ଲୀଳା ଓ ଲୌକିକ ଶୃଙ୍ଗାର ରସ ଆଧାରିତ। ବିଭିନ୍ନ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ଏହାର ଅଙ୍ଗଭୂଷଣ। ଓଡ଼ିଶୀ ସଙ୍ଗୀତରେ ବ୍ୟବହୃତ ମର୍ଦ୍ଦଳ ମଧ୍ୟ ଓଡ଼ିଶାର ନିଜସ୍ୱ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ବାଦ୍ୟ।

ଓଡ଼ିଆ ଅସ୍ମିତାର ପ୍ରତୀକ ଓଡ଼ିଶୀ ସଙ୍ଗୀତ। ଓଡ଼ିଆ ଜାତିର ଆରାଧ୍ୟ ଦେବତାଙ୍କ ସହ ଏହା ଏଭଳି ଭାବେ ଜଡ଼ିତ ଯେ ଗୀତଗୋବିନ୍ଦ ନ ଶୁଣିଲେ ନିଦ୍ରା ଯାଆନ୍ତିନି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେଥିପାଇଁ କୁହାଯାଏ ଗୀତଗୋବିନ୍ଦ ଗାୟନ ବିନା ଓଡ଼ିଶୀ ସଙ୍ଗୀତ ଅସମ୍ପୂର୍ଣ୍ଣ। ଓଡ଼ିଶୀ ସଙ୍ଗୀତ ତା'ର ଉନ୍ମେଷ କାଳରୁ ବିବର୍ତ୍ତନ ପଥରେ ସମ୍ପ୍ରସାରିତ ହୋଇ ସମ୍ପ୍ରତି ନିଜର ଅନନ୍ୟ ପ୍ରାଚୀନ ଶୈଳୀ ଦ୍ୱାରା ସମୃଦ୍ଧ ଓ ଦେଶ ବିଦେଶରେ ଆଦୃତ। ଓଡ଼ିଶାର ଛାନ୍ଦ,ଚମ୍ପୂ, ଚଉପଦୀ,ଚଉତିଶା ଓ ଭଜନ ଜଣାଣ ପରିବେଷଣ କ୍ଷେତ୍ରରେ ଖୁବ୍ ଉତ୍କର୍ଷ ପ୍ରତିପାଦନ କରିଛନ୍ତି ସିଂହାରୀ ଶ୍ୟାମସୁନ୍ଦର କର,ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ,ବାଳକୃଷ୍ଣ ଦାସ, ଗୋପାଳ ଚନ୍ଦ୍ର ପଣ୍ଡା, ରାମହରି ଦାସ, ଭିକାରୀ ବଳ ଓ ଶ୍ୟାମାମଣି ଦେବୀ ପ୍ରମୁଖ ଅନେକ ସଙ୍ଗୀତ ବିଶାରଦ। ଅଶୀ ଦଶକରୁ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଛି ଓଡ଼ିଶୀ ଗବେଷଣା କେନ୍ଦ୍ର। ଗବେଷଣା ନିମନ୍ତେ ଖର୍ଚ୍ଚ ହେଉଛି ପର୍ଯ୍ୟାପ୍ତ ଅର୍ଥ। ମାତ୍ର ଓଡ଼ିଶୀ ସଙ୍ଗୀତ ତା'ର ଶାସ୍ତ୍ରୀୟତା ପ୍ରତିପାଦନ କରିବା କ୍ଷେତ୍ରରେ ଲାଗିରହିଛି କ୍ରମାଗତ ବିଫଳତା। ତାତ୍ତ୍ୱିକ ଭାବେ ଓଡ଼ିଶୀ ସଙ୍ଗୀତ ସପକ୍ଷରେ ଯଥାର୍ଥ ଯୁକ୍ତି ଥାଇ ବି ମାନଦଣ୍ଡ ଆଧାରରେ ତାକୁ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ଦେବାକୁ କୁଣ୍ଠିତ ହେଉଛି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ।

ଦେଶ ସ୍ୱାଧୀନ ହେଲା ପରେ ବି ଓଡ଼ିଶୀ ସଙ୍ଗୀତ ଉପରେ ସେତେ ବେଶି ଗବେଷଣା ହୋଇ ପାରିନାହିଁ କି ସର୍ବଭାରତୀୟ ସ୍ତରରେ ସମୁଚିତ ଭାବେ ପ୍ରତିପାଦିତ ହୋଇପାରିନି ତା'ର ବିଭିନ୍ନ ରାଗରାଗିଣୀ ଓ ତାଳମେଳ ଆଦିର ପ୍ରାଚୁର୍ଯ୍ୟ। ଓଡ଼ିଶୀ ସଙ୍ଗୀତ ବିଶାରଦମାନେ ଓଡ଼ିଶୀ ସଙ୍ଗୀତର ସଂସ୍କାର ପାଇଁ ଏକ ବିଧିବଦ୍ଧ ଶୁଦ୍ଧ ବ୍ୟାକରଣ ପ୍ରସ୍ତୁତ କରିବା ଆବଶ୍ୟକ। ଏକ ସର୍ବସମ୍ମତ ବ୍ୟାକରଣକୁ ଅନୁସରଣକରି ଉଭୟ ଆଙ୍ଗିକ ଓ ଆତ୍ମିକ ସ୍ତରରେ ଓଡ଼ିଶୀ ସଙ୍ଗୀତର ରୂପରେଖରେ ବ୍ୟାପକ ସଂସ୍କାର ଆଣିପାରିଲେ ତା'ର ରାଗ ଓ ତାଳର ଶୁଦ୍ଧତା ଆସିବ ଏବଂ ଆଉ ରହିବନାହିଁ ଶାସ୍ତ୍ରୀୟ ସ୍ୱୀକୃତି ପାଇବା ଦିଗରେ ପ୍ରତିବନ୍ଧକ।

**ଅବସରପ୍ରାପ୍ତ ଅଧ୍ୟକ୍ଷ,**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

## ପାଠକ ଶ୍ରେଷ୍ଠ ବିଚାରକ

### ବଡ଼ଦାଣ୍ଡରେ ରେଡ୍‌କାର୍ପେଟ କାହିଁକି

ମହାଶୟ,
ଟିଭିରେ ଶ୍ରୀକ୍ଷେତ୍ର ପୁରୀ ବଡ଼ଦାଣ୍ଡରେ ଯାତ୍ରୀମାନଙ୍କୁ ପ୍ରଚଣ୍ଡ ରୌଦ୍ରତାପରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ରେଡ୍‌କାର୍ପେଟ ପଡ଼ିବା ଦୃଶ୍ୟ ନଜରକୁ ଆସିଛି। ଯେକୌଣସି ତୀର୍ଥଯାତ୍ରୀ ହୁଅନ୍ତୁ କି ପର୍ଯ୍ୟଟକ ନୀଳାଦ୍ରି କନ୍ଦରରେ ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନକରି ମନୋବାଞ୍ଛା ପୂରଣ ଆଶାରେ ବଡ଼ଦାଣ୍ଡରେ ପଦସ୍ପର୍ଶ କରିବା ମାତ୍ରେ ବଡ଼ଦାଣ୍ଡର ଧୂଳି ମଥାରେ ଲଗାଇବା ପ୍ରାୟତଃ ଦୃଷ୍ଟିଗୋଚର ହୁଏ। ବିଶ୍ୱାସ ରହିଛି, ବଡ଼ଦାଣ୍ଡରେ ବହୁ ପୁଣ୍ୟାତ୍ମାଙ୍କ ପଦରଜ ପଡ଼ିବା ଯୋଗୁ ଏହା ପବିତ୍ର ହୋଇଯାଇଛି। ବହୁବର୍ଷ ପୂର୍ବେ ଉତ୍ତର ଭାରତରୁ ବହୁ ତୀର୍ଥଯାତ୍ରୀ ପଦବ୍ରଜରେ ବହୁ କଷ୍ଟସାଧ୍ୟ ପଥ ଅତିକ୍ରମ କରି ବଡ଼ଦାଣ୍ଡରେ ପହଞ୍ଚି ନିଜକୁ ଧନ୍ୟ ମନେକରୁଥିଲେ। ଏବେ ତ ଶ୍ରଦ୍ଧାଳୁମାନେ ବିଭିନ୍ନ ଯାନବାହନରେ ସ୍ୱଚ୍ଛନ୍ଦରେ ଜୋତା ଚପଲ ଷ୍ଟାଣ୍ଡରେ ରଖି ଶ୍ରୀମନ୍ଦିର ପ୍ରବେଶ କରୁଛନ୍ତି। ଦର୍ଶନାଭିଳାଷୀ ଭକ୍ତଙ୍କ ଯାତ୍ରାଜନିତ କ୍ଳେଶ କ୍ଳାନ୍ତି ରହିବା ସ୍ୱାଭାବିକ। ତେଣୁ ରେଡ୍‌କାର୍ପେଟ ବିଛାଇ ପାଦକୁ ଆଶ୍ୱସ୍ତି ଦେବାର ମନୋବୃତ୍ତି ଧାର୍ମିକ ଭାବନାରେ ଅନ୍ତରାୟ ସୃଷ୍ଟିକରେ। ରେଡ୍‌କାର୍ପେଟ କେବଳ ଅତି ବିଶିଷ୍ଟ ଉପାଧିଧାରୀ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଅବସରରେ ବ୍ୟବହାର କରାଯାଏ। ଆଧ୍ୟାତ୍ମିକ ପରିବେଶ ଓ ଧାର୍ମିକ ଚିନ୍ତାଧାରାର ଏହା ପରିପନ୍ଥୀ କହିଲେ ଅତ୍ୟୁକ୍ତି ହେବନାହିଁ।

**-ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୂଆ ହୋଇ ଆଜି ରହିନି କିଛି ତ
ପାଣି ପବନରେ ଚାଲୁଛି ଯାନ
ମେଘଦୂତ ଆଉ ଲୋଡ଼ା ନାହିଁ ତେଣୁ,
ସହଜେ ମିଳୁଛି ପୀରତି ଦାନ।
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନାବାର୍ଡ ଦେଖାଇଲା ସମବାୟ ବ୍ୟାଙ୍କର ବିକଳଚିତ୍ର

**■ ବଢ଼ିଚାଲିଛି ଇମ୍ବାଲାନ୍ସ, ଋଣବୋଝ**
**■ ୨୦୨୭-୨୮ ସୁଦ୍ଧା ଟପିବ ୩୩ ହଜାର କୋଟି**

ଭୁବନେଶ୍ୱର,୩୦।୪ (ରବିନାରାୟଣ ଜେନା)

ଓଡ଼ିଶାରେ ଗ୍ରାମ୍ୟ ଅର୍ଥନୀତି ମଜବୁତ କରିବାରେ ସମବାୟ ସମିତିଗୁଡ଼ିକ ହେଲା ମୂଳଦୁଆ। ହେଲେ ଯେଉଁ ଆଭିମୁଖ୍ୟ ନେଇ ରାଜ୍ୟରେ ସମବାୟ ସମିତି ଓ ସମବାୟ ବ୍ୟାଙ୍କ ଗଢ଼ିଉଠିଛି, ତାହା ସାଧିତ ହେଉନାହିଁ। ଚାଷୀଙ୍କ ହିତ ଲାଗି ଏସବୁର ବାବଦକୁ ରାଜ୍ୟ ସରକାର ପ୍ରତିବର୍ଷ ଶତାଧିକ କୋଟି ଟଙ୍କା ରାଜ୍ୟ ସମବାୟ ବ୍ୟାଙ୍କ ଓ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଜରିଆରେ ସମବାୟ ସମିତିକୁ ଯୋଗାଇ ଦେଉଛନ୍ତି। ଏହାଦ୍ୱାରା ଚାଷୀଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ହେଲେ ଉକ୍ତ ଟଙ୍କା ନିର୍ଦ୍ଦିଷ୍ଟ ପଦ୍ଧତି ଦେଇ ଚାଷୀଙ୍କ ପାଖରେ ପହଞ୍ଚିପାରୁନାହିଁ। କେତେବେଳେ ଋଣ ଅର୍ଥକୁ ସୁଧ ବାବଦରେ ଖର୍ଚ୍ଚ କରାଯାଉଛି ତ ଆଉ କେତେବେଳେ ବ୍ୟାଙ୍କ ଓ ସମବାୟ ସମିତି କର୍ତ୍ତୃପକ୍ଷ ନୂତନ ଗାଡ଼ି ଓ ଅନ୍ୟାନ୍ୟ ଭିତ୍ତିଭୂମି ବାବଦରେ ଖର୍ଚ୍ଚ କରିଦେଉଛନ୍ତି। ଫଳରେ ଚାଷୀ ବିଶେଷ ଉପକୃତ ହୋଇପାରୁନାହାନ୍ତି। ସମବାୟ ସମିତି ଓ ବ୍ୟାଙ୍କଗୁଡ଼ିକ ଉପରେ ଦିନକୁ ଦିନ ସ୍ୱଳ୍ପମିଆଦୀ ଋଣ ବୋଝ ବଢ଼ିଚାଲିଥିବାବେଳେ 'ଇମ୍ବାଲାନ୍ସ' (ଅସନ୍ତୁଳିତ) ସ୍ଥିତି ଅସମ୍ଭାଳ ହୋଇଛି। ସମବାୟ ବ୍ୟାଙ୍କ ଓ ସମିତି ଏକପ୍ରକାର ଖୋଳ ସଦୃଶ ହୋଇଚାଲିଛି ବୋଲି 'ନାବାର୍ଡ' ପକ୍ଷରୁ କରାଯାଇଥିବା ଏନ୍‌ଏବିଏସ୍‌ଏନ୍‌ଏସ୍ ସର୍ଭେରୁ ଜଣାପଡ଼ିଛି। ସର୍ଭେ ଅନୁଯାୟୀ, ରାଜ୍ୟରେ ସମବାୟ ବ୍ୟାଙ୍କଗୁଡ଼ିକ ଜରିଆରେ ଇମ୍ବାଲାନ୍ସ ଓ ସ୍ୱଳ୍ପମିଆଦୀ ଋଣ ପରିମାଣରେ ଐତିହାସିକ ତଥ୍ୟ ଦେଖିବାକୁ ମିଳିଛି। ୨୦୧୭-୧୮ରେ ୧ ହଜାର କୋଟି ଟଙ୍କାର ଇମ୍ବାଲାନ୍ସ ରହିଥିବାବେଳେ ୨୦୨୨-୨୩ ସୁଦ୍ଧା ଏହି ପରିମାଣ ପ୍ରାୟ ୩ ହଜାର ୨୨ କୋଟି ଟଙ୍କାକୁ ଛୁଇଁଛି। ସେହିପରି ସ୍ୱଳ୍ପମିଆଦୀ ଋଣ କ୍ଷେତ୍ରରେ ୨୦୧୭-୧୮ରେ ଏହା ୧୧ ହଜାର ୫ କୋଟି ରହିଥିବାବେଳେ ୨୦୨୨-୨୩ ବେଳକୁ ଏହା ୧୬ ହଜାର ୬୭୩ କୋଟି ଟଙ୍କାରେ ପହଞ୍ଚିଛି। ଯଦି ଏହି ଟ୍ରେଣ୍ଡ ବଳବତ୍ତର ରୁହେ ତେବେ ଇମ୍ବାଲାନ୍ସ ପରିମାଣ ୨୦୨୩-୨୪ରୁ ୨୦୨୭-୨୮ ମଧ୍ୟରେ ୬ ହଜାର ୧୬୧ କୋଟି ଟଙ୍କା ଛୁଇଁବ ବୋଲି ସର୍ଭେରେ କୁହାଯାଇଛି। ସେହିପରି ସ୍ୱଳ୍ପମିଆଦୀ ଋଣ ପରିମାଣ ଏହି ଅବଧି ମଧ୍ୟରେ ୨୭ ହଜାର ୬୬୫ କୋଟିରେ ପହଞ୍ଚିବ। ଯଦି ଏହି ପ୍ରକାରରେ ଗତିକଲେ ତେବେ ଆସନ୍ତା ୫ ବର୍ଷ ମଧ୍ୟରେ ଏହା ଦ୍ୱିଗୁଣକୁ ବୃଦ୍ଧି ହୋଇପାରେ ବୋଲି ସର୍ଭେ ଆକଳନ କରିଛି। ସର୍ଭେ ଅନୁଯାୟୀ, ସମବାୟ ବ୍ୟାଙ୍କ ଓ ସମିତିର ପରିଚାଳନାଗତ ତ୍ରୁଟି ଓ ସମବାୟ ବିଭାଗର ସମନ୍ୱୟହୀନ ପଦକ୍ଷେପ ନେବାରେ ବିଫଳତା ଯୋଗୁ ୨୦୧୭-୧୮ ଇମ୍ବାଲାନ୍ସ ୧୦୦ କୋଟି ରହିଥିବାବେଳେ ଏହା ୨୦୨୧-୨୨ରେ ୨୨୮୭ କୋଟିରେ ପହଞ୍ଚିଥିଲା। ସେହିପରି ସ୍ୱଳ୍ପମିଆଦୀ ଋଣ ୨୦୧୭-୧୮ରେ ୧୧ ହଜାର ୫ କୋଟି ରହିଥିବାବେଳେ ୨୦୨୫-୨୬ରେ ଏହା ଦ୍ୱିଗୁଣ ଅର୍ଥାତ୍ ୨୨ ହଜାର ୫୫୮ କୋଟିକୁ ଛୁଇଁବ ବୋଲି ଏନ୍‌ଏବିଏସ୍‌ଏନ୍‌ଏସ୍ ସର୍ଭେରୁ ଜଣାପଡ଼ିଛି।




# ଧାନ ଆଣିବାକୁ ଗଲା ବେଳେ ଓଲଟିଲା ଟ୍ରାକ୍ଟର: ୨ ମୃତ

ବାହାନଗା, ୩୦।୪ (ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁଣିଆଁ ଗ୍ରାମରେ ବୁଧବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବିଲକୁ ଧାନ ଆଣିବାକୁ ଯାଉଥିବା ବେଳେ ଟ୍ରାକ୍ଟର ଓଲଟି ପଡିବାରୁ ୨ ଜଣ ନାବାଳକଙ୍କ ମୃତ୍ୟୁ ଘଟିଛି। ତାଳକୁରୁଣିଆଁ ପଞ୍ଚାୟତ ମାଗୁରା ରାସ୍ତା ଦେଇ ନୀଳକଣ୍ଠପୁରସ୍ଥିତ ବିଲକୁ ଧାନ ଆଣିବା ପାଇଁ ଟ୍ରାକ୍ଟର ଚଲାଇ ୨ ନାବାଳକ ବିଲକୁ ଯାଉଥିଲେ। ମାଗୁରା ୟୁପି ବିଦ୍ୟାଳୟ ଛକଠାରେ ରାସ୍ତାକଡକୁ ଟ୍ରାକ୍ଟର ଓଲଟି ପଡିବାରୁ ଇଞ୍ଜିନରେ ୨ଜଣ ଚାପି ହୋଇଯାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ମେଶିନ ସାହାଯ୍ୟରେ ଟ୍ରାକ୍ଟରକୁ ଉଠାଇବା ସହିତ ଟ୍ରାକ୍ଟର ଭିତରୁ ଚାପିହୋଇଥିବା ୨ଜଣଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଆସିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଶୀତଳଷଷ୍ଠୀ ପାଇଁ ଥାଳ ଉଠିଲା

## ଦେବ ଦମ୍ପତିଙ୍କ ବିବାହ ପାଇଁ କନ୍ୟା ମାତାପିତା ଚୟନ

ସମ୍ବଲପୁର,୩୦।୪(ବି.ଶଙ୍କର)

ପବିତ୍ର ଅକ୍ଷୟ ତୃତୀୟା ତିଥିରେ ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଥାଳଉଠା ପର୍ବ ପରମ୍ପରା ଓ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ବୁଧବାର ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଥାଳଉଠା ପର୍ବ ସହ ଶୈବପୀଠଗୁଡିକରେ ଶୀତଳଷଷ୍ଠୀ ଯାତ୍ରା ଲାଗି କାର୍ଯ୍ୟକ୍ରମ ଅନୁକୂଳ କରାଯାଇଛି। ସକାଳ ୮ଟାରୁ ବିଭିନ୍ନ ଶିବାଳୟରେ ରୁଦ୍ରାଭିଷେକ ଏବଂ ସ୍ୱତନ୍ତ୍ର ଜଳଶାୟୀ ସହ ପୂଜାର୍ଚ୍ଚନା ହୋଇଥିଲା। ରୌପ୍ୟ, ପିତଳ ଓ ତମ୍ବା ଥାଳରେ ବେଲପତ୍ର, ପଦ୍ମଫୁଲ ଓ ପ୍ରସାଦ ରଖାଯାଇ ଦେବଦେବ ମହାଦେବଙ୍କ ସମ୍ମୁଖରେ ରଖାଯାଇଥିଲା। ଥାଳଗୁଡିକ ଉପରେ ଲାଲ ପାଟବସ୍ତ୍ର ଘୋଡ଼ାଯାଇଥିଲା। ଗୋଧୂଳି ଲଗ୍ନରେ ଶିବ ପଞ୍ଚାକ୍ଷରୀ ମନ୍ତ୍ର ପାଠ ସହ ଥାଳ ଉଠା ପର୍ବ ହୋଇଥିଲା। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ଶବ୍ଦ ସହ ପଣ୍ଡିତମାନଙ୍କ ଶିବ ସ୍ତୁତି ଉଚ୍ଚାରଣରେ ଶୈବପୀଠଗୁଡ଼ିକ ମୁଖରିତ ହୋଇଥିଲା। ଏହି ଆଧ୍ୟାତ୍ମିକ



ସମ୍ବଲପୁର ନନ୍ଦପଡା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ପୀଠରେ ଥାଳ ଉଠା କାର୍ଯ୍ୟକ୍ରମ।

ପରିବେଶରେ ମନ୍ଦିର ପୂଜକମାନେ ଲଗ୍ନାନୁସାର ଥାଳଉଠା ପର୍ବ କରିଥିଲେ। ଏଥିସହ ଦେବ ବିବାହ ଲାଗି ପାର୍ବତୀଙ୍କ କନ୍ୟା ମାତାପିତା ଚୟନ କରାଯାଇଥିଲା। ସର୍ବପୁରାତନ ନନ୍ଦପଡ଼ା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଶ୍ରୀଶ୍ରୀ ଲୋକନାଥ ବାବା, ମୁଦିପଡ଼ା ଶ୍ରୀଶ୍ରୀ ଜାଗେଶ୍ୱର ବାବା, ବାଲିବନ୍ଧା ଶ୍ରୀଶ୍ରୀ ସୋମନାଥ ବାବା, ବୁଢ଼ାରଜା ମହାଦେବ, ବଡବଜାର ଶ୍ରୀଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡ଼ା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ପୀଠ ସମେତ ଐତିହାସିକ ସମ୍ବଲପୁର ସହର ସ୍ଥିତ ଛୋଟ ବଡ଼ ଶିବମନ୍ଦିରରେ ଥାଳଉଠା ପର୍ବ ସମ୍ପନ୍ନ ହୋଇଛି।

# ଆଇଏସ୍‌ସି ଦ୍ୱାଦଶରେ ଫରେନ୍ ରିଜିଅନ୍ ୧୦୦%

## ଆଇସିଏସ୍‌ଇ ଦଶମରେ ୱେଷ୍ଟର୍ନ ରିଜିଅନ୍ ପାସ୍ ହାର ସର୍ବାଧିକ

ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ)

ସିଆଇଏସ୍‌ସିଇ ଦ୍ୱାରା ପରିଚାଳିତ ଆଇସିଏସ୍‌ଇ-ଦଶମ ଏବଂ ଆଇଏସ୍‌ସି-ଦ୍ୱାଦଶ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ୬ ରିଜିଅନ୍ ମଧ୍ୟରୁ ଆଇସିଏସ୍‌ଇ ଦଶମରେ ୱେଷ୍ଟର୍ନ ରିଜିଅନ୍‌ରେ ପାସ୍ ହାର ସର୍ବାଧିକ ୯୯.୮୩ ପ୍ରତିଶତ ରହିଛି। ଏହା ତଳକୁ ସାଉଥ୍ ରିଜିଅନ୍‌ରେ ୯୯.୭୩ ପ୍ରତିଶତ, ନର୍ଥ ରିଜିଅନରେ ୯୮.୭୮ ପ୍ରତିଶତ, ଇଷ୍ଟ ରିଜିଅନର ୯୮.୭୦ ପ୍ରତିଶତ, ଫରେନ ରିଜିଅନ୍‌ରେ ୯୩.୩୯ ପ୍ରତିଶତ ଏବଂ ନର୍ଥ ଇଷ୍ଟରେ ୯୮.୬୭% ପାସ୍ ହାର ରହିଛି। ତେବେ ସାଉଥ୍ ରିଜିଅନରେ ସର୍ବାଧିକ ୪୯.୫୮ ପ୍ରତିଶତ ଝିଅ ପରୀକ୍ଷା ଦେଇଥିବା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିଭଳି ଆଇଏସ୍‌ସି ଦ୍ୱାଦଶରେ ଫରେନ ରିଜିଅନରେ ପାସ୍ ହାର ଶତ(୧୦୦%)ପ୍ରତିଶତ ରହିଛି। ଏହାପଛକୁ ସାଉଥ୍ ରିଜିଅନ୍‌ରେ ପାସ୍ ହାର ୯୯.୭୬ ପ୍ରତିଶତ ରହିଥିବା ବେଳେ ୱେଷ୍ଟ ରିଜିଅନର ୯୯.୭୨%, ନର୍ଥ ରିଜିଅନରେ ୯୮.୯୭%, ଇଷ୍ଟ ରିଜିଅନ୍‌ରେ୯୮.୭୬ପ୍ରତିଶତ ଏବଂ ନର୍ଥ ଇଷ୍ଟ ରିଜିଅନରେ ୯୭.୯୬ ପ୍ରତିଶତ ରହିଛି। ତେବେ ଦ୍ୱାଦଶରେ ସାଉଥ୍ ରିଜିଅନରେ ସର୍ବାଧିକ ୫୦.୧୧ପ୍ରତିଶତ ଝିଅ ପରୀକ୍ଷା ଦେଇଥିଲେ।

ଅନ୍ୟପକ୍ଷରେ ଏହି ଦୁଇ ପରୀକ୍ଷାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ର ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ଚଳିତ ବର୍ଷ ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଅନୁସୂଚିତ ଜାତିର ୯୮.୭୧% ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଅନୁସୂଚିତ ଜନଜାତିରେ ୯୭.୨୮ପ୍ରତିଶତ ଏବଂ ଓବିସିରେ ୯୯.୧୩ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେହିପରି ଦ୍ୱାଦଶରେ ଅନୁସୂଚିତ ଜାତିର ପାସ୍ ହାର ୯୮.୫୭ ପ୍ରତିଶତ ରହିଥିବା ବେଳେ ଅନୁସୂଚିତ ଜନଜାତିର ୯୮.୭୬ ପ୍ରତିଶତ ଏବଂ ଓବିସିର ୯୯.୦୬ ପ୍ରତିଶତ ରହିଛି।

# ହାତୀ ଆକ୍ରମଣରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

## ବନାଞ୍ଚଳ କାର୍ଯ୍ୟାଳୟ ଘେରିଲେ ଉତ୍ତ୍ୟକ୍ତ ଲୋକେ

କେନ୍ଦୁଝର,୩୦।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ଦୁବୁଲାପାଲ ବିଟ୍ ଅନ୍ତର୍ଗତ ବାଦିରିଝରା ଗ୍ରାମରେ ବୁଧବାର ସକାଳ ୬ଟାରେ ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ତେଲକୋଇ ଥାନା ଅନ୍ତର୍ଗତ ଉଦୟଗିରି ଗ୍ରାମର ଲାବଣ୍ୟ ପଲେଇ(୪୫)। ଗୁରୁତର ଜଣଙ୍କ ହେଲେ ତାଙ୍କ ସ୍ୱାମୀ ଯଦୁ ପଲେଇ(୫୦)। ଘଟଣା ପରେ ଉକ୍ତ ଅଞ୍ଚଳରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବନ କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ ନିରୀହ ଲୋକଙ୍କ ଜୀବନଗଲା ବୋଲି ଅଭିଯୋଗକରି ଗ୍ରାମବାସୀ ତେଲକୋଇ ବନାଞ୍ଚଳ କାର୍ଯ୍ୟାଳୟ ଘେରାଉକରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ମେ ୧୪ରେ ହେବ ଆନ୍ଥ୍ରୋପୋଲୋଜି ପରୀକ୍ଷା

## ବାତିଲହେଲା ୨୭ ତାରିଖ ପରୀକ୍ଷା

କଟକ,୩୦।୪(କାର୍ତ୍ତିକ ସାହୁ)

ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସେସ୍ ମେନ୍(ଲିଖିତ) ପରୀକ୍ଷାର ଆନ୍ଥ୍ରୋପୋଲୋଜି ବିଷୟରେ ସାନି ପରୀକ୍ଷା କରିବାକୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ଗତ ୨୭ ତାରିଖରେ ହୋଇଥିବା ଆନ୍ଥ୍ରୋପୋଲୋଜି ପରୀକ୍ଷାକୁ ବାତିଲ କରାଯାଇଛି। ସେହିଦିନର ଉତ୍ତର ଫର୍ଦ୍ଦଗୁଡ଼ିକର ମୂଲ୍ୟାୟନ ହେବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ବିଜ୍ଞପ୍ତି ଅନୁଯାୟୀ ମେ ୧୪ ତାରିଖ (ବୁଧବାର) ଉକ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଉକ୍ତଦିନ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପେପର-୧ ଓ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବ। ପରୀକ୍ଷାର୍ଥୀମାନେ ଏ ସଂକ୍ରାନ୍ତୀୟ ଆଡ୍‌ମିଶନ ସାର୍ଟିଫିକେଟ ଓ ନିର୍ଦ୍ଦେଶାବଳୀ ଓପିଏସ୍‌ସି ୱେବ୍‌ସାଇଟ୍‌ରୁ ମେ ୮ରୁ ଡାଉନଲୋଡ୍ କରିପାରିବେ। ଗତ ୨୭ ତାରିଖରେ ଅନୁଷ୍ଠିତ ଆନ୍ଥ୍ରୋପୋଲୋଜି ପେପର-୧ ଓ ପେପର-୨ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ହୋଇଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ। ପରୀକ୍ଷାର୍ଥୀମାନଙ୍କୁ ଅଭିଯୋଗଗୁଡ଼ିକୁ ବିବେଚନା କରି ଓପିଏସ୍‌ସି ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି।

# ବଜ୍ରପାତ ନେଲା ଖୁଡ଼ୀ, ପୁତୁରାଙ୍କ ଜୀବନ

ପଦ୍ମପୁର,୩୦।୪(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅନ୍ତର୍ଗତ ଲଖମରା ଗ୍ରାମରେ ବୁଧବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଆଶିଷ ମେହେର (୧୪) ଓ ମମତା ମେହେର(୪୦)। ମୃତକମାନେ ସମ୍ପର୍କରେ ଖୁଡ଼ୀ ଓ ପୁତୁରା। ଉଭୟେ ବିଲକୁ କାମ କରିବାକୁ ଯାଇଥିଲେ। ସେଠାରେ କାମ କରୁଥିବା ସମୟରେ ହଠାତ୍ ଝଡ଼ବର୍ଷା ହୋଇଥିଲା। ଫଳରେ ଖୁଡୀ, ପୁତୁରା ବିଲ ନିକଟ ଅସ୍ଥାୟୀ କୁଡ଼ିଆରେ ଆଶ୍ରୟ ନେଇଥିଲେ। ସେହି ସମୟରେ ବଜ୍ରପାତ ହେବାରୁ ଦୁହେଁ ଗୁରୁତର ହୋଇ ପଡ଼ିଥିଲେ। ଖବର ପାଇ ପରିବାରବର୍ଗ ସେମାନଙ୍କୁ ଉଦ୍ଧାରକରି ପଦ୍ମପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜଗଦଲପୁର ପୋଲିସ ୨ଟି ଅପମୃତ୍ୟୁ ମାମଲା (ନଂ- ୧, ୨/୨୫) ରୁଜୁ କରି ପଦ୍ମପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏହି ଘଟଣାକୁ ନେଇ ଲଖମରା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଅଶୋକ ବେହେରା ହେଲେ ଜଳ ସମ୍ପଦ ନିର୍ଦ୍ଦେଶକ

ଭୁବନେଶ୍ୱର,୩୦।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ବରିଷ୍ଠ ଓଏଏସ୍ ଅଧିକାରୀସ୍ତରରେ ଛୋଟଧରଣର ଅଦଳବଦଳ ହୋଇଛି। ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଏକ୍ସପର୍ଟ, ପ୍ରମୋଶନ ଏବଂ ମାର୍କେଟିଂ ନିର୍ଦ୍ଦେଶକ ଅଶୋକ କୁମାର ବେହେରାଙ୍କୁ ଜଳସମ୍ପଦ ବିଭାଗର ନିର୍ଦ୍ଦେଶକ(ଆର୍‌ଆଣ୍ଡ୍‌ଆର୍) ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ରାଜ୍ୟ ସୂଚନା ଆୟୋଗଙ୍କ ସଚିବ ଶ୍ରୀଧର ନାୟକଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି।

# କେନାଲରେ ବୁଡ଼ି ବୃଦ୍ଧ ମୃତ

ସନ୍ଥିଛକ, ୩୦।୪ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ଥାନା ଅଞ୍ଚଳର ଜଣେ ବୃଦ୍ଧ କମ୍ପୁ ଭୋଳଙ୍କ ବୁଧବାର ସନ୍ଧ୍ୟାରେ ରେଙ୍ଗାଳି କେନାଲରେ ବୁଡ଼ି ମୃତ୍ୟୁ ହୋଇଛି। କମ୍ପୁ ଗାଧୋଇବା ପାଇଁ କେନାଲକୁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ବଅଁରପାଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।


**କେନ୍ଦ୍ରୀୟ ରେଶମ ପ୍ରଯୁକ୍ତିଗତ ଗବେଷଣା ଅନୁଷ୍ଠାନ**
**କେନ୍ଦ୍ରୀୟ ରେଶମ ବୋର୍ଡ**
ବୟନ ମନ୍ତ୍ରଣାଳୟ, ଭାରତ ସରକାର
ବିଟିଏମ୍ ଲେ'ଆଉଟ୍, ମାଡିୱାଲା, ବେଙ୍ଗାଲୁରୁ - ୫୬୦୦୬୮, କର୍ଣ୍ଣାଟକ
ଫୋନ୍: ୦୮୦-୨୬୨୮୨୩୨୫/୨୩୨୬, ଫାକ୍ସ: ୦୮୦-୨୬୬୮୦୪୩୫, ଇ-ମେଲ୍: cstriban.csb@nic.in

ସିଏସ୍‌ବି/ସିଏସ୍‌ଟିଆର୍‌ଆଇ/୩୫(୪୨)/୨୦୨୪ ଷ୍ଟୋରସ/ଭିଏସ୍‌ଆରଡି/ଏଲ୍‌ଏସ୍‌ଏସ୍‌ଏମ୍‌ଏଲ୍
**ଇ-ଟେଣ୍ଡର ଅଧିସୂଚନା**
ତାରିଖ: ୨୯।୦୪।୨୦୨୫

ବିଷୟ: ସିଏସ୍‌ଟିଆର୍‌ଆଇ, ବେଙ୍ଗାଲୁରୁ ନିମନ୍ତେ **''ଲାବୋରେଟୋରୀ ସ୍ପନ୍ ସିଲ୍କ ମେଶିନେରୀ ଲାଇନ୍''** ପାଇଁ ଯନ୍ତ୍ରପାତିର ଯୋଗାଣ - ବାବଦୀୟ ।

ସିଏସ୍‌ଟିଆର୍‌ଆଇ, କେନ୍ଦ୍ରୀୟ ରେଶମ ବୋର୍ଡ, ବେଙ୍ଗାଲୁରୁ ସିଏସ୍‌ଟିଆର୍‌ଆଇ, ବେଙ୍ଗାଲୁରୁ ପାଇଁ **''ଲାବୋରେଟୋରୀ ସ୍ପନ୍ ସିଲ୍କ ମେଶିନେରୀ ଲାଇନ୍''** ପ୍ରତିଷ୍ଠା ନିମନ୍ତେ ଯନ୍ତ୍ରପାତିଗୁଡ଼ିକର ଯୋଗାଣ ଲାଗି ଖ୍ୟାତନାମା ବିନିର୍ମାତା କିମ୍ବା ପ୍ରାଧିକୃତ ବିକ୍ରେତା/ଯୋଗାଣକାରୀଙ୍କଠାରୁ ଦୁଇ ବିଡ୍ ପ୍ରଣାଳୀ ଅଧୀନରେ ଇ-ସଂଗ୍ରହଣ ପୋର୍ଟାଲ୍ **eprocure.gov.in** ଜରିଆରେ ବିଡ୍ ଆହ୍ୱାନ କରୁଛି । **(ଆନୁମାନିକ ଟେଣ୍ଡର ମୂଲ୍ୟ: ୧.୮୦ କୋଟି)**
ଆଗ୍ରହୀ ପକ୍ଷମାନେ ୱେବ୍‌ସାଇଟ୍: **eprocure.gov.in, www.cstri.res.in, csb.gov.in, eprocure.gov.in/epublish/app** ରୁ ବୈଷୟିକ ବିନିର୍ଦ୍ଦିଷ୍ଟତା, ନିୟମ ଓ ସର୍ତ୍ତାବଳୀ ତଥା ଅନ୍ୟାନ୍ୟ ବିବରଣୀ ଡାଉନ୍‌ଲୋଡ୍ କରିପାରନ୍ତି ଏବଂ ଇ-ସଂଗ୍ରହଣ ପୋର୍ଟାଲ୍: eprocure.gov.in ମାଧ୍ୟମରେ ସେମାନଙ୍କର ବିଡ୍ ଅପ୍‌ଲୋଡ୍ କରିପାରନ୍ତି ।
**ଦାଖଲର ଶେଷ ତାରିଖ: ୨୩।୦୫।୨୦୨୫ - ଅପରାହ୍ନ ୧.୦୦ ଘଟିକା**
**ବିଡ୍ ଖୋଲାଯିବାର ତାରିଖ: ୨୪।୦୫।୨୦୨୫ - ଅପରାହ୍ନ ୧.୦୦ ଘଟିକା**
**CBC: 41109/12/0003/2526** **ନିର୍ଦ୍ଦେଶକ**



**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୧୨, ତାରିଖ: ୨୯।୦୪।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦ.ପୂ. ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନିଉ ଆଡ୍‌ମିନିଷ୍ଟ୍ରେଟିଭ୍ ବିଲ୍ଡିଂ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ଙ୍କ ଦ୍ୱାରା ''ଇ'' ସଂଗ୍ରହଣ ପ୍ରଣାଳୀରେ ଖୋଲା ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା ୱେବ୍‌ସାଇଟ୍ **www.ireps.gov.in** ରେ ନିମ୍ନ ଅନୁଯାୟୀ ଅପ୍‌ଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହୋଇଯିବ । **କ୍ର.ସଂ. ଏବଂ ଟେଣ୍ଡର ନଂ.; ଧାର୍ଯ୍ୟ ତାରିଖ; ସଂକ୍ଷିପ୍ତ ବର୍ଣ୍ଣନା; ପରିମାଣ; ଇଏମ୍‌ଡି ପରିମାଣ ଯଥାକ୍ରମେ: (୧) ଜିଇଏମ୍୨୦୨୫ବି୬୧୪୧୩୬୦;** ୦୬।୦୫।୨୦୨୫; ମାଲ ପରିବହନ ସେବା - ମାସଭିତ୍ତିକ ସେବା - ରାଜ୍ୟ ବାହାର, ଭାରତୀୟ ରେଳପଥ ସ୍ପେୟାର୍ ସାମଗ୍ରୀ, ଓପନ୍ ବଡି ଏଲ୍‌ସିଭି ଟ୍ରକ୍; ୦୧ ଗୋଟି; ₹୧,୦୫,୮୪୦/- । **(୨) ୩୮୨୫୩୮୮୩;** ୦୫।୦୫।୨୦୨୫; ୭/୮'' (୨୨.୨୨ ଏମ୍‌ଏମ୍‌ଏଫ୍) ଡାୟା ଜିଙ୍କ୍ ପ୍ଲେଟେଡ୍/ଗାଲ୍‌ଭାନାଇଜଡ୍ ଲକ୍ ବୋଲ୍ଟ କଲାର୍ ସହିତ ଆଦି; ୬୨୭୭୦ ଗୋଟି; ₹୧,୫୬,୭୧୦/- । **(୩) ୩୮୨୫୧୫୨୪;** ୨୦।୦୫।୨୦୨୫; କନ୍‌ଷ୍ଟାଣ୍ଟ କଣ୍ଟାକ୍ଟ ପଲିୟୁରିଥେନ୍ ସାଇଡ୍ ବିୟରର୍ ଆସେମ୍ବ୍ଲି ଆଦି; ୪୬୭୦ ଗୋଟି; ₹୯,୭୪,୨୭୦/- । **(୪) ୩୮୨୫୧୫୧୨;** ୨୭।୦୫।୨୦୨୫; କ୍ୟାସନବ୍ ୨୨ ବଗି ପାଇଁ ମଡିଫାଏଡ୍ ସେଣ୍ଟର ପାଇଭଟ୍ ଟପ୍ (ଫ୍ଲାଟ୍ ଟାଇପ୍); ୩୧୧୦ ଗୋଟି; ₹୬,୩୧,୯୪୦/- । **(୫) ୭୯୨୫୧୭୭୦;** ୧୫।୦୫।୨୦୨୫; ପିଲୋ କଭର୍ ଆଦି; ୨୬୫୦୫୨ ଗୋଟି; ₹୨,୩୮,୯୭୦/- । **(୬) ୬୦୨୫୦୦୪୦;** ୧୫।୦୫।୨୦୨୫; ୬୦ କିଗ୍ରା ପାଇଁ ମେଟାଲ୍ ଲାଇନର୍‌ର ବିନିର୍ମାଣ ଓ ଯୋଗାଣ ଆଦି; ୩୦୦୦୦୦୦ ଗୋଟି; ₹୧୫,୫୪,୬୦୦/- । **(୭) ୬୦୨୫୦୦୦୩ଏ;** ୧୫।୦୫।୨୦୨୫; ଇଲାଷ୍ଟିକ୍ ରେଲ୍ କ୍ଲିପ୍ ଆଦିର ବିନିର୍ମାଣ ଓ ଯୋଗାଣ; ୭୫୦୦୦୦୦ ଗୋଟି; ₹୫୦,୦୦,୦୦୦/- । **(୮) ଜିଇଏମ୍ ବିଡ୍ ନଂ. ଜିଇଏମ୍/୨୦୨୫/ବି/୬୧୪୮୩୭୧;** ୧୨।୦୫।୨୦୨୫; ଆଇଏସ୍ ୧୪୨୫୫ (କ୍ୟୁ୩) ଅନୁଯାୟୀ ଏରିୟଲ୍ ବଞ୍ଚଡ୍ କେବଲ୍; ୩୨୦୦୦ ମିଟର; ₹୧,୭୨,୧୮୬/- । **(୯) ଜିଇଏମ୍ ବିଡ୍ ନଂ. ଜିଇଏମ୍/୨୦୨୫/ବି/୬୧୪୮୬୬୭;** ୨୦।୦୫।୨୦୨୫; ଆଇଏସ୍ ୧୪୨୫୫ (୦୩) ଅନୁଯାୟୀ ଏରିୟଲ୍ ବଞ୍ଚଡ୍ କେବଲ୍; ୬୫୦୦୦ ମିଟର; ₹୧,୮୧,୦୧୨/- । **(୧୦) ଜିଇଏମ୍ ବିଡ୍ ନଂ. ଜିଇଏମ୍/୨୦୨୫/ବି/୬୧୫୯୮୩୪;** ୧୯।୦୫।୨୦୨୫; ଗ୍ରୀନ୍ ଏସି, ୱାଲ୍ ମାଉଣ୍ଟ ସହିତ ସ୍ପ୍ଲିଟ୍ ଏୟାର୍ କଣ୍ଡିସନର୍; ୨୪୦ ଗୋଟି; ₹୩,୩୮,୪୦୦/- । **(୧୧) ଏଚ୍‌ବି୨୫୫୭୨୨;** ୨୦।୦୫।୨୦୨୫; ଇଞ୍ଜେକ୍ସନ୍ ସେଫ୍ଟ୍ରିଜିଡାଇମ୍ ୨ ଗ୍ରାମ୍ + ଏଭିବାକ୍ଟାମ୍ ୦.୫ ଶିଶି ପ୍ୟାକିଂରେ; ୩୭୨୦ ଶିଶି; ₹୧,୩୨,୪୯୦/- । **(୧୨) ଏଚ୍‌ବି୨୫୫୭୪୯;** ୨୦।୦୫।୨୦୨୫; ଇଞ୍ଜେକ୍ସନ୍ ଇନ୍‌ସୁଲିନ୍ ଡେଗ୍ଲୁଡେକ୍ ୧୦୦ ଆଇୟୁ/ଏମ୍‌ଏଲ୍, ୩ ଏମ୍‌ଏଲ୍ ଫ୍ଲେକ୍ସଟଚ୍; ୪୨୦୦ ଫ୍ଲେକ୍ସଟଚ୍; ₹୧,୩୭,୦୩୦/- । **(୧୩) ୩୩୨୫୧୪୯୨;** ୨୭।୦୫।୨୦୨୫; ସିବିସି ପାଇଁ ମାନୁଆଲ ଅନକପଲିଂ ଡିଭାଇସ୍; ୮୦୦ ଗୋଟି; ₹୩,୩୭,୯୫୦/- । **(୧୪) ୩୩୨୫୩୨୫୪;** ୦୪।୦୬।୨୦୨୫; ହାଇ କାପାସିଟି ଇଣ୍ଟର୍ ଭେହିକଲ୍ କପ୍‌ଲର୍; ୩୦୭ ଗୋଟି; ₹୧୪,୭୩,୬୦୦/- । **(୧୫) ୩୩୨୫୧୪୯୧;** ୦୯।୦୬।୨୦୨୫; ହ୍ୱିଲ୍ ସେଟ୍ ଆର୍ଥିଂ ଇକ୍ୱିପମେଣ୍ଟ ଆଦି; ୨୨୩୨ ସେଟ୍; ₹୧୪,୩୧,୭୯୦/- । **(୧୬) ୩୩୨୫୩୦୪୮;** ୨୬।୦୫।୨୦୨୫; ଫିଆଟ୍ ଆଇଆର୍ ବଗି ନିମନ୍ତେ ୟ' ଡାମ୍ପର୍; ୩୯୧୮ ଗୋଟି; ₹୮,୬୬,୩୦୦/- । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ତଥା ଏହା ପରେ ପ୍ରକାଶିତ ଯେକୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । **(PR-98)**


## ଫୁରସତ୍

# ଅଭିନେତ୍ରୀ ନେହା ମଲିକଙ୍କ ଘରୁ ଚୋରି



ନେହା ମଲିକ

ମୁମ୍ବାଇ: ଅଭିନେତ୍ରୀ ତଥା ମଡେଲ ନେହା ମଲିକଙ୍କ ମୁମ୍ବାଇସ୍ଥିତ ବାସଭବନରୁ ୩୪.୪୯ ଲକ୍ଷ ଟଙ୍କାର ଗହଣା ଚୋରି ହୋଇଯାଇଛି। ଏହି ଚୋରି ନେଇ ନେହାଙ୍କ ମା' ମଞ୍ଜୁ ମଲିକ ମଙ୍ଗଳବାର ମୁମ୍ବାଇର ଅମ୍ବୋଲି ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗରେ ସେ ତାଙ୍କ ଘରୋଇ ସହାୟକ ଶାହନାଜ ମୁସ୍ତଫା ଶେଖ୍‌ଙ୍କ ବିରୋଧରେ ସନ୍ଦେହ ପ୍ରକଟ କରିଥିଲେ। ମଞ୍ଜୁ କହିଛନ୍ତି, ସୋମବାର ସେ ତାଙ୍କ ଘରକୁ ନିଜ ଘରୋଇ ସହାୟକଙ୍କ ଭରସାରେ ଛାଡ଼ି ଗୁରୁଦ୍ୱାରା ଯାଇଥିଲେ। ଏହାର ପରଦିନ ତାଙ୍କ ଘରୋଇ ସହାୟକ ଆଉ କାମକୁ ଆସି ନ ଥିଲେ। ସେହିପରି ସେ ଫୋନ୍ ମଧ୍ୟ ଉଠାଇ ନ ଥିଲେ। ଫଳରେ ସନ୍ଦେହ ହେବାରୁ ମଞ୍ଜୁ ଘରର ଆଲମାରୀ ଯାଞ୍ଚ କରିଥିଲେ ଏବଂ ତାଙ୍କର ସମସ୍ତ ଗହଣା ଚୋରି ହୋଇଯାଇଥିବା ନେଇ ଜାଣିବାକୁ ପାଇଥିଲେ। ପୋଲିସ ବିଏନ୍‌ଏସ୍‌ର ଧାରା ୩୦୬ରେ ମାମଲା ରୁଜୁ କରିବା ସହ ନେହାଙ୍କ ଘରୋଇ ସହାୟକ ଶାହନାଜଙ୍କୁ ଖୋଜିବା ଆରମ୍ଭ କରିଥିଲା। ବୁଧବାର ପୋଲିସ ଶାହନାଜଙ୍କୁ ଗିରଫ କରିଥିବାବେଳେ ତାଙ୍କ ନିକଟରୁ ସମସ୍ତ ଚୋରି ଅଳଙ୍କାରକୁ ଜବତ କରିଛି।

# ୨୫ ଫୁଟ୍‌ର ସବୁଠୁ ବଡ଼ ସାପ



**କୁଇଟୋ** : ବୈଜ୍ଞାନିକମାନେ ଇକ୍ୱେଡରସ୍ଥିତ ଆମାଜନ ରେନ୍‌ଫରେଷ୍ଟରେ 'ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା' ନାମରେ ଏକ ସାପ ପ୍ରଜାତିର ଆବିଷ୍କାର କରିଛନ୍ତି। ଏହି ଆନାକୋଣ୍ଡା ପ୍ରଜାତିର ସାପ ବିଶ୍ୱର ସବୁଠାରୁ ବଡ଼ ଏବଂ ଭାରୀ ସାପ ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି। ଏହି ବିଶାଳ ସାପର ଲମ୍ବ ୭.୫ ମିଟର (୨୪.୬ ଫୁଟ) ହୋଇଥିବା ବେଳେ ଏହାର ଓଜନ ୫୦୦ କେ.ଜି. (୧୧୦୦ ପାଉଣ୍ଡ) ରହିଛି। ବୈଜ୍ଞାନିକଙ୍କ ଦ୍ୱାରା ଏହି ସାପ ଆବିଷ୍କାର କରାଯିବା ପୂର୍ବରୁ 'ଗ୍ରୀନ୍ ଆନାକୋଣ୍ଡା' ପ୍ରଜାତିର ସାପକୁ ବିଶ୍ୱର ସବୁଠାରୁ ବଡ଼ ସାପ ଭାବେ ଧରାଯାଉଥିଲା। ତେବେ ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା ସାପ ଗ୍ରୀନ୍ ଆନାକୋଣ୍ଡାଠାରୁ ଆହୁରି ବଡ଼ ହୋଇଥିବା ଜଣାପଡ଼ିଛି। ଏହି ପ୍ରଜାତିର ସାପ କାର୍ ଟାୟାର ପରି ମୋଟା ହେବା ସହ ବଡ଼ ବଡ଼ ପ୍ରାଣୀଙ୍କୁ ମଧ୍ୟ ଗିଳି ଦେଇପାରନ୍ତି।

ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା ଏକ ବିପଜ୍ଜନକ ଶିକାରୀ ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି। ଏହି ପ୍ରଜାତିର ସାପଗୁଡ଼ିକୁ ଆମାଜନ ରେନ୍ ଫରେଷ୍ଟର ନଦୀ ଏବଂ ହ୍ରଦରେ ଦେଖିବାକୁ ମିଳିଥାଏ। ଏହି ସାପ ପ୍ରାୟତଃ ହରିଣ, କ୍ୟାପିବାରା, କାଇମାନ, ଜାଗୁଆର ପରି ପ୍ରାଣୀଙ୍କୁ ଶିକାର କରିଥାନ୍ତି। ଶିକାରକୁ ଧରିବା ପାଇଁ ଏହି ସାପ ମୁଖ୍ୟତଃ କାଦୁଅ ପାଣିରେ ଲୁଚି ରହିଥାନ୍ତି। ଶିକାର ପାଖକୁ ଆସିବାମାତ୍ରେ ଏହି ସାପ ଅତର୍କିତ ଆକ୍ରମଣ କରିଥାଏ। ନର୍ଦ୍ଦେନ ଗ୍ରୀନ୍ ଆନାକୋଣ୍ଡା ପ୍ରଜାତିର ସାପ ନିଜ ଶିକାରକୁ ସଂପୂର୍ଣ୍ଣ ଗିଳିପାରିଥାଏ। ତେବେ ଏହି ସାପ ଶିକାର କରିବା ସମୟରେ ବିଷ ଉପରେ ନୁହେଁ ବରଂ ନିଜର ଶକ୍ତିଶାଳୀ ଶରୀର ଉପରେ ଅଧିକ ନିର୍ଭର କରିଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି।


**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**WATER RESOURCES DIVISION RAIGARH**
**DIST-RAIGARH (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**Online Tenders are invited for the following works upto 16.05.2025 at 17.30 Hours.**

| System Tender No. | NIT No. & Date | Name of Work | Probable amount of contract (in lakhs) | Tender Call |
|---|---|---|---|---|
| 167601 | 01/SAC/2025-26 Dtd.29.04.2025 | IMPROVEMENT OF HEAD WORK, BUND & CANAL OF MADHUBAN TANK SCHEME | 216.76 | Fifth Call |
| 167602 | 02/SAC/2025-26 Dtd.29.04.2025 | CONSTRUCTION OF KHAIRPALI STOP DAM CUM ANICUT SCHEME IN RAIGARH DISTRICT | 519.49 | Second Call |

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) **from Date 06.05.25 at 17.31 Hours. (IST) onwards.**
**NOTE:-** All eligible/interested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor / Supplier Registration in order to download the tender documents and participate in the subsequent bidding process.

**Sd./- EXECUTIVE ENGINEER**
**WATER RESOURCES DIVISION RAIGARH**
**DISTT.- RAIGARH (C.G.)**

**G- 252600594/4**

**ଅନ୍ତର୍ଜାତୀୟ ସ୍ତରରେ ମେ' ୧ ରେ ପାଳିତ ହେଉଛି ଶ୍ରମିକ ଦିବସ। ଏହାକୁ ମେ' ଦିବସ ବା ମଇ ଦିବସ ଭାବେ ମଧ୍ୟ ପାଳନ କରାଯାଉଛି। ଊନବିଂଶ ଶତାବ୍ଦୀର ଶେଷଭାଗରେ ନିଜ ହକ୍ ପାଇଁ ଶିଳ୍ପପତିମାନଙ୍କ ଆକ୍ରୋଶର ଶିକାର ହୋଇଥିବା ଏବଂ ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ସଂଘର୍ଷକୁ ଏହି ଦିବସ ମନେ ପକାଇ ଦେଉଛି। ଏବେ ବି ଶ୍ରମିକମାନଙ୍କ ସଂଘର୍ଷ ଶେଷ ହୋଇନାହିଁ। ଶୋଷଣ ବିରୋଧରେ ଏବଂ ନିଜ ଅଧିକାର ପାଇଁ ସେମାନଙ୍କ ଲଢ଼େଇ ଜାରି ରଖିଛନ୍ତି I**

# ଦିବସର ମହତ୍ତ୍ୱ

ମେ' ୧ ଆନ୍ତର୍ଜାତିକ ଶ୍ରମିକ ଦିବସ, ଶ୍ରମିକମାନଙ୍କ ପାଇଁ ଏହା ଏକ ସ୍ମରଣୀୟ ଦିନ। ଏହି ଦିବସରେ ପ୍ରାୟ ୧୩୬ ବର୍ଷ ପୂର୍ବେ ଆମେରିକାର ଶ୍ରମିକମାନେ ବିଶ୍ୱର ଶ୍ରମିକଶ୍ରେଣୀ ପାଖରେ ଏକ ନୂତନ ସଂଗ୍ରାମର ଆହ୍ୱାନ ଦେଇଥିଲେ। ସେମାନଙ୍କର ଏହା ଥିଲା ରକ୍ତ ବିନିମୟରେ ସଂଗ୍ରାମର ଆହ୍ୱାନ। ସେଦିନ ଆମେରିକାର ହେ' ମାର୍କେଟରେ ଶ୍ରମିକମାନେ ୮ ଘଣ୍ଟା କାମ ଦାବିରେ ଯେଉଁ ବିକ୍ଷୋଭ ପଟୁଆର ବାହାର କରିଥିଲେ ତା' ଉପରେ ନଇଁ ଆସିଥିଲା ଆମେରିକା ସରକାରଙ୍କ ପୋଲିସ ବାହିନୀର ନୃଶଂସ ଆକ୍ରମଣ । ଫଳରେ ଘଟଣାସ୍ଥଳରେ ଅଗଣିତ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା ଏବଂ ସେହିସବୁ ଶ୍ରମିକଙ୍କ ରକ୍ତରଞ୍ଜିତ ପୋଷାକକୁ ଝଣ୍ଡା ରୂପେ ନେଇ ଯେଉଁ ପଟୁଆର ବାହାରିଥିଲା, ସେହି ପଟୁଆରର ଝଣ୍ଡା ହିଁ ହେଉଛି ଆଜିକାର ଲାଲ୍‌ଝଣ୍ଡା। ଫଳତଃ ଏହି ଦିବସଟି ଶ୍ରମିକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ହେ' ମାର୍କେଟରେ ଏହି ଘଟଣା ପୂର୍ବରୁ ମଧ୍ୟ ବିଶ୍ୱର ବିଭିନ୍ନ ଦେଶର ଶ୍ରମିକଶ୍ରେଣୀ ତାଙ୍କର ଆଇନଗତ ଦାବିରେ ଆନ୍ଦୋଳନ କରିଛନ୍ତି, କିନ୍ତୁ ହେ' ମାର୍କେଟର ଘଟଣା ଐତିହାସିକ ଘଟଣା ରୂପେ ପରିଚିତ ହେଲା । କାରଣ ହେ' ମାର୍କେଟରେ ପ୍ରଥମେ ବିଶ୍ୱର ଶ୍ରମିକଶ୍ରେଣୀର ଐକ୍ୟ ଘୋଷିତ ହୋଇଥିଲା ଏବଂ ଶ୍ରମିକଙ୍କର ରକ୍ତରଞ୍ଜିତ ଲାଲ୍ ପତାକା ସୃଷ୍ଟି ହୋଇଥିଲା ତଥା ଶ୍ରମିକଶ୍ରେଣୀ ବିଜୟର ସହ ଏକ ଗୁରୁତ୍ୱପୂର୍ଣ୍ଣ ଦାବି ହାସଲ କରିଥିଲା। ପରବର୍ତ୍ତୀ ସମୟରେ ଶ୍ରମିକଶ୍ରେଣୀର ଶ୍ରେଷ୍ଠ ଚିନ୍ତାନାୟକ ମହାନ ନେତା କାର୍ଲମାର୍କ୍ସଙ୍କ ସାହାଯୋଦ୍ଧା ସାରବାହାର ଶ୍ରେଣୀର ମହାନ ନେତା ଫ୍ରେଡରିକ ଏଙ୍ଗେଲ୍‌ସ ଏହି ଦିବସଟିକୁ ଶ୍ରମିକ ଦିବସ ରୂପେ ଘୋଷଣା କରିଥିଲେ। ଇତିମଧ୍ୟରେ ୧୩୬ ବର୍ଷ ଅତିବାହିତ ହେବାକୁ ଯାଉଛି। ବିଶ୍ୱର ବିଭିନ୍ନ ଦେଶର ଶ୍ରମିକମାନେ ଶପଥ ଗ୍ରହଣ କରିଆସୁଛନ୍ତି ଏବଂ ଶ୍ରମିକଙ୍କ ସହ ସେମାନଙ୍କର ଏକତା, ସଂହତି ଘୋଷଣା କରୁଛନ୍ତି। ସେଥିପାଇଁ ଏହି ମେ' ଦିବସ ପୃଥିବୀର ଶ୍ରମଜୀବୀ ଜନସାଧାରଣଙ୍କ ପାଖରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଦିବସ ।

୧୮୮୬ ମସିହା ମେ ୪ରେ ଚିକାଗୋରେ ଘଟିଥିବା ଏକ ହିଂସାତ୍ମକ ସଂଘର୍ଷ, ହେ' ମାର୍କେଟ ଘଟଣାକୁ ସମ୍ମାନ ଜଣାଇବା ପାଇଁ ସମାଜବାଦୀ ଗୋଷ୍ଠୀ ଏବଂ ଟ୍ରେଡ୍ ୟୁନିୟନର ଏକ ଅନ୍ତର୍ଜାତୀୟ ଫେଡେରେଶନ ଦ୍ୱାରା ୧୮୮୯ ମସିହାରେ ଏହି ଦିନକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦିଆଯାଇଥିଲା। ଶ୍ରମିକଙ୍କ ଅଧିକାର ପାଇଁ ଲଢ଼େଇରେ ହେ'ମାର୍କେଟ ମାମଲା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା, ବିଶେଷକରି ଆଠ ଘଣ୍ଟା କାର୍ଯ୍ୟଦିବସ ଦାବି। ସମୟକ୍ରମେ ମେ' ଦିବସ ଅନେକ ଦେଶରେ ଆୟୋଜିତ ବିକ୍ଷୋଭ ଏବଂ ଉତ୍ସବ ସହିତ ଶ୍ରମିକଙ୍କ ଏକତାର ଏକ ବିଶ୍ୱସ୍ତରୀୟ ପ୍ରତୀକ ହୋଇଗଲା । ସୋଭିଏଟ୍ ସଂଘରେ ଶ୍ରମିକମାନଙ୍କୁ ପୁଞ୍ଜିବାଦ ବିରୋଧରେ ଏକଜୁଟ ହେବାକୁ ଉତ୍ସାହିତ କରିବା ପାଇଁ ମେ' ଦିବସକୁ ଏକ ଦିନ ଭାବରେ ଗ୍ରହଣ କରାଯାଇଥିଲା। ଆଜି ଏହା ଶ୍ରମିକଙ୍କ ଅଧିକାର ଏବଂ ନିରପେକ୍ଷ ଶ୍ରମ ଅଭ୍ୟାସ ପାଇଁ ଓକିଲାତି କରୁଥିବା ପଦଯାତ୍ରା, ବିକ୍ଷୋଭ ଏବଂ ରାଲି ସହିତ ପାଳନ କରାଯାଏ । ଉଚିତ ମଜୁରି, ନିରାପଦ କାର୍ଯ୍ୟ ଅବସ୍ଥା ଏବଂ ଶ୍ରମ ଅଧିକାର ପାଇଁ ଚାଲିଥିବା ଲଢ଼େଇର ଏକ ଶକ୍ତିଶାଳୀ ସ୍ମାରକୀ ହେଉଛି ଏହି ମେ' ଦିବସ।

**–ଅସିତ ମହାନ୍ତି**, ସୁଜନପୁର, ଯାଜପୁର, ମୋ:୯୪୩୭୨୮୮୦୨୮




ବିଶ୍ୱ ଶ୍ରମିକ ଦିବସ ଅବସରରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡ଼ଙ୍ଗରମୁଣ୍ଡା ଗ୍ରାମର ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁଙ୍କ ଦ୍ୱାରା ଅଙ୍କିତ ବାଲୁକା କଳା। ଏଥିରେ ସେ ଜଣେ ଶ୍ରମିକ ଇଟା ଭାର ସହ ନିଜ ଛୋଟ ଶିଶୁକୁ ବୋହି ନେଉଥିବାର ଦୃଶ୍ୟକୁ ନିଖୁଣ ଭାବରେ ତୋଳି ଧରିଛନ୍ତି। **(ଫଟୋ:ପ୍ରଦୀପ କୁମାର ସାହୁ, କର୍ଲାମୁଣ୍ଡା।)**

# ୧୯୨୩ରୁ ଭାରତରେ ଶ୍ରମିକ ଦିବସ

ଭାରତରେ ପ୍ରଥମକରି ଶ୍ରମିକ ଦିବସ ବା ମେ' ଦିବସ ୧୯୨୩ରେ ମାଡ୍ରାସ (ଚେନ୍ନାଇ)ରେ ପାଳନ କରାଯାଇଥିଲା। ଏହିଦିନ ସମଗ୍ର ଭାରତବର୍ଷରେ ଟ୍ରେଡ୍ ୟୁନିୟନଗୁଡିକ ଶ୍ରମିକମାନଙ୍କର ମୂଲ୍ୟବୋଧକୁ ମନେପକାଇ ଥାଆନ୍ତି। ଭାରତରେ ଶ୍ରମିକ ଦିବସ ପାଳନ ପାଇଁ ଲେବର କିଷାନ ପାର୍ଟି ପ୍ରଥମ ପଦକ୍ଷେପ ନେଉଥିଲା। ପ୍ରଥମ ଟ୍ରେଡ୍ ୟୁନିୟନର ପ୍ରତିଷ୍ଠାତା ମଳୟପୁରମ୍ ସିଙ୍ଗାରଭେଲୁ ଚେଟିଆର୍ ଉକ୍ତ ଦିବସ ପାଳନ ପାଇଁ ଦୁଇଟି ବୈଠକ ଆୟୋଜନ କରିଥିଲେ। ଗୋଟିଏ ବୈଠକ ଟ୍ରିପ୍ଲିକେନ ବିଚ୍‌ରେ ଏବଂ ଅନ୍ୟଟି ମାଡ୍ରାସ ହାଇକୋର୍ଟର ବିପରୀତ ଦିଗରେ ଥିବା ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଙ୍ଗାରଭେଲୁ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ। ଏହି ପ୍ରସ୍ତାବରେ ଉଲ୍ଲେଖଥିଲା ଯେ, ମେ' ୧ ଶ୍ରମିକ ଦିବସକୁ ସରକାର ଜାତୀୟ ଛୁଟିଦିବସ ଘୋଷଣା କରନ୍ତୁ। ପ୍ରଥମଥର ପାଇଁ ଶ୍ରମିକ ସଙ୍କେତ ସ୍ୱରୂପ ଏଠାରେ ଲାଲ୍ ପତାକା ବ୍ୟବହାର କରାଯାଇଥିଲା ।

## ଏମାନେ ଯାହା କୁହନ୍ତି

### ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଚେୟାରମ୍ୟାନ୍ ପଦବୀ ଫାଙ୍କା ପଡ଼ିଛି



"ଶ୍ରମିକଙ୍କ ପାଇଁ ସରକାର ଦୈନିକ ମଜୁରି ବଢ଼ାଇବା ଲାଗି କହୁଥିଲା ବେଳେ ଏହା ସନ୍ଦେହ ପ୍ରକଟ କରୁଛି। ଦୈନିକ ସର୍ବନିମ୍ନ ମଜୁରି ପ୍ରତି ୫ବର୍ଷରେ ବଢ଼ିବା କଥା। ମାତ୍ର କୌଣସି ରାଜ୍ୟ କି କେନ୍ଦ୍ର ସରକାର ତାହା କରୁନାହାନ୍ତି। ଡିଡିଏ ପ୍ରତି ୬ମାସରେ ବଢ଼ାଯାଉଛି ଯାହା ମହାଙ୍ଗା ଭତ୍ତା ବୋଲି କୁହାଯାଏ। ସରକାରୀ ଚାକିରିଆଙ୍କର ୪ହଜାର ବା ୫ ହଜାର ବଢୁଥିବା ବେଳେ ଶ୍ରମିକଙ୍କର କେଉଁ ଆଧାରରେ ୧୦ଟଙ୍କା ବଢ଼ିଲା ତା'ର ଉତ୍ତର ସରକାର ଦେବା ଆବଶ୍ୟକ। ଏଥିସହ ଅଣ ସଂଗଠିତ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଲାଗି ବଜେଟ ବ୍ୟବସ୍ଥା କରିବାକୁ ସରକାର ପଦକ୍ଷେପ ନେଲେନାହିଁ। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଚେୟାରମ୍ୟାନ୍ ପଦବୀ ପୂରଣ ନହେବା ଫଳରେ ବୋର୍ଡ଼ ଏକ ପ୍ରକାର ପଙ୍ଗୁ ହୋଇଯାଇଛି।

**–ମହେନ୍ଦ୍ର ପରିଡ଼ା, ସାଧାରଣ ସମ୍ପାଦକ, ଏଆଇସିସିଟିୟୁ**

### ଶ୍ରମିକମାନେ ସମ୍ପୂର୍ଣ୍ଣ ବିଶ୍ୱକୁ ଏକ କରନ୍ତୁ



"ଶ୍ରମିକମାନେ ସମ୍ପୂର୍ଣ୍ଣ ବିଶ୍ୱକୁ ଏକ କରନ୍ତୁ। ଅନ୍ତର୍ଜାତୀୟ ଶ୍ରମ ଦିବସ ଅବସରରେ ସମସ୍ତ ଶ୍ରମିକଙ୍କ ସମ୍ମାନ ଓ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ସହଯୋଗ କରିବା, ଯାହାଦ୍ୱାରା ଏକ ଉନ୍ନତ ଓ ବିକଶିତ ଭାରତ ଗଠନ ହୋଇପାରିବ। ଶ୍ରମ ଦିବସରେ ସମସ୍ତ ଶ୍ରମିକ, ସାଧକମାନଙ୍କୁ ଶୁଭେଚ୍ଛା।

**–ଲକ୍ଷ୍ମଣ ଦାସ, ସଙ୍ଗଠନ ସମ୍ପାଦକ, ଭାରତୀୟ ମଜଦୁର ସଂଘ**

### ୧୫୦ ବର୍ଷର ଶ୍ରମ ଆଇନ ପରିବର୍ତ୍ତନ କରାଯାଇଛି



"ମେ' ଦିବସ ଶ୍ରମିକ ଶ୍ରେଣୀ ପାଇଁ ଏକ ଘଡ଼ିସନ୍ଧି ମୁହୂର୍ତ୍ତ। କେନ୍ଦ୍ର ସରକାର ୪୪ଟି ଶ୍ରମକୋର୍ଡ ବାତିଲକରି ୪ଟି ଶ୍ରମକୋଡ୍ ନାମରେ କର୍ପୋରେଟ୍ ସ୍ୱାର୍ଥରେ ୧୫୦ ବର୍ଷର ଶ୍ରମ ଆଇନକୁ ପରିବର୍ତ୍ତନକରି ମଧ୍ୟ ଯୁଗୀୟ ଦାସଯୁଗ ଆଡ଼କୁ ନେଇଯାଉଛନ୍ତି। ଏହା ବିରୋଧରେ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ହେଉଛି ଆଜିର ଅହ୍ୱାନ ।

**–ବିଜୟ ଜେନା, ସାଧାରଣ ସମ୍ପାଦକ, ଏଆଇଟିୟୁସି**

### ଅଣସଙ୍ଗଠିତ କୃଷି ଶ୍ରମିକଙ୍କ ପ୍ରତି ସରକାର ସମ୍ବେଦନଶୀଳ ହୁଅନ୍ତୁ



"ଆଜି ଶ୍ରମିକ ଦିବସ। ଶିଳ୍ପ କ୍ଷେତ୍ରରେ କାମ କରୁଥିବା ସଙ୍ଗଠିତ ଶ୍ରମିକଙ୍କ ତୁଳନାରେ କୃଷି କ୍ଷେତ୍ରରେ କାମ କରୁଥିବା ଅଣସଙ୍ଗଠିତ କୃଷି ଶ୍ରମିକଙ୍କ ଅବସ୍ଥା ବହୁତ ଭୟଙ୍କର। ନବନିର୍ମାଣ କୃଷକ ସଙ୍ଗଠନ ଏହି ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା କୃଷି ଶ୍ରମିକଙ୍କର ନ୍ୟାଯ୍ୟ ଅଧିକାର ପାଇଁ ସରକାରଙ୍କ ପାଖରେ ଦାବି ଉପସ୍ଥାପିତ କରିଆସିଛି। ଆଜି ଶ୍ରମିକ ଦିବସରେ ସରକାର ସମ୍ବେଦନଶୀଳ ହେବାସହ ସେମାନଙ୍କର ନ୍ୟାଯ୍ୟ ଦାବିପ୍ରତି ସ୍ୱୀକୃତି ଦେଇ ସେମାନଙ୍କ ଅବସ୍ଥାର ସୁଧାର ଆଣିପାରିଲେ ଅଣସଙ୍ଗଠିତ ଶ୍ରମିକମାନେ ଉପକୃତ ହୋଇପାରିବେ।

**–ଅକ୍ଷୟ କୁମାର, ରାଷ୍ଟ୍ରୀୟ ସଂଯୋଜକ, ନବନିର୍ମାଣ କୃଷକ ସଙ୍ଗଠନ**

ରିପୋର୍ଟ: ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର

## ନୀତି ରାଜନୀତି

**ଜାତି ଜନଗଣନା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ**

# ବିଜୟ ଉତ୍ସବ ପାଳିଲା କଂଗ୍ରେସ




ଜାତି ଜନଗଣନା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଥିବାରୁ ରାଜ୍ୟ କଂଗ୍ରେସ ପକ୍ଷରୁ ବୁଧବାର ବିଜୟ ଉତ୍ସବ ପାଳନ କରାଯାଉଛି।

**ଭୁବନେଶ୍ୱର,୩୦।୪(ରବିନାରାୟଣ ଜେନା)**

ଜାତି ଜନଗଣନା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଥିବାରୁ ଏହାକୁ ନେଇ ବୁଧବାର କଂଗ୍ରେସ ପକ୍ଷରୁ ବିଜୟ ଉତ୍ସବ ଭାବେ ପାଳନ କରାଯାଇଛି।

ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଜାତି ଜନଗଣନା ପାଇଁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଂସଦ ଭିତରେ ଓ ବାହାରେ କ୍ରମାଗତ ଲଢ଼େଇ ଜାରି ରଖିଥିଲେ। ଭାଜପା ଜାତି ଜନଗଣନା ସପକ୍ଷରେ ନ ଥିଲା। ରାହୁଲ ଗାନ୍ଧୀଙ୍କ ସ୍ୱର, ସଂଗ୍ରାମ ଓ ଆନ୍ଦୋଳନ କେନ୍ଦ୍ରର ମୋଦି ସରକାରଙ୍କୁ ବାଧ କରିଛି, ଫଳରେ ଭାଜପା ସରକାର ଜାତିଭିତ୍ତିକ ଜନଗଣନା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ୫୦ ପ୍ରତିଶତରେ ଅଟକିଥିବା ସଂରକ୍ଷଣ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ରାହୁଲଙ୍କ ଦାବି ଯଥାର୍ଥ ଏବଂ ଏଥିରେ ପୀଡ଼ିତ ଓ ଅବହେଳିତ ଲୋକ ବିକାଶର ସୁଯୋଗ ନେଇପାରିବେ ବୋଲି ଭକ୍ତ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀ, ୟାସିର ନୱାଜ, ଉଦିତ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ବିଜେଡି ସବୁବେଳେ ଜାତିଭିତ୍ତିକ ଜନଗଣନା ଦାବି କରିଆସୁଥିଲା: ନବୀନ

**ଭୁବନେଶ୍ୱର, ୩୦।୪(ସୁନିତ୍ ମିଶ୍ର)**

**■୨୦୧୧ରେ କଂଗ୍ରେସ ବିରୋଧ କରୁଥିଲା, ଏବେ ସମର୍ଥନ କରୁଛି: ମନମୋହନ**

କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତିଭିତ୍ତିକ ଜନଗଣନାକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିବା ପରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ତାଙ୍କ ଦଳ ସବୁବେଳେ ଦେଶବ୍ୟାପୀ ଜାତିଭିତ୍ତିକ ଜନଗଣନା କରିବାକୁ ଦାବି କରିଆସୁଥିଲା। ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ କରିବାକୁ ଦାବି କରିଆସୁଥିଲା। ଓଡ଼ିଶାରେ ୨୦୨୩ରୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛୁ, ଯାହାଦ୍ୱାରା ବିଭିନ୍ନ ବର୍ଗର ଲୋକଙ୍କ ସଂଖ୍ୟା ଜାଣିହେବ। ସେମାନଙ୍କ ଉନ୍ନତି ଏବଂ ବିକାଶ ଲାଗି ଏହି ପଦକ୍ଷେପ ନିଆଯାଇଥିଲା। ସେହି ପଦ୍ଧତିକୁ ଏବେ କେନ୍ଦ୍ର ସରକାର ଗ୍ରହଣକରି ଜାତିଭିତ୍ତିକ ଜନଗଣନା କରିବାକୁ ଯୋଜନା କରିଛନ୍ତି ବୋଲି ନବୀନ କହିଛନ୍ତି।

ଅନ୍ୟପଟେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ପ୍ରଧାନମନ୍ତ୍ରୀ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ବହୁ ଆଲୋଚନା ପରେ ଉକ୍ତ ନିଷ୍ପତ୍ତି ଉପରେ କ୍ୟାବିନେଟ୍ ମୋହର ଲାଗିଛି। କୋଭିଡ୍ ସକାଶେ ଏହା ୫ ବର୍ଷ ବିଳମ୍ବ ହୋଇଗଲା। ତେବେ ଏହା ଚଳିତବର୍ଷ ଆରମ୍ଭ ହୋଇ ୨୦୨୬ରେ ଶେଷ ହେବ। କଂଗ୍ରେସ ୨୦୧୧ରେ ଏହି ପ୍ରସ୍ତାବକୁ ବିରୋଧ କରୁଥିଲା। ଏବେ କହୁଛି ଜାତିଭିତ୍ତିକ ଜନଗଣନା ଦରକାର। କଂଗ୍ରେସ ଅଟଳ ବିହାରୀ ବାଜପେୟୀଙ୍କଠାରୁ ବହୁ କଥା ଶିଖିବାର ଥିଲା ବୋଲି ମନମୋହନ କହିଛନ୍ତି।

## ଆତଙ୍କବାଦୀଙ୍କୁ ବଞ୍ଚାଇବାକୁ ଚାହୁଁଛନ୍ତି ଭକ୍ତ: ଭାଜପା

**ଭୁବନେଶ୍ୱର, ୩୦।୪(ସୁନିତ୍ ମିଶ୍ର)**



ଅନିଲ ବିଶ୍ୱାଳ

ପହଲଗାମରେ ହୋଇଥିବା ଇସ୍ଲାମୀ ଆତଙ୍କବାଦୀ ଆକ୍ରମଣକୁ ନେଇ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ବୟାନ ଅତ୍ୟନ୍ତ ନିନ୍ଦନୀୟ। ଏହା ଆଦୌ ଗ୍ରହଣଯୋଗ୍ୟ ନୁହେଁ। କେନ୍ଦ୍ର ସରକାର ନାଟକ କରୁଛନ୍ତି ଏବଂ ୨ଟି ରାଜ୍ୟରେ ଆଗାମୀ ଦିନରେ ନିର୍ବାଚନ ଥିବାରୁ ଆତଙ୍କବାଦୀ ଆକ୍ରମଣ କରାଗଲା ବୋଲି ଭକ୍ତ ଦାସ କହୁଛନ୍ତି। ଏଥିରୁ ସେ ଆତଙ୍କବାଦୀମାନଙ୍କୁ ବଞ୍ଚାଇବା ଓ ସେମାନଙ୍କୁ ଦୋଷ ମୁକ୍ତ କରିବା ପାଇଁ ଚାହୁଁଥିବା ଦର୍ଶାଉଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅନିଲ କହିଛନ୍ତି, ବିଶ୍ୱ ଜାଣିଛି, ପାକିସ୍ତାନ ହେଉଛି ଆତଙ୍କବାଦର କେନ୍ଦ୍ର ଓ ପହଲଗାମରେ ଇସ୍ଲାମୀ ଆତଙ୍କବାଦୀମାନେ ଧର୍ମ ପଚାରି ଓ କଲମା ପଢିବାକୁ କହି ନୀରିହ ଲୋକଙ୍କୁ ଗୁଳିମାରି ହତ୍ୟା କରିଛନ୍ତି। କେବଳ ଭକ୍ତ ଦାସ ଓ କଂଗ୍ରେସର କେତେଜଣ ନେତାଙ୍କୁ ଆତଙ୍କବାଦୀଙ୍କ ଉଦ୍ଦେଶ୍ୟ ଏବଂ ସେମାନଙ୍କର ବର୍ବରତା ଦେଖାଯାଉ ନାହିଁ। କଂଗ୍ରେସର କିଛି ନେତା ଓ ଭକ୍ତ ଦାସ ଯେଉଁଭଳି ଭାବେ କହୁଛନ୍ତି, ନିର୍ବାଚନକୁ ଆଖି ଆଗରେ ରଖି ଆତଙ୍କବାଦୀ ଆକ୍ରମଣ କରାଗଲା, ସେମାନେ କେଉଁଠି ନା କେଉଁଠି ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୮ ଜଣଙ୍କ ପରିବାରଙ୍କ କଟା ଘା'ରେ ଲୁଣ ଦେଉଛନ୍ତି। ଯଦି ନିର୍ବାଚନକୁ ଆଖି ଆଗରେ ରଖି ପହଲଗାମଠାରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି ବୋଲି ଭକ୍ତ ଦାସ କହୁଛନ୍ତି ତେବେ ସେ ଜବାବ ଦିଅନ୍ତୁ, ୧୯୮୪ରେ କ'ଣ କଂଗ୍ରେସ ଆତଙ୍କବାଦୀଙ୍କୁ ଲଗାଇ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରିଥିଲା। କାରଣ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ କଂଗ୍ରେସ ସରକାରଙ୍କ ୫ ବର୍ଷର ସମୟସୀମା ପୂରି ନ ଥିଲେ ବି ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ ଆଗୁଆ ନିର୍ବାଚନକୁ ଯାଇଥିଲା। ଇନ୍ଦିରା ଗାନ୍ଧୀଙ୍କ ହତ୍ୟାକାରୀ ଭିଣ୍ଡରୱାଲଙ୍କୁ କଂଗ୍ରେସ ସରକାର ସମୟରେ ହିଁ ପୃଷ୍ଠପୋଷକତା ଦିଆଯାଇଥିଲା। ସେହିଭଳି ୧୯୯୧ ନିର୍ବାଚନ ପ୍ରଚାର ସମୟରେ ରାଜୀବ ଗାନ୍ଧୀଙ୍କ ହତ୍ୟା ହୋଇଥିଲା। ସେଥିରେ କ'ଣ କଂଗ୍ରେସ ଦଳର ହାତ ଥିଲା କି ବୋଲି ସେ ପ୍ରଶ୍ନ କରିଛନ୍ତି।

## ଚାଷୀଙ୍କ ହକ୍ ପାଇଁ ଲଢ଼ିବ କଂଗ୍ରେସ: ଭକ୍ତ

ଭୁବନେଶ୍ୱର,୩୦।୪ (ରବିନାରାୟଣ ଜେନା)

ରାଜ୍ୟ ସରକାର ଚାଷୀଙ୍କ ପ୍ରତି ଅନ୍ୟାୟ କରିଚାଲିଛନ୍ତି, ଯେଉଁଥିପାଇଁ ଚାଷୀଙ୍କ ମେରୁଦଣ୍ଡ ଦିନକୁ ଦିନ ଦୋହଲିଯାଉଛି। ସର୍ବଭାରତୀୟସ୍ତରରେ ଚାଷୀଙ୍କ ମାସିକ ଆୟ ୧୧ ହଜାର ଟଙ୍କା ରହିଥିବାବେଳେ ଓଡ଼ିଶାରେ ଏହା ମାତ୍ର ୫୧୨୦ ଟଙ୍କା ଭିତରେ ରହିଛି। ପୂର୍ବର ବିଜେଡି ସରକାର ଏବଂ ବର୍ତ୍ତମାନର ଭାଜପା ସରକାର ଚାଷୀଙ୍କୁ ସେମାନଙ୍କ ଉଚିତ୍ ହକ୍ ଦେଉନାହାନ୍ତି। ଯେପର୍ଯ୍ୟନ୍ତ ଚାଷୀଙ୍କୁ ତାଙ୍କର ଉଚିତ୍ ପ୍ରାପ୍ୟ ମିଳିନାହିଁ ସେପର୍ଯ୍ୟନ୍ତ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଅକ୍ଷୟତୃତୀୟା ଅବସରରେ ଭୁବନେଶ୍ୱର ବ୍ଲକ ଟିକରପଡ଼ା ପଞ୍ଚାୟତର କଲ୍ୟାଣପୁରଠାରେ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶଙ୍କ ପୌରୋହିତ୍ୟରେ ଅଖିମୁଠି ଅନୁକୂଳ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପିସିସି ସଭାପତି ଭକ୍ତ ଏହାର ଶୁଭାରମ୍ଭ କରି ଚାଷୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହ ସେ କହିଥିଲେ, କୃଷକ ହେଲେ ଅନ୍ନଦାତା। ଏମାନଙ୍କର ସାମଗ୍ରିକ ବିକାଶ ନ ହେଲେ ରାଜ୍ୟର ପ୍ରଗତି ସମ୍ଭବ ନୁହେଁ। ନଚେତ୍ ନ୍ୟାୟପଥରେ ଚାଷୀଙ୍କ ହକ୍ ପାଇଁ ସଂକଳ୍ପ, ସଂଘର୍ଷ ଓ ସମର୍ପଣ ଦ୍ୱାରା କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ସେ କହିଥିଲେ।

ଉତ୍ସବରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ଅକ୍ଷୟତୃତୀୟାର ମହନୀୟତା ଓ କୃଷକ ସମାଜର ପ୍ରଗତି ପାଇଁ କଂଗ୍ରେସ ଅତୀତରେ ବହୁତ କିଛି ପଦକ୍ଷେପ ନେଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ତଥା ଓଡ଼ିଶା ସହପ୍ରଭାରୀ ଶାହାନୱାଜ ଚୌଧୁରୀ ପ୍ରମୁଖ ସାମିଲ ଥିଲେ।

## ଛାତ୍ର କଂଗ୍ରେସର ହ୍ୱାଇଟ୍ ଟି-ଶର୍ଟ ଅଭିଯାନ

**ଭୁବନେଶ୍ୱର,୩୦।୪(ରବିନାରାୟଣ ଜେନା)**

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନକ୍ରମେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ବୁଧବାର ଭୁବନେଶ୍ୱର ଜନପଥରେ ହ୍ୱାଇଟ୍ ଟି-ଶର୍ଟ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଛାତ୍ର କଂଗ୍ରେସ କର୍ମୀମାନେ ଧଳା ଟି-ଶର୍ଟ ପରିଧାନ କରି ସମ୍ବିଧାନ ବଞ୍ଚାଅ ନାରା ଦେଇ ଜନପଥରେ ପଦଯାତ୍ରା କରିଥିଲେ। ଗରିବ ଓ ଶ୍ରମିକ ଶ୍ରେଣୀଙ୍କୁ ନ୍ୟାୟ ଏବଂ ଅଧିକାର ଦେବା ପାଇଁ ଏହି ଯାତ୍ରା ଅଭିପ୍ରେତ ବୋଲି ଉଦିତ୍ କହିଛନ୍ତି।

## ଆଇନ ଶୃଙ୍ଖଳା ପରିସ୍ଥିତିରେ ନିୟନ୍ତ୍ରଣ ଆସୁ: ବିଜେଡି

**ଓଏଚ୍‌ଆରସି କୁ ଭେଟିଲା ବିଜେଡି ପ୍ରତିନିଧି ଦଳ**

**ଭୁବନେଶ୍ୱର, ୩୦।୪(ସୁନିତ୍ ମିଶ୍ର)**



ବିଜେଡିର ଏକ ପ୍ରତିନିଧି ଦଳ ବୁଧବାର ଓଡ଼ିଶା ମାନବାଧିକାର କମିଶନଙ୍କୁ ଭେଟିବାକୁ ଯାଉଛନ୍ତି।

ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବାର ୧୦ ମାସ ବିତିଗଲାଣି ହେଲେ କିଛି କାମ ହେଇନାହିଁ। କେବଳ ବାହା ବାହା ନେବାରେ ଏ ସରକାର ମାତିଛନ୍ତି। ସେଥିଲାଗି ଯେଉଁଠି ମିଟିଂ ହେଲେ ଚଉକି ଖାଲି ପଡୁଛି। ଡବଲ ଇଞ୍ଜିନ ସରକାର ଏବେ ଅଚଳ ଇଞ୍ଜିନରେ ପରିଣତ ହୋଇଛି। ମହିଳାମାନଙ୍କ ସୁରକ୍ଷାକୁ ବିଜେଡି ସବୁବେଳେ ପ୍ରାଧାନ୍ୟ ଦେଇ ଆସୁଛି ବୋଲି ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି। ଗଞ୍ଜାମରେ ଘଟିଥିବା ୪ ବର୍ଷିଆ ନାବାଳିକାକୁ ବଳାତ୍କାର ଏବଂ ହତ୍ୟା ଘଟଣାରେ ବୁଧବାର ବିଜେଡି ରାଜ୍ୟ ମାନବାଧିକାର କମିଶନଙ୍କୁ ଭେଟିଛି। ରାଜ୍ୟରେ ବଢିଚାଲିଥିବା ନାରୀ ନିର୍ଯାତନା ପ୍ରସଙ୍ଗରେ ଓଏଚ୍‌ଆର୍‌ସି ପଦକ୍ଷେପ ନିଅନ୍ତୁ ବୋଲି ବିଜେଡି ଦାବି କରିଛି।

# ସାନଭାଇର ଲୁହା ସେଣି ମାଡ଼ରେ ବଡ଼ଙ୍କ ମୃତ୍ୟୁ

## ରାଜଧାନୀ ଭୁବନେଶ୍ୱରରେ ହତ୍ୟାକାଣ୍ଡ

ଭୁବନେଶ୍ୱର,୩୦।୪ (ସତ୍ୟଜିତ୍ ରାଉତ)

ରାଜ୍ୟରେ ପାରିବାରିକ ହତ୍ୟାକାଣ୍ଡ ବଢ଼ିବାରେ ଲାଗିଛି। ରକ୍ତର ସମ୍ପର୍କକୁ ଭୁଲିଯାଇ ଘଟାଉଛନ୍ତି ବର୍ବରକାଣ୍ଡ। କିଛିଦିନର ଅନ୍ତରାଳେ ରାଜଧାନୀରେ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ବଡ଼ଭାଇଙ୍କୁ ସାନ ଭାଇ ଲୁହା ସେଣିରେ ବାଡ଼େଇ ହତ୍ୟା କରିଛନ୍ତି। ମୃତକ ହେଲେ ହମିଦୁଲ୍ ଖାନ୍। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ବୁଧବାର ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଶହୀଦନଗର ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ସାନଭାଇ ଇମତ୍ ଖାନ୍‌ଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗୁରୁବାର ଇମତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

ପୋଲିସ ସୂଚନାନୁଯାୟୀ, କମଲ୍ ଖାନ୍‌ଙ୍କ ବଡ଼ପୁଅ ହମିଦୁଲ୍ ଅଧିକାଂଶ ସମୟରେ ମଦ୍ୟପାନ କରୁଥିଲେ, ଯାହାକୁ ନେଇ ପରିବାରରେ ଅଶାନ୍ତି ଲାଗି ରହିଥିଲା। ଏପରି କି ସ୍ତ୍ରୀଙ୍କୁ ମାରଧର କରୁଥିବାରୁ ଦାମ୍ପତ୍ୟ ଜୀବନରେ ମଧ୍ୟ ଫାଟ ସୃଷ୍ଟି ହୋଇଥିଲା। ଏହି କାରଣରୁ ହମିଦୁଲ୍‌ଙ୍କୁ ଛାଡ଼ି ତାଙ୍କ ସ୍ତ୍ରୀ ମଧ୍ୟ ବାପଘରକୁ ଚାଲିଯାଇଛନ୍ତି। ହମିଦୁଲ କିନ୍ତୁ ନିଶା ଛାଡୁ ନ ଥିଲେ। ପ୍ରାୟ ସମୟରେ ପରିବାର ସଦସ୍ୟଙ୍କ ସହ ଗଣ୍ଡଗୋଳ କରୁଥିଲେ। ମଙ୍ଗଳବାର ଦିନ ୧୨ଟା ବେଳେ ହମିଦୁଲ ତାଙ୍କ ମା'ଙ୍କ ସହ ଝଗଡ଼ା କରିଥିଲେ। ଏହାକୁ ସାନଭାଇ ଇମତ୍ ବିରୋଧ କରିଥିଲେ। ଫଳରେ ଘରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ହମିଦୁଲ ଗାଳିଗୁଲଜ କରିବା ସହ ଘରେ ଉତ୍ପାତ କରିଥିଲେ। ଦୁଇଭାଇଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ରାଗରେ ଜର୍ଜରିତ ଇମତ୍ ଏକ ଲୁହା ସେଣି ଆଣି ହମିଦୁଲଙ୍କ ମୁଣ୍ଡର ପଛପାର୍ଶ୍ୱକୁ ଆଘାତ ଦେଇଥିଲେ। ଫଳରେ ହମିଦୁଲ୍‌ଙ୍କ ସାମାନ୍ୟ ରକ୍ତ ବାହାରିଥିଲା। କମ୍ ଆଘାତ ଭାବି ପରିବାର ଲୋକେ ହମିଦୁଲଙ୍କ ମୁଣ୍ଡରେ ଏକ କପଡ଼ା ବାନ୍ଧି ଦେଇଥିଲେ। ଦରଜ ହେଉଥିଲେ ମଧ୍ୟ ନିଶାରେ ଥିବା ହମିଦୁଲ ଜାଣିପାରି ନ ଥିଲେ। ହମିଦୁଲ ଖାଇପିଇ ରାତିରେ ଘରେ ଶୋଇବା ସହ ବୁଧବାର ସକାଳୁ ଉଠିଥିଲେ। ତେବେ ଅପରାହ୍ନ ପ୍ରାୟ ୩ଟା ବେଳେ ହମିଦୁଲଙ୍କ ମୁଣ୍ଡ ଯନ୍ତ୍ରଣା ଅସହ୍ୟ ହୋଇଥିଲା। ଏହାଦେଖି ମା' ତାଙ୍କୁ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ହେଲେ ଡାକ୍ତର ସେଠାରେ ହମିଦୁଲଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମୃତଦେହ ଜବତ କରିବା ସହ ଇମତଙ୍କୁ ଉଠାଇ ଆଣିଥିଲା। ଏନେଇ ଅଧିକ ତଦନ୍ତ କରାଯାଉଥିବା ଜୋନ୍-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

# ନକଲି ସେନା କର୍ମଚାରୀ ଗିରଫ

ବ୍ରହ୍ମପୁର,୩୦।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଗାନ୍ଧୀନଗର ଅଞ୍ଚଳରେ ଭାରତୀୟ ସେନା ପୋଷାକ ପିନ୍ଧି ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଭାରତୀୟ ଆର୍ମି ଲୋଗୋ ଥିବା ପୋଷାକ, ଗୁଜରାଟ ପୋଲିସ ଲୋଗୋ ଥିବା ପରିଚୟପତ୍ର ଜବତ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍.ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ନିଜ ନାମ ରାଜୁ ସନ୍ତ୍ରା ବୋଲି କହିଛନ୍ତି। ସେ ପଞ୍ଜାବ ଅମୃତସର ଜିଲା ୱାଘା ବର୍ଡରରେ କାମ କରୁଥିବା ବେଳେ କିଛିଦିନ ହେଲା ଗୋପାଳପୁର ଆର୍ମି ଏଡି କଲେଜକୁ ଡ୍ୟୁଟିରେ ଆସିଥିବା ଜେରା ବେଳେ କହିଥିଲେ। ସ୍ଥାନୀୟ ପୋଲିସ ସେଠାକାର ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ଏଭଳି କେହି ଆର୍ମି ବିଭାଗରେ କାମ କରୁ ନ ଥିବା ଜଣାପଡ଼ିଥିଲା। ତାଙ୍କର ପ୍ରକୃତ ପରିଚୟ ଜାଣିବା ପାଇଁ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବ୍ୟକ୍ତି ଜଣକ ସେନା ପୋଷାକ ପିନ୍ଧି ନିଜକୁ ଆର୍ମି କର୍ମଚାରୀ କହି ସାଧାରଣ ଲୋକଙ୍କୁ ଠକିବା ସହ ଟ୍ରେନ୍, ବସରେ ବିନା ଟିକେଟରେ ଯାତ୍ରା କରୁଥିଲେ। ଗତ ୨୮ ତାରିଖରେ ବ୍ରହ୍ମପୁର ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ତାଙ୍କ ଚାଲିଚଳନ ଓ ବ୍ୟବହାର ଦେଖି କେତେଜଣ ଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ତାଙ୍କୁ ଧରି ଟାଉନ ଥାନା ପୋଲିସ ଜିମା ଦେଇଥିଲେ। ପୋଲିସ ବିଭିନ୍ନ ଦିଗରୁ ଯାଞ୍ଚ କରିବା ପରେ ସେ ଜଣେ ନକଲି ସେନା କର୍ମଚାରୀ ବୋଲି ଜଣାପଡିଥିଲା।

# ମଦ୍ରାସା ଶିକ୍ଷକଙ୍କୁ ମାଡ଼, ଏସ୍‌ପିଙ୍କୁ ଫେରାଦ



ମଦ୍ରାସା ଶିକ୍ଷକଙ୍କ ମାଡ଼ର ପ୍ରତିବାଦ କରି ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସିଥିବା ଲୋକେ।

ସମ୍ବଲପୁର,୩୦।୪ (ପ୍ରମୋଦ ବହିଦାର)

ସମ୍ବଲପୁର ଲକ୍ଷ୍ମୀଟକିଜ ଛକରେ ଜଣେ ମଦ୍ରାସା ଶିକ୍ଷକ(ଇମାମ)ଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରାନ୍ତ ଶିକାର ଇମାମ୍ ମହମ୍ମଦ ରିୟାଜ(୨୨) ଏ ନେଇ ସମ୍ବଲପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି ଯେ, ମଙ୍ଗଳବାର କିମ୍ବିତ ରାତିରେ ରାଉରକେଲାରୁ ଆସି ସମ୍ବଲପୁର ଲକ୍ଷ୍ମୀ ଟକିଜ ଛକରେ ବସ୍‌ରୁ ଓହ୍ଲାଇଥିଲେ। ସେଠାରୁ ଏକ ଅଟୋରେ ସେ ରହୁଥିବା ମୋତିଝରଣସ୍ଥିତ ମସ୍ଜିଦ ମଦ୍ରାସା ଯିବା ସମୟରେ କେତେକ ଯୁବକ ତାଙ୍କୁ ଘେରି ଯାଇଥିଲେ। ଠିକଣା ପଚାରିବା ସହ ତାଙ୍କ ବ୍ୟାଗ ଯାଞ୍ଚ କରିଥିଲେ। ଏହାବାଦ ସେମାନେ ତାଙ୍କୁ ଓଡ଼ିଆରେ କଥାବାର୍ତ୍ତା କରିବାକୁ କହିଥିଲେ। ମାତ୍ର ସେ ଠିକ୍ ଭାବ ଓଡ଼ିଆ କହି ନ ପାରିବାରୁ ସେମାନେ ତାଙ୍କୁ ମାଡ଼ ମାରିଥିଲେ। ତେବେ ଖବର ପାଇ ତାଙ୍କ ସମ୍ପର୍କୀୟମାନେ ସେଠାରେ ପହଞ୍ଚି ତାଙ୍କୁ ଉକ୍ତ ଯୁବକମାନଙ୍କ କବଳରୁ ଉଦ୍ଧାର କରିଥିଲେ ବୋଲି ଅଭିଯୋଗ କରିଛନ୍ତି। ଅପରପକ୍ଷରେ ବୁଧବାର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ କେତେକ ଲୋକ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆସି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏସ୍‌ପି ମୁକେଶ କୁମାର ଭାମୁଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଭୟ କୁମାର ମିଶ୍ର ଦାବିପତ୍ର ଗ୍ରହଣ କରିଥିଲେ। ଇମାମଙ୍କ ଏତଲାକ୍ରମେ ବୁଧବାର ଟାଉନ ଥାନାରେ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨), ୧୧୫(୨), ୨୯୬, ୩୫୧(୩), ୧୦୯(୧), ୧୯୬(୧)(ବି) ୩(୫)ରେ ଏକ ମାମଲା(ନଂ. ୧୩୯/୨୫)ରୁଜୁ କରି ପୋଲିସ ରିଙ୍କୁ ପୁଜାରୀ(୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସମ୍ପର୍କରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିଶ୍ର କହିଛନ୍ତି, ଆକ୍ରମଣର ଶିକାର ଇମାମଙ୍କୁ ଚିକିତ୍ସା ପାଇଁ ପଠାଯାଇଛି। ତେବେ ତାଙ୍କୁ କେଉଁ କାରଣରୁ ଅଭିଯୁକ୍ତମାନେ ମାଡ଼ ମାରିଲେ ସେ ନେଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ପୁତୁରାଙ୍କ ଜୀବନ ଗଲା

## ସାଇନ୍ସପାର୍କ ବସ୍ତିରେ ଗଣ୍ଡଗୋଳ ଘଟଣା

### ପୂର୍ବରୁ ଗିରଫ ହୋଇଥିଲେ ଦାଦା, ଭାଇ: ଚନ୍ଦନ ଫେରାର

ଭୁବନେଶ୍ୱର,୩୦।୪ (ସତ୍ୟଜିତ୍ ରାଉତ)

ଶହୀଦନଗର ଥାନା ଅନ୍ତର୍ଗତ ସାଇନ୍ସ ପାର୍କ ବସ୍ତିରେ ପାରିବାରିକ ଗଣ୍ଡଗୋଳ ବେଳେ ଦାଦାଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ଜନ୍ମେଜୟ ନାୟକଙ୍କ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଜନ୍ମେଜୟଙ୍କ ମୃତଦେହକୁ ବୁଧବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁତୁରାଙ୍କୁ ହତ୍ୟା ଉଦ୍ୟମ ମାମଲାରେ ରବିବାର ଦାଦା ଶାନ୍ତିଭୂଷଣ ନାୟକ (୫୭)ଙ୍କୁ ପୋଲିସ ଗିରଫ କରିଥିବା ବେଳେ ସେ ଏବେ ଜେଲରେ ଅଛନ୍ତି। ଜନ୍ମେଜୟଙ୍କ ମୃତ୍ୟୁ ପରେ ପୋଲିସ ଏହି ମାମଲାରେ ଲାଗିଥିବା ହତ୍ୟା ଉଦ୍ୟମ ଦଫାରୁ ହତ୍ୟା ଦଫାକୁ ବଦଳାଇ ତଦନ୍ତ କରୁଛି। ତେବେ ଏହି ଘଟଣାରେ ଶାନ୍ତିଭୂଷଣଙ୍କ ପୁଅ ନାଗଭୂଷଣ ଓରଫ ଚନ୍ଦନ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବାକୁ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଛି ବୋଲି ଜୋନ୍-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

ସୂଚନାଯୋଗ୍ୟ, ଜନ୍ମେଜୟ ଓ ଶାନ୍ତିଭୂଷଣ ସମ୍ପର୍କରେ ଦାଦାପୁତୁରା ହୋଇଥିବାବେଳେ ସାଇନ୍ସପାର୍କ ବସ୍ତିରେ ପଡ଼ୋଶୀ ଭାବେ ରହୁଛନ୍ତି। ଜନ୍ମେଜୟଙ୍କ ମାନସିକ ରୋଗ ଥିଲା। ଶନିବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ଶାନ୍ତିଭୂଷଣଙ୍କ ପୁଅ ଚନ୍ଦନ ଜନ୍ମେଜୟଙ୍କ ଘରକୁ ଯାଇ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲ ଯିବାକୁ ଡାକିଥିଲେ। ଜନ୍ମେଜୟ ଯିବାକୁ ମନା କରିବାରୁ ଉଭୟଙ୍କ ମଧ୍ୟରେ ଝଗଡା ଓ ହାତାହାତି ହୋଇଥିଲା। ଏହି ସମୟରେ ଚନ୍ଦନ ତଳେ ପଡ଼ିଯିବାରୁ ଶାନ୍ତିଭୂଷଣ ଓ ମା' ନିରୁପମା ଘଟଣାସ୍ଥଳକୁ ଧାଇଁ ଯାଇଥିଲେ। ସେପଟେ ଜନ୍ମେଜୟ ଏକ ଛୁରି ଆଣି ଶାନ୍ତିଭୂଷଣ ଓ ନିରୁପମାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଶାନ୍ତିଭୂଷଣ, ପୁଅ ଚନ୍ଦନ ଓ ସହଯୋଗୀ ଚିକୁ ମିଳିତ ଭାବେ ଜନ୍ମେଜୟଙ୍କୁ ବାଉଁଶ ବାଡ଼ିରେ ନିସ୍ତୁକ ପିଟିଥିଲେ। ଫଳରେ ଜନ୍ମେଜୟ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ତେବେ ଚିକୁଙ୍କ ସମ୍ପୃକ୍ତି ନେଇ ଖୋଳତାଡ଼ ଜାରି ରହିଥିବା ପୋଲିସ କହିଛି।

# କଳିଙ୍ଗ ଷ୍ଟାଡିୟମରେ ଛୁରାମାଡ଼ ଘଟଣା: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩୦।୪(ସତ୍ୟଜିତ୍ ରାଉତ)

କଳିଙ୍ଗ ଷ୍ଟାଡିୟମ ଗେଟ୍ ନଂ.୧ ନିକଟରେ ମଙ୍ଗଳବାର ରାତିରେ ଦୁଇ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସୃଷ୍ଟ ବଚସାରୁ ହୋଇଥିବା ଛୁରାମାଡ଼ ଘଟଣାରେ ନୟାପଲ୍ଲୀ ଥାନା ପୋଲିସ ମାମଲା (ନଂ.୨୦୦/୨୦୨୫) ରୁଜୁ କରିଛି। କଟକ ଏସ୍‌ସିବିରେ ଚିକିତ୍ସାଧୀନ ଥିବା ଆହତ ସୁରକ୍ଷାକର୍ମୀ ସୁନୀଲ ଜେନା ଜଣେ ବ୍ୟକ୍ତିଙ୍କ ଜରିଆରେ ଅଭିଯୋଗପତ୍ର ପଠାଇଥିଲେ। ଏହାକୁ ଆଧାର କରି ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ତଥା ଷ୍ଟାଡିୟମରେ ନିୟୋଜିତ ଅନ୍ୟ ଜଣେ ସୁରକ୍ଷାକର୍ମୀ ସତ୍ୟବାନ୍ ଭୋଇଙ୍କୁ ଗିରଫ କରିଛି। ଗୁରୁବାର ସତ୍ୟବାନ୍‌ଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଛୁରାମାଡ଼ରେ ସୁନୀଲଙ୍କ ପିଠିରେ କ୍ଷତ ସୃଷ୍ଟି ହୋଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଡ୍ୟୁଟି ସମୟରେ ଟୋପି ଅଦଳବଦଳକୁ କେନ୍ଦ୍ରକରି ଉଭୟ ସୁରକ୍ଷାକର୍ମୀଙ୍କ ମଧ୍ୟରେ ବଚସା ହୋଇଥିଲା। ହଠାତ୍ ଉତ୍ତେଜନାମୂଳକ ପରିସ୍ଥିତି ଘଟିବାରୁ ଉତ୍କ୍ଷିପ୍ତ ହୋଇ ସତ୍ୟବାନ୍ ଏହି କାଣ୍ଡ ଘଟାଇଥିଲେ। ଏନେଇ ଘଟଣାସ୍ଥଳରୁ ରାତି ପ୍ରାୟ ୮ଟା ୨୨ରେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଖବର ଯାଇଥିଲା। ତୁରନ୍ତ ପିସିଆର୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଆହତ ସୁନୀଲଙ୍କୁ ହସ୍ପିଟାଲ ନେଇଥିଲା।

# କ୍ରିପ୍ଟୋ ନିବେଶରେ ଠକେଇ, ମୁଖ୍ୟ ଅଭିଯୁକ୍ତଙ୍କୁ ୭ବର୍ଷ ଜେଲ

କଟକ,୩୦।୪(କାର୍ତ୍ତିକ ସାହୁ)

କ୍ରିପ୍ଟୋ ନିବେଶ ନାମରେ ବହୁ ସଂଖ୍ୟକ ଜମାକାରୀଙ୍କ ନିକଟରୁ ୧.୧୩ କୋଟି ଟଙ୍କା ଠକେଇ କରିବା ଅଭିଯୋଗରେ ବାଲେଶ୍ୱର ଓପିଆଇଡି ଅଦାଲତ ମୁଖ୍ୟ ଅଭିଯୁକ୍ତ ନୀଲେଶ କରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୭ ବର୍ଷ କାରାଦଣ୍ଡ ସହ ୨.୩୫ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ରାଶି ପୈଠ ନ କଲେ ଅଭିଯୁକ୍ତଙ୍କୁ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଏପ୍ରିଲ ୫ରେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ବାସିନ୍ଦା ମହାମାନ୍ୟ ଜେନା କ୍ରିପ୍ଟୋ ନିବେଶ ନାମରେ ଠକାମିର ଶିକାର ହୋଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ନିଲେଶ କର ତାଙ୍କୁ କ୍ଲାଉଡ୍-ଫ୍ୟୁଟ୍ ନାମକ ଏକ ଆପ୍/ୱେବ୍‌ସାଇଟରେ ଟଙ୍କା ନିବେଶ କରି ଅଧିକ ଟଙ୍କା ରୋଜଗାର କରିବାକୁ ପ୍ରୋତ୍ସାହିତ କରିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ମହାମାନ୍ୟ ୨୦୨୩ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଟଙ୍କା ଜମା କରି ମୋଟ ୨,୧୩,୦୩୮ ବିନିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ୫୦,୫୭,୧୧୭ ଟଙ୍କା ମିଳିବ ବୋଲି କ୍ଲାଉଡ୍-ଫ୍ୟୁଟ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ଏଭଳି ସୂଚନା ମିଳିବା ପରେ ହଠାତ୍ ଉକ୍ତ ୱେବସାଇଟ୍ ବନ୍ଦ ହୋଇଯାଇଥିଲା। ଫଳରେ ମହାମାନ୍ୟ ଟଙ୍କା ଉଠାଇ ପାରି ନ ଥିଲେ। ପରବର୍ତ୍ତୀ ସମୟରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ନିଲେଶ ବାଲେଶ୍ୱର ଜିଲା ପାଇଁ ନକଲି ୱେବ୍‌ସାଇଟର ମୁଖ୍ୟ ଭାବେ ନିଯୁକ୍ତ ହୋଇଥିଲେ। ଜମାକାରୀଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ନୀଲେଶ ଆର୍‌ବିଆଇର ନକଲି ଅନୁମୋଦନ ପତ୍ର ଏବଂ କ୍ଲାଉଡ୍-ଫ୍ୟୁଟ୍‌ର ନିଯୁକ୍ତି ପତ୍ର ମଧ୍ୟ ଦେଖାଇଥିଲେ। ଫଳରେ ରାଜ୍ୟର ଜମାକାରୀମାନେ ବହୁ କୋଟି ଟଙ୍କା ପୁଞ୍ଜି ନିବେଶ କରିଥିଲେ। ସାରା ରାଜ୍ୟରେ ୪୦୦ରୁ ଅଧିକ ଲୋକଙ୍କୁ ଏହି ୱେବସାଇଟର ସଦସ୍ୟ ହେବାକୁ ନିଲେଶ ପ୍ରୋତ୍ସାହିତ କରିଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ସେହିପରି ସାରା ଦେଶରେ ନକଲି ୱେବସାଇଟ୍ କ୍ଲାଉଡ୍-ଫ୍ୟୁଟ୍‌କୁ କ୍ରିପ୍ଟୋ ନିବେଶ ନାମରେ ଦେଶବ୍ୟାପୀ ନିବେଶକମାନଙ୍କୁ ଠକିବା ପାଇଁ ବ୍ୟବହାର କରାଯାଉଥିଲା ବୋଲି ମଧ୍ୟ ଜଣାଯାଇଥିଲା। ଇନ୍ସପେକ୍ଟର ତାପସ ରଞ୍ଜନ ସାହୁ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ଦାୟିତ୍ୱ ନେଇଥିଲେ।

# ଜିଲା ଅବକାରୀ ଅଧୀକ୍ଷକ ଗିରଫ

ଢେଙ୍କାନାଳ,୩୦।୪ (ରତନ ନାୟାର)



ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ ଏବଂ ଫାଇଲ ଭିତରେ ପ୍ୟାକେଟରେ ଥିବା ୩ଲକ୍ଷ ଟଙ୍କା।

ଢେଙ୍କାନାଳ ଜିଲା ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ ମଙ୍ଗଳବାର ନିଜ ଗାଡ଼ିରେ ଫାଇଲ ମଧ୍ୟରେ ନଗଦ ୩ ଲକ୍ଷ ଟଙ୍କା ୬ଟି ଖାମରେ ଭର୍ତ୍ତି କରି ନେଉଥିବା ବେଳେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟରେ ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ଏହାପରେ ଢେଙ୍କାନାଳ ସମେତ ପ୍ରାୟ ୭ଟି ଜାଗାରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବୁଧବାର ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ଅବକାରୀ ଅଧୀକ୍ଷକ ଫାଇଲରେ ନଗଦ ୩ ଲକ୍ଷ ଟଙ୍କା କାହାକୁ ଦେବା ପାଇଁ ନେଉଥିଲେ ତାହାର ରହସ୍ୟ ଖୋଲିପାରିନାହିଁ। ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କର କଟକ ଜଗତପୁରଠାରୁ ୪୬୫୫ ବର୍ଗଫୁଟର ଏକ ୩ମହଲା ଘର, ପୁରୀ କୁମ୍ଭାରପଡା ଅଞ୍ଚଳରୁ ୧୪୦୦ ବର୍ଗଫୁଟର ଏକ ଦୁଇମହଲା ଘର, ଜଗତସିଂହପୁରରୁ ୨ଟି ପ୍ଲଟ, ପୁରୀରୁ ୨ଟି ଓ କଟକରୁ ୪ଟି ବହୁମୂଲ୍ୟ ଟଙ୍କାର ଜମି, ଦୁଇଟି ବେନାମୀ ୪ ଚକିଆ ଗାଡ଼ି ଜବତ କରାଯାଇ ଅଧିକ ଯାଞ୍ଚ ଜାରିରହିଛି। ସେହିପରି ୨୦ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ମଧ୍ୟ ଠାବ କରାଯାଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ଏହାକୁ ନେଇ ଅଧିକ ତଦନ୍ତ ଜାରି ରହିଥିବା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରୁ ସୂଚନା ଦିଆଯାଇଛି। ଏ ସଂକ୍ରାନ୍ତରେ ଭିଜିଲାନ୍ସ ସେଲ ଥାନା କେସ୍ ନଂ-୪/୩୦.୦୪.୨୦୨୫, ଦଫା-୧୩(୨),୧୩(୧ ଓ ବି) ପ୍ରିଭେନ୍ସେଶନ ଅଫ୍ କରପ୍ସନ ଆମେଣ୍ଡମେଣ୍ଟ ଆକ୍ଟ-୨୦୧୮ରେ ଏକ ମାମଲା ରୁଜୁ କରାଯାଇଛି।

# ନାବାଳିକା ଛାତ୍ରୀଙ୍କୁ ବଳାତ୍କାର, ଜେଜେବିରେ ନାବାଳକ

ଜୟପୁର,୩୦।୪(ପବନ ପାଣିଗ୍ରାହୀ)

ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ହୋଇଥିବା ନେଇ ଜୟପୁର ମହିଳା ଥାନାରେ ବୁଧବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ(ଜେଜେବି)ରେ ହାଜର କରିଛି। ପୋଲିସ ସୂଚନା ଅନୁଯାୟୀ, କୋଟପାଡ ଅଞ୍ଚଳ ନାବାଳିକା ଛାତ୍ରୀଙ୍କୁ ପ୍ରୋଲୋଭନ ଦେଖାଇ ନାବାଳକ ଜଣକ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଜୟପୁର ମହିଳା ଥାନା ପୋଲିସ ନଂ.୫୮/୨୫ ମାମଲା ରୁଜୁକରି ତଦନ୍ତ କରୁଛି।

# ତାମିଲନାଡୁରେ ଓଡ଼ିଆ ଯୁବକଙ୍କୁ ହତ୍ୟା

## ହାତଗୋଡ଼ ବନ୍ଧା ଅବସ୍ଥାରେ ମୃତଦେହ ମିଳିଲା

ଆନନ୍ଦପୁର,୩୦।୪ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡର ଜଣେ ଯୁବକଙ୍କୁ ମଙ୍ଗଳବାର ତାମିଲନାଡୁରେ ହତ୍ୟା ଅଭିଯୋଗ ହୋଇଛି। ମୃତକ ହେଲେ ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା କୁମୁଣିଆଁ ଗାଁର ରାହାସ ନାଇକଙ୍କ ପୁଅ ମଧୁସୂଦନ। ହାତଗୋଡ ବନ୍ଧା ଅବସ୍ଥାରେ ତାଙ୍କ ମୃତଦେହ ମିଳିଥିଲା। ଏ ନେଇ ପରିବାର ଲୋକେ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ମଧୁସୂଦନ ଅନେକ ବର୍ଷ ହେବ ତାମିଲନାଡୁରେ ରହି ବିଭିନ୍ନ କମ୍ପାନୀରେ କାମ କରୁଥିଲେ। ପ୍ରାୟ ବର୍ଷେ ହେବ ତାଙ୍କ ଭିଣୋଇ ଶଶିକାନ୍ତ ମଧ୍ୟ ତାମିଲନାଡୁଠାରେ କାମ କରୁଛନ୍ତି। ମଙ୍ଗଳବାର କେହି ଜଣେ ଶଶିକାନ୍ତଙ୍କୁ ଫୋନ କରି ମଧୁସୂଦନଙ୍କ ମୃତ୍ୟୁ ବିଷୟରେ ଖବର ଦେଇଥିଲେ। ଶଶିକାନ୍ତ ଘଟଣାସ୍ଥଳକୁ ଯାଇ ମଧୁସୂଦନଙ୍କ ହାତଗୋଡ଼ ବନ୍ଧା ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖିଥିଲେ। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜାଣି ସେ ଘର ଲୋକଙ୍କୁ ବୁଧବାର ଜଣାଇଥିଲେ। ମୃତଦେହ ଗାଁକୁ ଆଣିବାରେ ସହାୟତା କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୃତକଙ୍କ ମା' ଓ ଭଉଣୀ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

**Government of Odisha**
E-mail.ID-sectcrb_2006@yahoo.co.in, Tel/Fax-0671-2301751/2302751
**Corrigendum to Bid Identification No.CCE.Ctc(R&B) 17/2024-25**
Tender Reference No. CCE.Ctc. (R&B) 17/2024-25
**No.B-74:** The Bid availability period and Date of opening of the tenders have been modified due to unavoidable circumstances. The modified dates are as follows:-

| Sl. No. | Bid Identification No. | Bid Availability period as per Tender Notice | Revised Bid Availability period | Bid Opening Date as per Tender Notice | Revised opening Date |
|---|---|---|---|---|---|
| 1 | CCE.Ctc. (R&B) 17/2024-25 | 03.04.2025 to 5.30 hours of 17.04.2025 | 03.05.2025 to 5.30 Hours of 17.05.2025 | 19.04.2025 at 11.00 Hours | 19.05.2025 at 11.00 Hours |

All other terms and conditions remain unchanged. Further details can be seen from the website htpp://tendersodisha.gov.in.
OIPR-34012/11/0033/2526 Sd./- Chief Construction Engineer, Cuttack (R&B) Circle

**OFFICE OF THE ROURKELA MUNICIPAL CORPORATION**
**UDITNAGAR, ROURKELA, ODISHA-769012**
E-mail ID : rourkelamunicipality@gmail.com
No.5597 Date. 28.04.2025
**Tender Call Notice for Supply of Commercial Water Purifier for Aahaar Centres**
**No.C-191** : Sealed Tenders are invited from the intending reputed Manufacturers/ Authorized Dealer having PAN and valid GST certificate for Supply of Commercial Water Purifier under Rourkela Municipal Corporation.
The sealed Tender should reach to the Commissioner, Rourkela Municipal Corporation, Uditnagar, Rourkela, Sundargarh-769012 on or before 07.05.2025 by 1.00 P.M. through postal/ courier/ speed post/ registered post or by hand. The Tender will be opened on 08.05.2025 at 11.30 A.M. in presence of the bidders who wish to attend.
Details terms and conditions of the tender process can be downloaded from the official website of Rourkela Municipal Corporation (www.rmc.nic.in).
The undersigned reserves the right to negotiate or reject / cancel any or all the ' tenders at any time without assigning any reason thereof.
Sd./- Commissioner
OIPR-13131/11/0126/2526 Rourkela Municipal Corporation

Annexure-1
**DISTRICT MINERAL FOUNDATION, JAJPUR**
**Request for Proposal (RFP)**
**No.CAD-257:** District Mineral Foundation (DMF), Jajpur invites Request for Proposal (RFP) in prescribed format from reputed organisations for "Selection of Bidder for providing Communicative Skills Training for Employability of college students in mining affected areas of Jajpur District under District Mineral Foundation, Jajpur".
The detail of the RFP is available in the district web portal i.e. **www.jajpur.odisha.gov.in**
Sd./-
Collector & Managing Trustee, DMF, Jajpur
OIPR-30025/11/0010/2526

**OFFICE OF THE EXECUTIVE ENGINEER**
**MAYURBHANJ LIFT IRRIGATION DIVISION BARIPADA**
E-mail : olicbpd@ymail.com
**SHORT TENDER CALL NOTICE No. 4431 Dt. 25.04.2025**
**No.CAD-260** : Sealed Tenders are invited from interested reputed Travel Agencies / Tour operators or private individuals for providing 1 (One) No. of Non A.C Diesel driven Bollero having sitting capacity not more than ten including driver for official use by the officers under M.L.I Division, Baripada (details are given below) on monthly rent basis for 1 year from **01.06.2025 to 31.05.2026**. The Terms & conditions along with general information for hiring vehicle can be obtained from the office of the Executive Engineer, Mayurbhanj Lift Irrigation Division, Baripada on all working days between **9.00 AM to 1 P.M.** from **05.05.2025 to 09.05.2025** on payment of Rs. 118/- (Rupees One hundred Eighteen) only including 18% GST in shape of Demand Draft to be drawn in favour of the Executive Engineer, M.L.I. Division, Baripada payable at Baripada. The Tender completed in all respect should reach the undersigned on or before **13.05.2025 by 11.00 A.M.** and shall be opened on **14.05.2025** at **9.00 A.M.** in presence of the Bidders or their authorized representatives.
The authority reserves the right to accept or reject any or all the Tenders without assigning any reason thereof.
1. Vehicle used by the Executive Engineer, MLI Division, Baripada
Sd./- (Er. Amruta Kumar Bagh)
OIPR-32215/11/0004/2526 EXECUTIVE ENGINEER

**Government of Odisha, e-Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.Dkl. (R&B) 01/2025-26**
Email Id - sedklpwd@gmail.com
**Letter No. 892/Dt. 25.04.2025**
**No.B-63** : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building works as detailed below :

| | | |
|---|---|---|
| 1 | Name of the work | : Building works |
| 2 | No. of works | : 02 (Two) Nos. |
| 3 | Estimated cost | : **Rs. 3.96 Crore to 5.05 Crore (as given in column No. 03 of table)** |
| 4 | Cost of tender paper | : Rs. 10,000.00 |
| 5 | Class of contractor | : 'A' Class **(as given in column No. 07 of table)** |
| 6 | Period of completion of work | : 07 (Seven) to 09 (Nine) Calendar months **(as given in column No. 08 of table)** |
| 7 | Date and time of availability of bid document in the website | : From Dt. 03.05.2025 to 05.00 P.M. of Dt. 17.05.2025 |
| 8 | Date of opening of bid | : Dt. 19.05.2025 at 11.00 A.M. |

The bidders have to participate in ONLINE bidding only, further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Construction Engineer
OIPR-34132/11/0028/2526 Dhenkanal (R&B) Circle, Dhenkanal

**GOVERNMENT OF ODISHA** No.C-190
**OFFICE OF THE SUPERINTENDING ENGINEER**
**P.H. DIVISION, BALANGIR**
Email Id:eephbgr@yahoo.co.in Ph.No.(06652-234647)
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. SE PH BGR 01 /2025-26 Dt.24.04.2025**

| | | |
|---|---|---|
| 01. | Name of the Work | : 01 No. |
| 02. | Estimated Cost | : Rs.947.19 Lakhs |
| 03. | Period of Completion | : 18 Months |
| 04. | Date & Time of availability of bid document in the portal | : From 11.00 AM of dt.06.05.2025 to 5.00 PM of dt.22.05.2025 |
| 05. | Last date/time of receipt of bids in the portal | : 5 PM of dt.22.05.2025 |
| 06. | Date & Time of opening of bids | : At 11.00 AM of dt.23.05.2025 |
| 07. | Name and Address of the Officer Inviting Bid | : Superintending Engineer P.H.Division, Balangir At- Tulsinagar Dist- Balangir- 767001 |

**Further details can be seen from the website https://tenders.ori.nic.in or www.tendersodisha.gov.in**
Sd./-Superintending Engineer
OIPR-13005/11/0031/2526 P.H.Division, Balangir

Government of Odisha
**OFFICE OF THE SUPERINTENDING ENGINEER**
**KANTABANJI (R&B) DIVISION**
E-mail ID : eerbkbj@rediffmail.com
**Bid Identification No. 04 / KBJ / 2025-26**
**No.B-66** : The **Superintending Engineer, Kantabanji (R&B) Division** on behalf of Governor of Odisha invites **Percentage Rate bid for Building works** detailed in the table below in **Single Cover (Composite Tender) ONLINE MODE** from the Class of Contractors mentioned in **Column-7** registered with the State Government and contractors of equivalent Grade / Class registered with Central Government / MES / Railways for execution of Civil works. The proof of registration from the appropriate authority shall be enclosed along with the bid.

| | | |
|---|---|---|
| 1) | No. of work | : 03 Nos. (Single Cover) |
| 2) | Nature of work | : Building work |
| 3) | Class of contractor | : "D" & "C" Class |
| 4) | Approximate value of work | : Rs. 15.00 Lakhs |
| 5) | Tender Cost | : Rs. 6,000/- |
| 6) | Date and time of valiability of Bid documents in online | : From Dt.02.05.2025, 8:00 A.M. to Dt.08.05.2025 up to 05:00 P.M. |
| 7) | Date of Opening | : Dt.09.05.2025 at 11:30 A.M. |

8) Other details can be seen in the bidding documents from the e-procurement portal "www.tendersodisha.gov.in"
9) The bidders have to participate in ONLINE bidding only. Further details can be seen from the website: www.tendersodisha.gov.in. All future corrigendum will be available on ONLINE MODE only.
Sd./- Superintending Engineer
OIPR-34099/11/0018/2526 Kantabanji (R&B) Division

No.A-102
**ଓଡ଼ିଶା ସରକାର**
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଆଖୁଆପଦା ଜଳସେଚନ ବିଭାଜନ**
ଇମେଲ-akp.irrigationdivision@gmail.com
**'e'- Procurement Notice No.01/2025-26**

| | | |
|---|---|---|
| 1. | କାର୍ଯ୍ୟର ନାମ | : ନଦୀ ବନ୍ଧ ମରାମତି କାର୍ଯ୍ୟ |
| 2. | ମୋଟ କାର୍ଯ୍ୟ ସଂଖ୍ୟା | : ୦୬ ଗୋଟି କାର୍ଯ୍ୟ |
| 3. | ଅଟକଳ ମୂଲ୍ୟ | : ୭.୦୦ ଲକ୍ଷରୁ ୭୫.୬୫ ଲକ୍ଷ |
| 4. | ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ | : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN. |
| 5. | କାର୍ଯ୍ୟ ସମାପ୍ତି ସମୟ | : ୬ ମାସ |
| 6. | ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ | : |
| I. | Procurement Officer | : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ,ଆଖୁଆପଦା |
| II. | ଅନଲାଇନ Biddingର ସମୟସୀମା: | ତା.୦୧.୦୫.୨୦୨୫ ଦିବା ୧୦ ଘଟିକାରୁ ତା.୦୮.୦୫.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ |
| III. | Technical ଏବଂ Financial bid: ଖୋଲାଯିବାର ତାରିଖ ଓ ସମୟ | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୯.୦୫.୨୦୨୫ ଦିବା ୧୧.୩୦ |
| IV. | Transparent Lotteryର ତାରିଖ ଓ ସମୟ | : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୧୯.୦୫.୨୦୨୫ ଦିବା ୧୧.୦୦ ଘଟିକା ସମୟରେ । |

ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in
ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
OIPR-32548/11/0001/2526

## ସଂକ୍ଷେପରେ

### ପେଟ୍ରୋଲ ଢାଳି ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ

ଯାଁଳା,୩୦।୪(ବୁଲା ବାରିକ)

ଇନ୍‌ଫୋସିଟି ଥାନା ମଦନପୁର ବାଗ୍‌ଚି କର୍କଟ କେନ୍ଦ୍ର ରାସ୍ତାରେ ଜଣେ ଛାତ୍ର ମଙ୍ଗଳବାର ବିଳମ୍ବିତ ରାତିରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଫଳରେ ସେ ଗୁରୁତର ଆହତ ହୋଇ ଏମ୍ସ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଛାତ୍ର ଜଣଙ୍କ ହେଲେ ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ପାଲିଜୁରି ଗ୍ରାମର ପ୍ରଦୀପ କୁମାର ପଣ୍ଡା (୨୦)। ସେ ମଦନପୁରସ୍ଥିତ ଏକ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିଲେ।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୦ଟାବେଳେ ମଦନପୁର ଇନ୍‌ଫୋସିଟି ରାସ୍ତାରେ ଜଣେ ଯୁବକ ଦେହରେ ନିଆଁ ଲଗାଇଥିବା କେତେଜଣ ଲୋକ ଦେଖିଥିଲେ। ଏଥିସହ ତୁରନ୍ତ ପୋଲିସ କଣ୍ଟ୍ରୋଲରୁମକୁ ଫୋନ କରି ଜଣାଇଥିଲେ। ଇନ୍‌ଫୋସିଟି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁ ଲିଭାଇଥିଲା। ଛାତ୍ରଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ପୋଲିସ ଛାତ୍ରଙ୍କ ପରିଚୟ ଜାଣିବା ପରେ ତାଙ୍କ ଘରକୁ ଖବର ଦେଇଥିଲା। ବୁଧବାର ପୋଲିସ ବଡ଼ରଘୁନାଥପୁର ବଜାରରେ ଥିବା ସମସ୍ତ ସିସିଟିଭି ଫୁଟେଜ ଯାଞ୍ଚରୁ ଛାତ୍ର ଜଣକ ଏକ ଦୋକାନରୁ ପେଟ୍ରୋଲ କିଣିଥିବା ଜଣା ପଡ଼ିଥିଲା। ତେଣୁ ଛାତ୍ର ଜଣକ ଆତ୍ମହତ୍ୟା ଉଦ୍ୟମ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପ୍ରଦୀପ କିଛି ଟଙ୍କା ଧାର କରଜ କରିଥିବା ଜଣାପଡ଼ିଛି। ଏଥିସହ ତାଙ୍କ ରୁମ ମେଟ ଓ ସହପାଠୀଙ୍କୁ ପୋଲିସ ପଚରାଉଚରା ଚଳାଇଛି। ତେବେ ଧାର କରଜ କିମ୍ବା ପ୍ରେମ ଘଟଣାକୁ ନେଇ ଛାତ୍ର ଜଣଙ୍କ ଏହି ପଦକ୍ଷେପ ନେଇଥିବା ପୋଲିସ ସନ୍ଦେହ କରୁଛି।

### ଦୁଇ ଲୁଟେରାଙ୍କୁ ୨ ବର୍ଷ ଲେଖାଏ ଜେଲଦଣ୍ଡ

ଭୁବନେଶ୍ୱର,୩୦।୪(ସତ୍ୟଜିତ୍ ରାଉତ)

ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍ ଘଟଣାରେ ଭୁବନେଶ୍ୱର ଜେଏମ୍ଏଫ୍‌ସି କୋର୍ଟ-୩ ବୁଧବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଥିବା ଦୁଇ ଲୁଟେରା ଶିବା ଓରଫ ଶିବା ଦାସ (୨୩) ଏବଂ ଡି. ଶ୍ରୀନିବାସ ଓରଫ ଓମ୍‌ଶ୍ରୀ(୨୨)ଙ୍କୁ ୨ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ଜାନୁଆରୀ ୨୧ ମଧ୍ୟାହ୍ନ ୧୨ଟା ବେଳେ ଅଭିଯୋଗକାରିଣୀ ସଞ୍ଜୁକ୍ତା ମିଶ୍ର ତାଙ୍କ ଭାଇଙ୍କ ସହ ବାଇକ୍‌ରେ ବସି ସିଆର୍‌ପି ଛକ ଆଡ଼କୁ ଯାଉଥିବା ବେଳେ ଲୁଟେରାଦ୍ୱୟ ତାଙ୍କୁ ଟାର୍ଗେଟ୍ କରିଥିଲେ। ଲକ୍ଷ୍ମୀମନ୍ଦିର ସମ୍ମୁଖରେ ସେମାନେ ଏକ ବାଇକ୍‌ରେ ପଛରୁ ଆସି ସଞ୍ଜୁକ୍ତାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେବାକୁ ପ୍ରୟାସ କରିଥିଲେ। ଟଣାଓଟରା ସମୟରେ ଉଭୟ ଅଭିଯୁକ୍ତ ଚେନ୍‌ର ଏକ ଅଂଶକୁ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ସଞ୍ଜୁକ୍ତାଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା (ନଂ.୨୯/୨୦୨୪) ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

# ପାରଦର୍ଶୀ ପୋର୍ଟାଲ ଦୁର୍ନୀତି ତଦନ୍ତ ପାଇଁ ଉଚ୍ଚସ୍ତରୀୟ କମିଟି

ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ)

ଅନଗ୍ରସର ପିଲାଙ୍କୁ ମାଗଣାରେ ପାଠପଢ଼ାଇବା ପାଇଁ ସରକାର ଘରୋଇ ବିଦ୍ୟାଳୟରେ ୨୫% ସଂରକ୍ଷଣ ବ୍ୟବସ୍ଥା ରଖିଛନ୍ତି। ଏଥିପାଇଁ ଆର୍‌ଟିଇ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଆବେଦନ ଓ ନାମଲେଖା ହେଉଛି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ଚୟନ ସହ ସ୍କୁଲ୍ ଆଲଟ୍‌ମେଣ୍ଟ କରାଯାଇଛି। ହେଲେ ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଅନେକ ସ୍କୁଲରେ ଆର୍‌ଟିଇ କୋଟା ସିଟ୍ ଥାଇ ମଧ୍ୟ ପ୍ରାୟ ୫୨୩୯ଜଣ ଛାତ୍ରୀଛାତ୍ରଙ୍କୁ ସିଟ୍ ଆଲଟମେଣ୍ଟ ହୋଇ ନ ଥିବା ଅଭିଭାବକ ମହାସଂଘ ଅଭିଯୋଗ ଆଣିଛି। ଅଭିଯୋଗର ତଦନ୍ତ ଓ ଯାଞ୍ଚ ପାଇଁ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ ବିଭାଗର ୪ଜଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ସଚିବ ସଂଗ୍ରାମ କେଶାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ଓ ଯଦୁମଣି ମହଲା, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ସୁଶ୍ରୀ ସଙ୍ଗୀତା ପଣ୍ଡା ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପାରଦର୍ଶୀ ପୋର୍ଟାଲରେ ସ୍କୁଲ ପଞ୍ଜୀକରଣ ଅବଧିକୁ ଦୁଇମାସ ଘୁଞ୍ଚା ଯାଇଥିଲା। ମହାସଂଘ ଆନ୍ଦୋଳନକୁ ଓହ୍ଲାଇବାରୁ ବାଧ୍ୟହୋଇ ମାର୍ଚ୍ଚ ୧୮ରେ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ୨୧୦୯ଟି ସ୍କୁଲ ପଞ୍ଜୀକରଣ କରିଥିବାବେଳେ ଶେଷଦିନରେ ଏହି ସଂଖ୍ୟା ୩୯୯୩ରେ ପହଞ୍ଚିଥିଲା। ପଞ୍ଜୀକରଣରେ ସ୍କୁଲ ସଂଖ୍ୟା ବୃଦ୍ଧି ହୋଇଥିବାରୁ ସିଟ୍ ସଂଖ୍ୟା ମଧ୍ୟ ୫୦ ହଜାର ଛୁଇଁଥିଲା। ମହାସଂଘର ଅଭିଯୋଗ ଅନୁସାରେ, ଏସବୁ ସ୍କୁଲ୍‌ରେ ମାଗଣା ସିଟ୍‌ରେ ନାମଲେଖା ପାଇଁ ସାରା ରାଜ୍ୟରୁ ୩୬୬୯୫ ଆବେଦନ ହୋଇଥିବାବେଳେ ସେଥିରୁ ୮୧୦୧ ରିଜେକ୍ଟ ହୋଇଯାଇଛି। ଏତେ ଆବେଦନ କ'ଣ ପାଇଁ ରିଜେକ୍ଟ ହେଲା, ତାହାକୁ ନେଇ ମହାସଂଘ ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ ୫୨୩୯ ପିଲାଙ୍କ ଆବେଦନ କାଗଜପତ୍ର ଠିକ୍ ଥାଇ ମଧ୍ୟ ସେମାନଙ୍କୁ ସିଟ୍ ଆଲଟ୍‌ମେଣ୍ଟ ହୋଇ ନ ଥିବାରୁ ଅଭିଭାବକ ମହାସଂଘ କର୍ମକର୍ତ୍ତାମାନେ ଓସେପା କାର୍ଯ୍ୟାଳୟ ଘେରାଉ କରିବା ସହ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ପରେ ଲୋକସେବା ଭବନସ୍ଥିତ ଗଣଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ତେବେ ଗଣଶିକ୍ଷା ବିଭାଗ ଅଭିଯୋଗକୁ ଗୁରୁତ୍ୱ ସହ ନେଇ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ଦ୍ରୁତ ତଥା ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି ମହାସଂଘ।



ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଆରମ୍ଭ ଅବସରରେ ବୁଧବାର ପଞ୍ଚୁପାଣ୍ଡବଙ୍କ ସହ ଶ୍ରୀଦୋଳଗୋବିନ୍ଦ ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳୁଛନ୍ତି।

# ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଆରମ୍ଭ

ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ତ୍ରୟୋଦଶ ଯାତ୍ରା ମଧ୍ୟରୁ ଚନ୍ଦନଯାତ୍ରା ଅନ୍ୟତମ। ଚନ୍ଦନଯାତ୍ରାକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ। ଅକ୍ଷୟତୃତୀୟାଠାରୁ ପ୍ରଥମ ୨୧ ଦିନ ବାହାର ଚନ୍ଦନ ଯାତ୍ରା ଓ ପରବର୍ତ୍ତୀ ୨୧ ଦିନ ଭିତର ଚନ୍ଦନ ଯାତ୍ରା। ପରମ୍ପରା ଅନୁଯାୟୀ ବୁଧବାର ପବିତ୍ର ଅକ୍ଷୟ ତୃତୀୟାଠାରୁ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ଶ୍ରୀବିଗ୍ରହଙ୍କଠାରୁ ୩ ଖଣ୍ଡ ଆଜ୍ଞାମାଳ ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ରଥଖଳାକୁ ବିଜେ କରିଥିଲା। ଅପରପକ୍ଷରେ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହାତରେ ରାମ, କୃଷ୍ଣ ବିଜେ ହୋଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ଏବଂ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ମଣି ବିମାନରେ ବିଜେ ହୋଇଥିଲେ। ପରେ ଘଣ୍ଟ, ଛତା ଓ ସେବାୟତଙ୍କ ଗହଣରେ ବିମାନବଡୁ ସେବକମାନେ ଠାକୁର ଠାକୁରାଣୀଙ୍କୁ ଶ୍ରୀନଅର ସମ୍ମୁଖକୁ ନେଇଥିଲେ। ସେଠାରେ ରଥ ନିର୍ମାଣ ଅନୁକୂଳ କାର୍ଯ୍ୟ ସମ୍ପନ୍ନ ପରେ ରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପରିଚିତ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଏବଂ ଶ୍ରୀନୀଳକଣ୍ଠ ଚନ୍ଦନ ଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଶୋଭାଯାତ୍ରାରେ ଯାଇଥିଲେ। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପଂକ୍ତିଭୋଗ ଖାଇ ରାମକୃଷ୍ଣ ଆଗରେ ଚାଲିଥିଲେ। ତାଙ୍କ ପାଲିଙ୍କି ପଛରେ ମଣି ବିମାନରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଏବଂ ଶେଷରେ ପଞ୍ଚମହାଦେବ ରହିଥିଲେ। ଠାକୁର ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚିବା ପରେ ଭିତରଚ୍ଛ ମହାପାତ୍ର ଜଳଲାଗି କରିଥିଲେ। ପରେ ଠାକୁରମାନଙ୍କୁ ଚାପରେ ବିଜେ କରାଯାଇଥିଲା। ପ୍ରଥମେ ନନ୍ଦାଚାପ ବା ନାଲି ଚାପରେ ରାମକୃଷ୍ଣ, ପରେ ଭଦ୍ରା ବା ଧଳାଚାପରେ ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ବିଜେ ହୋଇଥିଲେ। ପଞ୍ଚମହାଦେବ ରାମକୃଷ୍ଣ ବସିଥିବା ନନ୍ଦାଚାପରେ ବିଜେ କରିଥିଲେ। ଏହାପରେ ଚାପ ଖେଳ ବା ନୌକା ବିହାର ଆରମ୍ଭ ହୋଇଥିଲା। ନରେନ୍ଦ୍ର ପୁଷ୍କରିଣୀରେ ଗୋଟିଏ ଘେରା ବୁଲିବା ପରେ ଚନ୍ଦନ ଘର ନିକଟରେ ଚାପ ଲାଗିଥିଲା। ରାମକୃଷ୍ଣ ଭଦ୍ରାଚାପ ବା ମଦନ ମୋହନଙ୍କ ଚାପକୁ ବିଜେ ହୋଇଥିଲେ। ସେଠାରେ ରାଜବନ୍ଦାପନା ଓ ଆଳଟ ଚାମର କରାଯାଇଥିଲା। ଠାକୁରମାନେ ଜଗତି ଉପରକୁ ବିଜେ ପରେ ଚନ୍ଦନକୁଣ୍ଡରେ ପ୍ରବେଶ କରିଥିଲେ। ଠାକୁରମାନଙ୍କୁ ଫୁଲରେ ବେଶ କରାଯାଇଥିଲା। ପ୍ରଥମ ଦିବସରେ ମଦନମୋହନଙ୍କୁ ନଟବର ବେଶ କରାଯାଇଛି। ମାଣ୍ଡୁଅ ଭୋଗ ଓ ବିଡ଼ିଆ ମଣୋହୀ ପରେ ଠାକୁରମାନେ ରାତି ଚାପ ଖେଳି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଭକ୍ତମାନେ ଚନ୍ଦନ ଯାତ୍ରାକୁ ଉପଭୋଗ କରିଥିଲେ। ଭକ୍ତଙ୍କ ହରିବୋଲ, ହୁଳହୁଳିରେ ବଡ଼ଦାଣ୍ଡ ଏବଂ ଚନ୍ଦନ ଚକଡ଼ା ପ୍ରକମ୍ପିତ ହୋଇଉଠିଥିଲା। ମଣି ବିମାନ ଆଗେ ଆଗେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ।

## ଆଜି ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକ

ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଜୁନ ୨୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଓ ଜୁନ ୧୧ରେ ସ୍ନାନଯାତ୍ରା ଅନୁଷ୍ଠିତ ହେବ। ଘୋଷଯାତ୍ରା ଓ ସ୍ନାନଯାତ୍ରା ଯେପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିପାଇଁ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଛି। ଘୋଷଯାତ୍ରା ନିମନ୍ତେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ପୂର୍ବରୁ ପ୍ରସ୍ତୁତି ବୈଠକ ଶେଷ ହୋଇଥିବା ବେଳେ ଗୁରୁବାର ଅର୍ଥାତ ମେ ୧ରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟା ୩୦ରେ ପୌରସଦନ ପରିସରରେ ବୈଠକ ବସି ରଥ ନିର୍ମାଣ, ସ୍ୱାସ୍ଥ୍ୟସେବା, ବିଦ୍ୟୁତ ଯୋଗାଣ, ସ୍ୱତନ୍ତ୍ର ଟ୍ରେନ ଚଳାଚଳ, ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ବ୍ୟବସ୍ଥା, ଆବଶ୍ୟକ ରଥକାଠ, ସ୍ନାନପୂର୍ଣ୍ଣିମା, ଅଣସର ସମୟରେ ଆବଶ୍ୟକ ସାମଗ୍ରୀ ଯୋଗାଣ, ଆବଶ୍ୟକ ଚନ୍ଦନ ସହ ବିଭିନ୍ନ ବନଖଣ୍ଡରେ ଥିବା ଫାସି ଏବଂ ଅସନ ଆଦି କାଠର ତାଲିକା ପ୍ରସ୍ତୁତ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଏଥିସହ ରଥଯାତ୍ରା ସମୟରେ ବିଶୁଦ୍ଧ ପାନୀୟଜଳ ଯୋଗାଣ, ଶାନ୍ତିଶୃଙ୍ଖଳା ରକ୍ଷା, ଆଇନ ଶୃଙ୍ଖଳା ରକ୍ଷା, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା, ପୋଲିସ ବ୍ୟବସ୍ଥା, ସିସିଟିଭି କ୍ୟାମେରା ଲଗାଇବା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଆଦି ଉପରେ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ସେବାୟତ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦାନ କରିବେ।

# ତଦନ୍ତକରି ରିପୋର୍ଟ ଦେବାକୁ ଖୋର୍ଦ୍ଧା ଏସ୍‌ପିଙ୍କୁ ନିର୍ଦ୍ଦେଶ

କଟକ,୩୦।୪(କାର୍ତ୍ତିକ ସାହୁ)

**ବୋଲଗଡ଼ ଥାନା ପୋଲିସ ବିରୋଧରେ ଓଏଚ୍‌ଆର୍‌ସିରେ ମାମଲା**

ବୋଲଗଡ଼ ଥାନା ପୋଲିସର ମିଥ୍ୟା ମାମଲା ପଞ୍ଜୀକରଣ, ଥାନା ହାଜତରେ ନିର୍ଯାତନା ଓ ମାନବିକ ଅଧିକାର ଉଲ୍ଲଂଘନ ନେଇ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି)ରେ ରୁଜୁ ଏକ ମାମଲାର ଶୁଣାଣି ହୋଇଛି। ଆୟୋଗଙ୍କ ପକ୍ଷରୁ ଖୋର୍ଦ୍ଧା ଏସ୍‌ପିଙ୍କୁ ମାମଲାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁନ୍ ୨୫ ତାରିଖକୁ ଧାର୍ଯ୍ୟ ହୋଇଛି। ମାମଲାର ବିବରଣୀ ଅନୁସାରେ, ବୋଲଗଡ଼ ଥାନା ଅନ୍ତର୍ଗତ ତୃତୀୟପଡ଼ାର ଅରୂପ କୁମାର ପରିଡ଼ା, ଦିଲୀପ କୁମାର ପରିଡ଼ା ଓ ଅବିନାଶ ପରିଡ଼ା ମିଳିତ ଭାବେ ଓଏଚ୍‌ଆର୍‌ସିରେ ନ୍ୟାୟ ପାଇବାକୁ ଆବେଦନ କରିଛନ୍ତି। ପୋଲିସର ଅନ୍ୟାୟ କାର୍ଯ୍ୟ ତଥା ନିର୍ଯାତନାର ତଦନ୍ତ କରିବା ନିମନ୍ତେ ଆଦେଶ ଦେବାକୁ ସେମାନେ ପ୍ରାର୍ଥନା କରିଛନ୍ତି। ଏଥିସହ ରାଜ୍ୟ ଗୃହ ବିଭାଗ ତତ୍କାଳୀନ ବୋଲଗଡ଼ ଥାନା ଆଇଆଇସି ଓ ଏଏସ୍‌ଆଇଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ପୀଡ଼ିତାଙ୍କୁ ରାଜ୍ୟ ସରକାର କ୍ଷତିପୂରଣ ପ୍ରଦାନ କରିବା ନିମନ୍ତେ ଆଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଜୟଦେବଙ୍କ ରଚିତ 'ଶ୍ରୀଗୀତଗୋବିନ୍ଦ' ସର୍ବଶ୍ରେଷ୍ଠ କାବ୍ୟ

ଭୁବନେଶ୍ୱର, ୩୦।୪
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବୁଧବାର ଶ୍ରୀଜୟଦେବଙ୍କ ଜୟନ୍ତୀ ସମାରୋହ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଗବେଷକ ଅଜିତ ତ୍ରିପାଠୀ ଯୋଗଦେଇ କହିଲେ, ଓଡ଼ିଶାରେ ଜନ୍ମ ନେଇଥିବା ଜୟଦେବଙ୍କ ପରି ସଂସ୍କୃତ ବିଦ୍ୱାନ ଭାରତ ଇତିହାସରେ ବିରଳ। ତାଙ୍କ କାଳଜୟୀ ରଚନା 'ଶ୍ରୀଗୀତଗୋବିନ୍ଦ' ପାଇଁ ସେ ସମଗ୍ର ବିଶ୍ୱରେ ପୂଜିତ। ଦେଶବିଦେଶରେ ଗୀତଗୋବିନ୍ଦ କାବ୍ୟ ଏବଂ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଯେତେ ପ୍ରସାର ଲାଭ କରିଥିଲେ ମଧ୍ୟ ସାରା ବିଶ୍ୱରେ ଆମକୁ ଆହୁରି ଅଧିକ ପରିଚିତ କରାଇବାର ଅଛି। ଜୟଦେବଙ୍କ କୃତିସମୂହ ଓଡ଼ିଆ, ଇଂଲିଶ ଓ ହିନ୍ଦୀ ଭାଷାରେ ଅନୁବାଦିତ ହୋଇ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ହେବା ଜରୁରୀ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥିଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ କହିଲେ, ଯେତେସବୁ ଭକ୍ତି ଆନ୍ଦୋଳନର ସୂତ୍ରପାତ ହେଉଛି, ସବୁରି ମୂଳରେ ଆମର ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥ। ଜଗନ୍ନାଥଙ୍କୁ ନେଇ ଭକ୍ତି ପରମ୍ପରାର ଆରମ୍ଭ। ଓଡ଼ିଶୀ ନୃତ୍ୟ ଏବଂ ଗୀତଗୋବିନ୍ଦ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଗୀତଗୋବିନ୍ଦ ବିନା ଓଡ଼ିଶୀ ନୃତ୍ୟ ଅଧୁରା ରହିଯିବ ବୋଲି ଦାଶ କହିଥିଲେ। ନାଟ୍ୟକାର ତଥା ସୁସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ କହିଲେ, ଜୟଦେବଙ୍କ ରଚିତ ଶ୍ରୀଗୀତଗୋବିନ୍ଦ କାବ୍ୟ ଏକ ଅନବଦ୍ୟ କୃତି। ରାଧା କୃଷ୍ଣଙ୍କ ଉପରେ ପର୍ଯ୍ୟବସିତ ଏହି ମହାନ କାବ୍ୟ ଗୀତିକାବ୍ୟ ମଧ୍ୟରେ ସର୍ବଶ୍ରେଷ୍ଠ ବୋଲି ମଲ୍ଲିକ କହିଥିଲେ। ପରେ 'ଶ୍ରୀଜୟଦେବ ଓ ଶ୍ରୀଗୀତଗୋବିନ୍ଦ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ ତଥା ଗବେଷକ ପ୍ରଫୁଲ୍ଲ ତ୍ରିପାଠୀ, ପୂର୍ବତନ କୁଳପତି ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫେସର ପ୍ରଫୁଲ୍ଲ ମିଶ୍ର, ସଂସ୍କୃତ ବିଦ୍ୱାନ ପ୍ରଫେସର ରଘୁନାଥ ପଣ୍ଡା, ପ୍ରାଚୀ ସଂସ୍କୃତି ଗବେଷକ ହଂସନାଥ ସାହୁ, ଲୋକସଂସ୍କୃତି ଗବେଷକ ଡ. ସନ୍ତୋଷ ମହାପାତ୍ର ଏବଂ ଶ୍ରୀଗୀତଗୋବିନ୍ଦ ଗବେଷକ ଗଦାଧର ମହାପାତ୍ର ପ୍ରମୁଖ ପ୍ରସଙ୍ଗ ଉପରେ ମତ ଦେଇଥିଲେ। ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସୋମା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଜୟନ୍ତୀ ସମାରୋହରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଅଜିତ ତ୍ରିପାଠୀଙ୍କ ସହ ଅନ୍ୟ ଅତିଥି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି


metroselfie@gmail.com



@ ସମୀର



@ ଗାଗରାଇ



@ ଅଶୋକ



@ ମୋଜାଫର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରେଳଧାରଣାରୁ ୩ ମୃତଦେହ ଜବତ

ଭୁବନେଶ୍ୱର,୩୦।୪(ସତ୍ୟଜିତ୍ ରାଉତ)

**୧୫ ଦିନରେ ମିଳିଛି ୬ରୁ ଊର୍ଦ୍ଧ୍ୱ ମୃତଦେହ**

ପୂର୍ବତଟ ରେଲୱେ ଜୋନ୍ ଅନ୍ତର୍ଗତ ଭୁବନେଶ୍ୱର ଦେଇ ଯାଇଥିବା ରେଳଧାରଣାର ଭିନ୍ନ ଭିନ୍ନ ସ୍ଥାନରୁ ବୁଧବାର ୩ ଯୁବକଙ୍କ ମୃତଦେହ ମିଳିଛି। ପୁନାମା ଗେଟ୍ ନିକଟ ରେଳଧାରଣା, ଲିଙ୍ଗରାଜ ଷ୍ଟେଶନ ନିକଟ ରେଳଧାରଣା ଓ ରେତଙ୍ଗ ରୋଡ୍ ନିକଟରୁ ମୃତଦେହଗୁଡ଼ିକୁ ଭୁବନେଶ୍ୱର ସରକାରୀ ରେଲବାଇ ପୋଲିସ(ଜିଆର୍‌ପି) ଜବତ କରି ତଦନ୍ତ କରୁଛି। ସକାଳ ପ୍ରାୟ ୮ଟା ୩୦ରେ ପୁନାମା ଗେଟ୍ ରେଳଧାରଣା ନିକଟରୁ ବାଲୁଗାଁ ଅଞ୍ଚଳର ଭି. ଜେ. ଭୋବେନଙ୍କ ମୃତଦେହ ଜବତ ହୋଇଥିବାବେଳେ ଦିନ ପ୍ରାୟ ୧୨ଟା ବେଳେ ଲିଙ୍ଗରାଜ ଷ୍ଟେଶନ ନିକଟରୁ ଜବତ ହୋଇଥିବା ମୃତଦେହର ପରିଚୟ ମିଳିନାହିଁ। ତାଙ୍କ ବୟସ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସେହିପରି ରେତଙ୍ଗ ରୋଡ୍ ନିକଟରୁ ଜବତ ମୃତଦେହର ପରିଚୟ ମିଳିଥିବାବେଳେ ସେ ହେଲେ ଏୟାରଫିଲ୍ଡ ଥାନା ଅଞ୍ଚଳର ତପନ ଆଚାର୍ଯ୍ୟ (୨୨)। ଷ୍ଟେଶନ ମାଷ୍ଟରଙ୍କ ରିପୋର୍ଟ ଆଧାରରେ ଜିଆର୍‌ପି ଏସବୁ ଘଟଣାରେ ୩ଟି ଅପମୃତ୍ୟୁ ମାମଲା(ନଂ.୩୫/୨୦୨୫)-(ନଂ.୩୦/୨୦୨୫)-(ନଂ.୩୭/୨୦୨୫) ରୁଜୁ କରି ତଦନ୍ତ କରୁଛି। ପରିଚୟ ମିଳିଥିବା ଦୁଇ ମୃତଦେହ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇଥିବାବେଳେ ଅଜଣା ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ତେବେ ଚଳନ୍ତା ଟ୍ରେନ୍ ଧକ୍କାରେ ହିଁ ଏମାନଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତ ଆଧାରରେ ଜିଆର୍‌ପି ସ୍ପଷ୍ଟ କରିଛି। ତେବେ ସେମାନେ ନିଜେ ଟ୍ରେନ୍ ଆଗକୁ ଡେଇଁଥିଲେ ନା ଅସାବଧାନତା ହେତୁ ଟ୍ରେନ୍ ଆଗକୁ ଆସିଯାଇଥିଲେ ଅବା ଅନ୍ୟ କେହି ଠେଲି ଦେଇଥିଲେ, ତାହାକୁ ନେଇ ପୋଲିସ ତଦନ୍ତ କରୁଛି। ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେବ ରେଳଧାରଣାରେ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ୧୫ ଦିନ ମଧ୍ୟରେ ଭୁବନେଶ୍ୱର ଜିଆର୍‌ପି ୬ରୁ ଊର୍ଦ୍ଧ୍ୱ ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ମାସକରେ ବିଏମ୍‌ସିରୁ ଅବସର ନେଲେ ୧୬ କର୍ମଚାରୀ

ଭୁବନେଶ୍ୱର,୩୦।୪(ଅନୁରାଧା ମହାରଣା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରୁ ଏପ୍ରିଲରେ ୧୬ ଜଣ କର୍ମଚାରୀ ଅବସର ନେଇଛନ୍ତି। ବିଏମ୍‌ସି ରିକ୍ରିଏଶନ କ୍ଲବ୍ ପକ୍ଷରୁ ବୁଧବାର ଅତିରିକ୍ତ ଆୟୁକ୍ତ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଅବସର ଗ୍ରହଣ କରିଥିବା ସମସ୍ତ କର୍ମଚାରୀଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପହାର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଅବସର ଗ୍ରହଣ କରିଥିବା ଯୋଗ୍ୟ କର୍ମଚାରୀମାନଙ୍କୁ ପ୍ରୋଭିଜନାଲ ପେନ୍‌ସନ ପ୍ରଦାନ କରାଯାଇଥିଲା। ବିଏମ୍‌ସି ରିକ୍ରିଏଶନ କ୍ଲବର ସାଧାରଣ ସମ୍ପାଦକ ଶୁଭକାନ୍ତ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିବାବେଳେ ସନ୍ତୋଷ କୁମାର ମହାନ୍ତି, ଅକ୍ଷୟ କୁମାର ସ୍ୱାଇଁ ଓ ସସ୍ମିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଚାପ ଖେଳିଲେ ଶ୍ରୀଲିଙ୍ଗରାଜ

### ଚନ୍ଦନଯାତ୍ରା ଆରମ୍ଭ

ପୁରୁଣା ଭୁବନେଶ୍ୱର,୩୦।୪(ସୁବାସ ଚନ୍ଦ୍ର ପ୍ରଧାନ)



ପବିତ୍ର ଅକ୍ଷୟତୃତୀୟା ଅବସରରେ ଶ୍ରୀଲିଙ୍ଗରାଜଙ୍କ ୨୨ ଦିନିଆ ଚନ୍ଦନ ଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ଦୈନିକ ନୀତି ଭୋଗ ମଣ୍ଡପ ସରିବା ପରେ ପୁନଃଶ୍ଚ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା ଓ ଲାଗି, ପଞ୍ଝା ଲାଗି ସରିବା ପରେ ବାହାର ଚନ୍ଦନ ବେଢ଼ା କରାଯାଇଥିଲା। ଏହାକୁ ପାଳିଆ ପୂଜାପଣ୍ଡା ସମ୍ପାଦନ କରିଥିଲେ। ପାଳିଆ ବଡୁ ସେବକ ବେଶ ସାରି ପଣା ଭୋଗ, ଯାତ୍ରା ପୂଜା ସରିବା ପରେ ଦକ୍ଷିଣ ଘରେ ପଣା ଭୋଗ କରାଯାଇଥିଲା। ଏହାପରେ ଶ୍ରୀ ଲିଙ୍ଗରାଜ, ମା' ପାର୍ବତୀ, ମା' ଦୁର୍ଗା ଏବଂ ଅନନ୍ତ ବାସୁଦେବ ଦକ୍ଷିଣ ଘରୁ ବିଜେ ହୋଇ ଆଡ଼କାଠ ନିକଟକୁ ଯାଇଥିଲେ। ପୂଜା ପଣ୍ଡା ସେବକ ଆଜ୍ଞା ବଚନ ଦେଇସାରିବା ପରେ ଶ୍ରୀଜୀଉମାନେ ବିମାନ ଓ ପାଲିଙ୍କିରେ ବିରାଜ ମାନ କରିଥିଲେ। ଏହାପରେ ଦ୍ୱିପ୍ରହର ଧୂପ କରାଯାଇ ମନ୍ଦିର ପହଡ଼ ପଡ଼ିଥିଲା। ଶ୍ରୀଜୀଉମାନେ ସେବକଙ୍କ ଗହଣରେ ବିନ୍ଦୁସାଗର କୂଳରେ ଥିବା ବ୍ରହ୍ମାଘାଟ ନିକଟକୁ ବିଜେ କରିଥିଲେ। ସେଠାରେ ପୂଜା ପଣ୍ଡା ସେବକ ଚାପରେ ଛେରାପହଁରା କରିଥିଲେ। ଏହାପରେ ଶ୍ରୀଜୀଉମାନେ ଚାପକୁ ବିଜେ କରିଥିଲେ। ଚାପ ଯାଇ ମଠ ଘାଟଠାରେ ଲାଗିଥିଲା। ସେଠାରେ ପୂଜା ଏବଂ ଆଖଡ଼ା ଚଣ୍ଡୀଙ୍କଠାରେ ପୂଜା କରାଯାଇ ଶ୍ରୀଜୀଉମାନେ ଅଷ୍ଟଶମ୍ଭୁ ନାମରେ ଭଉଁରୀ ଖେଳିଥିଲେ। ପରେ ଜଗତିକୁ ଯାଇଥିଲେ। ସେଠାରେ ଚୂନ ପାଣି ସିଞ୍ଚନ କରାଯାଇ ନୂଆ ପତାକା ଲାଗି ହୋଇଥିଲା। ଏହା ପରେ ସିଂହାସନରେ ଶ୍ରୀଜୀଉମାନେ ବିରାଜ ମାନ କରିଥିଲେ। ସେଠାରେ ଦ୍ୱିପ୍ରହର ଧୂପ ସରିବା ପରେ ଶ୍ରୀଜୀଉମାନେ ଚନ୍ଦନ କୁଣ୍ଡରେ ବୁଡ଼ିଥିଲେ। ପୂଜା ପଣ୍ଡା ସେବକ ସୁଗନ୍ଧିତ ଜଳରେ ଶ୍ରୀଜୀଉଙ୍କୁ ସ୍ନାନ କରି ସାରିବା ପରେ ସୁଆର ସେବକ ଶ୍ରୀଜୀଉଙ୍କୁ ବେଶ କରାଇଥିଲେ। ସନ୍ଧ୍ୟାଧୂପ ପରେ ମାଣ୍ଡୁଅ, କାକରା, ସୋଦୁଅ ଭୋଗ କରାଯାଇଥିଲା। ଏହାପରେ ଶ୍ରୀଜୀଉମାନେ ବସି ଅଷ୍ଟ ଚଣ୍ଡୀଙ୍କ ନାମରେ ଭଉଁରୀ ଖେଳି ବିଶ୍ରାମ ଘାଟକୁ ଆସିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଫେରିବା ବାଟରେ ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ ସମିତି ଏବଂ ବଡୁ ନିଯୋଗଠାରେ ଭୋଗ ଖାଇଥିଲେ।

## ଜୟଦେବଙ୍କ ଜୟନ୍ତୀରେ ଭକ୍ତି ସଙ୍ଗୀତ, ଚିତ୍ରକଳା ପ୍ରଦର୍ଶନୀ



ଭୁବନେଶ୍ୱର, ୩୦।୪ (ସୌମ୍ୟରଞ୍ଜନ ରାଉତ)

ଶ୍ରୀଗୀତଗୋବିନ୍ଦର ରଚୟିତା କବି ଶ୍ରୀଜୟଦେବଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ରଙ୍ଗମଞ୍ଚଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବା ସହିତ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିପରି ଲଳିତ କଳା ଏକାଡେମୀ ପକ୍ଷରୁ ଏକାଡେମୀ ପରିସର କଳିଙ୍ଗ ଆର୍ଟ ଗ୍ୟାଲେରିରେ ଶ୍ରୀଜୟଦେବ ଏବଂ ତାଙ୍କ ଦ୍ୱାରା ରଚିତ ଶ୍ରୀଗୀତଗୋବିନ୍ଦ ଉପରେ ଏକ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ମଧ୍ୟ ଜୟଦେବଙ୍କ ରଚିତ ଗୀତଗୋବିନ୍ଦକୁ ନେଇ ଭକ୍ତି ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ବିଜେଡି, କଂଗ୍ରେସ ପକ୍ଷରୁ ଅଖିମୁଠି ଅନୁକୂଳ



ବାଲକାଟୀ, ୩୦।୪(ମନୋଜ ମଣ୍ଡଳ)

ରାଜଧାନୀ ଉପକଣ୍ଠ ଜୟଦେବ ନିର୍ବାଚନମଣ୍ଡଳୀର ବାଲିଅନ୍ତା ବ୍ଲକ ପୂରଣ ପ୍ରଧାନଠାରେ ବିଜେଡି ପକ୍ଷରୁ ରାଜ୍ୟସ୍ତରୀୟ ଓ କଂଗ୍ରେସ ପକ୍ଷରୁ ଅଖିମୁଠି ଅନୁକୂଳ କରାଯାଇଛି। ବିଜେଡି ପକ୍ଷରୁ ଆୟୋଜିତ ସଭାରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ସଭାପତିତ୍ୱ କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସଞ୍ଜୟ ଦାସବର୍ମା, ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ବିଜେଡି ମୁଖପାତ୍ର ଲେଲିନ୍ ମହାନ୍ତି, ଆଇନଜୀବୀ କୈଳାସ ପାତ୍ର, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଜିଲା ପରିଷଦ ସଦସ୍ୟା କୁନ୍‌ମୁନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିଙ୍କୁ ବ୍ଲକ ବିଜେଡି ସଙ୍ଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ବୁଧିପଡ଼ା ଗ୍ରାମର ଖୁଲଣା ସୁନ୍ଦରୀ ନାୟକଙ୍କ ଜମିରେ ବିଧି ଅନୁଯାୟୀ ନୂଆଧାନ ପୁରୋହିତଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଅତିଥିମାନେ ଜମିରେ ବୁଣି ହଳ ଲଙ୍ଗଳ ଚଳାଇ ଚାଷ କରିଥିଲେ। ଏହି ଅବସରରେ ବ୍ଲକର ଶତାଧିକ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା।

କଂଗ୍ରେସ ପକ୍ଷରୁ ପୂରଣ ପ୍ରଧାନ ପଞ୍ଚାୟତ ବୋଧଖଣ୍ଡି ପାନୀୟଜଳ ପ୍ରକଳ୍ପ କାର୍ଯ୍ୟାଳୟ ନିକଟରେ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବରିଷ୍ଠ କଂଗ୍ରେସ ନେତା ବେଣୁଧର ଭୋଇ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ କଂଗ୍ରେସ ସଭାପତି ଜନ୍ମେଜୟ ସ୍ୱାଇଁ, ବରିଷ୍ଠ କଂଗ୍ରେସ ନେତ୍ରୀ ସୋନାଲି ସାହୁ, ଜୟଶ୍ରୀ ପଟ୍ଟନାୟକ, ବାଲିପାଟଣା ବ୍ଲକ ସଭାପତି ବଟକୃଷ୍ଣ ରାଉତରାୟ, ନଳିନୀ ବେହେରା, ବସନ୍ତ ପଣ୍ଡା, ପ୍ରମୋଦ ଭୋଇ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ସ୍ଥାନୀୟ ଅଞ୍ଚଳର ଜନୈକ ଚାଷୀଙ୍କ ଜମିରେ ନୂଆଧାନ ବୁଣି ହଳ ଲଙ୍ଗଳ ବୁଲାଇଥିଲେ। ପରେ ଅଞ୍ଚଳର ୧୫ ସଫଳ ଚାଷୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।

# ଜୟଦେବ ଜୟନ୍ତୀ ପଦଯାତ୍ରା

ବାଲିପାଟଣା,୩୦।୪(ଅଭିମନ୍ୟୁ ନାୟକ)



ଭୁବନେଶ୍ୱରରୁ ଶିଶୁଅନନ୍ତ ପୀଠ ଅଭିମୁଖେ ଆସୁଥିବା ପଦଯାତ୍ରା।

କରୋନା ମହାମାରୀ ସମୟରୁ ଜୟଦେବ ସଂକୀର୍ତ୍ତନ ପଦଯାତ୍ରା ବନ୍ଦ ଥିଲା। ଚଳିତବର୍ଷ ପୁନର୍ବାର ଏହା ଆରମ୍ଭ ହୋଇଛି। ୧୦୦ରୁ ଊର୍ଦ୍ଧ୍ୱ ପଦଯାତ୍ରୀ ଭୁବନେଶ୍ୱର ଅନନ୍ତ ବାସୁଦେବ ମନ୍ଦିରରୁ ପଦଯାତ୍ରାରେ ଆସି ଉତ୍ତରା, ବାଲକାଟୀ, ବୁଧିପଡ଼ା, ଶିଶୋଲ, ବିଶ୍ୱନାଥପୁର, ଗାରେଡ଼ିପାଞ୍ଚଣ ଛକ ଦେଇ ପଞ୍ଚସଖା ଗାଦି ଶିଶୁଅନନ୍ତ ପୀଠରେ ପୂର୍ବାହ୍ନ ୧୧ଟାରେ ପହଞ୍ଚିଥିଲେ। ସେଠାରେ ସଂସ୍କୃତି ବିଭାଗ ଓ ଶିଶୁଅନନ୍ତ ସ୍ମୃତିସଂସଦର ମିଳିତ ଆନୁକୂଲ୍ୟରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରସାଦସେବନ ପରେ କେନ୍ଦୁବିଲ୍ୱସ୍ଥିତ ଜୟଦେବ ପୀଠରେ ପହଞ୍ଚିଥିଲେ। ସମାନ୍ତରାଳ ଭାବେ ବିଜେଡି ବିଧାୟକ ନବକିଶୋର ମଲ୍ଲିକ ସଂକୀର୍ତ୍ତନ ଶୋଭାଯାତ୍ରା ଆସିବା ପୂର୍ବରୁ ସକାଳ ୮ଟାରେ ଶିଶୁଅନନ୍ତ ପୀଠରୁ ତାଙ୍କ ସମର୍ଥକଙ୍କୁ ଧରି ଏକ ଶୋଭାଯାତ୍ରାରେ ବାହାରି ଜୟଦେବ ପୀଠରେ ପହଞ୍ଚି ଜୟଦେବ ଜୟନ୍ତୀ ଉତ୍ସବ ପାଳିଥିଲେ। କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି କିଶୋର ଜେନା, ଜିଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ପବିତ୍ର ପଟେଲଙ୍କ ସମେତ ବିଜେଡି କର୍ମୀ ଯୋଗଦେଇଥିଲେ। ତେବେ ଶୋଭାଯାତ୍ରାରେ ସଂକୀର୍ତ୍ତନ ପଦଯାତ୍ରୀଙ୍କୁ କୌଣସି ସ୍ଥାନରେ ସ୍ୱାଗତ କି ଜଳଯୋଗାଣର ବ୍ୟବସ୍ଥା ନ ହେବା ଓ ପଦଯାତ୍ରା ପାଇଁ କୌଣସି ସୂଚନା ଦିଆ ନ ଯାଇଥିବା ଭଳି ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା।

## ଲୟୋଲା ସ୍କୁଲର ୧୦୦% ରେଜଲ୍ଟ

### ଦଶମରେ ଆଦିତ ସାମଲ ୯୯% ସହ ସ୍କୁଲ ଟପ୍ପର

ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ)

ଆଇସିଏସ୍‌ଇ ଦଶମ ଏବଂ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ଭୁବନେଶ୍ୱର ଲୟୋଲା ସ୍କୁଲର ଛାତ୍ରୀଛାତ୍ର ଭଲ ପ୍ରଦର୍ଶନ କରିଛନ୍ତି। ଉଭୟ ଶ୍ରେଣୀରେ ଶତପ୍ରତିଶତ ରେଜଲ୍ଟ ହୋଇଛି। ଦଶମ ଶ୍ରେଣୀରେ ମୋଟ ୨୦୧ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ଆଦିତ ସାମଲ ୯୯% ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେହିଭଳି ଆର୍ଯ୍ୟାନ ସାର ୯୮.୮% ସହ ଦ୍ୱିତୀୟ ଏବଂ ଆୟୁଷ ବୋଥରା ୯୮.୪% ସହ ତୃତୀୟରେ ରହିଛନ୍ତି। ଶ୍ରେଷ୍ଠ ୧୦ତମ ସ୍ଥାନରେ ୧୯ଜଣ ଛାତ୍ରୀଛାତ୍ର ରହିଛନ୍ତି। ସେହିଭଳି ଦ୍ୱାଦଶରେ ମୋଟ ୬୩ଜଣ ପରୀକ୍ଷା ଦେଇଥିବାବେଳେ ପାସ ହାର ଶତ ପ୍ରତିଶତ ରହିଛି। ବିଜ୍ଞାନ ବିଭାଗରେ ସନୟ ସାମୁଲ ନାୟକ ୯୩.୨୫ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଥିବା ବେଳେ ବାଣିଜ୍ୟ ବିଭାଗରେ ସଂସ୍କୃତି ରାଉତରାୟ ୯୦.୫ ପ୍ରତିଶତ ଏବଂ କଳା ବିଭାଗରେ ରନ୍ୟା ଠାକୁର ୯୬.୭୫% ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

## ଷ୍ଟୁଆର୍ଟ ସ୍କୁଲର ଦ୍ୱାଦଶରେ ଦୀପ୍ତାଂଶୁ ପାଲ ଟପ୍ପର

ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ)

ଆଇସିଏସ୍‌ଇ ଦଶମ ଏବଂ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ଭୁବନେଶ୍ୱରସ୍ଥିତ ଷ୍ଟୁଆର୍ଟ ସ୍କୁଲର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଦଶମରେ ମୈତ୍ରେୟ ଅଭିଳାଷ ପଟ୍ଟନାୟକ ୯୯% ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଲୋହିତ ରଣା ୯୮.୪% ଏବଂ ମନୁସ୍ମିତା ସେନାପତି ୯୮.୨% ମାର୍କ ରଖିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ଦିପ୍ତାଂଶୁ ପାଲ ୯୭% ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବା ବେଳେ ଅନିବେଶ ମହାନ୍ତି ୯୬.୩% ଏବଂ ବିଭବ ମହାନ୍ତି ୯୩% ମାର୍କ ରଖିଛନ୍ତି।

# କୈଳାଶ ଚନ୍ଦ୍ର ସାଉଙ୍କୁ 'ଜଗନ୍ନାଥ ଦାସ ସମ୍ମାନ'



ଅତିଥିଙ୍କଠାରୁ ଆଇନଜୀବୀ କୈଳାଶଚନ୍ଦ୍ର ସାଉ ସମ୍ମାନ ଗ୍ରହଣ କରୁଛନ୍ତି।

### ଡା. ଜଗନ୍ନାଥ ଦାସଙ୍କ ୧୫ତମ ଶ୍ରାଦ୍ଧ ଦିବସ

ଭୁବନେଶ୍ୱର, ୩୦।୪ (ସୌମ୍ୟରଞ୍ଜନ ରାଉତ)

ସରଳା ଦେବୀ ସ୍ମୃତି କମିଟି ଓ ଡା. ଜଗନ୍ନାଥ ଦାସ ସ୍ମୃତି କମିଟି ପକ୍ଷରୁ ଲୋହିଆ ଏକାଡେମୀଠାରେ ବୁଧବାର ଡା. ଜଗନ୍ନାଥ ଦାସଙ୍କ ୧୫ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ, ରାଜନୈତିକ ଓ ସର୍ବୋଦୟ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଆଇନଜୀବୀ କୈଳାଶ ଚନ୍ଦ୍ର ସାଉଙ୍କୁ 'ଜଗନ୍ନାଥ ଦାସ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉତ୍କଳ ସେବା ସମିତି କଟକର ସଭାପତି ତଥା ସାମ୍ବାଦିକ ରମାକାନ୍ତ ନାଥ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିଥିଲେ। ବିଧାନସଭାର ପୂର୍ବତନ ସଚିବ ଦାଶରଥୀ ଶତପଥୀ ସ୍ୱର୍ଗତ ଦାସଙ୍କ ଜୀବନୀ ପ୍ରକାଶନର ଆବଶ୍ୟକତା ଉପରେ କହିଥିଲେ। ପୂର୍ବତନ ବିଧାୟକ ପଞ୍ଚାନନ କାନୁନ୍‌ଗୋ ସ୍ୱର୍ଗତ ଦାସଙ୍କ ଛାତ୍ର ଆନ୍ଦୋଳନ ସମୟର ସ୍ମୃତି ଚାରଣ କରିଥିଲେ। ଭାରତୀୟ ସୂଚନା ସେବା ଅଧିକାରୀ ଡ. ପ୍ରଦୀପ ଚୌଧୁରୀ ବର୍ତ୍ତମାନ ସମୟରେ ପ୍ରତ୍ୟେକ ମଣିଷ ସେବା, ତ୍ୟାଗ ଓ ସମର୍ପଣର ନେତୃତ୍ୱ ନେବାର ଆବଶ୍ୟକ ବୋଲି କହିଥିଲେ। ସମୟର ମୁଖ୍ୟ ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର ତାଙ୍କ ବକ୍ତବ୍ୟରେ ବର୍ତ୍ତମାନ ରାଜନୀତିରେ ଭଦ୍ରତା ଓ ସହନଶୀଳତାର ଅଭାବ ବିଷୟରେ ସୂଚାଇ ଥିଲେ। ପ୍ରଫେସର ଡ. ରୁଦ୍ର ପ୍ରସାଦ ଦାସ ଅତିଥି ପରିଚୟ ଦେଇଥିବାବେଳେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି ସଭାପତିତ୍ୱ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଦକ୍ଷିଣପୂର୍ବ ରେଳପଥ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ଦ୍ୱିତୀୟ ବୈଠକ

ଭୁବନେଶ୍ୱର,୩୦।୪(ଅନୁରାଧା ମହାରଣା)

ଦକ୍ଷିଣପୂର୍ବ ରେଳପଥ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ଦ୍ୱିତୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣପୂର୍ବ ରେଳପଥ ମହାପ୍ରବନ୍ଧକ ଅନିଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପମହାପ୍ରବନ୍ଧକ ସୌମିତ୍ର ମଜୁମଦାରଙ୍କ ସମେତ ସମସ୍ତ ପ୍ରଧାନ ବିଭାଗର ଅଧ୍ୟକ୍ଷମାନେ ଯୋଗଦେଇଥିଲେ। ଦକ୍ଷିଣପୂର୍ବ ରେଳପଥରେ ରାଜଭାଷାରେ କରାଯାଉଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ମହାପ୍ରବନ୍ଧକ ମିଶ୍ର ରାଜଭାଷାର ପ୍ରୟୋଗ ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଅଣହିନ୍ଦୀ କର୍ମଚାରୀଙ୍କ ପାଇଁ କେବଳ ମୁଖ୍ୟାଳୟରେ ନୁହେଁ, ରେଳମଣ୍ଡଳ ସ୍ତରରେ ହିନ୍ଦୀ ବାକ୍ ପ୍ରତିଯୋଗିତା ପାଇଁ ସେ ପରାମର୍ଶ ଦେଇଥିଲେ। ସେହିପରି ପୂର୍ବରୁ ଆୟୋଜିତ ବାକ୍ ପ୍ରତିଯୋଗିତାରେ ବିଜୟୀ ୫ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଚକ୍ରଧରପୁର ମଣ୍ଡଳର ସହାୟକ ମଣ୍ଡଳ ଚିକିତ୍ସା ଅଧିକାରୀ ଡା. ମଣ୍ଡଳ କୁମାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ 'ସଡନ୍ କାର୍ଡିଆକ୍ ଡେଥ୍' ଉପରେ ଆଲୋଚନା କରିଥିଲେ। ଉପମହାପ୍ରବନ୍ଧକ (ରାଜଭାଷା) ଅବିନାଶ କୁମାର ପାଣ୍ଡେୟ ଧନ୍ୟବାଦ ଦେଇଥିଲେ।

## ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟିହେବେ: ମୁଖ୍ୟମନ୍ତ୍ରୀ

### ଜାତୀୟ ମହିଳା ବାଣିଜ୍ୟ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୩୦।୪(ଅନୁରାଧା ମହାରଣା)

ଇନ୍‌ୱେକ୍ ଜାତୀୟ ମହିଳା ବାଣିଜ୍ୟ ମେଳାର ଦ୍ୱିତୀୟ ସଂସ୍କରଣ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଛି। ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଆମ ସରକାର ପାଇଁ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ ନୁହେଁ, ଏହା ଏକ ଆନ୍ଦୋଳନ, ଏକ ସଂକଳ୍ପ। ଓଡ଼ିଶାର ପ୍ରତିଟି ମହିଳା ନିଜ ଲାଗି ସ୍ୱପ୍ନ ଦେଖି ତାକୁ ସାକାର କରିବା ଏବଂ ଆତ୍ମବିଶ୍ୱାସର ସହ ନେତୃତ୍ୱ ଦେବା ପାଇଁ ଆଗେଇଆସିବା ଅତ୍ୟନ୍ତ ଆନନ୍ଦର ବିଷୟ। ମହିଳାମାନେ ଉନ୍ନତି କଲେ ସମାଜ ସମୃଦ୍ଧ ହୁଏ ଏବଂ ଅର୍ଥନୀତି ବିକଶିତ ହୁଏ। ସୁଭଦ୍ରା ଯୋଜନା କେବଳ ଏକ ଆର୍ଥିକ ସହାୟତା ନୁହେଁ, ଏହା ଅର୍ଥନୈତିକ ସ୍ୱାଧୀନତାର ବାର୍ତ୍ତାବହ ଏବଂ ୯୦ ପ୍ରତିଶତରୁ ଅଧିକ ମହିଳା ସୁଭଦ୍ରା ସହାୟତାର ସଦୁପଯୋଗ କରିଛନ୍ତି। ଆମେ ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟିକରିବା ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ସୁଦ୍ଧା ୧୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇସାରିଛନ୍ତି। ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି ବୋଲି ସେ କହିଥିଲେ। ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, କଟକ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ନିର୍ଦ୍ଦେଶକ ପି.କେ. ଗୁପ୍ତା, ଆଇସିସି ମହାନିର୍ଦ୍ଦେଶକ ଡ. ରାଜୀବ ସିଂହ, ଆଇସିସି ଓଡ଼ିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ରାଜୀବ ସାହୁ, ବରିଷ୍ଠ ଉପାଧ୍ୟକ୍ଷ ଧର୍ମାଦିତ୍ୟ ପଟ୍ଟନାୟକ, ଆଇସିସି ଆଞ୍ଚଳିକ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପାଲ, ଇନ୍‌ୱେକ୍ ଆବାହକ ପ୍ରୀତି ପଲ୍ଲବୀ ପଟ୍ଟନାୟକ ଆବାହକ, ସହଆବାହକ ସ୍ୱାତୀ କେଜ୍‌ରିୱାଲ ଓ ସୁମା ଦେବୀ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଏକ୍ସଆଇଏମ୍ ୟୁନିଭର୍ସିଟିର ୯ତମ ୟୁଜି କନ୍‌ଭୋକେଶନ



କନ୍‌ଭୋକେଶରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଅତିଥିମାନେ।

### ୫୬୦ଜଣଙ୍କୁ ୟୁଜି ଡିଗ୍ରୀ ପ୍ରଦାନ

ଭୁବନେଶ୍ୱର,୩୦।୪(ସୁଚିସ୍ମିତା ସାହୁ)

ଏକ୍ସଆଇଏମ୍ ୟୁନିଭର୍ସିଟିର ୯ତମ ୟୁଜି କନ୍‌ଭୋକେଶନ ବୁଧବାର ନୂଆ କ୍ୟାମ୍ପସରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ କହିଲେ, ନେତୃତ୍ୱ, ଅଖଣ୍ଡତା ଏବଂ ରାଷ୍ଟ୍ର ନିର୍ମାଣରେ ଯୁବକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବ ସ୍ନାତକଧାରୀମାନେ ଆଗକୁ କିପରି ବଢିବେ ସେ ନେଇ ପ୍ରେରଣା ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ୫୬୦ଜଣଙ୍କୁ ୟୁଜି ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍‌ସେଲର ଆଣ୍ଟୋନି ଆର୍ ଉଭାରୀ ଏସ୍. ଜେ, ମୁଖ୍ୟ ଆର୍ଥିକ ଅଧିକାରୀ ଆରୋକିଆ ଦାସ ଭାନାଥାୟାନ୍, ପରୀକ୍ଷା ନିୟନ୍ତ୍ରକ ଅଧିକାରୀ ପ୍ରଫେସର ଭି.ଆର୍. ସତୀଶ କୁମାର, ବିଭିନ୍ନ ସ୍କୁଲ୍‌ର ଡିନ୍, ପ୍ରଫେସର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସ୍କୁଲ୍ ଅଫ୍ ସଷ୍ଟେନେବିଲିଟିର ଡିନ୍ ପ୍ରଫେସର ସୁତାପା ପତି ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ରେଜିଷ୍ଟ୍ରାର୍ ଫାଦର୍ ଏସ୍. ଆଣ୍ଟୋନି ରାଜ୍ ଏସ୍. ଜେ. ଧନ୍ୟବାଦ ଦେଇଥିଲେ।

# ୫ ପଞ୍ଚାୟତବାସୀଙ୍କୁ ମିଳିବ ୨୪ ଘଣ୍ଟିଆ ଶୁଦ୍ଧ ପାନୀୟଜଳ

### ଅଖିମୁଠି ଅନୁକୂଳ କଲେ ଭୁବନେଶ୍ୱର ଏମ୍‌ପି

ତ୍ରିଶୂଳିଆ/ବାଲିଅନ୍ତା, ୩୦।୪(ତୁଷାରକାନ୍ତ ବେହେରା/ନୀଳମାଧବ ସାହୁ)



ଇଞ୍ଚଣା ପଞ୍ଚାୟତ ଅଧୀନ ଇଞ୍ଚଣା ଗ୍ରାମର ଇଞ୍ଚଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ନିକଟ ଖେଳପଡ଼ିଆ ସମ୍ମୁଖରେ ଅକ୍ଷୟତୃତୀୟା ଅବସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଖିମୁଠି ଅନୁକୂଳ କରି ହଳ କରିଛନ୍ତି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ଭାଜପା ଶାଖା ପକ୍ଷରୁ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସହଯୋଗ ଓ ସୋମନାଥ ଗ୍ରାମୀଣ ମଣ୍ଡଳ ସଭାପତି ସଞ୍ଜୟ ପତିଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଅତିଥି ଭାବେ ଭାଜପା ଭୁବନେଶ୍ୱର ଜିଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ଜିଲା ପରିଷଦ କୁନାଲ ରାଉତ, ଭାଜପାର ସମସ୍ତ ମଣ୍ଡଳ ସଭାପତିଙ୍କ ସମେତ କର୍ପୋରେଟର ଏବଂ ପଞ୍ଚାୟତ ଲୋକପ୍ରତିନିଧି ଉପସ୍ଥିତ ଥିଲେ। କୃଷକମାନେ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ ହୋଇପାରିଲେ କୃଷିର ଉନ୍ନତି ଘଟିବ ବୋଲି କହିବା ସହ କୃଷିକାର୍ଯ୍ୟ ପ୍ରତି ଯୁବସମାଜ ଅଧିକରୁ ଅଧିକ ଆକୃଷ୍ଟ ହେବାକୁ ଏମ୍‌ପି ଷଡ଼ଙ୍ଗୀ ଆହ୍ୱାନ ଦେଇଥିଲେ। ଏଥିସହ ଦାଢ଼ା, ରଘୁନାଥପୁର, କଲ୍ୟାଣପୁର, ବରିମୁଣ୍ଡ, ଇଞ୍ଚଣା ଆଦି ୫ ପଞ୍ଚାୟତକୁ ୨୪ଘଣ୍ଟିଆ ସ୍ୱଚ୍ଛ ପାନୀୟଜଳ ଘରେ ଘରେ ପହଞ୍ଚିବା ପାଇଁ ଖୁବ୍‌ଶୀଘ୍ର କଲ୍ୟାଣପୁରଠାରେ ଏକ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯିବାକୁ ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ୫ ପଞ୍ଚାୟତର ୫୬ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଞ୍ଚଣା ଗ୍ରାମର ଚାଷୀ ସନ୍ତୋଷ ବେହେରା କ୍ଷେତରେ ଏହି ଅଖିମୁଠି ଅନୁକୂଳ ହୋଇଥିଲା। ଉତ୍ସବକୁ ସୋମନାଥ ଗ୍ରାମୀଣ ମଣ୍ଡଳର ଉମାକାନ୍ତ ହାତୀ, ଚନ୍ଦନ ପାତ୍ର, ମହିଳାନେତ୍ରୀ ଲକ୍ଷ୍ମୀ ପଡିହାରୀ, ମିତାଲି ମାଝୀ, ନିର୍ମଳା ବେହେରା ପ୍ରମୁଖ ଦଳୀୟ କର୍ମୀ ପରିଚାଳନା କରିଥିଲେ।

**ଗାଁରେ ଚାଷୀ ପାଳିଲେ ଅକ୍ଷୟ ତୃତୀୟା ପର୍ବ**

ଟାଙ୍ଗୀ-ଖୋର୍ଦ୍ଧା,(ରଘୁନାଥ ସାହୁ): ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ଅକ୍ଷୟ ତୃତୀୟା ପର୍ବ ବୁଧବାର ପାଳିତ ହୋଇଯାଇଛି। ଏହି କୃଷିଭିତ୍ତିକ ପର୍ବକୁ ଟାଙ୍ଗୀ ଗ୍ରାମାଞ୍ଚଳରେ ଚାଷୀମାନେ ଆଗ୍ରହ ସହକାରେ ପାଳନ କରିଛନ୍ତି। କୃଷକମାନେ ସେମାନଙ୍କ ଗୃହ ଆଗ ଗୋବର ପାଣିରେ ଲିପି ମୁରୁଜରେ ଚିତା, ପଦ୍ମପାଦ ଆଙ୍କି ସେମାନଙ୍କ ଚାଷ ଉପକରଣ ରଖି ପୂଜା କରିଥିଲେ। ହଳ ଲଙ୍ଗଳ ସହ ନୂଆ ବିହନ ଧରି କୃଷକମାନେ କ୍ଷେତକୁ ଯାଇ ପୂଜା କରିବା ସହ ଧାନ ବୁଣି ମୁଠି ଅନୁକୂଳ କରିଥିଲେ। କ୍ଷେତର ପୂର୍ବ କୋଣରେ ବିହନ ଟୋକେଇ ରଖି ବସୁଧା ମାତାକୁ ପୂଜା କରାଯାଇଥିଲା। ଏହି ପବିତ୍ର ଦିନରେ ଧାନ ବୁଣା ଅନୁକୂଳ କଲେ ଭଲ ଫସଲ ହୋଇଥାଏ ବୋଲି ଚାଷୀଙ୍କ ବିଶ୍ୱାସ ରହିଛି।

## ସଂକ୍ଷେପରେ

### ଜାତୀୟ ରାଜପଥରେ ସିରିଜ୍ ଦୁର୍ଘଟଣା, ୪ ଗୁରୁତର

**ଟାଙ୍ଗୀ-ଖୋର୍ଦ୍ଧା,୩୦।୪(ରଘୁନାଥ ସାହୁ)**

ଟାଙ୍ଗୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ କୁହୁଡି ଓଭରବ୍ରିଜ୍ ଉପରେ ରାତି ୮ଟା ସମୟରେ ସିରିଜ୍ ଦୁର୍ଘଟଣା ଘଟି ୪ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହାପରେ ଓଭରବ୍ରିଜ୍‌ରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ପ୍ରକାଶ ଯେ, ଓଭରବ୍ରିଜ୍ ଉପରେ ମେଡ଼ିସିନ ବୋଝେଇ ପିକ୍‌ଅପ ଭ୍ୟାନ ଖରାପ ହେବାରୁ ମରାମତି ପାଇଁ ଗ୍ୟାରେଜରୁ ମେକାନିକ ଆସିଥିଲେ। ପିକ୍‌ଅପ ଭ୍ୟାନ ମାଲିକ ଓ ତାଙ୍କ କାର୍ ସେଠାରେ ଛିଡ଼ା ହୋଇଥିଲା। ସେହି ସମୟରେ ପଛରୁ ଗୋଟିଏ ମାଛ ଟ୍ରେ ଆସି ପିକ୍‌ଅପ୍ ଭ୍ୟାନ୍ ପରେ କାର୍‌କୁ ଧକ୍କା ଦେଇଥିଲା। ଫଳରେ ୪ ଜଣ ଗୁରୁତର ହୋଇଥିଲେ। ଖବର ପାଇ ଟାଙ୍ଗୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ପାନଦୋକାନରୁ ନକଲି ମଦ ଜବତ, ୨ ଗିରଫ

**ଖୋର୍ଦ୍ଧା,୩୦।୪(ପ୍ରଭାତ ପାଣିଗ୍ରାହୀ)**

ପାନଦୋକାନରେ ନକଲି ମଦ ବିକ୍ରି କରୁଥିବା ୨ଜଣଙ୍କୁ ଖୋର୍ଦ୍ଧା-ନୟାଗଡ ରୋଡ ପେଟ୍ରୋଲ ପମ୍ପ ନିକଟରୁ ଅବକାରୀ ଟିମ୍ ଗିରଫ କରିଛି। ସେମାନେ ହେଲେ ଆକାଶ କୋଦାମସିଂହ ଓ ଆକାଶ କୁମାର ବେହେରା। ଉଭୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ଅସଲି ବିଦେଶୀ ମଦ ବୋତଲରେ ନକଲି ମଦ ପ୍ରସ୍ତୁତ କରି ବିକ୍ରି କରୁଥିଲେ ବୋଲି ଅବକାରୀ ଜିଲା ଅଧିକ୍ଷକ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି। ତାଙ୍କ ନିକଟରୁ ୩୫ ଲିଟର ମଦ, ୫ଶହ ଏମଏଲ ଥିନର ଖାଲି ବୋତଲ, ୯୫ ଠିପି, ଅସଲି ମଦ ଲେବଲ (ଷ୍ଟିକର) ଆଦି ଜବତ କରାଯାଇଛି। ସେମାନେ କିପରି ମଦ ପ୍ରସ୍ତୁତ କରୁଛନ୍ତି ତାହା ଅବକାରୀ ପୋଲିସକୁ ଡେମୋ ଦେଖାଇଥିଲେ। ଏହି ମଦ ବିଷାକ୍ତ ହେବାର ଆଶଙ୍କା ରହିଛି। ଏମାନଙ୍କ ସହିତ ଅନ୍ୟ କେଉଁମାନଙ୍କ ସଂପୃକ୍ତି ରହିଛି, ସେ ନେଇ ତଦନ୍ତ ଜାରି ରହିଛି ବୋଲି ଅବକାରୀ ଅଧିକ୍ଷକ ତ୍ରିପାଠୀ କହିଛନ୍ତି।

### ୧୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଖୋର୍ଦ୍ଧା,୩୦।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଅବକାରୀ ମୋବାଇଲ ୟୁନିଟ୍ ଆଦର୍ଶ ଥାନା ଅନ୍ତର୍ଗତ ନବୀନାବାଗରୁ ଦେଢ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ କାଳନ୍ଦି ଚରଣ ବ୍ରହ୍ମା। ଅବାକାରୀ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କାଳନ୍ଦିଙ୍କ ଉପରେ ସନ୍ଦେହ ହେବାରୁ ପଚରାଉଚୁରା କରିଥିଲେ। ତାଙ୍କ ନିକଟରୁ ଗଞ୍ଜେଇ ମିଳିଥିଲା। ତାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଶ୍ରମିକ କଂଗ୍ରେସର ବାଜିମାତ ରେଲ୍‌ୱେ ଇନଷ୍ଟିଚ୍ୟୁଟ୍‌ର ପରିଚାଳନା ପରିଷଦ ନିର୍ବାଚନ

**ଜଟଣୀ, ୩୦।୪(ରବିନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳରେ ମଙ୍ଗଳବାର ୬ଟି ରେଲ୍‌ୱେ ଇନଷ୍ଟିଚ୍ୟୁଟର ପରିଚାଳନା ପରିଷଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଗଣତି ପରେ ଫଳାଫଳ ଘୋଷଣା କରାଯାଇଥିଲା। ୧ ଜଣିଆ ପରିଷଦରେ ଖୋର୍ଦ୍ଧାରୋଡ଼ ବକ୍ସିଜଗବନ୍ଧୁ ଇନଷ୍ଟିଚ୍ୟୁଟରେ ଶ୍ରମିକ କଂଗ୍ରେସ ସମର୍ଥିତ ପାର୍ଥୀ ୮ଟି ଆସନରେ ଜିତି ପୁନର୍ବାର ପରିଷଦ ଗଠନ କରିବାକୁ ଜନମତ ପାଇଥିଲା। ଶ୍ରମିକ ୟୁନିୟନ ସମର୍ଥିତ ୩ଟିରେ ବିଜୟୀ ହୋଇଥିଲା। ଏହି ବିପୁଳ ବିଜୟ ପାଇଁ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଉଭୟ ପାର୍ଥି ଓ ଭୋଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଜେବି ଇନଷ୍ଟିଚ୍ୟୁଟ ନିର୍ବାଚନ ପାଇଁ ପ୍ରମୋଦ ସାହାଣୀ ଓ ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, ମହେନ୍ଦ୍ର ମହାନ୍ତି, ଏମ୍ ଜି କେ ରାଓ, ସୁବ୍ରତ ପଣ୍ଡା, ଶାଖା ସମ୍ପାଦକ ଏଲ୍ ଡି ମହାନ୍ତି, ଗୋପାଳ ଦାସ ପ୍ରମୁଖ ନିର୍ବାଚନୀ ମଙ୍ଗ ସମ୍ଭାଳିଥିବା ଶ୍ରମିକ କଂଗ୍ରେସ ମେ ସେଲ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# 'କୃଷକଙ୍କ ବିକାଶ ପାଇଁ ସରକାର ପ୍ରତିବଦ୍ଧ'

- ଅଖିମୁଠି ଅନୁକୂଳ, ଜିଲାସ୍ତରୀୟ କୃଷକ ଦିବସ
- ୧୦ ସଫଳ ଓ ସମନ୍ୱିତ ଚାଷୀ ସମ୍ବର୍ଦ୍ଧିତ

**ଖୋର୍ଦ୍ଧା,୩୦।୪(ପ୍ରଭାତ ପାଣିଗ୍ରାହୀ)**



ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଖିମୁଠି ଅନୁକୂଳ କରୁଛନ୍ତି।

କୃଷି ଆମ ଅସ୍ତିତ୍ୱର ମୂଳ ଆଧାର। ଏହି କ୍ଷେତ୍ରରେ କୃଷକ ଭାଇମାନେ ସେମାନଙ୍କର ପରିଶ୍ରମ, ଆଶା ଓ ଆତ୍ମବଳ ଦ୍ୱାରା ଆଜି ଓଡ଼ିଶାକୁ ଆତ୍ମନିର୍ଭର ଓ ସମୃଦ୍ଧ କରିଛନ୍ତି। ରାଜ୍ୟ ସରକାର କୃଷକଙ୍କ ସୁଖ, ସମୃଦ୍ଧି ପାଇଁ ପ୍ରତିବଦ୍ଧ ବୋଲି ପୂର୍ତ୍ତ, ଅବକାରୀ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବୁଧବାର ସକାଳେ ଖୋର୍ଦ୍ଧାସ୍ଥିତ ଭାରତୀୟ ଡାଲିଜାତୀୟ ଫସଲ ଅନୁସନ୍ଧାନ ଆଞ୍ଚଳିକ କେନ୍ଦ୍ରଠାରେ ଭୂମିପୂଜନ ସହ କ୍ଷେତରେ ଅଖିମୁଠି ବୁଣି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥିଲେ।

ପରେ ଜୟୀରାଜଗୁରୁ ଭବନରେ ଆୟୋଜିତ ଜିଲାସ୍ତରୀୟ କୃଷକ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନମନ୍ତ୍ରୀ କହିଛନ୍ତି, ପବିତ୍ର ଅକ୍ଷୟ ତୃତୀୟରେ ମହାପ୍ରଭୁଙ୍କ ରଥକାମ ଅନୁକୂଳ ସହ ଚନ୍ଦନଯାତ୍ରା ଆରମ୍ଭ ହୋଇଥାଏ। ଅକ୍ଷୟତୃତୀୟରେ ଚାଷୀକୂଳ ଅଖିମୁଠି ଅନୁକୂଳ କରିଥାଏ। ଚାଷୀଙ୍କ ବିକାଶ ପାଇଁ ରାଜ୍ୟ ସରକାର ବଦ୍ଧପରିକର। ସେମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ କୃଷକ କଲ୍ୟାଣକାରୀ ଯୋଜନା କରାଯାଇଛି। ୨୦୨୫ ଖରିଫ ଋତୁ ପାଇଁ ୫୦ଲକ୍ଷ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ କିଷାନ କିସ୍ତି ଅଧିନରେ ଆର୍ଥିକ ସହାୟତା ପ୍ରଦାନ କରାଯିବ। ରାଜ୍ୟ ସରକାର କୃଷକଙ୍କ ସ୍ୱାବଲମ୍ବନ ଓ ସମୃଦ୍ଧି ପାଇଁ ଅନେକ ଯୋଜନା ପ୍ରଚଳିତ କରିଛନ୍ତି। ଏଥିମଧ୍ୟରେ କିଷାନ କ୍ରେଡ଼ିଟ କାର୍ଡ (କେସିସି) ରହିଛି, ଯାହାକି କୃଷକଙ୍କୁ ସହଜରେ କମ୍ ସୁଧରେ ଋଣ ଯୋଗାଇପାରୁଛି। ସେହିପରି ରାଜ୍ୟ ସରକାର ଚାଷୀଙ୍କୁ ସେମାନଙ୍କ ଉତ୍ପାଦନର ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ୟାଡି ପ୍ରୋକ୍ୟୁରମେଣ୍ଟ ଯୋଜନା ମାଧ୍ୟମରେ ୮ଶହ ଟଙ୍କାର ଇନପୁଟ ସହାୟତା ରାଶି ସହ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ପ୍ରଦାନ କରୁଛନ୍ତି। ରାସାୟନିକ ସାର ଓ କୀଟନାଶକ ବ୍ୟବହାର ପରିବର୍ତ୍ତେ ଜୈବିକ କୃଷିକୁ ଆପଣାଇବା ପାଇଁ ପ୍ରୟାସ ଆରମ୍ଭ କରିବାକୁ କୃଷକମାନେ ଆଜିର ଦିବସରେ ସଂକଳ୍ପ ନେବାକୁ ଆଇନମନ୍ତ୍ରୀ କହିଥିଲେ। ଏହି ଅବସରରେ ଜିଲାର ୧୦ ସଫଳ ଚାଷୀ କବିରାଜ ସାମନ୍ତସିଂହାର, କୃଷ୍ଣଚନ୍ଦ୍ର ଓଝା, ପ୍ରଭାତ କୁମାର ଜେନା, ଗଗନ ବିଶ୍ୱାଳ, ପ୍ରଶାନ୍ତ ସାଶମଲ, ଜୟପ୍ରକାଶ ସାମନ୍ତରାୟ, କେଲୁଚରଣ ସାମନ୍ତରାୟଙ୍କ ସମେତ ଜି. ଶ୍ରୀନିବାସନ କାଲୁନିଆରି ସମନ୍ୱିତ ଚାଷ, ମା' ଅନ୍ନପୂର୍ଣ୍ଣା ଏସ୍ଏଚ୍‌ଜି ମାଣ୍ଡିଆ ଚାଷ, କୌଶଲ୍ୟା ଜେନା ଆଖୁଚାଷରେ ଉତ୍କୃଷତା ପାଇଁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭୁବନେଶ୍ୱର ବ୍ଲକ କୃଷି ବୈଷୟିକ ପରିଚାଳିକା ମଞ୍ଚ ପରିଚାଳନା କରିଥିବାବେଳେ ଟାଙ୍ଗୀ କୃଷି ଅଧିକାରୀ ମନୋରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ମୋ ଜଙ୍ଗଲ ଜମି ଅଧିକାର ଯୋଜନାର ଦସ୍ତାବିଜ ଦାଖଲ



ଗ୍ରାମବାସୀ ବୋଲଗଡ଼ ତହସିଲଦାରଙ୍କୁ ଦସ୍ତାବିଜ ପ୍ରଦାନ କରୁଛନ୍ତି।

**ବୋଲଗଡ଼,୩୦।୪(ଦେବବ୍ରତ ହୋତା)**

ମୋ ଜଙ୍ଗଲ ଜମି ଅଧିକାର ଆଇନ ଯୋଜନା ଅଧୀନ ୩ଟି ରାଜସ୍ୱ ଗ୍ରାମକୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ବୁଧବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସମ୍ପୃକ୍ତ ଗ୍ରାମବାସୀ ଆବଶ୍ୟକୀୟ ଦସ୍ତାବିଜ ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀଙ୍କୁ ପ୍ରଦାନ କରିଛନ୍ତି। ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ଗ୍ରାମ ଏବଂ ମାଣିବନ୍ଧ ପଞ୍ଚାୟତ ଅଧୀନ ବଡ଼ପଦର ଓ ସାମନ୍ତରାପୁର ରାଜସ୍ୱ ଗ୍ରାମବାସୀଙ୍କ ପକ୍ଷରୁ ଉଜୁଡ଼ା ଜଙ୍ଗଲକୁ ସଜାଡ଼ି ସବୁଜ ବନାନୀ ସୃଷ୍ଟି କରିଥିବାରୁ ଏହି ଗ୍ରାମଗୁଡ଼ିକୁ ମୋ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ପଟ୍ଟା ପ୍ରଦାନ ପାଇଁ ରାଜସ୍ୱ ବିଭାଗର ନିଷ୍ପତ୍ତି ହୋଇଥିଲା। ପରେ ଉପରୋକ୍ତ ୩ ଗ୍ରାମର ଅଧିବାସୀ ଜଙ୍ଗଲ ଜମି ଅଧିକାର ଯୋଜନାରେ ସାମିଲ ହୋଇଥିବାବେଳେ ଗ୍ରାମ କମିଟି ସଦସ୍ୟ ବୋଲଗଡ଼ ତହସିଲଦାର ସେଠୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ଓ ଆନୁଷଙ୍ଗିକ ଦସ୍ତାବିଜ ପ୍ରଦାନ କରିଛନ୍ତି। ଏହି ଅବସରରେ ତହସିଲଦାରଙ୍କ ସହ ବରିଷ୍ଠ ଅଧିକାରୀ ଓ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ବସୁନ୍ଧରାର କାର୍ଯ୍ୟକ୍ରମ ଅଧିକାରୀ ମନୋରଞ୍ଜନ ଦାସଙ୍କ ସମେତ ସୁମିତ ପ୍ରଧାନ ଓ ଚୈତନ୍ୟ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଫକୀର ପ୍ରଧାନ, ଭାଗୀରଥି ଦାଶ, ଧ୍ରୁବଚରଣ ମହାପାତ୍ର, କୃପାସିନ୍ଧୁ ହୋତା, ରାଜକିଶୋର ବେହେରା, ଝିଲି ବେହେରା ଓ ଅନ୍ୟମାନେ ଦସ୍ତାବିଜ ପ୍ରଦାନ କରି ନିଜର ଦାବି ଉପସ୍ଥାପନ କରିଥିଲେ।

## ୨ ପ୍ରମୁଖ ବ୍ୟବସାୟୀଙ୍କ ପରଲୋକ

**ବେଗୁନିଆ,୩୦।୪(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବଜାରରେ ଦୀର୍ଘ ବର୍ଷ ହେବ ବ୍ୟବସାୟ କରି ଆସୁଥିବା ୨ ପ୍ରମୁଖ ବ୍ୟବସାୟୀଙ୍କ ବୁଧବାର ଦେହାନ୍ତ ହୋଇଛି। ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ବେଗୁନିଆ ବଣିକ ସଂଘ ପକ୍ଷରୁ ସନ୍ଧ୍ୟାରେ ୧୫ ମିନିଟ୍ ପାଇଁ ଆଲୋକ ବନ୍ଦ ରଖି ନୀରବ ପ୍ରାର୍ଥନା ସହ ସମବେଦନା ଜ୍ଞାପନ କରାଯାଇଛି। ସ୍ଥାନୀୟ ଧାନଘରନୂଆଗାଁ ଗ୍ରାମର ମୁରଲୀଧର ସାହୁ (୬୨) ଦୀର୍ଘ ବର୍ଷ ହେଲା ବେଗୁନିଆ ବଜାରରେ ତେଜରାତି ଦୋକାନ କରି ବ୍ୟବସାୟ କରିଆସୁଥିଲେ। ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ହୃଦଘାତ ଜନିତ ମୃତ ଘୋଷଣା କରିଥିଲେ। ସେହିପରି କଣ୍ଟ୍ରୋଲ ଦୋକାନ, ପରିବା ହାଟ ନିଲାମ ନେବା ଏବଂ ପରିବା ବିକ୍ରୟ ଭଳି ବିଭିନ୍ନ ବ୍ୟବସାୟ କରି ଆସୁଥିବା ବେଗୁନିଆ ନୂଆସାହି ନିବାସୀ ଭିକାରୀ ସାହୁ (୭୯) ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥାଇ ଶଯ୍ୟାଶାୟୀ ଥିଲେ। ମଧ୍ୟାହ୍ନରେ ତାଙ୍କ ମୃତ୍ୟୁ ଘଟିଥିଲା। ୨ ବ୍ୟବସାୟୀଙ୍କ ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଗ୍ରାମୀଣ କଳା ସଂସ୍କୃତି, ମହିଳା ବିକାଶ ଉତ୍ସବ ଉଦ୍‌ଘାଟିତ




ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**କଳାପଥର,୩୦।୪(ଗଙ୍ଗାଧର ସାହୁ)**

ବୋଲଗଡ଼ ବ୍ଲକ ପାଟପୁର ଶାସନ ଗ୍ରାମପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମରେ ଗ୍ରାମୀଣ କଳା ସଂସ୍କୃତି ଓ ମହିଳା ବିକାଶ ତାଲିମ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ଜଗନ୍ନାଥଙ୍କୁ ଫୁଲ, ଚନ୍ଦନ, ଧୂପ ଦେଇ ଅତିଥିମାନେ ମହିଳା ବିକାଶ କେନ୍ଦ୍ରକୁ ଉଦ୍‌ଘାଟିତ କରିଥିଲେ। ମୁଖ୍ୟ ଅତିଥି ରତ୍ନାକର ମହାପାତ୍ର, ସମ୍ମାନିତ ଅତିଥି ବିଜୟ କୁମାର ସୁବୁଦ୍ଧି, ସରପଞ୍ଚଙ୍କ ନୋମିନି ଶରତଚନ୍ଦ୍ର ହୋତା, ଆଲୋକ ସୁବୁଦ୍ଧି, ସେବା ସମବାୟ ସମିତି ସଭାପତି ସନ୍ତୋଷ ତ୍ରିପାଠୀ, ସୁରଜ କୁମାର ସୁବୁଦ୍ଧି, ଭାଗୀରଥି ମହାପାତ୍ର ପ୍ରମୁଖ ଯୋଗଦେଇ ଓ ଗ୍ରାମୀଣ କଳା ସଂସ୍କୃତିକୁ ଉଦ୍‌ଜୀବିତ ରଖିବାରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ଦ୍ୱାରା ମହିଳାଙ୍କ ବିକାଶରେ ଉନ୍ନତି ଆସିବା ସହ ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ରମେଶଚନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ଉତ୍ତରୀୟ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଜୟ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ରାମନବମୀ ଉତ୍ସବ ଉଦ୍‌ଯାପିତ

**ବାଣପୁର,୩୦।୪(ଦିଲୀପ ସ୍ୱାଇଁ)**

ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ପଞ୍ଚାୟତ ଅଧୀନ ଖଜୁରିଆ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ ଅଭିଷେକ ଉତ୍ସବ ଓ ରାମଲୀଳା ଉଦ୍‌ଯାପନୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖଜୁରିଆ ଗ୍ରାମର କେତେଜଣ କଳାକାରଙ୍କୁ ନେଇ ୯ ଦିନ ଧରି ରାମ ନବମୀ ଉତ୍ସବ ଚାଲିଥିଲା। ଗ୍ରାମବାସୀ ନିଷ୍ଠାର ସହ ବ୍ରତ ରଖିଥିବାବେଳେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଥିଲା। ଗ୍ରାମବାସୀ ପ୍ରଭୁ ଶ୍ରୀରାମଙ୍କୁ ବିମାନରେ ଅବତରଣ କରି ଡିଜେ, ବାଜା, ରୋଷଣୀରେ ଗ୍ରାମ ପରିକ୍ରମା ସହିତ ଗମ୍ଭାରୀମୁଣ୍ଡା ବଜାରରେ ଶାନ୍ତି ଶୃଙ୍ଖଳାର ସହ ପରିକ୍ରମା କରି ଗ୍ରାମକୁ ଫେରିଥିଲେ।

## ପହଲଗାମ୍ ମୃତକଙ୍କ ପାଇଁ ମହମବତି ଶୋଭାଯାତ୍ରା

**ବେଗୁନିଆ,୩୦।୪(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅଧୀନ ଡିଙ୍ଗର ଗ୍ରାମ୍ୟ କମିଟି ଏବଂ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ କଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ନିମନ୍ତେ ବୁଧବାର ସନ୍ଧ୍ୟାରେ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ବାହାରି ଗ୍ରାମ୍ୟ ପରିକ୍ରମା କରିଥିଲା। ଏହାପରେ ୨ ମିନିଟ୍ ନିରବ ପ୍ରାର୍ଥନା ସହିତ ଶୋକସଭା କରାଯାଇଥିଲା। ଏଥିରେ ଗ୍ରାମର ଲଳିତ ନାରାୟଣ ନାଗ, ପତିତପାବନ ରଥ, ପ୍ରକାଶ ସାହୁ, ସନ୍ତୋଷ କୁମାର ସାହୁ, ସୁବାସ ବେହେରା, ସରୋଜ ବିଷୋୟୀ, ଶିବ ପ୍ରସାଦ ଦାସ, ବିଶ୍ୱନାଥ ପାତ୍ରଙ୍କ ସମେତ ବୁଦ୍ଧିଜୀବୀ ଯୋଗଦେଇ ଦେଇଥିଲେ।

## ପ୍ରାଧ୍ୟାପକ ପଙ୍କଜ କରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ବେଗୁନିଆ,୩୦।୪(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ମହାବିଦ୍ୟାଳୟ ସଭାଗୃହ ପରିସରରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସଭାରେ ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅବସର ନେଉଥିବା ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ପଙ୍କଜ କୁମାର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ବିଧୁଭୂଷଣ ରାଉତ ଏବଂ ଓଡିଆ ବିଭାଗର ମୁଖ୍ୟ ବିଜୟଲକ୍ଷ୍ମୀ ସୁବୁଦ୍ଧି ଅତିଥିଭାବେ ଯୋଗଦେଇଥିଲେ। ଉଚ୍ଚ ଶିକ୍ଷିତ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଆଗକୁ ବଢ଼ିବାକୁ ପିଲାମାନଙ୍କୁ ଅନେକ ଦିଗ୍‌ଦର୍ଶନ ଦେଇଥିଲେ ଅଧ୍ୟକ୍ଷା ସେନାପତି। ଅନ୍ୟପକ୍ଷରେ ଅବସର ନେଉଥିବା ପ୍ରାଧ୍ୟାପକ କର ଶିକ୍ଷାଦାନ କ୍ଷେତ୍ରରେ ହେଉ କିମ୍ବା ମହାବିଦ୍ୟାଳୟର ଉନ୍ନୟନ ପାଇଁ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତପ୍ରକାଶ ପାଇଥିଲା। ଆୟୋଜକ ବିଭାଗର ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ, ଦାମୋଦର ସାହୁ ଏବଂ ଅଧ୍ୟାପିକା ରୋନାଲିସା ପାତ୍ରଙ୍କ ସଞ୍ଚାଳନରେ ଅନୁଷ୍ଠିତ ସମାରୋହରେ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

## ପାରିକୁଦଗଡ଼ରେ ରଥକାଠ ଅନୁକୂଳ

**କୃଷ୍ଣପ୍ରସାଦ,୩୦।୪(କୈଳାଶ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ ଅଧୀନ ପାରିକୁଦଗଡ଼ ଠାରେ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାରମ୍ପରିକ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହେବ। ଏନେଇ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପାରିକୁଦଗଡ଼ର ମୁଖ୍ୟ ପୀଠାଧିଶ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରୀତିନୀତି ଅନୁଯାୟୀ ବୁଧବାର ରଥକାଠ ଅନୁକୂଳ ହୋଇଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ରାଜ ପୁରୋହିତ କମଳ ଚନ୍ଦ୍ର ଦେବତା ଜାଗିରିକୁଦା ଗ୍ରାମରୁ ନିମ୍ବ ବୃକ୍ଷ ପୂଜାର୍ଚ୍ଚନା କରିଥିଲେ। ଏହାପରେ କାଠୁରିଆ ସେବକମାନେ ନିମ୍ବ ବୃକ୍ଷକୁ ଛେଦନ କରିଥିଲେ। ସୁସଜ୍ଜିତ ଶଗଡ଼ିରେ କାଠକୁ ମନ୍ଦିର ପରିସରକୁ ଅଣାଯାଇଥିଲା। ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ସକାଳ ଆଳତି ପରେ ମନ୍ଦିର ପରିସରରେ ରଥକାଠ ଅନୁକୂଳ ପୂଜା କରାଯାଇଥିଲା। ଏହାକୁ ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ଭକ୍ତଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ରଥଯାତ୍ରା ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ଗୌଡ୍ର, ଉପସଭାପତି ମକଦ୍ଦମ ସିଂ, ସମ୍ପାଦକ ସୁବ୍ରତ କୁମାର ପଣ୍ଡା, ପ୍ରମୋଦ ସାହୁ, ବିଭୂ ନାରାୟଣ ଜେନା, ଦୁର୍ଯୋଧନ ନାୟକ, ଅଜୟ ସ୍ୱାଇଁ, ପ୍ରତାପ ବେହେରା, ଯୁବରାଜ ପ୍ରଧାନ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସ୍ଥାନୀୟ ଶିଳ୍ପାଞ୍ଚଳରେ ନିଯୁକ୍ତି ପାଇଁ ଅଞ୍ଚଳବାସୀଙ୍କ ଦାବି

**ନିରାକାରପୁର,୩୦।୪(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ମୁଣ୍ଡାଆମ୍ବ ମୌଜାରେ ଇଡ୍‌କୋ ପକ୍ଷରୁ ୩୦୦ ଏକର ଜାଗାରେ ଥିବା ଶିଳ୍ପାଞ୍ଚଳର ବିଭିନ୍ନ କମ୍ପାନୀ ପ୍ରତିଶ୍ରୁତି ମୁତାବକ ଲୋକଙ୍କ ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧା ନେଇ ବୁଧବାର ଅଞ୍ଚଳବାସୀ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସୂଚନା ମୁତାବକ, କମ୍ପାନୀରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଥିଲା। ଏହାସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ ସେଥିପ୍ରତି କର୍ଣ୍ଣପାତ ନ କରିବା ବିରୋଧରେ ଜଙ୍କିଆ ଓ ପାଖାପାଖି ଅଞ୍ଚଳର ଲୋକେ ବର୍ଷେ ପୂର୍ବେ ଖୋର୍ଦ୍ଧା ଜିଲାପାଳଙ୍କୁ ଦାବିପତ୍ର ମଧ୍ୟରେ ଅଭିଯୋଗ କରିଥିଲେ।

ଦକ୍ଷତା ଭିତ୍ତିରେ ନିଯୁକ୍ତି ୩୦/୪୦ ଭାଗ ବେକାରୀଙ୍କୁ ନିଯୁକ୍ତି ସୁଯୋଗ, ଜଙ୍କିଆ ଖେଳ ପଡ଼ିଆଠାରୁ ନୂଆଗାଁ ଦେଇ ମୋଟା ଛକ ପର୍ଯ୍ୟନ୍ତ ଏକ ପିଚୁ ରାସ୍ତା, ଗ୍ରାମର ଉନ୍ନତି ପାଇଁ ୫୦ ଏକର ଜମି ପ୍ରଦାନ ଓ ଜଙ୍କିଆ ହାଇସ୍କୁଲ ଶ୍ରେଣୀଗୃହକୁ ପକ୍କା ଘରରେ ନିର୍ମାଣ କରିବାକୁ ଆଲୋଚନା ହୋଇଥିଲା। କମ୍ପାନୀଗୁଡ଼ିକୁ ଜାଗା ପ୍ରଦାନବେଳେ ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବାକୁ ଇଡ୍‌କୋ ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେବାକୁ ଜିଲାପାଳ କହିଥିଲେ। ପରେ ଗ୍ରାମବାସୀଙ୍କ ପକ୍ଷରୁ ନିଯୁକ୍ତି ପାଇଁ ବେକାର ଯୁବତୀ ଯୁବକଙ୍କ ଏକ ତାଲିକା ପ୍ରଦାନ କରାଯାଇଥିଲା। କିନ୍ତୁ ଅଦ୍ୟାବଧି ଯୁବତୀ ଯୁବକଙ୍କୁ ନିଯୁକ୍ତି କିମ୍ବା ଅଞ୍ଚଳ ପାଇଁ ହେବାକୁ ଥିବା ଉନ୍ନତିକରଣ ନିମନ୍ତେ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ମୁଣ୍ଡାଆମ୍ବ ବାସୀଙ୍କ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଜିଲାପାଳ ପଦକ୍ଷେପ ନେବାକୁ ଏକ ଦାବିପତ୍ର ଜଙ୍କିଆ ଶିଳ୍ପାଞ୍ଚଳ କର୍ତ୍ତୃପକ୍ଷଙ୍କୁ ବୁଧବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଆସିଥିବାବେଳେ ପ୍ରଦାନ କରାଯାଇଛି। ଏହି ଅବସରରେ ଗ୍ରାମ୍ୟ କମିଟି ସଭାପତି ତଥା ପୂର୍ବତନ ସରପଞ୍ଚ ରାଜେନ୍ଦ୍ର କୁମାର ସାମନ୍ତରାୟ, ସମ୍ପାଦକ ପ୍ରଦୀପ୍ତ ପାଟଶାଣୀ, ସରପଞ୍ଚ ପଙ୍କୋଜିନୀ ବଳବନ୍ତରାୟ, ସମିତି ସଭ୍ୟ କିଶୋର ଚନ୍ଦ୍ର ମାର୍ଥା, ଉପସଭାପତି ରମ୍ୟରଞ୍ଜନ ଜେନା, ସହ ସମ୍ପାଦକ ଶ୍ରୀକାନ୍ତ ବଳବନ୍ତରାୟ, ଉପଦେଷ୍ଟା ବିଶ୍ୱଭୂଷଣ ଛୋଟରାୟ, ସୁରେନ୍ଦ୍ରନାଥ ଜେନା ଓ ବିରଞ୍ଚି ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଅନନ୍ତ ପୁରୁଷୋତ୍ତମ, ଲୀଳାକ୍ଷେତ୍ରରେ ରଥକାର୍ଯ୍ୟ ଅନୁକୂଳ

**ଖୋର୍ଦ୍ଧା,୩୦।୪(ପ୍ରଭାତ ପାଣିଗ୍ରାହୀ)**



ରଥକାର୍ଯ୍ୟ ଅନୁକୂଳ ପାଇଁ ପୂଜାର୍ଚ୍ଚନା ଚାଲିଛି।

ପବିତ୍ର ଅକ୍ଷୟ ତୃତୀୟାରେ ବୁଧବାର ଜାଗୁଳି ପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ)ଙ୍କ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇଯାଇଛି। ଭୋର ସାଢେ ୪ଟାରେ ମନ୍ଦିର ଦ୍ୱାରଫିଟା, ମଇଲମ, ତଡପଲାଗି, ଅବକାଶ, ଦ୍ୱାରପାଳ ଓ ସୂର୍ଯ୍ୟପୂଜା ନୀତି ପରେ ୬ଟାରେ ମଙ୍ଗଳ ଆଳତି ସରିଥିଲା। ପରେ ମନ୍ଦିର ସମ୍ମୁଖରେ ଏକ ଚାରିଫୁଟିଆ ଧଉରା କାଠ ରଖାଯାଇଥିଲା। ନୀତି ନିର୍ଘଣ୍ଟ ଅନୁଯାୟୀ, ପୂଜକ ମହନ୍ତ କମଳଲୋଚନ ଦାଶ ମହାରାଜ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଆଜ୍ଞାମାଳ ଆଣି ରଥକାଠରେ ବିଜେ କରିଥିଲେ। ପାରମ୍ପରିକ ରୀତିନୀତିରେ ଧୂପ, ଦୀପ, ନୈବେଦ୍ୟ ଅର୍ପଣ ପୂର୍ବକ ରଥକାଠ ପୂଜାର୍ଚ୍ଚନା କରାଯାଇଥିଲା। ସମସ୍ତ ପୂଜକ, ଟ୍ରଷ୍ଟ ବୋର୍ଡ ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ, ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର କମିଟି ପକ୍ଷରୁ ରଥର ମୁଖ୍ୟ ବିଶ୍ୱକର୍ମା ଅର୍ଜୁନ ମହାରଣା ଶାଢ଼ି ବନ୍ଧାଇ ରଥକାମ ଅନୁକୂଳ କରିଥିଲେ। ବିଧିବଦ୍ଧ ଭାବେ ରଥକାଠ ଅନୁକୂଳ ହୋଇଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ରଥ ନିର୍ମାଣ କରାଯିବ। ଏଠାରେ ୪୦ ଫୁଟ ଉଚ୍ଚର ଗୋଟିଏ ରଥରେ ଚତୁର୍ଦ୍ଧାବିଗ୍ରହ ବିଜେ କରନ୍ତି। ରଥଯାତ୍ରା ଆୟୋଜନ ନେଇ ମନ୍ଦିର ଟ୍ରଷ୍ଟି ତଥା ଉପଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

ସେହିପରି ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଲାଗି ରଥକାଠ ଅନୁକୂଳ ହୋଇଯାଇଛି। ସକାଳେ ନୀତି ପରେ ନିର୍ଦ୍ଧାରିତ ସମୟରେ ମନ୍ଦିର ସମ୍ମୁଖରେ ଏକ ଧଉରା କାଠ ରଖାଯାଇଥିଲା। ସକାଳ ଧୂପ ନୀତି ପରେ ରଥକାଠରେ ଆଜ୍ଞାମାଳ ବିଜେ କରାଯାଇଥିଲା। ପାରମ୍ପରିକ ରୀତିନୀତିରେ ରଥକାଠ ପୂଜାର୍ଚ୍ଚନା ସହ ହୋମଯଜ୍ଞ କରାଯାଇ ରଥକାଠ ଅନୁକୂଳ ହୋଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଠାରେ ଗତ ୪ବର୍ଷ ହେଲା ରଥଯାତ୍ରା ଆୟୋଜନ କରାଯାଉଛି।

ପ୍ରକାଶ ଯେ, ଗଡ଼ଖୋର୍ଦ୍ଧା ହେଉଛି ମହାପ୍ରଭୁଙ୍କ ଲୀଳାକ୍ଷେତ୍ର। ଇତିହାସ କହେ, ଗଜପତି ପ୍ରଥମ ରାମଚନ୍ଦ୍ରଦେବ ୧୫୬୮ ଖ୍ରୀଷ୍ଟାବ୍ଦରେ ଗଡ଼ଖୋର୍ଦ୍ଧାରେ ଓଡ଼ିଶାର ରାଜଧାନୀ ସ୍ଥାପନ କରିଥିଲେ। ପରେ ୧୫୭୫ ଖ୍ରୀଷ୍ଟାବ୍ଦରେ କୁଜଙ୍ଗଗଡ଼ରୁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ଅଣାଇ ଗଡଖୋର୍ଦ୍ଧାସ୍ଥିତ ମନ୍ଦିରରେ ନବକଳେବର କରାଇ (କଳାପାହାଡ଼ ଆକ୍ରମଣ ଯୋଗୁ ୮ ବର୍ଷ ଧରି ଶୂନ୍ୟ ରହିଥିବା ଶ୍ରୀମନ୍ଦିରରେ) ଚତୁର୍ଦ୍ଧାବିଗ୍ରହଙ୍କୁ ପୁନଃ ଶ୍ରୀମନ୍ଦିରରେ ସ୍ଥାପନା କରାଇଥିଲେ। ଏହି ପବିତ୍ର କାର୍ଯ୍ୟ ପାଇଁ ଗଜପତି ରାମଚନ୍ଦ୍ର ଦେବଙ୍କୁ ଶ୍ରୀମନ୍ଦିର ସେବାୟତ ଓ ଷୋଳଶାସନ ବ୍ରାହ୍ମଣ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଭାବେ ବିଭୂଷିତ କରିଥିଲେ ବୋଲି ଐତିହାସିକ କେଦାରନାଥ ମହାପାତ୍ରଙ୍କ 'ଖୁରୁଧା ଇତିହାସ' ପୁସ୍ତକରେ ସବିଶେଷ ବର୍ଣ୍ଣନା ରହିଛି।

## ସଂକ୍ଷେପରେ

### ସର୍ଭିସ୍ ରୋଡ୍ ଉପରେ ପିଚୁ ପକା ମେଶିନ, ଯାତାୟାତରେ ବାଧା



ଚୌଦ୍ୱାର,୩୦।୪(ଆଶୁତୋଷ ଦାସ)

୫୫ ନଂ. ଜାତୀୟ ରାଜପଥ ମଙ୍ଗୁଳିଠାରୁ ଧୁମାବତୀ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆଜକୁ ୬ ବର୍ଷରୁ ଉର୍ଦ୍ଧ୍ୱ ହେବ ଜାରି ରହିଛି। ତେବେ ସର୍ବସାଧାରଣ ଯାତାୟାତ ପାଇଁ ରଜରାସ୍ତା କଡର ଉଭୟ ପାର୍ଶ୍ୱରେ ଥିବା ସର୍ଭିସ ରୋଡ ଶେଷ ହେବାକୁ ବସିଥିବା ବେଳେ ରୋଡ ଉପରେ ଗତ ୩ ଦିନ ହେବ ୨ଟି ମେଶିନ ରହିଥିବାରୁ ସାଧାରଣରେ ଯାତାୟାତ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଚୌଦ୍ୱାର ସହରର ବ୍ୟସ୍ତବହୁଳ କଳିଙ୍ଗ ଛକ ନିକଟରେ ଆଜକୁ ୩ଦିନ ହେବ ୨ଟି ପିଚୁ ପକା ମେଶିନ ଛିଡା ହୋଇରହିଛି। ଫଳରେ ଯାନବାହନ ଚଳାଚଳଠୁ ଆରମ୍ଭ କରି ସାଧାରଣ ଲୋକେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଳିଙ୍ଗଛକକୁ ଦୈନିକ ଶହଶହ ସଂଖ୍ୟାର ଲୋକ ନିଜ ନିଜର ଦୈନିକ କାର୍ଯ୍ୟପାଇଁ ଆସିଥାନ୍ତି। ଏଠାରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସରେ ୨ଟି ବ୍ୟାଙ୍କ ସହିତ ୪ଟି ଏଟିଏମ୍ ଓ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ଫଳରେ ଏହି ସ୍ଥାନ ବିଭିନ୍ନ ସମୟରେ ରସ୍ତା ଜାମ ରହୁଛି। ତୁରନ୍ତ ରାସ୍ତା ଉପରେ ଗାଡି ୨ଟି ହଟାଇବା ପାଇଁ ସାଧାରଣରେ ଦାବି ହେଉଛି।

### ଅଭୟ ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ ମୁଖ୍ୟ ଉପଦେଷ୍ଟା

ଖୁଣ୍ଟୁଣୀ,୩୦।୪(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲାର ଏକ ବୃହତ ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ମୁଖ୍ୟ ଉପଦେଷ୍ଟା ଭାବେ



ଆଠଗଡ଼ ଭାଜପା ନେତା ଅଭୟ କୁମାର ବାରିକ ବୁଧବାର ଅକ୍ଷୟ ତୃତୀୟାଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏହି ଦାୟିତ୍ୱରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବହୁବର୍ଷ ଧରିଥିଲେ। ଏବେ ଶାସନ କ୍ଷମତା ବଦଳିବା ପରେ ମାଲିକ ସଂଘ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନେଇ ରଣେନ୍ଦ୍ରଙ୍କ ପରିବର୍ତ୍ତେ ଅଭୟଙ୍କୁ ଚୟନ କରି ଗତ ୪ ତାରିଖରେ ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ପକ୍ଷରୁ ଏକ ଚିଠି ଦିଆଯାଇ ଅଭୟଙ୍କୁ ଏହି ଦାୟିତ୍ୱ ଗ୍ରହଣ ପାଇଁ ଅନୁରୋଧ କରାଯାଇଥିଲା। ଅଭୟ ଟ୍ରକ୍ ମାଲିକ ସଂଘ ଅନୁରୋଧକୁ ଗ୍ରହଣ କରି ତାଙ୍କ ସ୍ୱୀକୃତି ବିଷୟରେ ଜଣାଇବା ପରେ ତାଙ୍କୁ ମାଲିକ ସଂଘ ପକ୍ଷରୁ ସଭାପତି ମନୋଜ କୁମାର ମିଶ୍ର, ଭାଇସ ପ୍ରେସଡେଣ୍ଟ ଦିଲୀପ ତ୍ରିପାଠୀ, ସାଧାରଣ ସମ୍ପାଦକ ଅଶୋକ କୁମାର ସାମନ୍ତରାୟ, କାର୍ଯ୍ୟକାରୀ ସଭାପତି ଉମେଶ ଦଳାଇ, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ନାୟକ, ଯୁଗ୍ମ କୋଷାଧ୍ୟକ୍ଷ ଗଦାଧର ସାହୁ, ଜୋନ ୧ ସମ୍ପାଦକ ଭଗବାନ ରାଉତ ଓ ଜୋନ ୨ ସମ୍ପାଦକ ଜ୍ଞାନରଞ୍ଜନ ତ୍ରିପାଠୀ ପ୍ରମୁଖ ସଂଘର ୪ଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ସ୍ୱାଗତ ଜଣାଇଛନ୍ତି।

### ତେଲଦିଆ-ସିଂହାଳ ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ

କଟକ ସଦର,୩୦।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାୟତ ତେଲଦିଆ-ସିଂହାଳ ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ବିମଳ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଆମ୍ବାର ସଭାପତି ରମା ପ୍ରସାଦ ବିଶ୍ୱାଳ, ସାଧୁ ଜେନା, ସମୀର ସେନାପତି, ଶୁଭେନ୍ଦୁ ପଣ୍ଡା, ସୁଜାତା ସେଠୀ, ବିରଞ୍ଚି କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ୨ କୋଟି ୭୭ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତାର ଉନ୍ନତି କରାଯିବ। ପ୍ରାରମ୍ଭରେ ରଘୁନାଥ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସୁରେଶ ଜେନା, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ପ୍ରଭାତ ସେଠୀ, ମମତା ମଲ୍ଲିକ, ମମତା ବେହେରା, ନିରୋଜା ନଳିନୀ ଦାସ, ପ୍ରମୋଦ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଓଡ଼ିଶାର ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲେ ଜୟଦେବ'

## ଜିଲାସ୍ତରୀୟ ଜୟଦେବ ଜୟନ୍ତୀ

କଟକ,୩୦।୪(କାର୍ତ୍ତିକ ସାହୁ)

କବି ଜୟଦେବଙ୍କ ସମଗ୍ର ଜୀବନରେ ପ୍ରୀତି, ପ୍ରଣୟ ଓ ସମର୍ପଣ କବିତା ଲେଖି ଓଡ଼ିଶାର ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି। ଜୟଦେବ ଥିଲେ ଭୂମି ଓ ଭୂମାର କବି ବୋଲି ଜିଲା ପ୍ରଶାସନ ଏବଂ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସ୍ୱରାଜ ଆଶ୍ରମଠାରେ ବୁଧବାର ଆୟୋଜିତ ଶ୍ରୀ ଜୟଦେବ ଜୟନ୍ତୀରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲାପାଳ ଈପସିତା ପ୍ରିୟଦର୍ଶିନୀ ମିଶ୍ର ଜୟନ୍ତୀ ଉତ୍ସବ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ପଦ୍ମଶ୍ରୀ ଉତ୍ସବ ଦାସ, ବରେଣ୍ୟ ଅତିଥି ଅଭିନେତା ଶ୍ରୀତମ ଦାସ, ସମ୍ମାନିତ ଅତିଥି ସୂଚନା ଓ ଲୋକ ସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶିକା ସ୍ମିତା କର, ଅନ୍ୟତମ ସମ୍ମାନିତ ଅତିଥି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଅତିଥି ବକ୍ତା ଦୁଲ୍ଲାଲ କୃଷ୍ଣ ପତି ପ୍ରମୁଖ ଜୟଦେବଙ୍କ ସାହିତ୍ୟକୃତି ଉପରେ ଆଲୋଚନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସାହିତ୍ୟିକ ରାଜୀବ କୁମାର ଷଡ଼ଙ୍ଗୀ ଓ ବିଶ୍ୱମିତ୍ର ମିଶ୍ରଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ନୃତ୍ୟଜ୍ୟୋତି ଅନୁଷ୍ଠାନ ପକ୍ଷରୁ ଗୀତଗୋବିନ୍ଦ ଓ ଦଶଅବତାର ନୃତ୍ୟ ପରିବେଷଣ କରାଯାଇଥିଲା।



ଜିଲାସ୍ତରୀୟ ଜୟଦେବ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।



ସିଡିପିଓଙ୍କ ବଦଳି ଦାବିକରି କଟକ ଜିଲାପାଳଙ୍କ ଅଫିସ ନିକଟରେ ଅଙ୍ଗନୱାଡି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧାରଣା।

## ନିଯୁକ୍ତି ସଂସ୍ଥାର ନବୀକରଣ ଦାବି, ଉପଜିଲାପାଳଙ୍କୁ ସ୍ମାରକପତ୍ର

ଆଠଗଡ଼, ୩୦।୪(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବୟନ ମଣ୍ଡଳରେ ନିଯୁକ୍ତି ସଂସ୍ଥାର ନବୀକରଣ ଦାବିରେ କର୍ମଚାରୀମାନେ ବୁଧବାର ଉପଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଦାବି ଅନୁଯାୟୀ ଆଠଗଡ଼ ବୟନ ମଣ୍ଡଳରେ ୨ଟି ସଂସ୍ଥା ମାଧ୍ୟମରେ ୮ଜଣଙ୍କୁ ବିଭିନ୍ନ ପଦପଦବୀରେ ନିଯୁକ୍ତ କରିଥିଲେ। ଏହି କର୍ମଚାରୀମାନେ ୩ ବର୍ଷ ଧରି ସଂସ୍ଥାଗୁଡ଼ିକ ମଧ୍ୟରେ କାର୍ଯ୍ୟକରି ନିଜର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇଥାନ୍ତି। କର୍ମଚାରୀମାନଙ୍କୁ ନିଯୁକ୍ତ ଦେଉଥିବା ୨ଟି ସଂସ୍ଥା ସରକାର ନୀତି ଅନୁଯାୟୀ ଗୋଟିଏ ସଂସ୍ଥାର କାର୍ଯ୍ୟକାଳ ଜାନୁଆରୀରୁ ଆରମ୍ଭ ହୋଇ ଡିସେମ୍ବରରେ ସରୁଛି। ଅନ୍ୟଟିର କାର୍ଯ୍ୟକାଳ ମାର୍ଚ୍ଚରୁ ଆରମ୍ଭ ହୋଇ ଏପ୍ରିଲରେ ଶେଷ ହୋଇଥାଏ। ମାତ୍ର ଚଳିତବର୍ଷ ଆଠଗଡ଼ର ଭାରପ୍ରାପ୍ତ ବୟନ ମଣ୍ଡଳ ଅଧିକାରୀ ଗୋଟିଏ ସଂସ୍ଥାର କାର୍ଯ୍ୟକାଳକୁ ୩ ମାସ ବୃଦ୍ଧି କରିଛନ୍ତି। ଅନ୍ୟ ଏକ ସଂସ୍ଥାର ରାଜିନାମାକୁ ରଦ୍ଦକରି ଦେବା ଫଳରେ ନିଯୁକ୍ତ କର୍ମଚାରୀମାନେ ଏଥିରେ ଚାକିରି ହରାଇଛନ୍ତି। କର୍ମଚାରୀମାନେ ଅଭିଯୋଗ କରିଛନ୍ତି, ଆଠଗଡ଼ର ବୟନ ମଣ୍ଡଳ ଅଧିକାରୀ ଆଠଗଡ଼ ମଣ୍ଡଳର ଅତିରିକ୍ତ ଦାୟିତ୍ୱ ଥିବାବେଳେ ଢେଙ୍କାନାଳର ମଣ୍ଡଳର ନିୟମିତ ଅଧିକାରୀ ଅଟନ୍ତି। ସେ ଢେଙ୍କାନାଳରେ ସଂସ୍ଥାଗୁଡ଼ିକର ନବୀକରଣ କରି ସାରିଥିବାବେଳେ ଆଠଗଡ଼ରେ ସରକାରଙ୍କ ସମସ୍ତ ନୀତିକୁ ଉଲ୍ଲଂଘନ କରିବା ଫଳରେ କର୍ମଚାରୀମାନେ ଜୀବିକା ହରାଇ ହନ୍ତସନ୍ତ ହେଉଛନ୍ତି। ଏଣୁ ଏହାର ଉଚିତ ତଦନ୍ତ କରି କର୍ମଚାରୀମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ କର୍ମଚାରୀ ରମେଶ ଚନ୍ଦ୍ର ସାହୁ, ନୃସିଂହନାଥ କୁଣ୍ଡୁ, ରଜନୀକାନ୍ତ ସାହୁ, ଚନ୍ଦନ କୁଣ୍ଡୁ, ପ୍ରଣବ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟାଳୟରେ ପହଞ୍ଚି ଉପଜିଲାପାଳ ଅଭିପ୍ସା ମହାନ୍ତିଙ୍କୁ ଭେଟି ଆଲୋଚନା କରିବା ସହ ସ୍ମାରକପତ୍ର ଦେଇଛନ୍ତି।

## ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ

ସାଲେପୁର,୩୦।୪(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଜପକୁଦ ଫାଣ୍ଡି ଅଧୀନ କଟରପା ପଞ୍ଚାୟତର ମହନାପୁର ଗ୍ରାମରେ ମଙ୍ଗଳବାର ରାତ୍ରରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମହନାପୁର ଗ୍ରାମର ପ୍ରଦ୍ୟୁମ୍ନ ଦାଶଙ୍କ ଘରର ଝରକା ଭାଙ୍ଗି ଘର ମଧ୍ୟକୁ ପ୍ରବେଶ କରିଥିଲେ। ପରିବାର ଲୋକଙ୍କୁ ଭୁଜାଲି ଦେଖାଇ ଭୟଭୀତ କରିଥିଲେ। ଏପରିକି ଦୁର୍ବୃତ୍ତମାନେ ପରିବାର ଲୋକଙ୍କୁ ବାନ୍ଧି ଘର ମଧ୍ୟରେ ଥିବା ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟିନେଇଥିଲେ। ଏ ସମ୍ପର୍କରେ ପ୍ରଦ୍ୟୁମ୍ନଙ୍କ ପୁଅ ରାକେଶ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳକୁ ସନ୍ଧାନୀ କୁକୁର ଆସି ତନାଘନା ଆରମ୍ଭ କରିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଚଳାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୮୧/୨୫ ରେ ମାମଲା ରୁଜୁକରି ତଦନ୍ତ ଚାଲିଛି ବୋଲି ଆଇଆଇସି ଅନୀତା ସାହୁ ସୂଚନା ଦେଇଛନ୍ତି। ସେ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ ଘଟଣାକୁ ଅସ୍ୱୀକାର କରିଛନ୍ତି। ଅପରପକ୍ଷେ ଯଦି ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ ନ ହୋଇଛି, ତେବେ ଘଟଣା ସ୍ଥଳକୁ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ଆସିବା ଘଟଣାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କୁହାଯାଉଛି ,ଅଞ୍ଚଳରେ ବେନିୟମ ଭାବେ ସୁଧିଆ ଟଙ୍କା କାରବାର କରୁଥିବା ଲୋକଙ୍କ ଘରକୁ ଦୁର୍ବୃତ୍ତମାନେ ଟାର୍ଗେଟ କରୁଛନ୍ତି। ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଅଞ୍ଚଳର ୨ ଗୋଟି ଡକାୟତି ଘଟଣାର ନିରପେକ୍ଷ ତଦନ୍ତ କଲେ ବହୁ ଲୁକ୍କାୟିତ ତଥ୍ୟର ପର୍ଦ୍ଦାଫାଶ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

## ୪୦ ଗୋରୁ ଉଦ୍ଧାର, ୨ ପିକ୍‌ଅପ୍ ଭ୍ୟାନ୍ ଜବତ

ବାଙ୍କୀ,୩୦।୪(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଥାନା ଅନ୍ତର୍ଗତ କୁଶପଙ୍ଗି ପଞ୍ଚାୟତରୁ ୨ଟି ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିବା ସହ ୪୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପୋଲିସ ଜିମା ଦେଇଥିଲେ। ପୋଲିସ ସୂଚନା ମୁତାବକ, ବୁଧବାର ସକାଳ ୬ ଟାରେ ପିକ୍‌ଅପ୍ ଭ୍ୟାନ୍ ନଂ. ଓଡି ୦୬ ଡି ୬୬୨୪, ଓଡି ୦୨ ସିଡି ୨୪୫୪ରେ ଗୋରୁଙ୍କୁ ବ୍ୟବସାୟୀ ଚାଲାଣକରି କୁଶପଙ୍ଗି ଗ୍ରାମ ରାସ୍ତା ଦେଇ ନେଉଥିଲେ। ମର୍ନିଂୱାକ୍‌ରେ ଆସିଥିବା ଲୋକେ ଏ ସମ୍ପର୍କରେ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗାଁର ଯୁବକମାନେ ରାସ୍ତାରେ ଭ୍ୟାନ୍‌କୁ ଅଟକାଇଥିଲେ। ଚାଳକ ଦ୍ରୁତଗତିରେ ଯାଉଥିବା ବେଳେ ଜଣେ ବ୍ୟକ୍ତି ଗାଡ଼ି ସମ୍ମୁଖକୁ ସାଇକେଲ ଫୋପାଡ଼ି ଗୋଟିଏ ଗାଡ଼ିକୁ ଅଟକାଇଥିଲେ। ଚାଳକ ଗାଡ଼ି ଅଟକାଇ ଫେରାର ହୋଇଯାଇଥିଲେ। ଅନ୍ୟ ଗାଡ଼ି ବାଟ ଭୁଲି ଜଙ୍ଗଲ ଆଡ଼େ ପଶିଯାଇଥିଲା। ଫଳରେ ବାଟ ନ ପାଇ ଗାଡ଼ି ଛାଡ଼ି ଚାଳକ ପଳାଇ ଯାଇଥିଲେ। ଗାଁ ଲୋକ ଗାଡ଼ିକୁ ଅଟକାଇ ଥାନାକୁ ଖବର ଦେବା ପରେ ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ୨ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛନ୍ତି। ଉଦ୍ଧାର ଗୋରୁଙ୍କୁ ଚୌଦ୍ୱାର ନିକଟସ୍ଥ ନନ୍ଦଗାଁ ସ୍ଥିତ ଗୋଶାଳାରେ ଛାଡ଼ିଥିଲେ। ଥାନାରେ ନଂ. ୧୫୩/୨୫ରେ ମାମଲା ରୁଜୁ ହୋଇଛି।

## କଟକରେ ଲଣ୍ଡନ ବେରୀର ପ୍ରଥମ ମେନ୍ସ ଆଉଟ୍‌ଲେଟ୍


ଅତିଥିମାନେ ଲଣ୍ଡନ ବେରୀର ପ୍ରଥମ ମେନ୍ସ ଆଉଟ୍‌ଲେଟକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୩୦।୪(ଅଭୟ ଦାଶ)

ଦେଶର ପ୍ରମୁଖ ଗାମେଣ୍ଟର୍ସ ବ୍ରାଣ୍ଡ 'ଲଣ୍ଡନ ବେରୀ'ର ନୂତନ ତଥା ପ୍ରଥମ ମେନ୍ସ ଆଉଟ୍‌ଲେଟ୍ ବୁଧବାର କଟକ ରାଣୀହାଟଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଲଣ୍ଡନ ବେରୀର ବିଜ୍‌ନେସ୍ ପାର୍ଟନର ସ୍ନେହାଂଶୁ ତ୍ରିପାଠୀ ଏବଂ ଷ୍ଟୋର ଓନର (ମାଲିକ) ସୂର୍ଯ୍ୟକାନ୍ତ କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉଲ୍ଲେଖଯୋଗ୍ୟ, ବ୍ରାଣ୍ଡର ଏହି ଏକ୍ସକ୍ଲୁସିଭ ମେନ୍ସ ଆଉଟ୍‌ଲେଟ୍‌ରେ ସମସ୍ତ ପ୍ରକାର ଶାର୍ଟ, ଟି-ଶାର୍ଟ, ଟ୍ରାଉଜର, ଡେନିମ୍ ଜିନ୍ସ, ସର୍ଟସ ପାଣ୍ଟ, ଟାଏ, ବେଲ୍ଟ, ୱାଲେଟ୍, ବ୍ଲେଜର ଭଳି ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ । ଏଥିସହ ଉଦ୍‌ଘାଟନୀ ଉତ୍ସବରେ ଅନେକ ଆକର୍ଷଣୀୟ ଅଫର ବାଏ ୱାନ ଗେଟ୍ ଟୁ , ବାଏ ଟୁ ଗେଟ୍ ୪ , ସିଙ୍ଗଲ ପିସ୍ ଉପରେ ୬୦%ର ରିହାତି ମିଳୁଛି। ସେହିଭଳି ଲଣ୍ଡନ ବେରୀ ବ୍ରାଣ୍ଡର ପୂର୍ବରୁ ଓଡ଼ିଶା ବଜାରରେ ଦୁଇଟି ଏକ୍ସକ୍ଲୁସିଭ ଷ୍ଟୋର ଯାଜପୁର ଏବଂ ଭୁବନେଶ୍ୱରରେ ରହିଛି। କଟକରେ ଏହା ପ୍ରଥମ ଏବଂ ଓଡ଼ିଶା ବଜାରରେ ବ୍ରାଣ୍ଡର ତୃତୀୟ ଆଉଟ୍‌ଲେଟ୍ ଖୋଲିଛି।

## ଡା. ଜଗନ୍ନାଥ ଦାସଙ୍କ ଚତୁର୍ଦ୍ଦଶତମ ଶ୍ରାଦ୍ଧ ଦିବସ ପାଳିତ

କଟକ,୩୦।୪(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟସ୍ତରୀୟ ଡାକ୍ତର ଜଗନ୍ନାଥ ଦାସ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ଜନସେବୀ ଶତାୟୁ ଡା. ଜଗନ୍ନାଥ ଦାସଙ୍କ ଚତୁର୍ଦ୍ଦଶତମ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବଡ଼ଚଣାର ପୂର୍ବତନ ବିଧାୟକ ଡା. ଦାସ ନିଜ ଶରୀର ଦାନ କରିଥିବାବେଳେ ଏସ୍‌ସିବିର ଶରୀରତତ୍ତ୍ୱ ବିଭାଗ ସଂଗ୍ରହାଳୟଠାରେ ବୁଧବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ଏସ୍‌ସିବି ଶରୀରତତ୍ତ୍ୱ ବିଭାଗର ପ୍ରଫେସର ଡା. ରାଜଶ୍ରୀ ବିଶ୍ୱାଳ, ଡା. ମାର୍କଣ୍ଡେୟ ଆଚାର୍ଯ୍ୟ ଯୋଗଦେଇଥିଲେ। ସ୍ମୃତି ସଂସଦ ସମ୍ପାଦକ ଶୁଭେନ୍ଦୁ କୁମାର ଭୂୟାଁ ଓ କୋଷାଧ୍ୟକ୍ଷ ଅମ୍ବିକା ପ୍ରସାଦ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ସ୍ମୃତି ସଂସଦର ସଭାପତି ତଥା ଡାକ୍ତର ଦାସଙ୍କ ଜ୍ୟେଷ୍ଠକନ୍ୟା ଜୟଶ୍ରୀ ବିଜୟଲକ୍ଷ୍ମୀ ମହାନ୍ତି, ରାଷ୍ଟ୍ରୀୟ ଯୁବା ସଙ୍ଗଠନ ସମ୍ପାଦକ ମାନସ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜୈବିକ ସାର ବ୍ୟବହାର ପାଇଁ ଚାଷୀଙ୍କୁ ଆହ୍ୱାନ

ମଙ୍ଗୁଳି-ଜଗତପୁର,୩୦।୪(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚ୍ଛପଦା ଗ୍ରାମପଞ୍ଚାୟତ ଅଧୀନ ସନ୍ତପୁରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟ ମହୋତ୍ସବ ବୁଧବାର ପାଳିତ ହୋଇଯାଇଛି। କଟକ ଜିଲା କୃଷି ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ, ବୟନ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ବିଲରେ ଲଙ୍ଗଳ ଧରି ହଳ କରି ଧାନ ବୁଣି ଅଖିମୁଠି କରିଥିଲେ। ପରେ ଦେଢ଼ ଲକ୍ଷ ଟଙ୍କାର ସବସିଡ ମାଧ୍ୟମରେ ଜଣେ ଚାଷୀଙ୍କୁ କୃଷି ଯନ୍ତ୍ରପାତି ସହ ହଳ ଲଙ୍ଗଳ ଓ ଗୋଟିଏ ଟ୍ରାକ୍ଟର ମନ୍ତ୍ରୀ ପ୍ରଦାନ କରିବା ସହ ଅନ୍ୟ ଚାଷୀଙ୍କୁ କୃଷି ସମ୍ବନ୍ଧୀୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଯୋଗଦେଇଥିଲେ। କୃଷି ଓ ଆନୁଷଙ୍ଗିକ ଅଧକ୍ଷ ଆଶିଷ କୁମାର ସାହୁ, କଟକ କୃଷି ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଜେନା, ଆଠଗଡ଼ ଜିଲା କୃଷି ଅଧିକାରୀ ଶିବାଶିଷ ମିଶ୍ର, ଉଦ୍ୟାନକୃଷି ଉପନିର୍ଦ୍ଦେଶକ ସାହୁଲ ରାମାରାଓ, କଟକ ଏଆର୍‌ସିଏସ, ବହୁ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

ସେହିପରି ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶାଳଗାଁ ପଞ୍ଚାୟତ ଖାଇପଡ଼ିଆ ଗ୍ରାମର ମା' ଆଦିଶକ୍ତି ମନ୍ଦିର ପ୍ରାଙ୍ଗଣରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କୃଷକ ସମାଜ ଓ ଗ୍ରାମୀଣ ଖାଉଟି ଭଣ୍ଡାର ମିଳିତ ଆନୁକୂଲ୍ୟରେ ଅଖିମୁଠି ଓ କୃଷକ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ କୃଷକ ସମାଜ ସଭାପତି କୃପାସିନ୍ଧୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ-ସାଲେପୁର ଭାଜପା ନେତା ହିମାଂଶୁ ମହାନ୍ତି ଯୋଗଦେଇ ଜୈବିକ ସାର ବ୍ୟବହାର ପାଇଁ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। ଟାଙ୍ଗୀ-ଚୌଦ୍ୱାର ବ୍ଲକ କୃଷକ ସମାଜ ସଭାପତି କୃପାସିନ୍ଧୁ ଦାସ, ଏମ୍‌ପିଙ୍କ ପ୍ରତିନିଧି ଚିତ୍ତରଞ୍ଜନ ମଲିକ, ଖାଉଟି ଗ୍ରାମୀଣ ଭଣ୍ଡାର ରାଜ୍ୟ ମୁଖ୍ୟ ରଞ୍ଜନ କୁମାର ମହାରଣା ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ଅକ୍ଷୟ ତୃତୀୟା କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଜଣେ ଚାଷୀଙ୍କୁ ଟ୍ରାକ୍ଟର ଚାବି ପ୍ରଦାନ କରୁଛନ୍ତି।

**ଚୌଦ୍ୱାର,(ଆଶୁତୋଷ ଦାସ):** ତୀର୍ଥାନନ୍ଦ ସୁବୁଦ୍ଧିରାୟଙ୍କ ନେତୃତ୍ୱରେ ବାଣିପଦା ପଞ୍ଚାୟତ ଚାଙ୍ଗୁଡିଆ ଗ୍ରାମରେ ଅଖିମୁଠି ଅନୁକୂଳ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀ ପରିବାରକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପଞ୍ଚାୟତ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ବିଧାୟକ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ସରପଞ୍ଚ ଦିଲୀପ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

**କଟକ ସଦର,(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅଞ୍ଚଳର ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ଆନୁକୂଲ୍ୟରେ କଳପଡ଼ାସ୍ଥିତ କଦମ୍ବେଶର ମନ୍ଦିର ନିକଟରେ ସଭାପତି ପ୍ରଫେସର ମନୋଜ କୁମାର ନାୟକ ଅଖିମୁଠି ଅନୁକୂଳ କରିଥିଲେ। ସେହିପରି ୪୨ ମୌଜା ଉଠାଜଳସେଚନ ପାଣିପଞ୍ଚାୟତ ଆନୁକୂଲ୍ୟରେ ବରାଳଠାରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଅଖିମୁଠି ଅନୁକୂଳ କରିଥିଲେ। ମହାସଂଘ ସଭାପତି ଅଶୋକ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କୃଷକ ସମାବେଶରେ ଆମ୍ବାର ସଭାପତି ରମା ପ୍ରସାଦ ବିଶ୍ୱାଳ, ସହକାରୀ କୃଷି ଅଧିକାରୀ ମୋନାଲିସା ଜେନା ଉପସ୍ଥିତ ଥିଲେ। ସମ୍ପାଦକ ସନ୍ତୋଷ କୁମାର ପତି ବିବରଣୀ ପାଠ କରିଥିଲେ। କିଶୋର ନଗର ପଞ୍ଚାୟତ ସାମନ୍ତରା ପୁରଠାରେ ମଧ୍ୟ ବିଧାୟକ ସେଠୀ ଅଖିମୁଠି ଅନୁକୂଳ କରିଥିଲେ।

**ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା):** ଆଠଗଡ଼ ଭାଜପା ନେତା ଅଭୟ କୁମାର ବାରିକ ଖୁଣ୍ଟୁଣୀ ଜୋନ କୁମାରପୁରଠାରେ ଅଖିମୁଠି ଅନୁକୂଳ କରିଥିଲେ। ଜୋନ ସଭାପତି ଶୋଭମ ପ୍ରିୟଦର୍ଶୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପବିତ୍ର କୁମାର ଆଚାର୍ଯ୍ୟ, ରାଧାକୃଷ୍ଣପୁର ସରପଞ୍ଚ କାହ୍ନୁଚରଣ ମହାନ୍ତି ପ୍ରମୁଖ ଶତାଧିକ ଭାଜପା କର୍ମୀ ଓ ସ୍ଥାନୀୟ ନେତୃବୃନ୍ଦ ଯୋଗଦେଇଥିଲେ।

ସେହିପରି ବିଜୁ କୃଷକ ଜନତା ଦଳ ପକ୍ଷରୁ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଆଠଗଡ଼ ବ୍ଲକସ୍ତରୀୟ କୃଷକ ଦିବସ ଓ ଅକ୍ଷୟ ତୃତୀୟା ଡ଼ାଳଭାଗ ପଞ୍ଚାୟତ ଚମ୍ପିଆ ଗ୍ରାମରେ ସୁବାସ ଚନ୍ଦ୍ର ପାଳଙ୍କ ସଭାପତିତ୍ୱରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ଏଥିରେ ୩ ନଂ. ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ୨ ନଂ. ଜିଲା ପରିଷଦ ସଭ୍ୟା ମିନତୀ ଗାଗରାଇ, ରଞ୍ଜନ କୁମାର ଆଚାର୍ଯ୍ୟ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରସନ୍ନ କୁମାର ସ୍ୱାଇଁ, ଲଳିତେନ୍ଦୁ ସେନାପତି, ଡାଳଭାଗ ସମିତି ସଭ୍ୟ ବିଷ୍ଣୁ ପ୍ରସାଦ ନାୟକ, ପ୍ରମୁଖ ଯୋଗଦେଇ ଅକ୍ଷୟ ତୃତୀୟା ଓ କୃଷକ ଦିବସ ଉପରେ ଆଲୋକପାତ କରିଥିଲେ। କଂଗ୍ରେସ ପକ୍ଷରୁ ମଧ୍ୟ ତୋଟାପଡାଠାରେ ଯୁବ କଂଗ୍ରେସ ନେତା ମନୋରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳିତ ହୋଇଯାଇଛି।

**ବାଙ୍କୀ,(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ବୁଧବାର ବାଙ୍କୀ ଭାଜପା ପକ୍ଷରୁ ଆଖିମୁଠି ଅନୁକୂଳ କରାଯାଇଛି। ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ ବାଙ୍କୀ କୁଶପଙ୍ଗି ପଞ୍ଚାୟତସ୍ଥିତ ନିସ୍ତ୍ରୀପୁରଠାରେ ପୂଜାର୍ଚ୍ଚନା କରି ନିଜେ ହଳ ବୁଲାଇ ଆଖିମୁଠି ଅନୁକୂଳ କରିଛନ୍ତି। ଏହି ଅବସରରେ ଡମପଡ଼ା ମଣ୍ଡଳ ସଭାପତି ଦାଶରଥି ଏବଂ ନିର୍ବାଚନମଣ୍ଡଳୀ ସଂଯୋଜକ ଜଗନ୍ନାଥ ପରିଡ଼ାଙ୍କ ପରିଚାଳନାରେ ବିଭିନ୍ନ ଅଞ୍ଚଳର ଶତାଧିକ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସବୁଠି ଅକ୍ଷୟ ତୃତୀୟା

**ଆଠଗଡ଼,(ସତ୍ୟ ପ୍ରସାଦ ରଥ):** ଆଠଗଡ଼ ବ୍ଲକ୍ କନ୍ଦରପୁରଠାରେ ବୁଧବାର ଶତାଧିକ କୃଷକ ଓ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଅଖିମୁଠି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ର ରାୟଙ୍କ ପୌରୋହିତ୍ୟରେ ବାହାରିଥିଲା। ଗ୍ରାମର ନରେନ୍ଦ୍ର ଦାଶଙ୍କ ଜମିରେ ଅଖିମୁଠି ଅନୁକୂଳ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ର ରାୟଙ୍କ ଦ୍ୱାରା କରାଯାଇଥିଲା। ଏଥିରେ ଭାଜପା କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଧ୍ରୁବ ଚରଣ ସାହୁ, କାଳନ୍ଦୀ ରଣା, ବିମଳକୃଷ୍ଣ ଦାଶ ଉପସ୍ଥିତ ଥିଲେ।

**ତିଗିରିଆ,(ଜାଫର ଖାଁ):** ତିଗିରିଆ ବ୍ଲକ୍ ବିଜୁ କୃଷକ ଜନତା ଦଳ ପକ୍ଷରୁ ଅକ୍ଷୟ ତୃତୀୟାକୁ କୃଷକ ଦିବସ ଭାବେ ପାଳନ କରାଯିବା ସହ ଅଖିମୁଠି ଅନୁକୂଳ କରାଯାଇଛି। ବ୍ଲକ୍ ବିଜେଡି ସଭାପତି ଅଜିତ କୁମାର ଧୀରଙ୍କ ସଭାପତିତ୍ୱରେ ପୁରୁଣା ତିଗିରିଆ ପଞ୍ଚାୟତ ଶଙ୍କରେଶ୍ୱର ମନ୍ଦିର ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ନିର୍ବାଚନମଣ୍ଡଳୀର ଯୁବ ବିଜେଡି ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ କୁମାର ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ ଓ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ ଉପସ୍ଥିତ ଥିଲେ।

**ଜୟଦେବ ଜୟନ୍ତୀ ପାଳିତ**

**ପୁରୀ (ଅଜିତ୍ କୁମାର ମହାନ୍ତି):** ଅକ୍ଷୟ ତୃତୀୟାରେ ବୁଧବାର ପୁରୀ ଜିଲା ପ୍ରଶାସନ ଏବଂ ଶ୍ରୀଜୟଦେବ ଫାଉଣ୍ଡେଶନ ପକ୍ଷରୁ ଶ୍ରୀଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପୁରୁଣା ଟାଉନ ଥାନା ଛକସ୍ଥିତ ଶ୍ରୀଜୟଦେବଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶ୍ରୀଜୟଦେବ ମହାପ୍ରଭୁଙ୍କର ଜଣେ ପରମଭକ୍ତ ଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶ୍ରୀଜୟଦେବ ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାପାତ୍ର, ସମ୍ପାଦକ ଅନାମ ଚରଣ ସାହୁ, ଯୁଗ୍ମସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ସଦସ୍ୟ ପୁଲକ ମିଶ୍ର ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୦୪।୨୦୨୫

| | |
|---|---|
| ୫,୪୬, ୫୮୬ ଟଙ୍କା | |
| ସୁନା | ୪.୫୦୦ ଗ୍ରାମ୍ |
| ରୁପା | ୧୯.୫୦୦ ଗ୍ରାମ୍ |

# ଅକ୍ଷିମୁଠି ଅନୁକୂଳ କଲେ ଉପମୁଖ୍ୟମନ୍ତ୍ରୀ

### ସତ୍ୟବାଦୀରେ ଜିଲାସ୍ତରୀୟ କୃଷକ ଦିବସ ପାଳନ

ସାକ୍ଷୀଗୋପାଳ,୩୦।୪ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଜିଲାସ୍ତରୀୟ କୃଷକ ଦିବସ ତଥା ପବିତ୍ର ଅକ୍ଷୟ ତୃତୀୟା ଉତ୍ସବ ସତ୍ୟବାଦୀର ନୂଆ ସୋମେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ନାହାକିଆଣି ଦଣ୍ଡା ଠାରେ ମହାସମାରୋହରେ ପାଳିତ ହୋଇଛି। ଉତ୍ସବରେ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ଅତିରିକ୍ତ ଜିଲାପାଳ ଶରତ ବେହେରା, ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଥାନାଧିକାରୀ ବିଜୟ କେତନ ବେହେରା, ବିଡିଓ ଦେବାଶିଷ ନାୟକ ଓ ଅନ୍ୟ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବରୁ କ୍ଷେତରେ କୃଷକମାନେ ଗୋବରପାଣିରେ ଲିପି ଚିତା ମୁରୁଜରେ ମା' ଲକ୍ଷ୍ମୀଙ୍କ ପଦ୍ମପାଦ ଆଙ୍କି ଚାଷ ଉପକରଣରେ ଫୁଲ, ଚନ୍ଦନ ଦେଇ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଅତିଥିମାନେ ଜମିରେ ଉକ୍ତପୂଜା କରାଯାଇଥିବା ବିହନକୁ କ୍ଷେତରେ ବୁଲି ବୁଲି ବୁଣିଥିଲେ। ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୂଜା କରାଯାଇଥିବା ବିହନ ଟୋକାଇ ମୁଣ୍ଡେଇ ବସୁମାତା ଓ ସୂର୍ଯ୍ୟଙ୍କୁ ପ୍ରଣାମ କରୁଥିବା ବେଳେ ଏମ୍‌ପି ସମ୍ବିତ ପାତ୍ର, ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ଆଶ୍ରିତ ପଟ୍ଟନାୟକଙ୍କ ସହ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଉକ୍ତ ସ୍ଥାନରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା।



ଉତ୍ସବରେ ପଣ୍ଡିତଙ୍କ ଦ୍ୱାରା ଜମିରେ ପୂଜାର୍ଚ୍ଚନା କରାଯାଉଛି।

## ବଟି ମାଗି ୪ ଗିରଫ: ୨ ଖଣ୍ଡା, ବନ୍ଧୁକ ଜବତ

ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି)

ଦାଦାବଟି ମାଗିବା ଅଭିଯୋଗରେ ୨ଟି ସ୍ଥାନରେ ମୋଟ ୪ଜଣଙ୍କୁ ଗିରଫ କରାଯାଇଛି। ବୁଧବାର ଟାଉନ ଥାନା ପୋଲିସ ଦାଦାବଟି ମାଗିବା ଅଭିଯୋଗରେ ପୁରୀ ଜଗନ୍ନାଥବଲ୍ଲଭ ଅଞ୍ଚଳର ସନ୍ତୋଷ ଭୋଇ (୨୫)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଗୋଟିଏ ଲୁହାରଡ୍ ଜବତ କରାଯାଇଛି। ଏନେଇ ଏକ କେସ୍ (ନଂ. ୧୬୨/୨୫) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣଙ୍କ ଜଗନ୍ନାଥବଲ୍ଲଭ ନିକଟରେ ଅଟୋଚାଳକମାନଙ୍କ ନିକଟରୁ ଦାଦାବଟି ଆଦାୟ କରୁଥିବା ନେଇ ସ୍ୱତନ୍ତ୍ର ଟିମ୍‌କୁ ଖବର ମିଳିଥିଲା। ଟିମ୍ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ହତ୍ୟା ଉଦ୍ୟମ ପରି ସଙ୍ଗିନ ମାମଲା ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବଳିଆପଣ୍ଡା ଥାନା ପୋଲିସ ଦାଦାବଟି ମାଗିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜନମଙ୍ଗଳ ସମିତି ଲେନ୍ ବୁଢୀମା ସାହିର ମୃତ୍ୟୁଞ୍ଜୟ ସନୱାଲ, ସିଂ ଗଳିର ସନ୍ତୋଷ ସିଂ ଏବଂ ବଡ଼ସାହି ମଙ୍ଗଳା ମନ୍ଦିର ଅଞ୍ଚଳର ବିଶ୍ୱଜିତ୍ ଦଳାଇ। ପୋଲିସ ସେମାନଙ୍କଠାରୁ ଦୁଇଟି ଖଣ୍ଡା, ଗୋଟିଏ ବନ୍ଧୁକ, ଖାଲି ମାଗାଜିନ୍, ଗୋଟିଏ ଫୋନ ଓ ଗୋଟିଏ ବାଇକ ଜବତ କରିଛି। ଅଭିଯୁକ୍ତମାନେ ଷ୍ଟର୍ଲିଂ ଛକରେ ବଟି ମାଗୁଥିବା ଖବର ପାଇ ପୋଲିସ ଚଢାଉ କରିଥିଲା।

## ଶ୍ରୀମନ୍ଦିରରେ ପୋଲିସ ପକ୍ଷରୁ ମକ୍ ଡ୍ରିଲ୍



ପୋଲିସ ପକ୍ଷରୁ ମକ୍‌ଡ୍ରିଲ୍ କରାଯାଉଛି।

ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି)

ପୁରୀ ଏସ୍‌ପି ବିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶନରେ ଅକ୍ଷୟ ତୃତୀୟାରେ ବୁଧବାର ଶ୍ରୀମନ୍ଦିର ପରିସରରେ ମକ୍‌ଡ୍ରିଲ୍ (ମାନବିକ ଆପାତକାଳୀନ ପରିସ୍ଥିତି ସମୟରେ ପ୍ରତିକ୍ରିୟା କାର୍ଯ୍ୟକ୍ରମ) ଅନୁଷ୍ଠିତ ହୋଇଯାଇଛି । ମକ୍ ଡ୍ରିଲର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ମନ୍ଦିର ପ୍ରାଙ୍ଗଣ ଭିତରେ ଆପାତକାଳୀନ ସ୍ଥିତି ସମୟରେ ପୋଲିସ, ମନ୍ଦିର ପ୍ରଶାସନ, ଚିକିତ୍ସା ବିଭାଗ ଏବଂ ଅନ୍ୟ ବ୍ୟବସ୍ଥାପନା ଟିମଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ପ୍ରସ୍ତୁତିକୁ ମୂଲ୍ୟାୟନ କରିବା। ଏହି ପଦକ୍ଷେପ ପୁରୀ ପୋଲିସ ପକ୍ଷରୁ ଚାଲିଥିବା ଏକ ଦୀର୍ଘକାଳୀନ ଉଦ୍ୟମର ଅଂଶ, ଯାହା ଦ୍ୱାରା ଆପାତକାଳୀନ ପ୍ରତିକ୍ରିୟା ପ୍ରଣାଳୀକୁ ସୁଦୃଢ କରିବା, ବିଭିନ୍ନ ବିଭାଗ ମଧ୍ୟରେ ସଂଯୋଗ ବଢ଼ାଇବା ଏବଂ ଭକ୍ତ ଓ ସେବାୟତଙ୍କ ସୁରକ୍ଷା ନିଶ୍ଚିତ କରିବାର ଉଦ୍ଦେଶ୍ୟ। ମକ୍‌ଡ୍ରିଲ୍‌ରେ ଦର୍ଶାଯାଇଥିଲା ଯେ, ମନ୍ଦିର ଭିତରେ ଜଣେ ଭକ୍ତ ଅଚେତ ହୋଇପଡ଼ିଯାଇଥିଲେ। ଏହା ନଜରକୁ ଆସିବା ମାତ୍ରେ ସୁରକ୍ଷା କର୍ମୀମାନେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ହସ୍ପିଟାଲକୁ ନେଇଥିଲେ। ଏହି ମକ୍‌ଡ୍ରିଲ ସମ୍ପର୍କରେ ଏସ୍‌ପି ଅଗ୍ରୱାଲ କହିଛନ୍ତି, ଶ୍ରୀମନ୍ଦିର ଭିତରେ ଯଦି ଏଭଳି ପ୍ରକାର କୌଣସି ପ୍ରକାର ଅଘଟଣ ଘଟେ, ତାହା'ଲେ ସମ୍ପୃକ୍ତ ଭକ୍ତଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ଯୋଗାଇ ଦିଆଯିବ। ଏହି ମକ୍‌ଡ୍ରିଲ ସଫଳ ହୋଇଛି।

## ସଂକ୍ଷେପରେ

### କୋଣାର୍କ ଜଗନ୍ନାଥ ମନ୍ଦିରରେ ରଥ କାଠ ଅନୁକୂଳ

**କୋଣାର୍କ,୩୦।୪(ଜ୍ୟୋତିରାଜ ମହାନ୍ତି):** କୋଣାର୍କସ୍ଥିତ ରାଜାରାମ ମଠ ପରିସରରେ ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଅକ୍ଷୟ ତୃତୀୟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥକାଠ ଅନୁକୂଳ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିସରରେ ପୂଜକ ଅଜୟ ଦାସ ହୋମଯଜ୍ଞ ଆଦି କାର୍ଯ୍ୟ ସମ୍ପାଦନ କରିବା ପରେ ବିଶ୍ୱକର୍ମା ଶମ୍ଭୁନାଥ ମହାରଣାଙ୍କ ଦ୍ୱାରା ରଥ କାଠ ଅନୁକୂଳ କରାଯାଇଥିଲା। କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡ ପରିଚାଳକ ନିରଞ୍ଜନ ବାରିକ, ସଭ୍ୟ ଗଗନ ବିହାରୀ ପାତ୍ର, ପପି ରଞ୍ଜନ ନାୟକ, ସୁମନ୍ତ ବେଉରା ପ୍ରମୁଖ ପରିଚାଳନା କରିଥିଲେ।

### ଆଜିଠୁ ଆଦିଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ଉତ୍ସବ

**ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି):** ଶ୍ରୀଗୋବର୍ଦ୍ଧନ ପୀଠ ଦ୍ୱାରା ଆୟୋଜନ ହେବାକୁ ଥିବା ଶ୍ରୀଆଦି ଶଙ୍କରାଚାର୍ଯ୍ୟଙ୍କ ୨୫୩୨ତମ ଜୟନ୍ତୀ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ରାଜ କିଶୋର ଜେନା ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବ ମେ ୧ରୁ ୭ ପର୍ଯ୍ୟନ୍ତ ଶଙ୍କରାଚାର୍ଯ୍ୟ ମଠରେ ପାଳନ କରାଯିବ। ୨ତାରିଖ ଶୁକ୍ରବାର ଅପରାହ୍ଣ ୩ଟାରେ ଭବ୍ୟ ଶୋଭାଯାତ୍ରା ହେବ। ଏହି ଶୋଭାଯାତ୍ରାରେ ଆଦିଶଙ୍କରଙ୍କ ରଥ ଛତ୍ରୀ, ତରାସ, ଦୁନ୍ଦୁଭି, ଘଣ୍ଟ, କାହାଳୀ, ସଂକୀର୍ତନ, ପାଇକ ଆଖଡା, ବାଡି ଖେଳ ସମର କଳା ଓ ଘୁମରା ନାଚ ଇତ୍ୟାଦି ଯିବେ ବୋଲି ଶ୍ରୀଗୋବର୍ଦ୍ଧନ ପୀଠର ସୂଚନା ଓ ଲୋକସମ୍ପର୍କ ସଚିବ ଦେବାଶିଷ ମିଶ୍ର କହିଛନ୍ତି। ବୈଠକରେ ଜିଲା ପ୍ରଶାସନର ସମସ୍ତ ଅଧିକାରୀଙ୍କ ସହ ମଠ ତରଫରୁ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଶ୍ରୁୟଶ୍ ପ୍ରଶାନ୍ତ, ରାମଚନ୍ଦ୍ର ଦଳେଇ, ତନ୍ମୟ ଚାଟାର୍ଜୀ, ବିଶ୍ୱଶାନ୍ତି ତ୍ରିପାଠୀ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

### ବ୍ଲକ୍‌ସ୍ତରୀୟ ଅକ୍ଷିମୁଠି ଅନୁକୂଳ କଲେ ଏମ୍‌ପି, ବିଧାୟକ

**ଡେଲାଙ୍ଗ,୩୦।୪ (ରଶ୍ମିରଞ୍ଜନ ପ୍ରଧାନ):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଡେଲାଙ୍ଗ ବ୍ଲକର ରେଞ୍ଚ ଠାରେ ଭାଜପା ପକ୍ଷରୁ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରପଞ୍ଚ ହରିହର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଚାଷୀ ସମାବେଶରେ ଏମ୍‌ପି ଡ. ସମ୍ବିତ୍ ପାତ୍ର, ବିଧାୟକ ଆଶ୍ରିତ ପଟ୍ଟନାୟକ, ନିର୍ବାଚନମଣ୍ଡଳୀ ସଂଯୋଜକ ଗଙ୍ଗାଧର ବରାଳ ଓଡ଼ିଶାର ପ୍ରମୁଖ ପର୍ବ ଅକ୍ଷୟ ତୃତୀୟାର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏମ୍‌ପି ଓ ବିଧାୟକ ହଳ ବୁଲାଇବା ସହ ଅକ୍ଷି ଅନୁକୂଳ କରିଥିଲେ।

### ୨ ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା

**ପୁରୀ ୩୦।୪(ଅଜିତ୍ କୁମାର ମହାନ୍ତି):** ଡେପୁଟି କଲେକ୍ଟର ଗୋପୀନାଥ ମିଶ୍ର ଓ ନାଜିର ପ୍ରଭାକର ପ୍ରଧାନଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଡେପୁଟି କଲେକ୍ଟର ପ୍ରଶାନ୍ତ ଜେନା, ସହଦେବ ସାହୁ, ବିବେକାନନ୍ଦ ସାହୁ, ସହକାରୀ ଜିଲାପାଳ ତନ୍ମୟ ଦାସ, କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ପ୍ରମୁଖ ଯୋଗଦେଇ ମିଶ୍ର ଏବଂ ପ୍ରଧାନଙ୍କ କାର୍ଯ୍ୟାବଳୀକୁ ପ୍ରଶଂସା କରିଥିଲେ। ଅଧିକାରୀମାନଙ୍କୁ ସମ୍ମାନ ଦେବା, ନିଜ କାର୍ଯ୍ୟ ପ୍ରତି ଉତ୍ତରଦାୟୀ ରହିବା, ନିଷ୍ଠାପର ଓ ଦାୟିତ୍ୱବାନ ହେବାକୁ ସେମାନେ କନିଷ୍ଠମାନଙ୍କୁ ପରାମର୍ଶ ଦେଇଥିଲେ।



ପୁରୀ ୟୁଥ୍ ହଷ୍ଟେଲ ପରିସରରେ ବୁଧବାର ଅନୁଷ୍ଠିତ ଚିତ୍ର ସାହିତ୍ୟ କର୍ମଶାଳାରେ ଅତିଥିମାନଙ୍କ ଦ୍ୱାରା ଗଳ୍ପ ପୁସ୍ତକ ଉନ୍ମୋଚନ କରାଯାଉଛି।

## ଗାୟତ୍ରୀ ମନ୍ତ୍ରରେ କମ୍ପିଲା ବିଦ୍ୟାଳୟ ପରିସର

କାକଟପୁର/ଅସ୍ତରଙ୍ଗ,୩୦।୪ (ଶୁଭଦର୍ଶନ ମିଶ୍ର/ମମତା ଜେନା)

ଶାସ୍ତ୍ରରେ ଗାୟତ୍ରୀ ମନ୍ତ୍ରକୁ ଖୁବ୍ ଶକ୍ତିଶାଳୀ ବୋଲି ବର୍ଣ୍ଣନା କରାଯାଇଛି। ଏହାର ଅର୍ଥକୁ ବୁଝି ସମ୍ପୂର୍ଣ୍ଣ ଏକାଗ୍ରତା ସହ ଗାନ କରିବା ଦ୍ୱାରା ସକରାତ୍ମକ ଶକ୍ତି ମିଳିବା ସହ ଆଖାପାଖର ବାତାବରଣରେ ମଧ୍ୟ ଦିବ୍ୟ ଶକ୍ତିର ଅନୁଭବ ହୋଇଥାଏ। ଶିକ୍ଷାରେ ସଫଳତା ବିଦ୍ୟାର୍ଥୀଙ୍କ ପାଇଁ ସର୍ବଶ୍ରେଷ୍ଠ ମନ୍ତ୍ର ବୋଲି କୁହାଯାଏ। କାକଟପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରଜତ ଜୟନ୍ତୀ ସମାରୋହ ବର୍ଷ ଉପଲକ୍ଷେ ବୁଧବାର ପୂର୍ବାହ୍ନରେ ପବିତ୍ର ବିଶ୍ୱାମିତ୍ର ଆଶ୍ରମ ଠାରୁ ମଙ୍ଗଳା ମନ୍ଦିର ଦେଇ ବିଦ୍ୟାଳୟ ପର୍ଯ୍ୟନ୍ତ ଅଭିଭାବକ ଓ ମାତୃଭାରତୀ ମା'ମାନଙ୍କ ଦ୍ୱାରା ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ବିଦ୍ୟାଳୟ ଆଚାର୍ଯ୍ୟ, ଆଚାର୍ଯ୍ୟା, ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକଙ୍କ ଉପସ୍ଥିତିରେ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିସରରେ ଅତିଥି ଭାବେ ପୁରୀ ବିଭାଗ ନିରୀକ୍ଷକ ନୃସିଂହ ଚରଣ ପଣ୍ଡା, ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ସଙ୍ଗୀତ ସଂଯୋଜକ ପି. ମୋହନ କୁମାର ପାତ୍ର, କାକଟପୁର ସଂକୁଳ ପ୍ରମୁଖ ସୁରେନ୍ଦ୍ର କୁମାର ମାଣିକ, ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ରଙ୍କ ଉପସ୍ଥିତିରେ ରଜତ ଜୟନ୍ତୀ ଲୋଗୋ ଉନ୍ମୋଚନ କରାଯାଇଥିଲା। ଭଗବାନ ସୂର୍ଯ୍ୟଙ୍କର ସ୍ତୁତିରେ ଗାନ କରାଯାଉଥିବା ଏହି ମନ୍ତ୍ରର ଅର୍ଥ ହେଉଛି ପ୍ରାଣସ୍ୱରୂପ, ଦୁଃଖନାଶକ, ସୁଖସ୍ୱରୂପ, ଶ୍ରେଷ୍ଠ ତେଜସ୍ୱୀ, ପାପନାଶକ, ଦେବସ୍ୱରୂପ ପରମାତ୍ମାଙ୍କୁ ଆମେ ଅନ୍ତଃକରଣରେ ଧାରଣ କରିବା, ସେହି ପରମାତ୍ମା ଆମର ବୁଦ୍ଧିକୁ ସତ୍ୟ ମାର୍ଗରେ ପ୍ରେରିତ କରନ୍ତୁ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି, ଆଚାର୍ଯ୍ୟ, ଆଚାର୍ଯ୍ୟା ଓ ଅଭିଭାବକ ସହଯୋଗ କରିଥିଲେ। ଆଚାର୍ଯ୍ୟ ଅନ୍ନଦା କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ନରେନ୍ଦ୍ରକୋଣଠାରେ ପ୍ରଥମ ଥର ଫିଡ୍‌ବ୍ୟାକ ସେଣ୍ଟର

ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି)

ଚନ୍ଦନ ଯାତ୍ରାର ପ୍ରଥମ ଦିନରେ ନରେନ୍ଦ୍ରକୋଣଠାରେ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ପୁରୀ ପୋଲିସ ପକ୍ଷରୁ ଏକ ନୂଆ ପଦକ୍ଷେପ ନିଆଯାଇଛି। ପ୍ରଥମ ଥର ପାଇଁ ଏଠାରେ ଏକ ଫିଡ୍‌ବ୍ୟାକ ସେଣ୍ଟର ଖୋଲାଯାଇଛି। ଏହି ସେଣ୍ଟରରେ ୨୯ ଜଣ ଭକ୍ତ ନିଜର ଅନୁଭୂତି ପରିପ୍ରକାଶ କରିଥିଲେ। ୨୫ ଜଣ ଏହି ବର୍ଷ ଚନ୍ଦନ ଯାତ୍ରାର ବ୍ୟବସ୍ଥାକୁ ବଡ଼ ଆନନ୍ଦ ଓ ସନ୍ତୋଷ ସହ ବିବେଚନା କରିଥିଲେ। ୪ ଜଣ ଭକ୍ତ ସାମାନ୍ୟ ପରିବର୍ତ୍ତନ ପାଇଁ ମତ ଦେଇଥିଲେ। ଏହି ଫିଡ୍‌ବ୍ୟାକ ସେଣ୍ଟର ମାଧ୍ୟମରେ ପୁରୀ ପୋଲିସ ଭକ୍ତଙ୍କ ମତାମତ ଗ୍ରହଣ କରି ବୃହତ୍ ପ୍ରତିକ୍ରିୟା ସଂଗ୍ରହ କରିଛନ୍ତି।

### ବଳଙ୍ଗା ଅଞ୍ଚଳରେ ଅକ୍ଷିମୁଠି ଅନୁକୂଳ

**ବଳଙ୍ଗା,୩୦।୪(କେଦାରେଶ୍ୱର ନନ୍ଦ):** ନିମାପଡ଼ା ବିଜେଡି ପକ୍ଷରୁ ଅକ୍ଷିମୁଠି ଅନୁକୂଳ ଉତ୍ସବ କୁଆଁରପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ନେତା ଦିଲୀପ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଅକ୍ଷିମୁଠି ବୁଣି ଚାଷ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ପୂର୍ବତନ ସମିତିସଭ୍ୟ ସତ୍ୟବାଦୀ ମହାପାତ୍ର, ଏନ୍‌ଏସିର ବିଜେଡି ନେତା ଦିଲୀପ ପାତ୍ର, ସନ୍ତୋଷ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା, ଶିଶୁ ବିକାଶର ସଚେତନତା ଶୋଭାଯାତ୍ରା



ବାଲ୍ୟବିବାହ ନିଷେଧ ଶୀର୍ଷକ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ନିମାପଡ଼ା,୩୦।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବାଲ୍ୟ ବିବାହ ନିଷେଧ ସମ୍ପର୍କିତ ଏକ ଜନସଚେତନା ଶୋଭାଯାତ୍ରା, ପଥପ୍ରାନ୍ତ ସଭା, ସାମୂହିକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା' ପୂର୍ଣ୍ଣେଶ୍ୱରୀଙ୍କ ମନ୍ଦିର ପୀଠରେ ଆୟୋଜିତ ସମାରୋହରେ ଅତିଥି ଭାବେ ସିଡିପିଓ ମାଧବୀ ମହାପାତ୍ର, ଏନ୍‌ଏସି ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସମାଜରେ ବାଲ୍ୟ ବିବାହକୁ ନିଷେଧ କରାଯିବା, ସବୁ ବର୍ଗର ଲୋକେ ବାଲ୍ୟ ବିବାହକୁ ଦୃଢ ଭାବେ ପ୍ରତିହତ କରିବା, ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ଗଠନ କରିବା ଆମର ମୂଳଲକ୍ଷ୍ୟ ଓ ମୂଳମନ୍ତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାଲ୍ୟ ବିବାହ ନିଷେଧ ସମ୍ପର୍କିତ ଏକ ସାମୂହିକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକ ଜନସଚେତନତା ଶୋଭାଯାତ୍ରା ବିଭିନ୍ନ ନାରା ଦେଇ ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ମହିଳା, ଶିଶୁ ବିଭାଗର ସମସ୍ତ ସୁପରଭାଇଜର, ବହୁ ଅଙ୍ଗନୱାଡି କର୍ମୀ କିଶୋରୀ ବାଳିକା ସାମିଲ ହୋଇଥିଲେ। ବାଲ୍ୟ ବିବାହ ନିଷେଧ ଶୀର୍ଷକ ମଞ୍ଚସ୍ଥ ନାଟକ ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା।

# ସନ୍ତାନସନ୍ତତିଙ୍କ ମଙ୍ଗଳ ପାଇଁ ଘଡ଼ିପଥୁଲି ପୂଜା

### ଶ୍ରୀକ୍ଷେତ୍ରର ନିଆରା ପରମ୍ପରା

ପୁରୀ,୩୦।୪(ଅଜିତ୍ କୁମାର ମହାନ୍ତି)



ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟା ଅବସରରେ ବୁଧବାର ଶ୍ରୀକ୍ଷେତ୍ରରେ ଘଡ଼ିପଥୁଲି ପୂଜା କରାଯାଇଛି। ବିଶେଷକରି ପୁରୀରେ ବାସ କରୁଥିବା ସେବକ, ବ୍ରାହ୍ମଣ ଏବଂ ଅନେକ ଗୃହସ୍ଥ ପରିବାରରେ ଘଡ଼ି ପଥୁଲି ପୂଜା କରାଯାଇଥିଲା। ମା'ମାନେ ନିଜ ସନ୍ତାନ ସନ୍ତତିଙ୍କ ମଙ୍ଗଳ କାମନା କରି ଏହି ପୂଜା କରିଥିଲେ। ମା' ଷଷ୍ଠୀ ଦେବୀଙ୍କ ନିକଟରେ ଘଡ଼ିପଥୁଲି ପୂଜା ହେବା ପରେ ସେଗୁଡ଼ିକୁ କୁନି କୁନି ପିଲାଙ୍କ ମଧ୍ୟରେ ବଣ୍ଟାଯାଇଥିଲା। ଅକ୍ଷୟତୃତୀୟା ପୂର୍ବଦିନ ମାଟି ନିର୍ମିତ ଘଡ଼ିପଥୁଲିରେ ଚୂନ, ଅଳିତା ଏବଂ ବିଭିନ୍ନ ରଙ୍ଗ ଲଗାଯାଇ ତାକୁ ଚିତ୍ରବିଚିତ୍ର କରାଯାଇଥିଲା। ଅକ୍ଷୟତୃତୀୟା ଦିନ ଘରର ଠାକୁର ଘରେ ପଞ୍ଚ ମୁରୁଜରେ କୋଷ୍ଠି କଟାଯାଇ ତା' ମଧ୍ୟରେ ଘଡ଼ିପଥୁଲିଗୁଡ଼ିକୁ ରଖାଯାଇଥିଲା। ଘଡ଼ିପଥୁଲିରେ ଚୂଡ଼ାଭଜା, ଖଇ, ନଡ଼ିଆ, ଆମ୍ବ, ତାଳ ଖଣ୍ଡଘୋଡ଼ା, ବିଭିନ୍ନ ପ୍ରକାର ଫଳ ଓ ଖେଳନା କଣ୍ଢେଇ ରଖାଯାଇ ମା' ଷଷ୍ଠୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜା କଲେ ସନ୍ତାନ ସନ୍ତତିଙ୍କ ଆୟୁଷ ବଢିବା ସହ ଘରେ ମା' ଲକ୍ଷ୍ମୀ ବାସ କରିଥାନ୍ତି ବୋଲି ବିଶ୍ୱାସ ରହିଛି।

## ମହାବୀର ପୁରୀକୁ ହରାଇ କାକଟପୁର ଫାଇନାଲରେ

ଅସ୍ତରଙ୍ଗ,୩୦।୪(ମମତା ଜେନା)

### ତୁଷାରକାନ୍ତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

କାକଟପୁର ହାଇସ୍କୁଲ ପଛପଡ଼ିଆ ମିନିଷ୍ଟାଡିୟମଠାରେ ଚାଲିଥିବା ଦ୍ୱିତୀୟ ବାର୍ଷିକୀ ତୁଷାରକାନ୍ତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ମହାବୀର କ୍ରିକେଟ କ୍ଲବ ପୁରୀକୁ ହରାଇ କାକଟପୁର ମଙ୍ଗଳା କ୍ରିକେଟ ଏକାଡେମୀ ଫାଇନାଲ୍‌ରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ମହାବୀର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୨୮ ରନ୍ ସଂଗ୍ରହ କରିଥିଲା। ମଙ୍ଗଳା ଏକାଡେମୀ କ୍ରିକେଟ କ୍ଲବ ୧୦.୧ ଓଭରରେ ୪ ଉଇକେଟ ହରାଇ ୨୩୧ ରନ୍ ସଂଗ୍ରହ କରି ବିଜୟ ହୋଇଥିଲା। ମଙ୍ଗଳା ଏକାଡେମୀର ଚିଉ ବେହେରାଙ୍କୁ ମ୍ୟାନ୍ ଅଫ ଦ୍ ମ୍ୟାଚ ପୁରସ୍କାର ମିଳିଥିଲା। ରମେଶ ପ୍ରଧାନ ଓ ତ୍ରିଭୁବନ ଦାଶ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ସୌମେନ୍ଦ୍ର ମିଶ୍ର ଓ ସାମାଜିକ କର୍ମୀ ପ୍ରେମାନନ୍ଦ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଆୟୋଜିତ କ୍ଲବ ପକ୍ଷରୁ ଅଭିଶେକ, ଅରିନ, ଅମ୍ଳାନ, ଲୁଡୁ, ଡେଭିଡ, ବବୁଲ, ଜଗନ, ଚନ୍ଦନ, ପବିତ୍ର, ସ୍ମୃତି ଓ ସୂର୍ଯ୍ୟକାନ୍ତ ସହଯୋଗ କରିଥିଲେ। ଆସନ୍ତା ୪ରେ ଫାଇନାଲ ମ୍ୟାଚ୍ କାକଟପୁର ମଙ୍ଗଳା ଏକାଡେମୀ ଓ ପୁରୀ ପାୟୋନିୟର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ମାଷ୍ଟର ଟୁଲୁ ପ୍ରକାଶ କରିଛନ୍ତି।

# ପୁଷ୍ପମାଲ୍ୟରେ ସୀମିତ ଜୟଦେବଙ୍କ ଜୟନ୍ତୀ ସମାରୋହ

କୋଣାର୍କ,୩୦।୪(ଜ୍ୟୋତିରାଜ ମହାନ୍ତି)

- ସରକାର ଭୁଲିଗଲେ ଓଡ଼ିଆ ଅସ୍ମିତା
- ଶ୍ରୀଜୟଦେବଙ୍କ ପ୍ରତି ଚରମ ଅବହେଳା
- ସଂସ୍କୃତି ବିଶାରଦ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ

କୋଣାର୍କସ୍ଥିତ ଅର୍କେଶ୍ୱର ମଣ୍ଡପଠାରେ ଗତ ବର୍ଷଗୁଡ଼ିକରେ ଆୟୋଜିତ ତ୍ରିଦିବସୀୟ ଶ୍ରୀଜୟଦେବ ଜୟନ୍ତୀ ସମାରୋହ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ ଓ ଓଡ଼ିଆ ଅସ୍ମିତା ପ୍ରତି ବୈମାତୃକ ମନୋଭାବ ଯୋଗୁ ପୁଷ୍ପମାଲ୍ୟ ଅର୍ପଣରେ ସୀମିତ ରଖାଯାଇଛି। ପ୍ରକାଶ ଯେ, କୋଣାର୍କ ହେଉଛି କଳା ଓ ସଂସ୍କୃତିର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ବିଶ୍ୱର କୋଣଅନୁକୋଣରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି କଳା, ସଂସ୍କୃତି ଓ ଓଡ଼ିଆ ଅସ୍ମିତାର ପରିଚୟ ସୃଷ୍ଟିକରି ଓଡ଼ିଆ ଜାତିର ସମ୍ମାନ ଓ ଗୌରବକୁ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି। ଚଳିତବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଶ୍ରୀଜୟଦେବଙ୍କ ଜୟନ୍ତୀ କଳା, ସଂସ୍କୃତି ଓ ଓଡ଼ିଆ ଅସ୍ମିତାର ପ୍ରତୀକ କୋଣାର୍କ ଠାରେ ପାଳନ କରା ନ ଯିବା କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ବରିଷ୍ଠ ନାଗରିକ, ସଂସ୍କୃତି ବିଶାରଦ, ଗବେଷକ, ଐତିହ୍ୟ ବିଶାରଦ ଓ କୋଣାର୍କ ଅଞ୍ଚଳର ଜନସାଧାରଣ ଘଟଣାକୁ ନାପସନ୍ଦ କରିଛନ୍ତି। ଏହା ଜୟଦେବଙ୍କ ପ୍ରତି ଚରମ ଅବହେଳା ଓ ଅପମାନ ବୋଲି ସାଧାରଣରେ ମତପ୍ରକାଶ କରିଛନ୍ତି। କୋଣାର୍କ ଏନ୍‌ଏସି ପ୍ରଶାସନ ପକ୍ଷରୁ କୋଣାର୍କ ଶ୍ରୀଜୟଦେବ ଜୟନ୍ତୀ କମିଟି ପକ୍ଷରୁ ବିଗତ ବର୍ଷଗୁଡ଼ିକରେ ପବିତ୍ର ଅକ୍ଷୟ ତୃତୀୟା ଠାରୁ ତ୍ରିଦିବସୀୟ ଶ୍ରୀଜୟଦେବ ଜୟନ୍ତୀ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ପାଳିତ ହୋଇଆସୁଛି। ଚଳିତ ବର୍ଷ କୋଣାର୍କ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ ଜୟଦେବ ଜୟନ୍ତୀ ପାଳନ ନିମନ୍ତେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ କୌଣସି ସରକାରୀ ଚିଠି ଆମ କାର୍ଯ୍ୟାଳୟକୁ ଆସି ନ ଥିବା କହିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ଓଡ଼ିଆ ଅସ୍ମିତା ବିରୋଧୀ କାର୍ଯ୍ୟକଳାପ ଓ କଳା ଏବଂ ସଂସ୍କୃତିର ମିଳନସ୍ଥଳୀ କୋଣାର୍କଠାରେ ଶ୍ରୀଜୟଦେବଙ୍କ ପ୍ରତି ଏହା ଘୋର ଅପମାନ ବୋଲି ମତପ୍ରକାଶ ପାଇଛି।



ଜୟଦେବ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏନ୍‌ଏସି ଅଧିକାରୀମାନେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅକ୍ଷୟ ତୃତୀୟା କାରବାର ଆଶାଜନକ



ଅକ୍ଷୟ ତୃତୀୟା ଉପଲକ୍ଷେ ଭୁବନେଶ୍ୱରର ଖିମ୍‌ଜୀ ଜୁଏଲର୍ସ ପରିସରରେ ଗ୍ରାହକଙ୍କ ଭିଡ଼।

**ଭୁବନେଶ୍ୱର,୩୦।୪: (ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷର ଅକ୍ଷୟ ତୃତୀୟା କାରବାର ଘରୋଇ ବଜାରରେ ଆଶାଜନକ ରହିଥିଲାବେଳେ ପରମ୍ପରା ଅନୁଯାୟୀ ସବୁ ବର୍ଗର ଗ୍ରାହକ ଅଳ୍ପ ବହୁତେ ସୁନା କ୍ରୟ କରିଛନ୍ତି। ଏପରିକି ଓଡ଼ିଶା ବଜାରରେ ୨୦୦ କୋଟି ଟଙ୍କାର ଅକ୍ଷୟ ତୃତୀୟା କାରବାର ହୋଇଥିବା ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ଅକ୍ଷୟ ତୃତୀୟା ପାଇଁ ଅଳଙ୍କାର ପ୍ରତିଷ୍ଠାନଗୁଡିକ ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ଉପହାର ଓ ଅନ୍ୟାନ୍ୟ ବ୍ୟବସ୍ଥା ଗ୍ରାହକଙ୍କ ପାଇଁ କରିଥିଲାବେଳେ ଦରବୃଦ୍ଧି କାରବାରରେ ବାଧକ ସାଜିଥିଲା ବୋଲି ବ୍ୟବସାୟୀମାନେ ମତପ୍ରକାଶ କରିଛନ୍ତି। ସେହିପରି ବର୍ତ୍ତମାନ ସମୟରେ ବିବାହ ଋତୁ ଓ ଶୁଭ କାର୍ଯ୍ୟ ସାଙ୍ଗକୁ ଅକ୍ଷୟ ତୃତୀୟା ପାଇଁ ଗ୍ରାହକ ଆଶାଠାରୁ କମ୍ ପରିମାଣରେ ସୁନା କ୍ରୟ କରୁଥିବାବେଳେ ସୁନା ଦର ଓ ଅନ୍ୟାନ୍ୟ ଦରର ଅହେତୁକ ବୃଦ୍ଧି ପାଇଁ ଗ୍ରାହକ କାମ ଚଳିବା ଭଳି କାରବାର (କ୍ରୟ) କରୁଥିବା କହିଛନ୍ତି। ଅପରପକ୍ଷରେ ଓଡ଼ିଶାର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ, ତନିସ୍କ, ରିଲାଏନ୍ସ, ମାଲାବାର,

## ଓଡ଼ିଶା ବଜାରରେ ୨୦୦ କୋଟିର ବ୍ୟବସାୟ

କଲ୍ୟାଣ, ଜୟଆଲୁକ୍କାସ, ଅରୁନ୍ଧତୀ, ପି ସି ଚନ୍ଦ୍ରା, ରାଧା ଗୋବିନ୍ଦ ରୟ ଗ୍ରାଣ୍ଡସନ (ଆରଜିଜି) ଜୁଏଲର୍ସ, ନାରାୟଣୀ ଜୁଏଲର୍ସ, ଧରିତ୍ରୀ ଜୁଏଲର୍ସ,ବିଶ୍ୱମ ଜୁଏଲର୍ସ, ସ୍ମାଇଲଗୋଲ୍ଡ, ଜାଭେରୀ, ଲୋକନାଥ ଏବଂ ସେନ୍‌କୋ ପକ୍ଷରୁ ଆକର୍ଷଣୀୟ ଅଫର ଓ ସାଜସଜ୍ଜା ଗ୍ରାହକଙ୍କୁ କିଛି ପରିମାଣରେ ଆକୃଷ୍ଟ କରିବା ସହ ଆଶାଜନକ କାରବାର ହୋଇଥିବା ଉଭୟ ଘରୋଇ ଓ ଜାତୀୟ ବ୍ରାଣ୍ଡର ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଅକ୍ଷୟ ତୃତୀୟା ପାଇଁ ଉପରୋକ୍ତ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ସକାଳ ୮ ଘଟିକାରୁ ଗ୍ରାହକଙ୍କ ପାଇଁ ଶୋ'ରୁମ୍ (ଷ୍ଟୋର) ଖୋଲିଥିଲାବେଳେ ବୁଧବାର ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୭,୮୭୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୯,୮୦୦ ଟଙ୍କା ଏବଂ ୧୮ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୪୭୦ ଟଙ୍କାରେ କାରବାର ହେଉଥିଲା। ଅପରପକ୍ଷରେ ରୁପା କିଲୋଗ୍ରାମ ପିଛା ୧,୧୧,୦୦୦ ଟଙ୍କା ଥିଲାବେଳେ ମୂଲ୍ୟବାନ୍ ଧାତୁ ଓ ଅଳଙ୍କାରର ଦର ପ୍ରାୟ ୩୫,୦୦୦ରୁ ୫୫,୦୦୦ ଟଙ୍କାରେ କାରବାର ହେଉଥିଲା। ସକାଳ ୧୦ ଘଟିକାରୁ ଗ୍ରାହକଙ୍କ ଆଗମନ ସହ କାରବାର ଆରମ୍ଭ ହୋଇଥିଲାବେଳେ ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ଝାରସୁଗୁଡ଼ା, ରାଉରକେଲା, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, କୋରାପୁଟ, ବଲାଙ୍ଗୀର, ପୁରୀ ଏବଂ ମାଲକାନଗିରି ଭଳି ପ୍ରମୁଖ ବଜାରରେ କାରବାର ଆଶାଜନକ ଥିଲା ବୋଲି ଉପରୋକ୍ତ ଅଳଙ୍କାର ଓ ଜିଲାର ପ୍ରମୁଖ ଗହଣା ଦୋକାନଗୁଡିକ ପକ୍ଷରୁ କୁହାଯାଇଛି।



ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସରେ ଗ୍ରାହକ ଅକ୍ଷୟ ତୃତୀୟା କାରବାର କରୁଛନ୍ତି।

# ବଜାରରେ ହିରୋର ନୂତନ ପ୍ରିମିୟମ ରେଞ୍ଜ

**ଭୁବନେଶ୍ୱର,୩୦।୪**

ହିରୋ ମୋଟୋକର୍ପ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ପ୍ରିମିୟମ ରେଞ୍ଜ 'ଅଲ୍ ନ୍ୟୁ ଏକ୍ସଟ୍ରିମ୍‌୨୫୦ ଏବଂ ଏକ୍ସପ୍ଲସ୍ ୨୧୦'ର ଅନାବରଣ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହିରୋ ମୋଟୋକର୍ପ ପ୍ରେମିଆ ସେଗ୍‌ମେଣ୍ଟର ସ୍ୱୀକୃତିପ୍ରାପ୍ତ ଡିଲର ଏସେନ ପ୍ରେମିଆର ଏକ୍ସକ୍ଲୁସିଭ ଶୋ'ରୁମ୍ ତଳ ତେଲେଙ୍ଗାବଜାର କଟକ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ହିରୋ ମୋଟୋକର୍ପ ଲିମିଟେଡ୍‌ର ଅଞ୍ଚଳ ପ୍ରବନ୍ଧକ (ଏରିଆ ମ୍ୟାନେଜର) ଉଜ୍ଜ୍ୱଳ କୋହ୍ଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ 'ହିରୋ ଏକ୍ସଟ୍ରିମ୍ ୨୫୦ ଏବଂ ଏକ୍ସପ୍ଲସ୍ ୨୧୦କୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିରୋ ମୋଟୋକର୍ପ ଲିମିଟେଡ୍‌ର ଟେରିଟୋରି ମ୍ୟାନେଜର (ସେଲ୍ସ) ସୌରଭ ନନ୍ଦଙ୍କ ସମେତ ଏସେନ ଅଟୋମୋବାଇଲ୍ସର ମାଲିକ ହେମନ୍ତ କୁମାର ଠକର ଏବଂ ସୌରଭ ଠକର ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ହିରୋ ମୋଟୋକର୍ପର ଏହି ଦୁଇଟି ପ୍ରିମିୟମ ମଡେଲ ହିରୋ ପ୍ରେମିଆ ଡିଲରଶିପରେ ଉପଲବ୍ଧ। ବର୍ତ୍ତମାନ ଓଡ଼ିଶାରେ ଏସେନ ପ୍ରେମିଆ, କଟକ ଏକମାତ୍ର ଡିଲର ଭାବେ କାର୍ଯ୍ୟ କରୁଛି।



ଅନାବରଣ ଉତ୍ସବରେ ଅତିଥିଙ୍କ ସମେତ ଶୋ'ରୁମ୍ କର୍ତ୍ତୃପକ୍ଷ ଉପସ୍ଥିତ ଅଛନ୍ତି।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୩୦।୪**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୬ (୪୬.୧୪) ପଏଣ୍ଟ ହ୍ରାସ ଘଟି ୮୦,୨୪୨ (୮୦,୨୪୨.୨୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୨(୧.୭୫) ପଏଣ୍ଟ କମି ୨୪,୩୩୪ (୨୪,୩୩୪.୨୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ସିଏମ୍‌ଏଫ୍‌ର ନୂତନ ଉତ୍ପାଦ

**ମୁମ୍ବାଇ,୩୦।୪**

ନଥିଂର ଉପ ବ୍ରାଣ୍ଡ ସିଏମ୍‌ଏଫ୍‌ର ନୂତନ ଉତ୍ପାଦ ତଥା ୪ଟି ନୂଆ ମଡେଲ (ସିଏମ୍‌ଏଫ୍ ଫୋନ୍ ୨ପ୍ରୋ, ବଡ୍ସ ୨, ବଡ୍ସ ୨ ପ୍ଲସ୍ ଏବଂ ବଡ୍ସ ୨ଏ)ର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରିକି ସିଏମ୍‌ଏଫ୍ ଫୋନ୍ ୨ ପ୍ରୋରେ ତିନୋଟି କ୍ୟାମେରା ବ୍ୟବସ୍ଥା, ଚମତ୍କାର ଉଜ୍ଜ୍ୱଳ ଡିସ୍‌ପ୍ଲେ ଏବଂ ଏକ ପ୍ରିମିୟମ ଡିଜାଇନ ରହିଛି। ଫଳରେ ଏହା ଦୈନନ୍ଦିନ ବ୍ୟବହାର ଲାଗି ସବୁଠୁ ପସନ୍ଦଯୋଗ୍ୟ ବିକଳ୍ପ ପାଲଟିଛି। ଏହି ସ୍ମାର୍ଟଫୋନ୍ ମାତ୍ର ୭.୮ ମିମି ପତଳା ଏବଂ ୧୮୫ ଗ୍ରାମ ଓଜନ ହୋଇଥିବାରୁ ବର୍ତ୍ତମାନ ସୁଦ୍ଧା ନଥିଂ ପକ୍ଷରୁ ଡିଜାଇନ କରାଯାଇଥିବା ସବୁଠୁ ପତଳା ଓ ହାଲୁକା ସ୍ମାର୍ଟଫୋନ୍‌ର ମାନ୍ୟତା ପାଇଛି। ସିଏମ୍‌ଏଫ୍ ଫୋନ୍ ୧ ତୁଳନାରେ ଏହା ୫% କମ୍ ପତଳା। ସିଏମ୍‌ଏଫ୍ ଫୋନ୍ ୨ ଧଳା, କଳା, କମଳା ଓ ହାଲୁକା ସବୁଜ ଆଦି ଚାରୋଟି ରଙ୍ଗରେ ଉପଲବ୍ଧ ଏବଂ ଏଗୁଡ଼ିକର ଅଭିନବ ଡିଜାଇନ ଓ ଗଠନ ଶୈଳୀ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଯଥେଷ୍ଟ ରହିଛି। ସିଏମ୍‌ଏଫ୍ ଫୋନ୍ ୨ ପ୍ରୋ ୫ ମେ', ୨୦୨୫ ଠାରୁ ଫ୍ଲିପ୍‌କାର୍ଟ, ଫ୍ଲିପ୍‌କାର୍ଟ ମିନିଟ୍ସ, ବିଜୟ ସେଲ୍ସ,କ୍ରୋମା, ଏବଂ ସବୁ ରିଟେଲ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେବ। ସିଏମ୍‌ଏଫ୍ ବଡ୍ସ ୨ଏ, ସିଏମ୍‌ଏଫ୍ ବଡ୍ସ ୨ ଏବଂ ସିଏମ୍‌ଏଫ୍ ବଡ୍ସ ୨ ପ୍ଲସ୍ ୨୦୨୫ର ଦ୍ୱିତୀୟ ତ୍ରୈମାସ ବେଳକୁ ଭାରତରେ ଉପଲବ୍ଧ ହେବ। ସିଏମ୍‌ଏଫ୍ ଫୋନ୍ ୨ ପ୍ରୋର ଆସେସୋରିଜ୍ ଖୁବ୍‌ଶୀଘ୍ର ଭାରତରେ ଉନ୍ମୋଚନ କରାଯିବ।


# Classified Everyday

**0674-2580101, 9692975378**




**REAL ESTATE**

**SALE**

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261

2BHK flat for sale at Naharakanta Chhaka, NH Facing. Contact- 7978209277, 7008789347. D-260

Bhubaneswar ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ-୨ ନିକଟରେ ଘରବାରୀ ପ୍ଲଟ୍ 1250/Sqft.ରେ ବିକ୍ରୟ କରାଯାଉଛି। Whatsapp: 9437011506, 6371462496. D-356



**FOR RENT**

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**LOST**

I lost my B-Tech Certificate along with some other xerox documents on 28.04.2025 between 4PM to 4:30PM while going from Jaydev Bihar to Patia in a Local Auto. If anyone received please contact ROSHNEE PADHI. Mob: 8007066335. D-348

**AFFIDAVIT**

By virtue of an affidavit sworn before the Executive Magistrate, Dharmasala, dated 30.04.2025, I, Chhailabala Sethy, Address: At- Jamubania, P.O.- Jaraka, P.S.- Dharmasala, Dist.- Jajpur, Odisha- 755050 declare that I have changed my name from Chhalla Bala Sethi to Chhailabala Sethy. Henceforth, I shall be known as Chhailabala Sethy for all purposes. D-352

I Jemamani Behera, W/o- Late Jayananda Behera, At- Laxmi Bazar, P.S.- Town, P.O./Dist.- Dhenkanal, Odisha- 759001, have changed my name to Jema Behera on dtd. 24.04.2025 before Executive Magistrate, Dhenkanal for all official purposes. D-350

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Hitherto Known as Roshni Prasad Alias Jyoti Kumari Prasad, W/o- Trilok Kumar Agrawal residing At- Nagaon, Balangir, Odisha 767022, Have Changed my name and shall hereafter be known as Roshni Agrawal for all future purposes. D-353

By virtue of an affidavit sworn before H.N. Das (O.R.S.) (Executive Magistrate, Balasore) on dated 25.04.2025, I Sunil Kumar Mallick, S/o- Bhaku Charan Mallick, At- Biswanathpur, P.O.- Langaleswar, P.S.- Singla, Dist.- Balasore, declare that I have changed my son's name from Subhranshu Sekhar Malick to Subhranshu Sekhar Mallick. Henceforth, he shall be known as Subhranshu Sekhar Mallick for all purposes.

Subhranshu Sekhar Mallick
(New name)
D- 354

I Gajendra Kumar Andaja, R/o. At./ P.O.- Sakhipada, P.S.- Dhanupali, Dist.- Sambalpur declare by this affidavit No.- 6725 dated 5.3.25 that my daughter's surname is mentioned as Andaya instead of Andaja in her school record and register. That both the names Sneha Priyadarsini Andaja and Sneha Priyadarsini Andaya belongs to one and same person. D-355

**LEGAL NOTICE**

IN THE COURT OF THE CIVIL JUDGE (SR.D.) DHENKANAL.

Intestate Case No. 3/2024

Ganguli Samal .... Petitioner

Versus

Sankarsan Nath & others .... Opp. Parties.

Whereas the Prtitioner Ganguli Samal, aged about 60 years, S/o- Late Nabin Samal, Village- Kurunti, P.O.-Kusupanga, P.S.- Motanga, Dist.- Dhenkanal has filed the above case for grant of succession Certificate in his favour along with the Proforma O.Ps. in respect of the properties measuring A.1.040 dec. under Hal Khata No.- 865 of Mouza- Kharagprasad as successor of Late Rajib Samal the recored owner, who died on 4.12.1971.

As such it is hereby noticed that if any body else having any interest or objection for grant of such Certificate, he/she/they may contest the case in support of his/her/their claim and to appear before the Court in person or through his/ her/their Pleader on this the 17th day of May 2025 at about 7.30 A.M.failing which the case will be heard and determined in his/her/their absence.

Given under my hand and seal of his Court, this 15th day of April 2025.

Sd./- Civil Judge(Sr.D.), Dhenkanal.
D-349

# ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସୌଦାମିନୀ ବେହେରା**

ଭବାନିନଗର, କୋରାପୁଟ
ଆବିର୍ଭାବ: ୧୦।୧୦।୧୯୪୫
ତିରୋଧାନ: ୨୦।୦୪।୨୦୨୫

ମାଆ, ଚାହୁଁ ଚାହୁଁ ୧୨ ଦିନ ବିତିଗଲା, ତୁ ଯେଉଁଠି ଥା, ଭଲରେ ଥା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।

ପୁତ୍ର, ପୁତ୍ରବଧୂ, କନ୍ୟା- ଜ୍ୱାଇଁ, ନାତି ନାତୁଣୀ ଓ ସମ୍ପର୍କୀୟ।

**ଓଲାଭର ରତ୍ନ**



ଯୋଗଜନ୍ମା, ଓଲାଭର ଜନମାନସର ଜନନେତା ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଏକାଦଶାହ କ୍ରିୟା ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

ସୌଜନ୍ୟ.. ଗୋବିନ୍ଦ ଦାସ ସ୍ମୃତି କମିଟି ଓ ଜନସାଧାରଣ ବୃନ୍ଦ, ଓଲାଭର, କେନ୍ଦ୍ରାପଡ଼ା
ଧ-୩୫୧

**ଦଶାହ ଉପଲକ୍ଷେ**



**ଏଶରତ ଚନ୍ଦ୍ର ରାଉତ**

ଅନନ୍ତ ନଗର, ମହତାବ୍ ରୋଡ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୦୩।୦୧।୧୯୫୩
ତିରୋଧାନ: ୨୨।୦୪।୨୦୨୫

ବାପା, ତୁମର ଅନୁପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ତୁମର "ଭାକ୍ ଆଉ ହାକ୍" ଗାଳିକୁ ଆମେ ସବୁବେଳେ ମନେ ପକାଉଛୁ। ତୁମେ ଯେଉଁଠି ଥାଅ, ଭଲରେ ଥାଅ ଆଉ ଆମ ଉପରେ ଆଶିଷ ଢାଳୁଥାଅ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ଏତିକି ପ୍ରାର୍ଥନା।

ଶୋକସନ୍ତପ୍ତ: ପୁଅ: (ବୁଲୁ, ଦେବୁ), ବୋହୂ: (ଗୁଡ଼ି), ନାତି: (କୁନୁ) ଓ ପରିବାରବର୍ଗ।
ଧ-୭୬୦୫୫

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



ପରିଣୀତି

## ରହସ୍ୟ ଖୋଲିଲେ ପରିଣୀତି

ବେଳେବେଳେ ଭଲ ସୁଯୋଗ ହାତ ପାଆନ୍ତାରୁ ଖସି ଯାଏ। ଯେତେବେଳେ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଭାଙ୍ଗା 'ଆନିମଲ' ଫିଲ୍ମର କାହାଣୀ ଅନୁସାରେ ନାୟିକା ଖୋଜିଲେ ସେତେବେଳେ ତାଙ୍କର ଫାଷ୍ଟ ଚଏସ୍ ଥିଲେ ପରିଣୀତି ଚୋପ୍ରା। ତାଙ୍କ ସହ ମଧ୍ୟ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଏହି ଅଫରଟିକୁ ହାତଛଡ଼ା କରିବାକୁ ବାଧ୍ୟ ହୋଇଥିଲେ। ଶେଷରେ ଏହି ରୋଲ୍ ପାଇଁ ରଶ୍ମିକା ମନ୍ଦାନାଙ୍କୁ ସାଇନ୍ କରାଯାଇଥିଲା। କେବଳ ସେତିକି ନୁହେଁ, ରଣବୀର କପୁର, ରଶ୍ମିକା, ବବି ଦେଓଲ, ଅନିଲ କପୁର, ତ୍ରିପ୍ତି ଡିମ୍‌ରିଙ୍କ ଅଭିନୀତ ତଥା ୧୦୦କୋଟି ବଜେଟରେ ନିର୍ମିତ ଏହି ସିନେମା ବକ୍ସ ଅଫିସରେ ପ୍ରାୟ ୯୧୫ କୋଟିର ବିଜ୍‌ନେସ୍ କରିଥିଲା। ଏ ବିଷୟରେ ପରିଣୀତି କହନ୍ତି, ''ଏହି ଅଫର ପୂର୍ବରୁ ମୁଁ ଇମ୍‌ତିୟାଜ୍ ଅଲ୍ଲୀଙ୍କ 'ଚମକିଲା' ପାଇଁ ଡେଟ୍ ଦେଇସାରିଥିଲି। ତେଣୁ ବାଧ୍ୟହୋଇ ଏହି ଅଫରଟିକୁ ହାତଛଡ଼ା କରିଥିଲି।'' ଯଦି ପରିଣିତି 'ଆନିମଲ୍'ରେ ଅଭିନୟ କରିଥାଆନ୍ତେ, ତେବେ ସେ ପ୍ରଥମ ଥର ପାଇଁ ରଣବୀର କପୁରଙ୍କ ସହ ବଡ଼ ପରଦାରେ ଦେଖିବାକୁ ମିଳିଥାଆନ୍ତା।

## କେବଳ ଗୀତ ପାଇଁ..

କିଆରା ଆଡଭାନୀଙ୍କୁ ନେଇ ଏବେ ଚର୍ଚ୍ଚା। ୟା'ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ଶୁଣିବା ପରେ ସେଗୁଡ଼ିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନ୍‌ସେଲ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ କିଆରା କହନ୍ତି, ''ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଗୀତଗୁଡ଼ିକ ମୋ ମନକୁ ଛୁଇଁପାରିଛି। ତେଣୁ ସେଗୁଡିକୁ କିପରି ଶତ ପ୍ରତିଶତ ଜଷ୍ଟିସ୍ ଦେବି ସେ ନେଇ ପ୍ରାକ୍ଟିସ୍ ଆରମ୍ଭ କରିଦେଇଛି। ଏହି ଅନ୍‌ଟାଇଟଲ୍ଡ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।'' ତେବେ ଏଥିରେ କିଆରାଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।



କିଆରା

## ଯାହା ଆକଳନ କରିଥିଲେ ମନୋଜ



ଓଡ଼ିଆ ଫିଲ୍ମ '୧୯୯୯'ର ପୋଷ୍ଟରରେ ମନୋଜ

ଆମ ରାଜ୍ୟ ୧୯୯୯ରେ ସାମ୍ନା କରିଥିଲା ଏକ କରାଳ ମହାବାତ୍ୟାକୁ। ଏହି ପ୍ରାକୃତିକ ବିଭୀଷିକାର ଦୃଶ୍ୟ ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି। ତେବେ ଏହାକୁ ଏବେ ଏକ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦିଆଯାଇଛି। ଏହାର ଟାଇଟଲ ରହିଛି '୧୯୯୯ : ଏକ ସଂଗୁପ୍ତ କାହାଣୀ'। କେବଳ ସେତିକି ନୁହେଁ, ଫିଲ୍ମଟି ପରଦା ଉପରକୁ ଆସିବା ପରେ ଦର୍ଶକାଦୃତ ହୋଇଛି ବୋଲି କହନ୍ତି ଉକ୍ତ ଚିତ୍ରଟିର ପ୍ରଯୋଜକ ତଥା ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ମନୋଜ କୁମାର ମିଶ୍ର। କେବଳ ସେତିକି ନୁହେଁ, ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ, ଗୀତ ରଚନା ମଧ୍ୟ କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ଅମିର ପତି। ''ମୋ ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ବଡ଼ କଥା। ଏଭଳି ଏକ ନିଛକ ଓଡ଼ିଆ କାହାଣୀକୁ ଚୂଡ଼ାନ୍ତ ରୂପରେଖ ଦେବାକୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏହି ଫିଲ୍ମଟିରୁ ସବୁ ବର୍ଗର ଦର୍ଶକ ଭରପୂର ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା। କାହାଣୀ ଅନୁସାରେ ସଂଳାପ ଏବଂ ଗୀତ ମଧ୍ୟ ରଚନା କରାଯାଇଛି। ଏହି ଫିଲ୍ମଟିର ସଫଳତା ପଛରେ କଳାକାର, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ ଏବଂ ଏଥିସହ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କର ଅବଦାନ ରହିଛି'' ବୋଲି କହନ୍ତି ମନୋଜ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବରିଷ୍ଠ ସ୍ୱରକାର ପ୍ରଶାନ୍ତ ପାଢ଼ୀ। ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଡା. ମନୋଜ ମିଶ୍ର, ମନୋରାମା ମିଶ୍ର, ଅପୂର୍ବ, ଦେବୁ ବ୍ରହ୍ମା, କାଳୀ ଚରଣ ଆଚାର୍ଯ୍ୟ, ନରେନ୍ଦ୍ର ସେନାପତି ପ୍ରମୁଖ କଳାକାର।

## କାନ୍ଦି ପକାଇଲେ କଙ୍ଗନା



କଙ୍ଗନା


କଙ୍ଗନା ରାଣାଓ୍ୱତ୍ ଥରେ ଏମିତି ଭାବପ୍ରବଣ ହୋଇପଡ଼ିଲେ ଯେ ତାଙ୍କ ଆଖିରୁ ଦୁଇଟୋପା ଲୁହ ଗଡ଼ିପଡ଼ିଲା। କଥା କ'ଣ କି ସେ ଦେଶାତ୍ମବୋଧକ ଫିଲ୍ମ 'ତେଜାସ୍'ର ନାୟିକା ଭୂମିକାରେ ଅଭିନୟ କରିଥିଲେ। ଏଥିରେ ତାଙ୍କୁ ଜଣେ ଏୟାରଫୋର୍ସ ଅଫିସର ଭୂମିକାରେ ଦେଖିବାକୁ ମିଳିଥିଲା। ଏକଦା ଏହାର ଶୁଟିଂ ପୂର୍ବରୁ ଗେଟଅପ୍ ନେବା ସମୟରେ ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ଏ ନେଇ କଙ୍ଗନା କହନ୍ତି, ''ଏହି ଫିଲ୍ମର ଶୁଟିଂ ପାଇଁ ମେକ୍‌ଅପ୍ ନେବା ପରେ ଯେତେବେଳେ ମୁଁ ନିଜକୁ ଆଇନା ସମ୍ମୁଖରେ ଦେଖିଲି ମୁଁ ଇମୋଶନାଲ ହୋଇପଡ଼ିଥିଲି। ଏୟାରଫୋର୍ସ ଡ୍ରେସ୍ ପିନ୍ଧିବା ଛୋଟିଆ କଥା ନୁହେଁ। ଅଭିନୟ ପାଇଁ ହେଉ ସେଥିରେ କିଛି ନାହିଁ, ଏହି ଗେଟ୍‌ଅପ୍‌ରେ ମୋ ମନରେ ଦେଶଭକ୍ତି ଭାବନା ଆହୁରି ଜାଗ୍ରତ ହୋଇଉଠିଥିଲା। ଏପରି କି କିଛି ସମୟ ପାଇଁ ମୁଁ ସ୍ଥିରହୋଇ ଠିଆହୋଇଯାଇଥିଲି। ମୋ ଆଖିରୁ ଦୁଇଟୋପା ଲୁହ ଗଡ଼ି ପଡ଼ିଥିଲା। ହେଲେ ସେହି ଲୁହ ଦୁଃଖର ନ ଥିଲା। ମିଲିଟାରି ଗେଟ୍‌ଅପ୍ ନେବା ପରେ ମୁଁ ଏତେ ଖୁସି ହୋଇଯାଇଥିଲି ଯେ ସେହି ଖୁସିରେ କାନ୍ଦି ପକାଇଥିଲି।'' କଙ୍ଗନାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଆଇ ଲଭ୍ ୟୁ ବସ୍' (୨୦୦୪)। ସେହି ବର୍ଷ ରିଲିଜ ହୋଇଥିଲା ମହେଶ ଭଟ୍ଟଙ୍କ 'ଗ୍ୟାଙ୍ଗ୍‌ଷ୍ଟର : ଏ ଲଭ୍ ଷ୍ଟୋରି'। ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ପୁରସ୍କାର ମିଳିଥିଲା।

## ପ୍ରମୋଦଙ୍କ ଆଶା



(ବାମରୁ) ଦୀପକ-ରିୟା-ପ୍ରମୋଦ ସ୍ୱାଇଁ

ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ପ୍ରମୋଦ ସ୍ୱାଇଁ ନିକଟରେ ପୁଣି ଥରେ ପ୍ରଯୋଜନା ମଇଦାନକୁ ଓହ୍ଲାଇଛନ୍ତି। ତାଙ୍କ ପ୍ରଯୋଜିତ ନୂଆ ସିନେମାର ଟାଇଟଲ ରହିଛି 'ଆଶିକ ଦିୱାନା'। ଏଭଳି ଶୀର୍ଷକରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି, ଏହାର କାହାଣୀ ମୁଖ୍ୟତଃ ପ୍ରେମ ଉପରେ ଆଧାରିତ। କେବଳ ସେତିକି ନୁହେଁ, ଏଥିରେ ଫ୍ୟାମିଲି ଡ୍ରାମା, କମେଡି ଏବଂ ଆକ୍ସନ ମଧ୍ୟ ରହିଛି। ଏକ ଭିନ୍ନ ଧରଣର କାହାଣୀକୁ ଆଧାରକରି ସଂଳାପ ରଚନା କରିଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। ଏ ସମ୍ପର୍କରେ ପ୍ରମୋଦ କହନ୍ତି, ''ଏହି ଫିଲ୍ମର କାହାଣୀକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ସେହି ଅନୁସାରେ ସଂଳାପ, ଗୀତ ରଚନା କରାଯାଇଛି। କାହାଣୀଟି ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ମୁଁ ଯେତେବେଳେ ସିନେମାଟିଏ ନିର୍ମାଣ କରେ ସେତେବେଳେ ଏହାର କାହାଣୀ, ସଂଳାପ, ସଙ୍ଗୀତ, କଳାକାର ଚୟନ ଏବଂ ଶୁଟିଂ ସମୟରେ ସମସ୍ତ ଦିଗକୁ ଦୃଷ୍ଟି ଦେଇଥାଏ।'' ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ଏସ୍.ଦିଲୀପ ପଣ୍ଡା। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଏନ୍. ପଦ୍ମା। ଉକ୍ତ ଫିଲ୍ମର ନାୟକ ସାଜିଛନ୍ତି ଦୀପକ। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ରିୟା।




ସାନ୍ୟା

## ଅଭିନେତ୍ରୀ ହୋଇ ନ ଥିଲେ...

ସାନ୍ୟା ମାଲହୋତ୍ରାଙ୍କ ପ୍ରଥମ ସିନେମା ହିଁ ତାଙ୍କୁ ବେଶ୍ ମାଇଲେଜ୍ ଦେଇଥିଲା। ଏହାର ଟାଇଟଲ ବିଷୟରେ ସୂଚନା ଦେବା କେବଳ ଔପଚାରିକତା ହେବ। ହଁ, ଏହି ଫିଲ୍ମର ଶୀର୍ଷକ ଥିଲା 'ଦଙ୍ଗଲ'। ଆମୀର ଖାଁଙ୍କ ପରି ଲୋକପ୍ରିୟ ଅଭିନେତା ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଅନ୍ୟପକ୍ଷରେ ଏଥିରେ ସାନ୍ୟାଙ୍କର ଭୂମିକାଟି ଥିଲା ବବିତା ପୋଘଟ। କିନ୍ତୁ ଯଦି ସେ ଅଭିନେତ୍ରୀ ହୋଇ ନ ଥାନ୍ତେ ତେବେ କ'ଣ କରିଥାଆନ୍ତେ ? ପାଠ ପଢ଼ିବା ସମୟରେ ସେ ନିଜ ଭବିଷ୍ୟତକୁ ନେଇ କ'ଣ ସ୍ୱପ୍ନ ଦେଖିଥିଲେ ? ଏ ନେଇ ସାନ୍ୟା କହନ୍ତି, ''ପାଠ ପଢ଼ିବା ସମୟରେ ମୁଁ ଚାହିଁଥିଲି ଭବିଷ୍ୟତରେ ଜଣେ ଡାକ୍ତର ହେବି। ଲୋକମାନଙ୍କର ସେବା କରିବି। କିନ୍ତୁ ତାହା ସମ୍ଭବ ହୋଇ ନ ଥିଲା। ସତେଯେମିତି ଆକ୍ଟିଂ ଲାଇନରେ ପାଦଦେବାକୁ ମୋ ପାଇଁ ସୁଯୋଗ ଅପେକ୍ଷାକରି ରହିଥିଲା। ଏ ନେଇ ଆମୀର ସାର୍‌ଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।''

## ଧୈର୍ଯ୍ୟବାନ୍ ଶାହୀଦ



ଶାହୀଦ

ଶାହୀଦ କପୁରଙ୍କ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'। ଏହା ପୂର୍ବରୁ ଶାହୀଦଙ୍କୁ ପାଖାପାଖି ୧୦୦ଟି ଅଫର ମିଳିଥିଲା, କିନ୍ତୁ ସେଗୁଡ଼ିକ ମଧ୍ୟରୁ ଗୋଟିଏ ସିନେମାରେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳି ନ ଥିଲା। ହେଲେ ଏଭଳି ଘଡିସନ୍ଧି ସମୟରେ ସେ ଭାଙ୍ଗି ପଡି ନ ଥିଲେ। ବରଂ ଧୈର୍ଯ୍ୟର ସହ ଅପେକ୍ଷା କରିଥିଲେ। ଶେଷରେ ତାଙ୍କର ଏହି ଅପେକ୍ଷାର ମିଠା ଫଳ ମିଳିଥିଲା। ହିନ୍ଦୀ ସିନେମାରେ ନାୟକ ସାଜିବା ପୂର୍ବରୁ ଶାହୀଦ ସୁବାସ ଘାଇଙ୍କ 'ତାଲ୍' ଏବଂ ୟଶ ଚୋପ୍ରାଙ୍କ 'ଦିଲ୍ ତୋ ପାଗଲ୍ ହେ'ରେ ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ନାଚିଥିଲେ। ନାୟକ ଭାବରେ ଶାହୀଦଙ୍କର ଅଭିନୀତ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'। ଡେବ୍ୟୁ ଫିଲ୍ମ ହିଁ ତାଙ୍କ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ଏହି ଚିତ୍ରଟି କେବଳ ସୁପରହିଟ୍ ହୋଇ ନ ଥିଲା, ଏହାପରେ ତାଙ୍କ ପଛରେ ପ୍ରଯୋଜମାନେ ଲମ୍ବା ଲାଇନ୍ ଲଗାଇ ଦେଇଥିଲେ। କେନ୍ ଘୋଷଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଇସ୍କ ଭିସ୍କ'ର ବଜେଟ୍ ଥିଲା ମାତ୍ର ୫୦ କୋଟି। ହେଲେ ବକ୍ସ ଅଫିସରେ ଫିଲ୍ମଟି ୧୧୨ କୋଟି ଆୟ କରିବାରେ ସକ୍ଷମ ହୋଇଥିଲା। ''ମୁଁ କେବେ ବିଫଳତାକୁ ନେଇ ବିବ୍ରତ ହୋଇ ନ ଥାଏ। କାରଣ ଧୈର୍ଯ୍ୟର ସହ ଅପେକ୍ଷା କଲେ ଦିନେ ନା ଦିନେ ସଫଳତା ଆସିବ। ତେଣୁ ମୁଁ ସେହି ଦିନକୁ ଅପେକ୍ଷା କରିଥିଲି ବୋଲି କହନ୍ତି ଶାହୀଦ।''

# ଗୋଆ-ଜାମସେଦପୁର ଫାଇନାଲ

**ଭୁବନେଶ୍ୱର, ୩୦।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲଏଫ୍‌ସି ଗୋଆ ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ। ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଗୋଆ ୩-୧ ଗୋଲରେ ମୋହନ ବାଗାନ ସୁପର ଜାଏଣ୍ଟକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଜାମସେଦପୁର ଏଫ୍‌ସି ୧-୦ ଗୋଲରେ ମୁମ୍ବାଇ ସିଟି ଏଫ୍‌ସିକୁ ହରାଇ ଦେଇଛି।

**କଳିଙ୍ଗ ସୁପର କପ୍ ଫୁଟବଲ**



କଳିଙ୍ଗ ଷ୍ଟାଡିୟମ୍‌ରେ ବୁଧବାର ମୋହନ ବାଗାନ ସୁପର୍ ଜାଏଣ୍ଟ ଓ ଏଫ୍‌ସି ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍। (ଫଟୋ: ବିକାଶ ନାୟକ)

ଗୋଆ ଓ ଜାମସେଦପୁର ମଧ୍ୟରେ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଦ୍ୱିତୀୟ ସେମିଫାଇନାଲ ଆରମ୍ଭରେ ବିଧାୟିକା ଉପାସନା ମହାପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ପ୍ରଥମ ସେମିରେ ମ୍ୟାଚ ଆରମ୍ଭରୁ ଗୋଆ ଆକ୍ରମଣାତ୍ମକ ଆଭିମୁଖ୍ୟ ରଖି ସଫଳ ହୋଇଥିଲା। ୨୦ ମିନିଟରେ ବୋରିସନ ଡେଉବେନ ଫର୍ନାଣ୍ଡିଜ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ଏହାର ୩ ମିନିଟ ପରେ ମୋହନ ବାଗାନର ସୋହେଲ ଅହମଦ ଭଟ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଆଉ ଗୋଲ ହୋଇ ନ ଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଆକ୍ରମଣକୁ ଜୋରଦାର କରିଥିଲେ ହେଁ ଭଲ ଫିନିଶିଂ କରିଥିଲା ଏଫ୍‌ସି ଗୋଆ। ୫୧ତମ ମିନିଟରେ ଇକର ଗୌରେକ୍ସନା ଭାଲେଜୋଙ୍କ ଗୋଲ ବଳରେ ଗୋଆ ପୁଣି ଅଗ୍ରଣୀ ହାସଲ କରିଥିଲା। ୫୮ତମ ମିନିଟରେ ବୋର୍ଜା ହେରେରା ଗୋଞ୍ଜାଲେଜ ଆଉ ଏକ ଗୋଲ ଦେଇ ଗୋଆର ସ୍ଥିତିକୁ ଦୃଢ଼ କରିଥିଲେ। ଏହାପରେ ଶତଚେଷ୍ଟା ସତ୍ତ୍ୱେ ମୋହନ ବାଗାନ ସୁପର ଜାଏଣ୍ଟ ଗୋଲ ପରିଶୋଧ କରିପାରି ନ ଥିଲା। ଚମତ୍କାର ପ୍ରଦର୍ଶନ ସହ ଗୋଲ ସ୍କୋର କରିଥିବାରୁ ବୋର୍ଜା ହେରେରା ଗୋଞ୍ଜାଲେଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ଆରମ୍ଭରେ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

# ଓଡ଼ିଶା ମିକ୍ସଡ ଦଳକୁ ରୌପ୍ୟ ପଦକ

**ଭୁବନେଶ୍ୱର, ୩୦।୪ (ତପନ ସ୍ୱାଇଁ)**

ଚଣ୍ଡିଗଡ଼ରେ ବୁଧବାର ୨ୟ ଇଣ୍ଡିଆନ ଓପନ ରିଲେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାର ୪x୧୦୦ ମିଟର ମିକ୍ସଡ ରିଲେ ରେସ୍‌ରେ ଓଡ଼ିଶା ରୌପ୍ୟ ପଦକ ହାସଲ କରିଛି। ଓଡ଼ିଶା ଦଳରେ ବୋନିତା ଲାକ୍ରା, ମନିଶା ମେରେଲ, ଅବିନାସ ସାହୁ ଓ ଡି.ଏମ. ଜୟରାମ ସାମିଲ ଥିଲେ। ଓଡ଼ିଶା ଦଳ ୪୩.୬୧ ସେକେଣ୍ଡ

**ଇଣ୍ଡିଆନ ଓପନ ରିଲେ**

ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ତାମିଲନାଡୁ ଦଳ ୪୩.୪୪ ଓ ପଞ୍ଜାବ ଦଳ ୪୪.୩୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଆଥଲେଟିକ୍ସ ଏଚ୍‌ପିସି ଦଳ ୪x୧୦୦ ମିଟର ପୁରୁଷ ରିଲେରେ ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ବିଭିନ୍ନ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଥିବା ଅନିମେଶ କୁଜୁର ଏହି ଦଳର ସଦସ୍ୟଭାବେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



ମିକ୍ସଡ ରିଲେରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ଦଳ।

## ମ୍ୟାକ୍ସୱେଲ ଆଇପିଏଲ୍‌ରୁ ବାଦ୍

**ଚେନ୍ନାଇ,୩୦।୪:** ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ଇଞ୍ଜୁରୀ କାରଣରୁ ଚଳିତ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଆଙ୍ଗୁଠି ଫ୍ରାକଚର ହୋଇଯାଇଥିବା ଦଳର ଅଧିନାୟକ ଶ୍ରେୟସ ଆୟର ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ମ୍ୟାଚ୍ ପୂର୍ବରୁ ଟସ୍ ବେଳେ ସ୍ପଷ୍ଟ କରିଛନ୍ତି। ତେବେ ତାଙ୍କ ବଦଳରେ କେଉଁ ଖେଳାଳିଙ୍କୁ ଦଳରେ ସାମିଲ କରାଯିବ, ତାହା ଏପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇ ନାହିଁ। ୪.୨ କୋଟି ଟଙ୍କାରେ ପିବିକେଏସ୍‌ରେ ସାମିଲ ହୋଇଥିବା ମ୍ୟାକ୍ସୱେଲଙ୍କ ଲାଗି ଚଳିତ ସିଜନ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା।

# ଭାରତକୁ ଏସିଆ କପ୍ ଯୋଗ୍ୟତା



ଭାରତୀୟ ଦଳରେ ସାମିଲ କିସ୍‌ର ଦୁଇ ଖେଳାଳି ଦୀପା ମାଝି ଓ ଧରିତ୍ରୀ ସିଂ।

**ଭୁବନେଶ୍ୱର, ୩୦।୪ (ତପନ ସ୍ୱାଇଁ)**

**ମହିଳା ବେସ୍‌ବଲ୍ ଏସିଆ କପ୍ କ୍ୱାଲିଫାୟର**

ବ୍ୟାଙ୍କକରେ ଅନୁଷ୍ଠିତ ମହିଳା ବେସ୍‌ବଲ୍ ଏସିଆ କପ୍ କ୍ୱାଲିଫାୟରରେ ଭାରତୀୟ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଫଳରେ ଭାରତ ୨୦୨୫ ମହିଳା ବେସ୍‌ବଲ ଏସିଆକ କପ୍‌ପାଇଁ କ୍ୱାଲିଫାଇ କରିଛି। କ୍ୱାଲିଫାୟରରେ ଭାରତ, କଲମ୍ବିଆ, ଇଣ୍ଡୋନେସିଆ, ଶ୍ରୀଲଙ୍କା, ପାକିସ୍ତାନ, ମାଲେସିଆ, ଥାଇଲାଣ୍ଡ ଓ ଇରାନ ଆଦି ୮ଟି ଦେଶ ଅଂଶଗ୍ରହଣ କରିଥିଲେ। ଭାରତୀୟ ଦଳ ପ୍ରଭାବୀ ପ୍ରଦର୍ଶନ କରି ଗ୍ରୁପ୍ ପର୍ଯ୍ୟାୟରେ ଅପରାଜେୟ ରହିଥିଲା। ପାକିସ୍ତାନକୁ ୨-୧, ଶ୍ରୀଲଙ୍କାକୁ ୧୫-୪ ଇ ଓରାନକୁ ୧୩-୪ରେ ହରାଇ ଗ୍ରୁପ୍ ପର୍ଯ୍ୟାୟ ଶେଷ କରିଥିଲା ଭାରତ। ସେମିଫାଇନାଲରେ ଆୟୋଜକ ଥାଇଲାଣ୍ଡକୁ ରୋମାଞ୍ଚକଭାବେ ୬-୫ ପଏଣ୍ଟରେ ପରାସ୍ତ କରିଥିଲା। ଫାଇନାଲରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଭାରତ ଅଳ୍ପକେ ୪-୫ ପଏଣ୍ଟରେ ଇଣ୍ଡୋନେସିଆଠାରୁ ହାରି ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲା। ଭାରତର ଏହି ଐତିହାସିକ ସଫଳତାରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ୨ ଖେଳାଳି ଦୀପା ମାଝି ଓ ଧରିତ୍ରୀ ସିଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ବେସବଲ ଆସୋସିଏଶନ ସମ୍ପାଦକ ଶିବାନନ୍ଦ ପ୍ରଧାନ, ପୂର୍ବତନ ସଭାପତି ପଙ୍କଜ ଲୋଚନ ମହାନ୍ତି ପ୍ରମୁଖ ଭାରତୀୟ ଦଳ ଏବଂ ଦୀପା ଓ ଧରିତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କେଟି ଗ୍ଲୋବାଲ ଚେସ୍ ଉଦ୍‌ଯାପିତ




କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩୦।୪ (ତପନ ସ୍ୱାଇଁ)**

ଖୋର୍ଦ୍ଧା ବରୁଣେଇସ୍ଥିତ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ୨୦ଶ କେଟି ଗ୍ଲୋବାଲ ସ୍କୁଲ ଅନ୍ତର୍ଜାତୀୟ ଫିଡେ ରେଟେଡ ଓପନ ଚେସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ପଶ୍ଚିମବଙ୍ଗର ରନିତ ମାଇତି ଚାମ୍ପିୟନ ଓ ଓଡ଼ିଶାର ସ୍ଥିତପ୍ରଜ୍ଞ ସାହୁ ରନରଅପ୍ ହୋଇଛନ୍ତି। ତାମିଲନାଡୁର ଗୁରୁବରନ ରଘୁରମନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ୩ ଖେଳାଳିଙ୍କୁ ଟ୍ରଫି ସହ ଯଥାକ୍ରମେ ୨୫ ହଜାର, ୨୦ ହଜାର ଓ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥି ଏଂ କେଟି ଗ୍ଲୋବାଲ ସ୍କୁଲ ପ୍ରିନ୍ସିପାଲ ରିଙ୍କୁ ଷଡ଼ଙ୍ଗୀ, ସିଏଫ୍‌ଓ ପ୍ରଦୀପ କୁମାର ସାହୁ, ପ୍ରଶାସନିକ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ, ଉପସଭାପତି (ଏଚଆର) ବିମଲ କୁମାର ରାଉତ ଓ ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନର ପୂର୍ବତନ ସଭାପତି ଜି.ସି. ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ୨୦୨୬ ଏସିଆନ ଗେମ୍ସରେ କ୍ରିକେଟ

**ନୂଆଦିଲ୍ଲୀ,୩୦।୪(ପି.ଟି.)**

ଆସନ୍ତା ବର୍ଷ ଜାପାନର ଆଇଚି-ନାଗୋୟା ସହରରେ ହେବାକୁଥିବା ଏସିଆନ ଗେମ୍ସରେ କ୍ରିକେଟକୁ ସାମିଲ କରାଯାଇଛି। ଏ ନେଇ ଅଲିମ୍ପିକ୍ କାଉନ୍ସିଲ ଅଫ୍ ଏସିଆ(ଓସିଏ) ବୁଧବାର ସ୍ପଷ୍ଟ କରିଛି। ଏହି ବହୁ କ୍ରୀଡ଼ାଭିତ୍ତିକ ଇଭେଣ୍ଟ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓସିଏ ଏବଂ ଆୟୋଜକ କମିଟି (ଏଆଇଏନ୍‌ଏଜିଓସି) ମଧ୍ୟରେ ଚଳିତ ସପ୍ତାହରେ ବସିଥିବା ବୈଠକରେ ଏସିଆନ ଗେମ୍ସରେ କ୍ରିକେଟକୁ ବଜାୟ ରଖିବାକୁ ନିଷ୍ପତ୍ତି ନିଆଯାଇଛି।

ନାଗୋୟା ସିଟି ହଲ୍‌ଠାରେ ବସିଥିବା ଏଆଇଏନ୍‌ଏଜିଓସିର ବୋର୍ଡ ଅଫ୍ ଡାଇରେକ୍ଟର୍ସ ବୈଠକରେ କ୍ରିକେଟ ଓ ମିକ୍ସଡ ମାର୍ଶାଲ ଆର୍ଟ୍ସକୁ ସ୍ପୋର୍ଟ୍ସ ପ୍ରୋଗ୍ରାମରେ ସାମିଲ କରିବାକୁ ମଞ୍ଜୁରୀ ମିଳିଥିବା ଓସିଏ ପକ୍ଷରୁ କୁହାଯାଇଛି।

କ୍ରିକେଟ ମ୍ୟାଚ୍ ଟି୨୦ ଫର୍ମାଟରେ ଆଇଚି ପ୍ରିଫେକ୍ଟରରେ ଖେଳାଯିବ। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କେଉଁ ଭେନ୍ୟୁରେ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ, ତାହା ସ୍ପଷ୍ଟ ହୋଇନାହିଁ। ଚତୁର୍ଥ ଥର ପାଇଁ କ୍ରିକେଟ ଏସିଆନ ଗେମ୍ସରେ ସ୍ଥାନ ପାଇବାକୁ ଯାଉଛି। ଏଥିପୂର୍ବରୁ ଗୁଆଙ୍ଗ୍‌ଝୌ (୨୦୧୦), ଇଞ୍ଚନ (୨୦୧୪) ଓ ହାଙ୍ଗ୍‌ଝୌ(୨୦୨୩)ରେ କ୍ରିକେଟ ସ୍ଥାନ ପାଇଥିଲା। ଗତ ସଂସ୍କରଣରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଚାମ୍ପିୟନ ହୋଇଥିଲେ। ଓସିଏ ପକ୍ଷରୁ କୁହାଯାଇଛି, ଏକ ଭାସମାନ ଆଥ୍‌ଲେଟ୍ସ ଭିଲେଜ୍ ବ୍ୟବସ୍ଥା କରାଯିବା ଲାଗି ନାଗୋୟା ବନ୍ଦରରେ ଏକ କ୍ରୁଜ ଜାହାଜ ଡକ୍ କରାଯାଇଛି। ଏଥିରେ ୪,୬୦୦ ଆଥ୍‌ଲେଟ୍ସ ଓ ଅଧିକାରୀଙ୍କ ଲାଗି ବ୍ୟବସ୍ଥା କରାଯିବ। ଏହି ଭିଲେଜରେ ଆର୍ଚେରୀ, ବାସ୍କେଟ୍‌ବଲ ୩X୩, କାୟାକ(ସ୍ପ୍ରିଣ୍ଟ), ସାଇକ୍ଲିଂ, ମାଉଣ୍ଟେନ ବାଇକ୍, ସାଇକ୍ଲିଂ ବିଏମ୍‌ଏକ୍ସ ରେସିଂ, ଫୁଟ୍‌ବଲ(ପୁରୁଷ), ଜିମ୍ନାଷ୍ଟିକ୍ସ, ହ୍ୟାଣ୍ଡବଲ, ଜୁଡୋ, କବାଡ଼ି, ମିକ୍ସଡ ମାର୍ଶାଲ ଆର୍ଟ୍ସ, ରୋଇଂ, ରଗ୍‌ବୀ ଆଦି ଇଭେଣ୍ଟର ଆଥଲେଟ୍ ରହିବେ।

## ଥାଇଲାଣ୍ଡ ସହ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ ଭାରତ

**ନୂଆଦିଲ୍ଲୀ,୩୦।୪(ପି.ଟି.):** ଭାରତୀୟ ପୁରୁଷ ଫୁଟ୍‌ବଲ ଦଳ ଆସନ୍ତା ଜୁନ୍ ୪ରେ ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ଥାଇଲାଣ୍ଡ ସହ ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଏ ନେଇ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ଭାରତୀୟ ଦଳ ଏବେ ଏଏଫ୍‌ସି ଏସିଆନ କପ୍-୨୦୨୭ କ୍ୱାଲିଫାୟର୍ସ ଫାଇନାଲ ରାଉଣ୍ଡରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ପ୍ରସ୍ତୁତ ହେଉଛି।

## ଛାଡ଼ପତ୍ର ଘୋଷଣା କଲେ ମେରୀକମ୍

**ନୂଆଦିଲ୍ଲୀ,୩୦।୪:** ଅଲିମ୍ପିକ ମେଡାଲ ବିଜେତା ବକ୍ସର ଏମ୍‌ସି ମେରୀକମ୍ ତାଙ୍କ ସ୍ୱାମୀ କରୁଙ୍ଗ ଅନଖୋଲରଙ୍କଠାରୁ ଛାଡ଼ପତ୍ର ନେଇଛନ୍ତି। ଏ ନେଇ ମେରୀକମ୍ ନିଜେ ବୁଧବାର ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରିଛନ୍ତି। କେଓଏମ୍ ପାରମ୍ପରିକ ଆଇନ ଅନୁଯାୟୀ, ୨୦୨୩ ଡିସେମ୍ବର ୨୦ରେ ଉଭୟ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଆପୋସ ବୁଝାମଣା ମାଧ୍ୟମରେ ବିବାହ ବିଚ୍ଛେଦ ହୋଇଥିଲା। ବିଭିନ୍ନ ଗଣମାଧ୍ୟମ ରିପୋର୍ଟରେ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ମିଥ୍ୟା ଗୁଜବ ପ୍ରକାଶ ପାଇବା ପରେ ବକ୍ସିଂ କିମ୍ବଦନ୍ତୀ ବାଧହୋଇ ମୁହଁ ଖୋଲିଛନ୍ତି।

ସୋସିଆଲ ମିଡିଆ ଏକ୍ସ' ଜରିଆରେ ମେରୀକମ୍ ଏକ ଆଇନଗତ ନୋଟିସ ଜାରି କରିଛନ୍ତି। ଏହି ନୋଟିସରେ ସେ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ଛାଡ଼ପତ୍ର ଆପୋସ ବୁଝାମଣା ମାଧ୍ୟମରେ ବହୁ ମାସ ପୂର୍ବେ ହୋଇଥିଲା। ସେ ଆଗକୁ ବଢ଼ିସାରିଛନ୍ତି ଏବଂ ତାଙ୍କ ଅତୀତର ବିବାହ ସମ୍ପର୍କରେ ସେ ମତାମତ ଦେବାକୁ ଇଚ୍ଛୁକ ନୁହନ୍ତି।

# ପ୍ଲେଅଫ୍ ଦୌଡ଼ରୁ ଚେନ୍ନାଇ ବାଦ୍

**ଚହଲଙ୍କ ହ୍ୟାଟ୍ରିକ**

**ଚେନ୍ନାଇ,୩୦।୪**

ୟୁଜବେନ୍ଦ୍ର ଚହଲଙ୍କ ହ୍ୟାଟ୍ରିକ ଏବଂ ଅଧିନାୟକ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ବଳରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ୪ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ପରାସ୍ତ କରିଛି। ପଞ୍ଜାବର ଏହା ଷଷ୍ଠ ବିଜୟ ହୋଇଥିବା ବେଳେ ଚେନ୍ନାଇ ଲାଗି ଏହା ଅଷ୍ଟମ ପରାଜୟ। ଏହି ପରାଜୟ ସହ ଚେନ୍ନାଇ ଆନୁଷ୍ଠାନିକ ଭାବେ ପ୍ଲେଅଫ୍ ଦୌଡ଼ରୁ ବାଦ ପଡ଼ିଛି।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ସିଏସ୍‌କେ ୧୯.୨ ଓଭରରେ ୧୯୦ ରନରେ ଅଲଆଉଟ୍ ହୋଇଯାଇଥିଲା। ସାମ କୁରାନ ୪୭ ବଲରେ ୮୮ (୯ ଚୌକା ଓ ୪ ଛକା) ଓ ଡେୱାଲ୍ଡ ବ୍ରେଭିସ ୩୨(୨ ଚୌକା ଓ ୧ ଛକା) ରନ କରିଥିଲେ। ପଞ୍ଜାବର ୟୁଜବେନ୍ଦ୍ର ଚହଲ ୪ ଉଇକେଟ ନେଇଥିବା ବେଳେ ମାର୍କୋ ଜାନସେନ ଓ ଅର୍ଶଦୀପ ସିଂ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ପଞ୍ଜାବ ୧୯.୪ ଓଭରରେ ୬ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଅଧିନାୟକ ଆୟର ୪୧ ବଲରେ ୭୨ (୫ ଚୌକା ଓ ୪ ଛକା) ଓ ପ୍ରଭସିମରନ ସିଂ ୩୬ ବଲରେ ୫୪ (୫ ଚୌକା ଓ ୩ ଛକା) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟାଂଶ ଆର୍ଯ୍ୟ ୨୩ (୫ ଚୌକା) ଓ ଶଶାଙ୍କ ସିଂ ୨୩ (୧ ଚୌକା ଓ ୨ ଛକା) ରନ କରିଥିଲେ। ଚେନ୍ନାଇ ପାଇଁ ମାଥିଶା ପାଥିରାନା ଓ ଖଲିଲ ଅହମ୍ମଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।



ହ୍ୟାଟ୍ରିକ୍ ନେବା ପରେ ୟୁଜବେନ୍ଦ୍ର ଚହଲଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୧୯.୨ ଓଭରରେ ୧୯୦/ଅଲଆଉଟ୍ (ସାମ କରାନ-୮୮, ଡେୱାଲ୍ଡ ବ୍ରେଭିସ-୩୨, ମାର୍କୋ ଜାନସେନ-୨/୩୦, ୟୁଜବେନ୍ଦ୍ର ଚହଲ-୪/୩୨, ଅର୍ଶଦୀପ ସିଂ-୨/୨୫)। ପଞ୍ଜାବ କିଙ୍ଗ୍ସ: ୧୯.୪ ଓଭରରେ ୧୯୪/୬(ଶ୍ରେୟସ ଆୟାର-୭୨, ପ୍ରଭସିମରନ ସିଂ-୫୪, ମାଥିଶା ପାଥିରନା-୨/୪୫, ଖଲିଲ ଅହମ୍ମଦ-୨/୨୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ରାଜସ୍ଥାନ ବନାମ ମୁମ୍ବାଇ

ସ୍ଥାନ: ଜୟପୁର

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ପଞ୍ଜାବ କିଙ୍ଗ୍ସ | ୧୦ | ୬ | ୩ | ୧ | ୧୩ | +୦.୧୯୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୦ | ୧୨ | +୦.୮୮୯ |
| ଗୁଜରାଟ ଟାଇଟନ୍ସ | ୯ | ୬ | ୩ | ୦ | ୧୨ | +୦.୭୪୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୫ | ୧ | ୯ | +୦.୦୮୦ |
| ରାଜସ୍ଥାନ ରୟାଲ୍ସ | ୧୦ | ୩ | ୭ | ୦ | ୬ | -୦.୩୪୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୨ | ୮ | ୦ | ୪ | -୧.୨୧୧ |




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ